# ଧରିତ୍ରୀ DHARITRI

ଢେଙ୍କାନାଳ, ଗୁରୁବାର, ଅକ୍ଟୋବର ୩୧/୨୦୧୯ (୧୬ ପୃଷ୍ଠା) Dhenkanal, Thursday, October 31 / 2019 ★★★★★

୧୫ଶ ଭାଗ ୨୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ବୀରେନ୍ଦ୍ର ଲାକ୍ରାଙ୍କୁ ସୁଯୋଗ

କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ରୁଷିଆ ବିପକ୍ଷ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ ପାଇଁ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କୁ ସାମିଲ କରାଯାଇଛି। **୧୫**

## ବର୍ଷାକୁ ଉପଭୋଗ କରନ୍ତି କ୍ରିତି

**୧୨** ବର୍ଷା ହେଲା ମାତ୍ରେ ଘରେ ବସି ଝରକା ଫାଙ୍କରେ ଉପଭୋଗ କରନ୍ତି ସେ । ଝିପିଝିପି ବର୍ଷା ତାଙ୍କୁ ଖୁବ୍ ଭଲ ଲାଗେ ବୋଲି କୁହନ୍ତି 'ବର୍ଲି କି ବର୍ଫି'ଫେମ୍ କ୍ରିତି ସାନନ୍ ।



# ଜମ୍ମୁ-କଶ୍ମୀର, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ




- ଆଜି ଶପଥ ନେବେ ଦୁଇ ଉପରାଜ୍ୟପାଳ
- ବୁଧବାର ମଧ୍ୟରାତ୍ରରେ ସୃଷ୍ଟିହେଲା ଇତିହାସ
- ଅଗଷ୍ଟ ୫ରେ କେନ୍ଦ୍ର ସରକାର ନେଇଥିଲେ ନିଷ୍ପତ୍ତି

ନୂଆଦିଲ୍ଲୀ,୩୦।୧୦(ପି.ଟି.)

ବୁଧବାର ମଧ୍ୟରାତ୍ରରୁ ଜମ୍ମୁ-କଶ୍ମୀର ରାଜ୍ୟ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ରୂପାନ୍ତରିତ ହୋଇ ନୂଆ ଇତିହାସ ସୃଷ୍ଟି ହୋଇଛି। ୧୯୪୭ରୁ ସଂଘୀୟ ଭାରତର ରାଜ୍ୟ ଭାବେ ରହିଆସିଥିଲା ଜମ୍ମୁ-କଶ୍ମୀର। ଏହା ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ହେବା ପରେ ଭାରତର ରାଜ୍ୟ ସଂଖ୍ୟା ଗୋଟିଏ କମିବା ସହ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ଦୁଇ ବୃଦ୍ଧି ପାଇଛି। ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସମେତ ଅନ୍ୟତମ ଆଇଏଏସ୍ ଅଫିସର ଆର୍.କେ. ମାଥୁର ଗୁରୁବାର ଯଥାକ୍ରମେ ଜମ୍ମୁ-କଶ୍ମୀର ଓ ଲଦାଖ ଉପରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ। ଶ୍ରୀନଗର ଓ ଲେହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜମ୍ମୁ-କଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଉଭୟ ମୁର୍ମୁ ଓ ମାଥୁରଙ୍କୁ ଶପଥ ପାଠ କରାଇବେ।

ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ଅନୁଯାୟୀ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଅକ୍ଟୋବର ୩୧ ଅର୍ଥାତ୍ ବୁଧବାର ମଧ୍ୟରାତ୍ରରୁ ଜନ୍ମନେବ ବୋଲି ରାଜ୍ୟ ସଭାରେ ୩ ମାସ ପୂର୍ବେ ଘୋଷଣା କରାଯାଇଥିଲା। ପୂର୍ବରୁ ଏକାଧିକ କେନ୍ଦ୍ରଶାସିତ ଅଞ୍ଚଳ ରାଜ୍ୟରେ ପରିବର୍ତ୍ତିତ ହେବା ଓ ଗୋଟିଏ ରାଜ୍ୟ ଦୁଇଟି ରାଜ୍ୟରେ ପରିଣତ ହେବାର ନଜିର ରହିଛି। ତେବେ ପ୍ରଥମ ଥର ଲାଗି ଗୋଟିଏ ରାଜ୍ୟ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ଫଳରେ ଭାରତର ମୋଟ ରାଜ୍ୟ ସଂଖ୍ୟା ୨୮କୁ ହ୍ରାସ ପାଇବା ସହ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧି ପାଇଛି।

ଗତ ଅଗଷ୍ଟ ୫ରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ପାର୍ଲାମେଣ୍ଟ ଏହାକୁ ଅନୁମୋଦନ କରିଥିଲା। ଅନୁଚ୍ଛେଦ ୩୭୦ ଉଚ୍ଛେଦ ଲାଗି ଲୋକ ସଭା ନିର୍ବାଚନ ବେଳେ ଭାଜପା ପ୍ରତିଶ୍ରୁତି ଦେଇଥିଲା। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦ୍ୱିତୀୟ ଥର କ୍ଷମତାକୁ ଆସିବାର ୯୦ ଦିନ ମଧ୍ୟରେ ପ୍ରତିଶ୍ରୁତି ପାଳନ କରି ଦେଖାଇଥିଲେ। ୧୯୪୭ ଅକ୍ଟୋବର ୨୬ରେ ତତ୍କାଳୀନ ମହାରାଜା ହରି ସିଂ ଭାରତରେ ଜମ୍ମୁ-କଶ୍ମୀର ମିଶ୍ରଣ ☞ପୃଷ୍ଠା-୪



ଜମ୍ମୁ ସଚିବାଳୟ ସାମ୍ନାରେ ମୁତୟନ ସୁରକ୍ଷାକର୍ମୀ ।

## ଆତଙ୍କବାଦ ନିରୋଧୀ ଅଭିଯାନକୁ ଇୟୁ ପ୍ରତିନିଧିଙ୍କ ସମର୍ଥନ

ଶ୍ରୀନଗର,୩୦।୧୦(ପି.ଟି.)

**୩୭୦ ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ବ୍ୟାପାର**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତି ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତ ସହ ୟୁରୋପୀୟ ସଂଘ (ଇୟୁ) ଛିଡ଼ା ହୋଇଛି। ଦୁଇଦିନିଆ କଶ୍ମୀର ଗସ୍ତରେ ଆସିଥିବା ୟୁରୋପୀୟ ପାର୍ଲାମେଣ୍ଟର ସଦସ୍ୟ(ଏମ୍‌ଇପି)ମାନେ ବୁଧବାର ନୂଆଦିଲ୍ଲୀ ସପକ୍ଷରେ ଏପରି ମନ୍ତବ୍ୟ ଦେଇଛନ୍ତି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇବା ପରେ ପ୍ରଥମଥର ପାଇଁ ଏକ ଉଚ୍ଚସ୍ତରୀୟ ବିଦେଶୀ ପ୍ରତିନିଧି ଦଳ ଜମ୍ମୁ-କଶ୍ମୀର ଗସ୍ତ କରିଛି। ଇୟୁର ୨୩ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ସେନା, ପୋଲିସ ଏବଂ ଉପତ୍ୟକାର ଯୁବ କର୍ମୀଙ୍କ ସହ ଶାନ୍ତି ପାଇଁ ଭାବ ବିନିମୟ କରିଛି। ଏହାର ପ୍ରତିବାଦରେ ଉପତ୍ୟକାର ବିଭିନ୍ନ ସ୍ଥାନରେ ହିଂସା ଓ ସଂଘର୍ଷ ଦେଖିବାକୁ ମିଳିଛି। ଆତଙ୍କବାଦୀମାନେ ମଙ୍ଗଳବାର ରାତିରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲାର ୬ ଶ୍ରମିକଙ୍କୁ କୁଲଗାମର କତ୍ରାସୁ ଗ୍ରାମରେ ଗୁଳିକରି ହତ୍ୟା କରିଥିଲେ। ଏହି ଆକ୍ରମଣକୁ ପ୍ରତିନିଧି ଦଳ କଡ଼ାନିନ୍ଦା କରିଛି। ଶ୍ରୀନଗରରେ ଏକ ଖବରଦାତା ସମ୍ମିଳନୀରେ ଫ୍ରାନ୍ସର ହେନ୍ରି ମାଲୁସେ(ୟୁରୋପୀୟ ଅର୍ଥନୈତିକ ଓ ସାମାଜିକ କମିଟିର ପୂର୍ବତନ ଅଧ୍ୟକ୍ଷ) କହିଛନ୍ତି, ଅନୁଚ୍ଛେଦ ୩୭୦ ବିଷୟରେ ଆଲୋଚନା କଲେ ଏହା ଭାରତର ଏକ ଆଭ୍ୟନ୍ତରୀଣ ବ୍ୟାପାର। ଆମେ ଆତଙ୍କବାଦକୁ ନେଇ ଚିନ୍ତିତ, ଯାହାକି ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛି। ଏହା ବିରୋଧରେ ଲଢ଼େଇ କରିବା ପାଇଁ ଆମେ ଭାରତକୁ ସମର୍ଥନ କରିବା ଉଚିତ।

**ଇୟୁ ପ୍ରତିନିଧିଙ୍କ କଶ୍ମୀର ଗସ୍ତକୁ ନେଇ ଝଡ଼** ପୃଷ୍ଠା-୮

## ୧୨ ଘଣ୍ଟିଆ ତାଳଚେର ବନ୍ଦ ଶାନ୍ତିପୂର୍ଣ୍ଣ

ତାଳଚେର, ୩୦।୧୦(ନି.ପ୍ର.)- କୋଇଲା ଖଣି ପାଇଁ ଏମ୍‌ସିଏଲ୍ ପକ୍ଷରୁ ତାଳଚେର ବ୍ଲକ ଭାଲୁଗାଡିଆ ଗ୍ରାମ ଉଚ୍ଛେଦ ବେଳେ ପୋଲିସ ଜୁଲମର ପ୍ରତିବାଦ ଓ କ୍ଷତିଗ୍ରସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯାଇଛି। ଏଥିଯୋଗୁ ସକାଳୁ ସନ୍ଧ୍ୟା ଯାଏ ସହରରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଦୋକାନ ବଜାର, ସରକାରୀ ଅଫିସ, ବ୍ୟାଙ୍କ, କୋର୍ଟ, ସ୍କୁଲ, କଲେଜ ଆଦି ମଧ୍ୟ ବନ୍ଦ ରହିଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଛକ, ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ମାଜିଷ୍ଟ୍ରେଟଙ୍କ ସହ ପୋଲିସ ମୁତୟନ କରାଯାଇଥିଲା। ବନ୍ଦ ପାଳନ ବେଳେ କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଅପରପକ୍ଷରେ ମଙ୍ଗଳବାରଠାରୁ ବନ୍ଦ ପଡ଼ିଥିବା ଏମ୍‌ସିଏଲ୍‌ର ସମସ୍ତ କୋଇଲା ଖଣିରେ କାର୍ଯ୍ୟ ବୁଧବାର ଅପରାହ୍ଣରୁ ସ୍ୱାଭାବିକ ହେଉଥିବା ଖବର ମିଳିଛି। ସେହିପରି ଅନୁଗୋଳ ଏସ୍‌ପି ଓ ତାଳଚେର ଉପଜିଲାପାଳଙ୍କ ☞ପୃଷ୍ଠା-୪

## ■ ଫସଲ ହାନି, ଋଣ ଚାପ
## ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

**ସିମୁଳିଆ,୩୦।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ କବୀରପୁର ଅଞ୍ଚଳର ଚାଷୀ ବିଜୟ କୁମାର ପରିଡ଼ା (୫୨) ବିଷ ପିଇ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ଅନିୟମିତ ବୃଷ୍ଟିପାତ ଓ ଲଗାଣବର୍ଷା ଯୋଗୁ ଫସଲ ନଷ୍ଟ ହେବା ଓ ଋଣ ଚାପ ଯୋଗୁ ସେ ହତାଶ ହୋଇ ଜୀବନ ହାରିଥିବା ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ସେ ବିଷ ପିଇଦେବାରୁ ତାଙ୍କୁ ସନ୍ଧ୍ୟାରେ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା (ନଂ.୨୩/୧୯) ରୁଜୁ କରି ତଦନ୍ତ କରୁଛି। ଚାଷ ଋଣକୁ ନେଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ପାରିବାରିକ କଳହ ଏହାର ମଧ୍ୟ କାରଣ ହୋଇ ପାରେ ବୋଲି ସୂଚନାକୁ ଆଧାର କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା କହିଛନ୍ତି।


Vencobb Fresh Chicken — Taste the difference!

30.10.2019

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 63 | 110 | 120 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers


# ଆଇଏଏସ୍ ଅଫିସରଙ୍କୁ ମେଡିକାଲ ଦାୟିତ୍ୱ

- ଭିତ୍ତିଭୂମି ଉନ୍ନତି, ରକ୍ଷଣାବେକ୍ଷଣ, ସାମଗ୍ରିକ ପ୍ରଦର୍ଶନ ପାଇଁ ସଂଯୋଜକ ଭାବେ କାର୍ଯ୍ୟ ତୁଲାଇବେ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ସାରା ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି, ରକ୍ଷଣାବେକ୍ଷଣ, ସାମଗ୍ରିକ ପ୍ରଦର୍ଶନ ଇତ୍ୟାଦି ସମ୍ପର୍କିତ କାର୍ଯ୍ୟର ସଂଯୋଜନା ପାଇଁ ବୁଧବାର ୧୦ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ତଦନୁଯାୟୀ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲ(ଏନ୍‌ପିପିସି) ଏବଂ ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ଦାୟିତ୍ୱରେ ରହିବେ। କୃଷି ଉତ୍ପାଦନ କମିଶନର(ଏପିସି) ପ୍ରଦୀପ୍ତ କୁମାର ମହାପାତ୍ର ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପାଇଁ ସଂଯୋଜକ ଭାବେ କାର୍ଯ୍ୟ କରିବେ। ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ଦାୟିତ୍ୱ ପ୍ରଦାନ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପ୍ରମୁଖ ସଚିବ ଡକ୍ଟର ମୋନା ଶର୍ମାଙ୍କୁ ଯାଜପୁର ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କୁ ଅନୁଗୋଳ ମେଡିକାଲ କଲେଜ ଓ ହସ୍ପିଟାଲ(ଏମ୍‌ସିଏଲ) ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ କନ୍ଧମାଳ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବଲାଙ୍ଗୀରସ୍ଥିତ ସନ୍ଥ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଦାୟିତ୍ୱ ଦିଆଯାଇଛି। ସେହିଭଳି ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାରଙ୍କୁ ମୟୂରଭଞ୍ଜର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଦାୟିତ୍ୱ ଦିଆଯାଇଛି। ଶିଳ୍ପ ବିଭାଗ କମିଶନର ତଥା ସଚିବ ହେମନ୍ତ ଶର୍ମାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ପୂର୍ତ୍ତ ବିଭାଗ ସଚିବ ତଥା କମିଶନର କ୍ରିଷ୍ଣନ କୁମାରଙ୍କୁ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଦର୍ଶନ ବୃଦ୍ଧି ନିମନ୍ତେ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି।

### ଆଜିର ସମ୍ପାଦକୀୟ

ଦଳୀୟ ଚିହ୍ନରେ ପ୍ରାଣୀ

### କିଛି ତଥ୍ୟ

୨୦୧୭-୧୮ ବର୍ଷରେ ଭାରତ ୩୨.୫ ନିୟୁତ ଟନ୍ ଚିନି ଉତ୍ପାଦନ କରିଥିବା ବେଳେ ଏହା ୨୦୧୮-୧୯ରେ ୩୩.୧ ନିୟୁତ ଟନକୁ ବୃଦ୍ଧି ଘଟିଛି।
- ଖାଉଟି ବ୍ୟାପାର ମନ୍ତ୍ରଣାଳୟ

### ଆଜିର ମନ୍ତବ୍ୟ

" ସଂଖ୍ୟାଲଘୁଙ୍କ ପାଇଁ ଭାରତ ଏକ ସ୍ୱର୍ଗ, ଯାହାଙ୍କ ଅଧିକାରଗୁଡ଼ିକ ଏଠାରେ ସମ୍ପୂର୍ଣ୍ଣ ସୁରକ୍ଷିତ।

-ମୁଖ୍‌ତାର ଅବ୍ବାସ ନକ୍‌ଭି, ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

# ମହାରାଷ୍ଟ୍ରରେ ଟଣାଓଟରା ଜାରି

- ଫଡ୍‌ନବିସ୍ ଭାଜପା ନେତା ପୁନଃ ନିର୍ବାଚିତ
- ଶିବସେନା ବିଧାୟକ ଦଳ ବୈଠକ ଆଜି
- ଉପମୁଖ୍ୟମନ୍ତ୍ରୀ ସହ ରାଜ୍ୟ ଓ କେନ୍ଦ୍ରରେ ଅଧିକ ମନ୍ତ୍ରୀ ପଦ ଦେବାକୁ ଭାଜପା ରାଜି

ମୁମ୍ବାଇ,୩୦।୧୦(ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳ ଆସିବାର ୫ ଦିନ ପରେ ମଧ୍ୟ ଭାଜପା-ଶିବସେନା ମେଣ୍ଟ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବାରେ ବିଫଳ ହୋଇଛି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ସହଯୋଗୀଙ୍କ ମଧ୍ୟରେ ଟଣାଓଟରା ଲାଗିରହିଥିବାବେଳେ ଦେବେନ୍ଦ୍ର ଫଡ୍‌ନବିସ ଭାଜପା ବିଧାୟକ ଦଳ ନେତା ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି।

ଦକ୍ଷିଣ ମୁମ୍ବାଇସ୍ଥିତ ବିଧାନ ଭବନରେ ବୁଧବାର ଅପରାହ୍ଣରେ ଆୟୋଜିତ ବୈଠକରେ ଭାଜପାର ସମସ୍ତ ୧୦୫ ନବନିର୍ବାଚିତ ଉପସ୍ଥିତ ଥିଲେ। ଏଥିରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ ଭାଜପା ଉପାଧ୍ୟକ୍ଷ ଅବିନାଶ ରାଏ ଖାନ୍ନା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଫଡ୍‌ନବିସଙ୍କ ବ୍ୟତୀତ ଅନ୍ୟ କାହାର ନାମକୁ ନେଇ ପ୍ରସ୍ତାବ ଦିଆଯାଇ ନ ଥିଲା। ନେତା ନିର୍ବାଚିତ ହେବା ପରେ ସେ ସମସ୍ତ ଭାଜପା ବିଧାୟକଙ୍କ ସହ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ଫଡ୍‌ନବିସ୍ କହିଥିଲେ, ମହାରାଷ୍ଟ୍ରର ଜନାଦେଶ ମହାଯୁତି (ଭାଜପା-ଶିବସେନା ମେଣ୍ଟ) ସପକ୍ଷରେ ମିଳିଛି। ତେଣୁ ଭାଜପା ନେତୃତ୍ୱରେ ଖୁବ୍‌ଶୀଘ୍ର ମେଣ୍ଟ ସରକାର ଗଠନ ହେବ। ସରକାର ଗଠନ ପାଇଁ ବିକଳ୍ପ ନେଇ ଚାଲିଥିବା ଚର୍ଚ୍ଚା ଏକ ଗୁଜବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ୫୦:୫୦ ସୂତ୍ରକୁ ନେଇ ଅଡ଼ିବସିଥିବା ଶିବସେନାର ବିଧାୟକ ଦଳ ବୈଠକ ଗୁରୁବାର ହେବ। କେନ୍ଦ୍ରୀୟ ମୁମ୍ବାଇସ୍ଥିତ ସେନା ଭବନରେ ହେବାକୁ ଥିବା ଏହି ବୈଠକରେ ଦଳର ନେତା ଚୟନ କରାଯିବ। ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି, ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ତାଙ୍କ ଦଳ ଭାଜପା ନେତୃତ୍ୱାଧୀନ ☞ପୃଷ୍ଠା-୪



ଦେବେନ୍ଦ୍ର ଫଡ୍‌ନବିସ




ଧରିତ୍ରୀ LIVE

ମୋର କେହି ଆଦର୍ଶ ନାହାନ୍ତି

ଦେଖନ୍ତୁ ଭିଡିଓ

YouTube /dharitrilive


## ବଢୁଛି ସମୁଦ୍ର ଜଳପତ୍ତନ | ପ୍ରଭାବିତ ହେବ ଉପକୂଳ ଓଡ଼ିଶା, ପଶ୍ଚିମବଙ୍ଗ

- ୩ଦଶନ୍ଧିରେ ୩୦କୋଟି ଲୋକ ଭୋଗିବେ ଦୁର୍ଦ୍ଦଶା
- ଭାରତର ୩.୬କୋଟି ଲୋକ ହେବେ ପ୍ରଭାବିତ



ନୂଆଦିଲ୍ଲୀ, ୩୦।୧୦(ପି.ଟି.)

ସମୁଦ୍ର ଜଳ ପତ୍ତନ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ଆଗାମୀ ଦିନରେ ଭାରତ ତଥା ବିଶ୍ୱ ଲାଗି ବିପଦ ରୂପେ ଛିଡ଼ାହେବାର ଆଶଙ୍କା ପ୍ରକାଶ ପାଇଛି। ବିଶେଷକରି ସମୁଦ୍ର କୂଳରେ ଥିବା ଭାରତୀୟ ସହର ଏହାଦ୍ୱାରା ପ୍ରଭାବିତ ହେବେ। ୨୦୫୦ ସୁଦ୍ଧା ଭାରତର ୩.୬କୋଟି ଲୋକ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଉପକୂଳ ଓଡ଼ିଶା ଓ ପଶ୍ଚିମବଙ୍ଗର କୋଲକାତା ସମେତ ଅନେକ ଅଞ୍ଚଳ ବନ୍ୟା କବଳିତ ହେବ। ବିଶ୍ୱ ତାପମାନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଏଭଳି ସମସ୍ୟା ଗୁରୁତର ହେବାରେ ଲାଗିଛି ବୋଲି କୁହାଯାଇଛି।

ବିଶ୍ୱସ୍ତରରେ ସମୁଦ୍ର ଜଳ ପତ୍ତନ ବୃଦ୍ଧି ପାଇବାରେ ଲାଗିଥିବାରୁ ୨୦୫୦ ସୁଦ୍ଧା ସମୁଦ୍ରର ଜଳସ୍ତର ପ୍ରାୟ ୭ଫୁଟ କିମ୍ବା ତଦୂର୍ଦ୍ଧ୍ୱ ବୃଦ୍ଧି ପାଇବା ଆଶଙ୍କା ରହିଛି। ଯାହାଫଳରେ ଏହା ଅନେକ ଅଞ୍ଚଳକୁ ଗ୍ରାସ କରିବ। ଆଗାମୀ ୩ ଦଶନ୍ଧି ମଧ୍ୟରେ ବିଶ୍ୱର ପ୍ରାୟ ୩୦ କୋଟି ଲୋକ ଏଭଳି ଦୁର୍ଦ୍ଦଶା ଭୋଗିବେ ବୋଲି ନ୍ୟୁଜର୍ସିର ସାଇନ୍ସ ଅର୍ଗାନାଇଜେଶନ କ୍ଲାଇମେଟ୍ ସେଣ୍ଟ୍ରାଲ ପକ୍ଷରୁ ଗବେଷଣା କରାଯିବା ପରେ ଏଭଳି ଆଶଙ୍କା ପ୍ରକାଶ ପାଇଛି। ଚାଇନା, ବାଂଲାଦେଶ, ଭାରତ, ଭିଏତ୍‌ନାମ, ଇଣ୍ଡୋନେସିଆ ଓ ଥାଇଲାଣ୍ଡର ଅଧିକାଂଶ ଭୂଭାଗ ସମୁଦ୍ର ପତ୍ତନ ତଥା ଉପକୂଳ ବନ୍ୟାସ୍ତରଠାରୁ ନିମ୍ନରେ ରହିଥିବାରୁ ଏହି ଅଞ୍ଚଳଗୁଡ଼ିକ ବିଶେଷ ପ୍ରଭାବିତ ହେବ। ୩୦କୋଟି ପ୍ରଭାବିତ ଲୋକଙ୍କ ମଧ୍ୟରୁ ୭୫ଭାଗ ଏହି ଅଞ୍ଚଳର। ଏଣୁ ପ୍ରତିକାର ବ୍ୟବସ୍ଥା ଓ ସଚେତନତା ଉପରେ ଗୁରୁତ୍ୱ ଅଧିକ ଦିଆଯିବାର ଆବଶ୍ୟକ ରହିଛି ବୋଲି ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି।



"ସେହନାଜ୍ ଗିଲ୍ ମୋତେ ଟାର୍ଗେଟ କରିଥିଲେ, ଏବେ ସେ ପାରସ୍ ଛାବ୍ରାଙ୍କ ପଛରେ ପଡ଼ିଛନ୍ତି।

-ସିଦ୍ଧାର୍ଥ ଦେ,
ବିଗ୍‌ବସ୍-୧୩ ପ୍ରତିଦ୍ୱନ୍ଦ୍ୱୀ



# ବାହ୍ୟ ବିପଦର ମୁକାବିଲା କରିବ ରାଷ୍ଟ୍ରୀୟ ଏକତା

**ନୂଆଦିଲ୍ଲୀ:** ଭାରତରେ ରାଜନୈତିକ ଏକତ୍ରୀକରଣ ପାଇଁ ଭାରତର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଓ ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ୱାଧୀନତା ପରେ ଦେଶରେ ପାଖାପାଖି ୫୦୦ଟି ସ୍ୱତନ୍ତ୍ର ରାଜ୍ୟକୁ ଏକସୂତ୍ରରେ ବାନ୍ଧିବା ଭଳି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଥିଲେ।ଭାରତୀୟସ୍ୱତନ୍ତ୍ରତାଅଧିନିୟମ୧୯୪୭ମାଧ୍ୟମରେସେ୧୯୪୭ରୁ୧୯୪୯ମଧ୍ୟରେଏହି ସବୁରାଜ୍ୟକୁଭାରତସହମିଶ୍ରଣକରିପାରିଥିଲେ।ତାଙ୍କରକୂଟନୈତିକଇଚ୍ଛାଶକ୍ତିଥିଲାଅତିପ୍ରବଳ। ସେ ଥିଲେ ଭାରତର ଲୌହ ମାନବ। ସର୍ଦ୍ଦାର ପଟେଲଙ୍କ ଯୋଗଦାନକୁ ଚିରଦିନ ମନେରଖିବା



ପାଇଁ ତାଙ୍କ ଜୟନ୍ତୀ ୩୧ ଅକ୍ଟୋବରକୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି। ଏହା ପାଳନ କରିବା ପାଇଁ ଭାରତ ସରକାର ୨୦୧୪ରେ ସ୍ଥିର କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହା ପାଳନ କରାଯାଉଛି ଓ ଏହି ଅବସରରେ ଜାତୀୟ ସ୍ତରରେ 'ରନ୍ ଫର୍ ୟୁନିଟି' ଗଣଦୌଡ଼ ଆୟୋଜନ କରାଯାଉଛି। ଏଥିରେ ସମସ୍ତେ ଭାଗ ନେଉଛନ୍ତି। ରାଷ୍ଟ୍ରୀୟ ଏକତା ଦିବସ ଉପରେ ସଚେତନତା ଆଣିବା ଲକ୍ଷ୍ୟରେ ଏହା ଦିଲ୍ଲୀ ସମେତ ଦେଶର ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଛି। ଏଥିରେ ସ୍କୁଲ ,କଲେଜ,ବିଶ୍ୱବିଦ୍ୟାଳୟ, ଏନ୍‌ସିସି, ଏନଏସଏର ଯୁବକମାନେ ଭାଗନେଉଛନ୍ତି। ସର୍ଦ୍ଦାର ପଟେଲ ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ କରିଥିବା ତ୍ୟାଗର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବା ଏହି ମାରାଥନ୍‌ର

## ରାଷ୍ଟ୍ରୀୟ ଏକତା ଦିବସ

ଉଦ୍ଦେଶ୍ୟ। ପ୍ରତିବର୍ଷ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯିବା ଦ୍ୱାରା ଯୁବପିଢ଼ି ଭାରତର ଏକତାର ଶକ୍ତିକୁ ବଜାୟ ରଖିବା ପାଇଁ ପ୍ରେରଣା ଲାଭ କରୁଛନ୍ତି। ସରକାରୀ ଦପ୍ତର, ସାର୍ବଜନିକ କ୍ଷେତ୍ର ତଥା ସାର୍ବଜନିକ ସଂସ୍ଥାଗୁଡିକରେ ପ୍ରତିଜ୍ଞା ସମାରୋହ ମଧ୍ୟ ଆୟୋଜନ କରାଯାଏ। ସ୍କାଉଟ୍, ଗାଇଡସ୍,ଏନସିସି. ଏନ୍‌ଏସ୍‌ଏସ, ହୋମଗାର୍ଡ ଆଦି ସୁରକ୍ଷା ବଳ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଏ। ଜାତୀୟ ଏକତା କିପରି ବାହ୍ୟ ଶତ୍ରୁ ପକ୍ଷରୁ ରହିଥିବା ବିପଦକୁ ସଫଳତାର ସହ ମୁକାବିଲା କରୁଛି ତାହା ଏହି ଦିବସରେ ପ୍ରତ୍ୟେକ ଭାରତୀୟ ଅନୁଭବ କରିପାରୁଛନ୍ତି।



# ଗୋଆରେ ମିଳୁଛି 'ଉର୍ବଶୀ ରୌଟେଲା-ଶଟ୍'

ମୁମ୍ବାଇ: ବି-ଟାଉନ୍ ତାରକାଙ୍କୁ ନେଇ କ୍ରେଜ୍ କିଛି ନୂଆ କଥା ନୁହେଁ। ନିଜ ମନପସନ୍ଦ ଅଭିନେତ୍ରୀ, ଅଭିନେତାଙ୍କ ପାଇଁ ବେଳେ ବେଳେ ଫ୍ୟାନ୍‌ମାନେ କିଛି ବି କରିବାକୁ ପ୍ରସ୍ତୁତ ଥାଆନ୍ତି। ଆଉ ଦର୍ଶକଙ୍କ ଏହି ଦୁର୍ବଳତା ଅନେକ ସମୟରେ ବ୍ୟବସାୟୀଙ୍କୁ ଫାଇଦା ଦେଇଥାଏ। ସେଲିବ୍ରିଟିଙ୍କ ନାଁ ଯୋଡ଼ି ବ୍ୟବସାୟୀମାନେ ସ୍ମାର୍ଟ ବ୍ୟବସାୟ କରି ଲାଭବାନ ହୋଇଥାନ୍ତି। ଏପରି ଅନେକ ଉଦାହରଣ ଆପଣ ନିଜେ ମଧ୍ୟ ଦେଖିଥିବେ। ଏହିଭଳି ଏକ ନଜିର ମିଳିଛି ଗୋଆର ଏକ କ୍ଲବ୍‌ରେ। ଏଠାରେ ବି-ଟାଉନ୍‌ର ବୋଲ୍ଡ ଅଭିନେତ୍ରୀ ଉର୍ବଶୀ ରୌଟେଲାଙ୍କ ନାମରେ ମିଳୁଛି ମାଦକ ମିଶ୍ରିତ ପାନୀୟ। ଗୋଆର ଏହି କ୍ଲବରେ ଉପଲବ୍ଧ ହେଉଛି ଏକ ନୂତନ ମାଦକ-ପାନୀୟ, ଯାହାର ନାମ ରଖାଯାଇଛି 'ଉର୍ବଶୀ ରୌଟେଲା-ଶଟ୍'। ବୋଲ୍ଡ ଉର୍ବଶୀଙ୍କ ବ୍ୟକ୍ତିତ୍ୱ ଅନୁଯାୟୀ ଏହି ମାଦକ ମିଶ୍ରିତ ପାନୀୟକୁ କ୍ଲବ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏହାଛଡ଼ା ଉର୍ବଶୀଙ୍କ ଫ୍ୟାନ୍‌ମାନଙ୍କୁ କ୍ଲବ୍‌କୁ ଟାଣିଆଣିବାକୁ ଏବଂ ବ୍ୟବସାୟିକ ସଫଳତା ଦୃଷ୍ଟିରୁ ଏଭଳି ଉପାୟ ବାହାର କରିଥିବା କ୍ଲବ ପକ୍ଷରୁ କୁହାଯାଇଛି। ଗୋଆର ପରିବେଶ ଅନୁସାରେ ଏଭଳି ରୌଟେଲା-ଶଟ୍ ଗ୍ରାହକଙ୍କୁ ନିଶ୍ଚୟ ଆକୃଷ୍ଟ କରିବ ବୋଲି କ୍ଲବ୍ ମାଲିକଙ୍କ ଆଶା ରହିଛି। ତେବେ କ୍ଲବ୍‌ରେ ନିଜ ନାଁରେ ଏଭଳି ମାଦକ ମିଶ୍ରିତ ପାନୀୟ ମିଳୁଥିବା ଜାଣିବା ପରେ ଉର୍ବଶୀ ବହୁତ ଖୁସି ଜାହିର କରିଛନ୍ତି। ସେ କହିଛନ୍ତି, ଏହା ଏକ ଭଲ ପ୍ରୟାସ। କ୍ଲବ୍ ମାଲିକ ଯେଉଁ ଉଦ୍ଦେଶ୍ୟ ରଖି ମୋ ନାଁରେ ଶଟ୍ ବିକ୍ରି ଆରମ୍ଭ କରିଛନ୍ତି, ତାଙ୍କର ସେହି ଚେଷ୍ଟା ସଫଳ ହେଉ। ଅନ୍ୟପକ୍ଷରେ ଉର୍ବଶୀ ଖୁବ୍‌ଶୀଘ୍ର ମଲ୍‌ଟି ଷ୍ଟାରର ଫିଲ୍ମ 'ପାଗଲପନ୍ତି'ରେ ନଜରକୁ ଆସିବେ। ଏଥିରେ ଅନିଲ କପୁର, ଜନ୍ ଆବ୍ରାହମ୍, ଇଲିୟାନା ଡିକ୍ରୁଜ୍, କ୍ରିତି ଖରବନ୍ଦା ଏବଂ ଅରଶଦ୍ ୱାରସୀଙ୍କୁ ମଧ୍ୟ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।



# ନୂଆ ଲୁକ୍‌ରେ ତେଜ୍‌ପ୍ରତାପ

**ନୂଆଦିଲ୍ଲୀ:** ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ୍‌ପ୍ରତାପ ଯାଦବଙ୍କୁ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଲମ୍ବା ହେୟାର ଷ୍ଟାଇଲ୍ ସହ ମଥାରେ ତିଳକ ଚିହ୍ନ, ହାତ ଓ ବେକରେ ରୁଦ୍ରାକ୍ଷ ମାଳ ରଖିଥିବା ଏହି ନେତାଙ୍କୁ ମଥୁରାରେ ଦେଖିବାକୁ ମିଳିଛି। ଶନିବାର ସେ ଦୀପାବଳି ଉତ୍ସବ ପାଳନ ଲାଗି ମଥୁରା ଯାଇଥିଲେ। ପରେ ସେ ବୃନ୍ଦାବନର ଯମୁନା ନଦୀ କୂଳରେ ଗୋବର୍ଦ୍ଧନ ପୂଜା ଓ ସତ୍‌ସଙ୍ଗ କାର୍ଯ୍ୟରେ ଯୋଗଦେଇଥିଲେ। ଏହି ଅବସରରେ ସେ ଯମୁନା ପ୍ରଦୂଷଣ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସମାଲୋଚନା କରିଥିଲେ। ଅନେକ ଲୋକ ଏହି ପ୍ରଦୂଷିତ ପାଣିକୁ ପିଉଥିବା ବେଳେ ରୋଗାକ୍ରାନ୍ତ ହେଉଥିବା ସେ ପ୍ରକାଶ କରିଥିଲେ। ଯମୁନା ନଦୀର ଜଳ ପ୍ରଦୂଷଣ ରୋକା ନ ଗଲେ କିମ୍ବା ସରକାର ଏହାର ସ୍ୱଚ୍ଛତା ପ୍ରତି ଦୃଷ୍ଟି ନ ଦେଲେ ବିକ୍ଷୋଭ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

# ପରିବେଶ ପୁରସ୍କାରକୁ ଗ୍ରେଟାଙ୍କ ନା

**ଷ୍ଟକ୍‌ହୋମ୍ :** ବିଶ୍ୱକୁ ଜଳବାୟୁ ପରିବର୍ତ୍ତନର ବିଷ ବଳୟ ମଧ୍ୟରୁ ମୁକାଳିବା ସହ ଏହାର ପ୍ରଭାବ ହ୍ରାସ ଲାଗି ବିଶ୍ୱ ସମୁଦାୟ ଉପରେ ଚାପ ପକାଇଥିବା ସ୍ୱିଡେନ୍‌ର ପରିବେଶବିତ୍ ଗ୍ରେଟା ଥନ୍‌ବର୍ଗ ମଙ୍ଗଳବାର ପରିବେଶ ପୁରସ୍କାର ନେବାକୁ ମନା କରିଦେଇଛନ୍ତି। ପ୍ରାରିବେଶ ସୁଧାରିବା ଓ ପରିବେଶରେ ସନ୍ତୁଳନ ରକ୍ଷାକରିବା ଲାଗି କୌଣସି ପୁରସ୍କାରର ଆବଶ୍ୟକତା ନାହିଁ ବୋଲି ସେ ମତ ଦେଇଛନ୍ତି। କ୍ଷମତାରେ ଥିବା ଲୋକମାନେ ଏନେଇ ଜନସଚେତନତା ସୃଷ୍ଟିକରିବା ଓ ଏଥିରେ ସୁଧାର ଲାଗି ଆନ୍ଦୋଳନ କରିବା ଜରୁରୀ ବୋଲି ସେ କହିଛନ୍ତି। ଷ୍ଟକ୍‌ହେମ୍‌ରେ ନୋର୍ଡିକ କାଉନ୍‌ସିଲ ନାମକ ଏକ ଆଞ୍ଚଳିକ ସଂସ୍ଥା ପରିବେଶ ସୁରକ୍ଷା ନେଇ ଗ୍ରେଟାଙ୍କୁ ପୁରସ୍କୃତ କରିଥାନ୍ତା। ସ୍ୱିଡେନ୍ ଓ ନରୱେ ପକ୍ଷରୁ ଗ୍ରେଟାଙ୍କୁ ପୁରସ୍କୃତ କରିବା ଲାଗି ଘୋଷଣା କରାଯାଇଥିବାବେଳେ ସେ ମନା କରିଦେଇଛନ୍ତି। ପ୍ରାୟ ୫୨ ହଜାର ଆମେରିକୀୟ ଡଲାର୍‌ର ପୁରସ୍କାର ତାଙ୍କୁ ମିଳିଥାନ୍ତା। ତେବେ ପରିବେଶ ସୁରକ୍ଷା ଲାଗି କୌଣସି ପୁରସ୍କାରର ଆବଶ୍ୟକତା ନାହିଁ ବୋଲି ଗ୍ରେଟା କହିଛନ୍ତି। ସାମ୍ପ୍ରତିକ ବିଜ୍ଞାନ ଓ ପରିବେଶ ସମ୍ପର୍କରେ ସଚେତନ ହୋଇ ବିଶ୍ୱ ନେତାମାନେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ବୋଲି ସେ ମତ ଦେଇଛନ୍ତି। ବିଭିନ୍ନ ସ୍ତରରେ ପରିବେଶ ସୁରକ୍ଷା ଓ ସଚେତନତା ନେଇ ଆନ୍ଦୋଳନ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।



# କୋହଲିଙ୍କୁ ଭାଇ କଲେ ନବନୀତା





**ବେଙ୍ଗାଲୁରୁ :** ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ)ର ୧୩ତମ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଦଳ ପ୍ରଥମଥର ପାଇଁ ଜଣେ ଯୁବତୀଙ୍କୁ ସପୋର୍ଟିଂ ଷ୍ଟାଫ୍ ଭାବେ ନିଯୁକ୍ତି ଦେଇଛି। ସେ ହେଉଛନ୍ତି ନବନୀତା ଗୌତମ। ମସାଜ ଥେରାପିଷ୍ଟ ଭାବେ ସେ କାର୍ଯ୍ୟ କରିବେ। ମୁଖ୍ୟ ଫିଜିଓଥେରାପିଷ୍ଟ ଇଭାନ ସ୍ୱିଚଲୀ ଏବଂ ଫିଟନେସ୍ କୋଚ ଶଙ୍କର ବାସୁଙ୍କ ସହ କାମ କରିବେ ନବନୀତା। ଏ ସମ୍ପର୍କରେ ସେ କହିଛନ୍ତି,ଏବେ ମୋତେ ୨୦ ଜଣ ଭାଇଙ୍କ ଭିତରେ ରହିବାକୁ ପଡ଼ିବ। ଯଦି ଖେଳାଳି ଏବଂ ଷ୍ଟାଫ୍ ମୋ କାମ ଉପରେ ଭରସା ରଖିବେ ତେବେ କୌଣସି ଅସୁବିଧା ହେବ ନାହିଁ। ଆରସିବି ଭଳି ଅନ୍ୟ ଆଇପିଏଲ ଟିମ୍ ମଧ୍ୟ ସହାୟକ ପଦବୀରେ ମହିଳାଙ୍କୁ ନିଯୁକ୍ତି ଦେବେ ବୋଲି ଆଶା କରୁଛି। ଏହା ପୂର୍ବରୁ ନବନୀତା ଗ୍ଲୋବାଲ ଟି-୨୦ ଲିଗ୍‌ରେ କାମ କରିସାରିଛନ୍ତି। ସୂଚନାଯୋଗ୍ୟ ବିରାଟ କୋହଲି ଆରସିବିର ଅଧିନାୟକ ରହିଛନ୍ତି।

# ନାନକ ଜୟନ୍ତୀ:ପାକ୍ ଜାରି କଲା ମୁଦ୍ରା

**ଇସ୍‌ଲାମାବାଦ୍ :** ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ଉପଲକ୍ଷେ ପାକିସ୍ତାନ ସରକାରଙ୍କ ପକ୍ଷରୁ ମଙ୍ଗଳବାର ୫୦ ଟଙ୍କିଆ ସ୍ମାରକ କଏନ୍ ଜାରି କରାଯାଇଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କର୍‌ତାରପୁର କରିଡରକୁ ଆସନ୍ତା ୯ ତାରିଖରେ ଉଦ୍‌ଘାଟନ କରିବା ପରେ କର୍‌ତାରପୁର ସାହିବ ଗୁରୁଦ୍ୱାର ପରିଦର୍ଶନରେ ଆସିବାକୁଥିବା ଯାତ୍ରୀଙ୍କୁ ଏହା ମିଳିପାରିବ। ଏହି କଏନ୍‌ର ଗୋଟିଏ ପଟେ ଗୁରୁଦ୍ୱାର ପ୍ରତିଛବି ସହ ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୦ତମ ଜୟନ୍ତୀ ଉତ୍ସବ ୧୪୬୯-୨୦୧୯ ବୋଲି ଲେଖା ଯାଇଥିବାବେଳେ ଅନ୍ୟପଟେ ଇସ୍‌ଲାମିକ୍ ରିପବ୍ଲିକ ପାକିସ୍ତାନ ସହ ପାକିସ୍ତାନ ଚିହ୍ନ( ଜହ୍ନତାରା) ଓ ୫୦ ଟଙ୍କା ବୋଲି ଉଲ୍ଲେଖ ରହିଛି। ମିଳିଥିବା ସୂଚନାନୁଯାୟୀ ଗୁର୍‌ଦ୍ୱାର ଜନମ୍ ଆସ୍ଥାନ ଛବି ସହ ୮ ଟଙ୍କିଆ ପୋଷ୍ଟାଲ ଷ୍ଟାମ୍ପ ଜାରି କରାଯାଇଛି।




# ସୂର୍ଯ୍ୟଙ୍କ ଅଦ୍ଭୁତ ଫଟୋ ଶେୟାର କଲା ନାସା


**ୱାଶିଂଟନ୍:** ମହାକାଶ ସମ୍ପର୍କରେ ଏବେ ବି ଅନେକ କଥା ଅଜଣା। ହେଲେ ଏ ସମ୍ପର୍କରେଅଧିକରୁଅଧିକତଥ୍ୟହାସଲକରିବାପାଇଁନିରନ୍ତରଉଦ୍ୟମଚଳାଇଛନ୍ତି ବିଶ୍ୱର ବିଭିନ୍ନ ସ୍ପେଶ ଏଜେନ୍ସି। ଫଳରେ ବିଭିନ୍ନ ସମୟରେ ବୈଜ୍ଞାନିକମାନେ ଏଭଳି ତଥ୍ୟ ହାସଲ କରିଛନ୍ତି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏବେ ସୋସିଆଲ ମିଡିଆରେ ସୂର୍ଯ୍ୟଙ୍କର ଏକ ଫଟୋ ଭାଇରାଲ ହେଉଛି, ଯାହା ନାସା (ନ୍ୟାଶନାଲ ଏରୋନେଟିକ୍ସ ଆଣ୍ଡ ସ୍ପେଶ ଆଡମିନିଷ୍ଟ୍ରେଟର) ପକ୍ଷରୁ ଟୁଇଟରରେ ପୋଷ୍ଟ କରାଯାଇଛି। ନାସା ପକ୍ଷରୁ କୁହାଯାଇଛି, ଏହି ଫଟୋ ନାସା ସୋଲାର ଡାଇନାମିକ୍ ଅବଜରଭେଟୋରପ୍ରି (ମହାକାଶରେ ବୁଲି ପ୍ରତି ମୁହୂର୍ତ୍ତରେ ସୂର୍ଯ୍ୟ ଉପରେ ନଜର ରଖୁଥିବା ସାଟେଲାଇଟ) ପକ୍ଷରୁ ୨୦୧୪ ଅକ୍ଟୋବର ୮ ରେ ଉଠାଯାଇଥିଲା। ସୂର୍ଯ୍ୟଙ୍କ ଏହି ଫଟୋ ହାଲୋବିନ୍‌ର (କଖାରୁରେ ନିର୍ମିତ ଲଣ୍ଠନ) ଚେହେରା ଦେଖାଯାଉଛି। ନାସା ପକ୍ଷରୁ ପୋଷ୍ଟ କରାଯାଇଥିବା ଏହି ଫଟୋରେ ଅନେକ ଟୁଇଟର ୟୁଜର କୌତୂହଳପୂର୍ଣ୍ଣ କମେଣ୍ଟ ଦେଉଛନ୍ତି। ଏ ପର୍ଯ୍ୟନ୍ତ ଏହି ପୋଷ୍ଟକୁ ପ୍ରାୟ ୧୧ହଜାର ଲୋକ ଲାଇକ୍ କରିଥିବା ବେଳେ ୩ ହଜାରରୁ ଉର୍ଦ୍ଧ୍ୱ ରି-ଟୁଇଟ୍ କରାଯାଇଛି।



## ବିହାରରେ ଛଟ୍‌ପୂଜା

# ଛୁଟି ପାଇଁ ପୋଲିସ କରୁଛି ସତ୍ୟପାଠ


**ସମସ୍ତିପୁର:** 'ମୁଁ ..... ଛଟ୍ ମା'ଙ୍କୁ ସାକ୍ଷୀ ରଖି ଶପଥ ନେଉଛି, ମୁଁ ଦୀର୍ଘ....ବର୍ଷ ହେଲା ଛଟ୍ ପୂଜା କରିଆସୁଛି। ଏହି ବର୍ଷ ମଧ୍ୟ ବ୍ରତ ରଖିଛି। ହେ ଛଟ୍ ମା' ଯଦି ମୁଁ ମିଛ କହି ଛୁଟି ନେଉଥାଏ, ତା' ହେଲେ ମୋ ପିଲାଛୁଆଙ୍କ ସହ ପୂରା ପରିବାର ଉପରେ ଘୋର ବିପତ୍ତି ପଡୁ'। ଏପରି ଏକ ସତ୍ୟପାଠ ପତ୍ରକୁ ନେଇ ସୋସିଆଲ ମିଡ଼ିଆରେ ଆରମ୍ଭ ହୋଇଛି ଚର୍ଚ୍ଚା। ଛଟ୍ ପୂଜା ପାଇଁ ଛୁଟି ମାଗୁଥିବା ପୋଲିସ କର୍ମଚାରୀଙ୍କ ଲାଗି ଏପରି ଆଫିଡାଭିଟ୍ ଜାରି କରିଛି ବିହାର ପୋଲିସ। ଅର୍ଥାତ୍ ଛଟ୍ ମା'ଙ୍କ ନାମରେ ଶପଥପାଠରେ ଦସ୍ତଖତ କରୁଥିବା କର୍ମଚାରୀଙ୍କୁ ହିଁ ମିଳୁଛି ଛୁଟି। ଏପରି ଏକ କୌତୂହଳପୂର୍ଣ୍ଣ ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ଆରମ୍ଭ ହୋଇଛି ଆଲୋଚନା ପର୍ଯ୍ୟାଲୋଚନା। ବିହାରର ଗଣପର୍ବ କାର୍ତ୍ତିକ ଛଟ୍ ପୂଜା ଗୁରୁବାରଠାରୁ ଆରମ୍ଭ ହେଉଛି। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ହେଲେ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ାଇଛି ମାଳ ମାଳ ଛୁଟି ଦରଖାସ୍ତ। ଏପରି ସ୍ଥିତିରେ କେବଳ ଛଟ୍ ବ୍ରତଧାରୀ କର୍ମଚାରୀଙ୍କୁ ଛୁଟି ଦେବାକୁ ବିଭାଗୀୟ ଅଧିକାରୀ ଚିନ୍ତା କରୁଛନ୍ତି। ଏଥିପାଇଁ ଶପଥପାଠ ଭଳି ଅଭିନବ ଉପାୟ ବାହାର କରାଯାଇଛି। ଛୁଟି ଆବେଦନ କରୁଥିବା କର୍ମଚାରୀମାନେ ଛଟ୍ ମା'ଙ୍କ ନାମରେ ପ୍ରମାଣ କରି ଛୁଟି ନେଉଛନ୍ତି। କେବଳ ଏତିକି ନୁହେଁ, ସେମାନେ କେତେବର୍ଷ ହେଲା ଛଟ୍ ପର୍ବ ପାଳନ କରୁଛନ୍ତି ସେ ସମ୍ପର୍କିତ ତଥ୍ୟ ଲିଖିତ ଭାବେ ଦର୍ଶାଇବାକୁ ନିୟମ କରାଯାଇଛି। କେତେଜଣ ପୋଲିସ କର୍ମଚାରୀ ବ୍ରତ ବାହାନାରେ ବ୍ୟକ୍ତିଗତ ଛୁଟିରେ ଯାଉଛନ୍ତି। ସେମାନଙ୍କ ଉପରେ କଟକଣା ଜାରି କରିବାକୁ ବିଭାଗ ପକ୍ଷରୁ ଏପରି ଅଭିନବ ଉପାୟ ବାହାର କରାଯାଇଥିବା କୁହାଯାଉଛି। ଅନ୍ୟପଟେ ଛୁଟି ଆବେଦନ କରିଥିବା ଜଣେ କର୍ମଚାରୀ କହିଛନ୍ତି, ଦୀର୍ଘ ୪୦ ବର୍ଷ ହେଲା ସେ ଛଟ୍ ବ୍ରତ କରି ଆସୁଛନ୍ତି। ଏଥିପୂର୍ବରୁ କେବେ ଏପରି ବ୍ୟବସ୍ଥା ହୋଇ ନ ଥିଲା କି ଶପଥପାଠ କରିବାକୁ ପଡୁ ନ ଥିଲା। ମା'ଙ୍କ ନାମରେ ମିଛ କହିବା ମହାପାପ। ସେ ସତ କହୁଥିବାରୁ ସତ୍ୟପାଠରେ ଦସ୍ତଖତ କରିଛନ୍ତି।



शपथ पत्र

मैं ... श्रीनारायण सिंह ... छठी मैया को साक्षी मानकर शपथ लेता हूं कि मैं स्वयं छठ पिछले 40 साल से करता आ रहा हूं।

हे छठी मैया, अगर मैं झूठ बोल कर छुट्टी ले रहा हूं तो मेरे बच्चे एवं मेरे समस्त परिवार पर घोर विपत्ति आ जाए।




# ଏଣ୍ଡୋକ୍ରାଇନୋଲୋଜି ବିଭାଗରେ ତାଲା ଝୁଲିବ

ନିର୍ମଳ ପଣ୍ଡା

କଟକ ଅଫିସ, ୩୦।୧୦

**ଏସ୍‌ସିବି ମେଡିକାଲ୍**



- ୧୧ ବର୍ଷ ହେଲା ଡାକ୍ତର ନିଯୁକ୍ତି ହୋଇନି
- ଜଣେ ମାତ୍ର ପ୍ରଫେସରଙ୍କୁ ନେଇ କାମ ଚାଲିଛି
- ୫୦ ହଜାର ରୋଗୀଙ୍କ ଭାଗ୍ୟ ଅନ୍ଧାରରେ

ଏସ୍‌ସିବି ମେଡିକାଲ୍‌ର ଗୋଟିକ ପରେ ଗୋଟିଏ ବିଭାଗ ଏବେ ବନ୍ଦ ହେବା ସ୍ଥିତିରେ। ଗୁରୁତ୍ୱପୂର୍ଣ୍ଣ ହୃଦ୍‌ବକ୍ଷଶଲ୍ୟ (ସିଟିଭିଏସ୍) ବିଭାଗ ଡାକ୍ତର ଅଭାବରୁ ଅଚଳାବସ୍ଥାକୁ ଆସି ଥିବାବେଳେ ତା'ଠୁ ଅଧିକ ସମସ୍ୟା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅନ୍ତଃସ୍ରାବୀ ବିଜ୍ଞାନ ବା ଏଣ୍ଡୋକ୍ରାଇନୋଲୋଜିରେ ଉପୁଜିଛି। ଜଣେ ମାତ୍ର ପ୍ରଫେସରଙ୍କୁ ନେଇ ଏହି ବିଭାଗ ଚାଲିଛି। ସମ୍ପୃକ୍ତ ପ୍ରଫେସର ୨୦୨୦ ଜୁନରେ ଚାକିରିରୁ ଅବସର ଗ୍ରହଣ କରିବେ। ଏହା ପରେ ଏହି ବିଭାଗର ଭବିଷ୍ୟତକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ୨୦୦୮ ପରଠାରୁ ଉକ୍ତ ବିଭାଗକୁ ଜଣେ ବି ଡାକ୍ତର ଯୋଗାଇ ଦେଇନାହାନ୍ତି ସରକାର। ୨୦୦୮ରେ ଯେଉଁ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ମିଳିଥିଲା ସେ ଗତ ଅଗଷ୍ଟରୁ ଚାକିରିରୁ ଇସ୍ତଫା ଦେଇ ଚାଲିଯାଇଛନ୍ତି। ଫଳରେ ମେଡିକାଲ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନଠାରୁ ଆରମ୍ଭ କରି ସନ୍ଦର୍ଭ ପ୍ରସ୍ତୁତ ଓ ରୋଗୀସେବା ଆଦି କ୍ଷେତ୍ରରେ ନାନା ସମସ୍ୟା ଉପୁଜିଛି।

୧୯୭୮ରେ ଏସ୍‌ସିବି ମେଡିକାଲରେ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଖୋଲିଥିଲା। ୨୦ଟି ବେଡ୍‌କୁ ନେଇ ଚାଲିଥିବା ଏହି ବିଭାଗରୁ ବର୍ଷକୁ ୨ଜଣ ପିଜି ଛାତ୍ର ବାହାରନ୍ତି। ବିଭାଗର ରୋଗୀ ହାରକୁ ଦେଖିଲେ ଜଣାପଡ଼େ ବର୍ଷକୁ ଆଉଟଡୋରକୁ ୫୦ରୁ ୫୨ହଜାର ଏବଂ ଇନ୍‌ଡୋରକୁ ୭୦୦ରୁ ୭୫୦ ରୋଗୀ ଆସିଥାନ୍ତି। ଗତବର୍ଷର ତଥ୍ୟ ଅନୁଯାୟୀ, ଆଉଟଡୋରକୁ ୫୨ହଜାର ରୋଗୀ ଆସିଥିବାବେଳେ ଇନ୍‌ଡୋରରେ ୭୭୦ଜଣ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ମଧୁମେହ, ୭ରୁ ୮ ପ୍ରତିଶତ ଥାଇରଏଡ୍ ଏବଂ ଅନ୍ୟମାନେ ବିଭିନ୍ନ ଅନ୍ତଃସ୍ରାବୀ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ମୁଖ୍ୟତଃ ଅନେକ ଜଟିଳ ଅନ୍ତଃସ୍ରାବୀ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ମଧୁମେହ ରୋଗୀଙ୍କ କଥା ନ କହିବା ଭଲ। ଏଭଳି ସ୍ଥିତିରେ ଏହି ବିଭାଗ ବନ୍ଦ ହେବାକୁ ଯାଉଥିବାରୁ ଶହ ଶହ ରୋଗୀଙ୍କ ପାଇଁ ଚିନ୍ତା ବଢାଇଛି। ଡାକ୍ତର ଯୋଗାଇଦେବା ପାଇଁ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଏ.କେ. ବଳିୟାରସିଂ ଇତିମଧ୍ୟରେ ସରକାରଙ୍କୁ ଚିଠି ଲେଖି ଅବଗତ କରାଇବା ପରେ ମେଡିକାଲ କଲେଜ ପ୍ରିନ୍ସିପାଲ ଏବଂ ଅନ୍ୟାନ୍ୟ ପଦାଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଡାକ୍ତର ଅଭାବଜନିତ କାରଣ ମଧ୍ୟ ଆଉ ଏକ ବଡ଼ ସମସ୍ୟାକୁ ଆମନ୍ତ୍ରଣ କରୁଛି। ୨୦୨୧-୨୨ ମସିହାରେ ଏଣ୍ଡୋକ୍ରାଇନୋଲୋଜି ବିଭାଗରେ ଏମ୍‌ସିଆଇ ଇନ୍ସପେକ୍ସନ ହେବ। ସେତେବେଳକୁ ଯଦି ଏମ୍‌ସିଆଇ ଗାଇଡ୍‌ଲାଇନ ଅନୁଯାୟୀ ଡାକ୍ତର ନ ଥାନ୍ତି ତାହାହେଲେ ଏହି ବିଭାଗକୁ ମିଳିଥିବା ୨ଟି ଡିଏମ୍ ସିଟ୍ ପ୍ରତ୍ୟାହାର ହେବା ଆଶଙ୍କା ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରତି ସରକାର ଆଖି ବୁଜିଦେବା ଘଟଣାକୁ ସଚେତନ ଲୋକେ ସହଜରେ ଗ୍ରହଣ କରୁନାହାନ୍ତି।

**ମଧୁମେହ, ଥାଇରଏଡ୍, ହରମୋନ ଏବଂ ଅସ୍ଥିଜନିତ ସମସ୍ୟା ଆଦି ରୋଗ ସହିତ ବିଭିନ୍ନ ବଂଶାନୁକ୍ରମିକ ରୋଗ ଯଥା ବାମନ ହୋଇ ଜନ୍ମ ହେବା ଆଦିର ସଫଳ ଚିକିତ୍ସା ଏଣ୍ଡୋକ୍ରାଇନୋଲୋଜି ବିଭାଗରେ କରାଯାଇଥାଏ।**

ରାଜ୍ୟ ରୋଗୀ ଅଧିକାର ମଞ୍ଚର ସଭାପତି ଅମିୟ ଭୂଷଣ ବିଶ୍ୱାଳ କହିଛନ୍ତି, ଅନ୍ତଃସ୍ରାବୀ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ଏଭଳି ବିଭାଗ ବନ୍ଦ ହେବା ସ୍ଥିତିକୁ ଆସିବା ରାଜ୍ୟ ପାଇଁ ଭଲ ଖବର ନୁହେଁ। ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ କହିଛନ୍ତି, ସରକାର ଏବେ 'ମୋ ସରକାର' କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥାକୁ ଲୋକାଭିମୁଖୀ କରୁଛନ୍ତି। ମାତ୍ର ଏହା କିଭଳି ଲୋକାଭିମୁଖୀ ହେଉଛି ତାହା ଏଣ୍ଡୋକ୍ରାଇନୋଲୋଜି ବିଭାଗରୁ ଜଣାପଡୁଛି। ଏ ନେଇ ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ବ୍ରହ୍ମପୁର ମେଡିକାଲ କଲେଜର ଜଣେ ଡାକ୍ତରଙ୍କୁ ଏଠାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି। ଉକ୍ତ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ଅଛି। ଅନ୍ୟପକ୍ଷରେ ଭିତିରି ସୂଚନା ଅନୁଯାୟୀ, ବ୍ରହ୍ମପୁର ମେଡିକାଲ କଲେଜରେ ମାତ୍ର ଦୁଇବର୍ଷ ତଳେ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଖୋଲିଛି। ସେଠାରେ ଏହି ବିଭାଗରେ ୨ଜଣ ଡାକ୍ତର ରହିଛନ୍ତି। ଯଦି ଜଣଙ୍କୁ ଏସ୍‌ସିବିକୁ ଅଣାଯାଏ ତା'ହେଲେ ସେଠାକାର ବିଭାଗ ମଧ୍ୟ ବନ୍ଦ ହେବା ଭଳି ପରିସ୍ଥିତି ଉପୁଜିବ। ତେଣୁ ସରକାର ତୁରନ୍ତ ନୂଆ ଡାକ୍ତର ନିଯୁକ୍ତି ନ ଦେଲେ ଏସ୍‌ସିବିର ଏଣ୍ଡୋକ୍ରାଇନୋଲୋଜି ବିଭାଗରେ ୮ମାସ ପରେ ତାଲା ଝୁଲିବା ଏକପ୍ରକାର ନିଶ୍ଚିତ।

# ଚିନ୍ତନ ବୈଠକ: ପିସିସି ସଭାପତି ପରିବର୍ତ୍ତନ ମସୁଧା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

- ମୋତେ ମୁକ୍ତି ଦିଅ: ନିରଞ୍ଜନ
- କିଛି ଜାଣିନି କହିଲେ ମୋକିମ

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଗାଦିରୁ ହଟାଇବାକୁ ବର୍ତ୍ତମାନ ଦଳ ଭିତରେ ନେତାମାନେ ଏକାଠି ହୋଇଛନ୍ତି। ନିରଞ୍ଜନ ପିସିସିକୁ ଠିକ୍ ଭାବେ ନେତୃତ୍ୱ ଦେଇପାରୁ ନ ଥିବାରୁ ଦଳରେ ଆମୁଳଚୂଳ ପରିବର୍ତ୍ତନ ହେବାର ଆବଶ୍ୟକତା ଥିବା ନେତାମାନେ ସିଧାସଳଖ ମତ ରଖିବା ଆରମ୍ଭ କରିଛନ୍ତି। ବୁଧବାର ପାନ୍ଥନିବାସଠାରେ ଚିନ୍ତନ ବୈଠକ ନାମରେ ଆୟୋଜିତ କାର୍ଯ୍ୟକ୍ରମରେ ନିରଞ୍ଜନ ହଟାଅ ଅଭିଯାନର ମୂଳଦୁଆ ପଡିଛି। ନିରଞ୍ଜନଙ୍କ ସ୍ଥାନରେ କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମଙ୍କୁ ବସାଇବା ପାଇଁ ନେତାମାନେ ମୁହଁ ଖୋଲିଛନ୍ତି। ଏହାସହ ଚିନ୍ତନ ବୈଠକରେ ଥିବା ନେତାମାନେ ଖୁବ୍‌ଶୀଘ୍ର ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)କୁ ଜଣାଇବେ ବୋଲି କହିଛନ୍ତି। ବୈଠକରେ ଉପସ୍ଥିତ ନେତାମାନେ ଅଭିଯୋଗ କରିଛନ୍ତି, ସାଧାରଣ ନିର୍ବାଚନ ଓ ଦୁଇଟି ଉପନିର୍ବାଚନ ଫଳାଫଳରୁ କଂଗ୍ରେସ କର୍ମୀ ହତାଶ ହୋଇପଡିଲେଣି। ଦଳକୁ ରକ୍ଷା କରିବା ପାଇଁ ପିସିସି ସଭାପତି ବଦଳିବା ଦରକାର। ଏ ସମ୍ପର୍କରେ କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କୁ ଭେଟି ଅବଗତ କରାଯିବ ବୋଲି ନେତାମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରତିକ୍ରିୟା ରଖି ନିରଞ୍ଜନ କହିଛନ୍ତି, ଯେଉଁମାନେ ପିସିସି ସଭାପତି ହେବାକୁ ଚାହୁଁଛନ୍ତି ସେମାନେ ମତେ କୁହନ୍ତୁ। ମୁଁ ସେମାନଙ୍କ ନାଁ ଏଆଇସିସିକୁ ପଠାଇ ସୁପାରିସ କରିବି। କଂଗ୍ରେସରେ ଏଭଳି ମେଳି ଓ ଚକ୍ରାନ୍ତ ନୂଆ ନୁହେଁ। ପିସିସିରେ ପଦବୀ ବା ଟିକେଟ ପାଇ ନ ଥିବା ନେତା ଏମିତି କରୁଛନ୍ତି। ସଭାପତି ରହିବାକୁ ଚାହୁଁନି, ମୋତେ ମୁକ୍ତି ଦିଅ ବୋଲି ନିରଞ୍ଜନ କହିଛନ୍ତି। ଏହାସହ ଦଳ ବାହାରେ ଏମିତି ମତ ରଖି ଆଉ କ୍ଷତି ନ କରିବାକୁ ନିରଞ୍ଜନ ଅନୁରୋଧ କରିଛନ୍ତି। ଏ ବାବଦରେ ମହମ୍ମଦ ମୋକିମ କହିଛନ୍ତି, ବର୍ତ୍ତମାନ କିଛି କହିପାରିବି ନାହିଁ। କେଉଁମାନେ ବୈଠକ କରିଛନ୍ତି ସେ ନେଇ ମଧ୍ୟ ଜାଣି ନ ଥିବା ମୋକିମ କହିଛନ୍ତି। ମାତ୍ର ବୈଠକରେ ଉପସ୍ଥିତ ଥିବା କଂଗ୍ରେସ ନେତା ବାପି ସର୍ଖେଲ କହିଛନ୍ତି, ବୈଠକରେ ସଂଗଠନ ସୁଦୃଢ କରିବା ଉପରେ ଆଲୋଚନା ହୋଇଛି। ସଭାପତି ପରିବର୍ତ୍ତନ ନେଇ କିଛି ଆଲୋଚନା ହୋଇନାହିଁ। ସୂଚନାଯୋଗ୍ୟ ଯେ, ଗତ ସାଧାରଣ ନିର୍ବାଚନ ଏବଂ ପାଟକୁରା ନିର୍ବାଚନ ଫଳାଫଳ ଖରାପ ହେବା ପରେ ନିରଞ୍ଜନଙ୍କ ବିରୋଧରେ ଦଳ ଭିତରେ ଅସନ୍ତୋଷର ଚିତ୍ର ଦେଖିବାକୁ ମିଳିଥିଲା। ଖୋଲାଖୋଲି ଭାବେ ଦଳୀୟ ନେତାମାନେ ନିରଞ୍ଜନଙ୍କୁ ଗାଦିରୁ ହଟାଇବା ନେଇ ମତ ରଖିଥିଲେ। ମାତ୍ର ସୋନିଆ ଗାନ୍ଧୀ ଦଳର ସବୁ କମିଟି ଭାଙ୍ଗି ଦେଇଥିବା ବେଳେ ସଭାପତି ପରିବର୍ତ୍ତନ କରି ନ ଥିଲେ।

# ବିଶାଖାପାଟଣାରୁ ସୁବେଦାରଗଞ୍ଜ ସ୍ପେଶାଲ ଟ୍ରେନ

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

**ଭୁବନେଶ୍ୱର ଦେଇ ୨୬ରୁ ଚଳାଚଳ କରିବ**

ପୂର୍ବତଟ ରେଳପଥ ପକ୍ଷରୁ ବିଶାଖାପାଟଣା-ସୁବେଦାରଗଞ୍ଜ (ଆଲ୍ଲାହାବାଦ) ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଇଛି। ବିଶାଖାପାଟଣାରୁ ଏହି ଟ୍ରେନ (୦୮୫୨୭-୦୮୫୨୮) ଭାୟା ବିଜୟନଗରମ, ଭୁବନେଶ୍ୱର, ଭଦ୍ରକ ଓ ଗୟା ଦେଇ ସୁବେଦାରଗଞ୍ଜକୁ ଚଳାଚଳ କରିବ। ୨୬ ନଭେମ୍ବରରୁ ଆରମ୍ଭ ହେବାକୁ ଥିବା ଏହି ସେବା ଆସନ୍ତା ଡିସେମ୍ବର ଶେଷ ପର୍ଯ୍ୟନ୍ତ ମିଳିବ। ବିଶାଖାପାଟଣାରୁ ପ୍ରତି ମଙ୍ଗଳବାର ରାତି ୧୧ଟା ୫୦ରେ ଛାଡ଼ି ବୁଧବାର ସକାଳ ୭ଟାରେ ଭୁବନେଶ୍ୱରରେ ୫ମିନିଟ୍ ରହଣି କରି ସୁବେଦାରଗଞ୍ଜରେ ଗୁରୁବାର ସକାଳ ୮ଟା ୩୦ରେ ପହଞ୍ଚିବ। ସେହିପରି ସୁବେଦାରଗଞ୍ଜରୁ ଗୁରୁବାର ଅପରାହ୍ନ ୩ଟା ୩୦ରେ ଛାଡ଼ି ଶୁକ୍ରବାର ପୂର୍ବାହ୍ନ ୧୧ଟା ୨୦ରେ ଭୁବନେଶ୍ୱରରେ ୫ ମିନିଟ୍ ଅଟକି ସନ୍ଧ୍ୟାରେ ୬ଟା ୩୦ରେ ବିଶାଖାପାଟଣାରେ ପହଞ୍ଚିବ।

ଭିମ୍‌ସାରରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ଅସ୍ତ୍ରୋପଚାର ପ୍ରସଙ୍ଗ

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

ପୁରୀ ଅଫିସ, ୩୦।୧୦:

ସମ୍ବଲପୁର ଜିଲାର ବୁର୍ଲାସ୍ଥିତ ଭିମ୍‌ସାରରେ ଗତ ସୋମବାର ଜଣେ ଏଚ୍‌ଆଇଭି ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଦନ୍ତ ବିଭାଗରେ ଏହି ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାର ପୂର୍ବରୁ ଓ ପରେ ଜୀବାଣୁ ପ୍ରତିରୋଧ ପାଇଁ ଯେଉଁ ନିୟମ ପାଳନ କରାଯିବା କଥା ତାହା କରାଯାଇ ନ ଥିଲା। ଏହି ଘଟଣାକୁ ନେଇ ମଙ୍ଗଳବାର ଦନ୍ତ ବିଭାଗ ବନ୍ଦ ରହିଥିଲା। ଦନ୍ତ ବିଭାଗ ମୁଖ୍ୟ ଅନୁପ ଶତପଥୀ ଏ ସମ୍ପର୍କରେ ଭିମ୍‌ସାରର ଅଧକ୍ଷ ବ୍ରଜମୋହନ ମିଶ୍ରଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ଏହାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିବାବେଳେ ବୁଧବାର ଗଣମାଧମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ। ମନ୍ତ୍ରୀ କହିଛନ୍ତି, ବୁର୍ଲାରେ ଯାହା ହୋଇଛି ତାହା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ଘଟଣା। ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଛି। ଏଥିପାଇଁ ଯିଏ ଦୋଷୀ ବୋଲି ପ୍ରମାଣିତ ହେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶିଶୁ କଲ୍ୟାଣ ଅନୁଷ୍ଠାନକୁ ଆର୍ଥିକ ସହାୟତା

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ପ୍ରତି ଜିଲାକୁ ୧୦ ଲକ୍ଷ ଲେଖାଏ ମିଳିବ
- ୬ଜିଲାକୁ ଅତିରିକ୍ତ ସହାୟତା

ବିଭିନ୍ନ ଜିଲାର ଶିଶୁ କଲ୍ୟାଣ ଅନୁଷ୍ଠାନଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ପାଇଁ ବୁଧବାର ଆର୍ଥିକ ସହାୟତା ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ୩୦ ଜିଲାର ଶିଶୁ କଲ୍ୟାଣ ପ୍ରତିଷ୍ଠାନରେ ରହୁଥିବା ପିଲାମାନଙ୍କ ପାଇଁ ରେଡକ୍ରସ ଜରିଆରେ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ସେହିପରି ୬ଟି ଜିଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତିରିକ୍ତ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଏହି ଜିଲାଗୁଡ଼ିକ ହେଉଛି- ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ, କେନ୍ଦୁଝର ଓ ସମ୍ବଲପୁର। ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ଜଣାପଡିଛି।

ଦୀପାବଳିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଏସ୍‌ଓଏସ୍ ଅନାଥାଶ୍ରମକୁ ଗସ୍ତ କରିଥିଲେ। ସେଠାରେ ଥିବା ଶିଶୁମାନଙ୍କ ସହ ଦୀପାବଳି ପାଳନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିସଂସ୍ଥାରେ କାର୍ଯ୍ୟରତ ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ର ଆଧାରରେ ପ୍ରତ୍ୟେକ ଜିଲାପାଳ ନିଜ ନିଜ ଜିଲାରେ ଶିଶୁ କଲ୍ୟାଣ ଅନୁଷ୍ଠାନ ଗସ୍ତ କରି ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ପରେ ସରକାରୀସ୍ତରରେ ସମୀକ୍ଷା କରାଯାଇ ଆର୍ଥିକ ସହାୟତା ନିମିତ୍ତ ଘୋଷଣା କରାଯାଇଥିବା ଜଣାପଡିଛି।

# ବିଷ ପିଇ ଦାଦା, ଝିଆରୀଙ୍କ ଆତ୍ମହତ୍ୟା

କୋରାପୁଟ/ଲକ୍ଷ୍ମୀପୁର, ୩୦।୧୦(ସ୍ୱ.ପ୍ର/ଡ଼ି.ଏନ.ଏ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଭିତରଗଡ ପଞ୍ଚାୟତ ଗୌଡମାଙ୍କଡପୁଟ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷ ପିଇ ଦାଦା ଓ ଝିଆରୀ ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳେ ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୧୫ ଦିନ ତଳେ ଉଭୟ ନାବାଳକ (୧୬) ଓ ନାବାଳିକା(୧୪) ଘରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଗ୍ରାମ ନିକଟ ଏକ ଆମ୍ବଗଛ ତଳେ ଉଭୟଙ୍କ ମୃତ ଦେହ ପଡିଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ।


## ■ ଧାନକିଣା ପାଇଁ ବୈଠକ

# ୬୦ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

- ସାମିଲ ହେବେ ୯ ଜିଲାର ୧୫୦ ସ୍ୱୟଂ ସହାୟକ ଗୋଷ୍ଠୀ
- ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ ଧାନ କିଣା

ଚଳିତ ବର୍ଷ ମୋଟ ୬୦ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ। ବୁଧବାର ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଧାନ କିଣା ଉପରେ କରାଯାଇଥିବା ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରି ୪୮ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟକୁ ଦେବା ପାଇଁ ଖାଦ୍ୟ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଧାନ କିଣାରେ ସାମିଲ ହେବା ନେଇ କୁହାଯାଇଛି। ଚଳିତ ବର୍ଷ ୯ଟି ଜିଲାରେ ପ୍ରାୟ ୧୫୦ ସ୍ୱୟଂ ସହାୟିକା ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହେବେ। ଧାନ କିଣା ପ୍ରକ୍ରିୟାକୁ ମଧ୍ୟସ୍ଥ ଏବଂ ଟ୍ରେଡର ଦଲାଲ ମୁକ୍ତ ରଖିବା ପାଇଁ ଏହାକୁ ଚାଷୀଙ୍କ ଆଧାର ନମ୍ବରଭିତ୍ତିକ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ କହିଛନ୍ତି, ଚଳିତ ବର୍ଷ ଧାନ ବିକ୍ରି କରିବା ପାଇଁ ପି-ପାସ୍ ବ୍ୟବସ୍ଥା ହୋଇଛି। ଏହି ବ୍ୟବସ୍ଥା ଦ୍ୱାରା ପ୍ରାୟ ୧୨.୩୫ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚଳିତ ବର୍ଷ ଧାନ କିଣା ନଭେମ୍ବରରୁ ଆରମ୍ଭ ହୋଇ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଧାନ କିଣାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭାଗଚାଷୀଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତ ଋତୁରେ ୨୬୬୮ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଏଥିରେ ସାମିଲ ହେବେ। କ୍ରୟ ପ୍ରକ୍ରିୟାକୁ ଅନ୍‌ଲାଇନରେ କରାଯିବ। କେବଳ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିବା ୧୨୫ଟି ପ୍ୟାକ୍ସରେ ଅଫ୍ ଲାଇନ ବ୍ୟବସ୍ଥା ଚାଲିବ। ଗତ ଋତୁରେ କଳାହାଣ୍ଡି ଜିଲାର ୧୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଧାନ କିଣାରେ ପରୀକ୍ଷାମୂଳକ ଭାବେ ସାମିଲ କରାଯାଇଥିଲା। ଏହି ସଫଳତା ଭିତ୍ତିରେ ଏହି ପଦ୍ଧତି ଅଧିକ ୯ ଜିଲାରେ କାର୍ଯ୍ୟକାରୀ କରାଯିବ। ଧାନ କିଣାରେ ଅଂଶଗ୍ରହଣକାରୀ ମିଲରମାନଙ୍କ ପାଇଁ ସର୍ତ୍ତାବଳୀ ନିର୍ଦ୍ଦିଷ୍ଟ କରାଯାଇଛି। ପୂର୍ବରୁ ୧୦୦ ପ୍ରତିଶତ ଚାଉଳ ଦେଇ ନ ଥିବା କିମ୍ବା ଯୋଗାଣ ବିଭାଗ ହିସାବ ବାକି ରଖିଥିବା ମିଲରଙ୍କୁ ଏଥର ଧାନ କିଣିବାକୁ ଅନୁମତି ମିଳିବ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫ଟଙ୍କା ଏବଂ ଏ ଗ୍ରେଡ୍ ଧାନର ମୂଲ୍ୟ ୧୮୩୫ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ କିଣାରେ ୩୩୧୧ଟି ମଣ୍ଡି, ୨୫୯ ଡିପୋ ଏବଂ ୧୩୦୦ ମିଲରଙ୍କୁ ତାଲିକା ଭୁକ୍ତ କରାଯାଇଛି।



## ସିବିଏସ୍ଇ ଫି' ବୃଦ୍ଧି ନେଇ ହାଇକୋର୍ଟରେ ମାମଲା

କଟକ ଅଫିସ, ୩୦ା୧୦- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଫି' ବୃଦ୍ଧିକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଅଭିଭାବକ ସଂଘ ପକ୍ଷରୁ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଏହି ମାମଲା ରୁଜୁ କରିଛନ୍ତି। ସେ ପିଟିଶନରେ ଦର୍ଶାଇଛନ୍ତି, ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫି' ମନମୁଖି ଭାବେ ବୃଦ୍ଧି କରିଛି। ଏହାଦ୍ୱାରା ୨ ଲକ୍ଷ ଛାତ୍ରୀଛାତ୍ର ପ୍ରଭାବିତ ହେବେ। ଏଭଳି ଫି' ବୃଦ୍ଧିର କୌଣସି ଆବଶ୍ୟକତା ନ ଥିବାବେଳେ ସିବିଏସ୍ଇ ପକ୍ଷରୁ ଏହି ନିଷ୍ପତ୍ତି ପିଲାଙ୍କ ଭବିଷ୍ୟତ ସହିତ ଖେଳ ବୋଲି ପଟ୍ଟନାୟକ କହିଛନ୍ତି। ମାମଲାରେ ସେ ସିବିଏସ୍ଇ କର୍ତ୍ତୃପକ୍ଷ ଓ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବନମାଳୀ
ପରିବାରବର୍ଗ


ଜୟବ୍ରତ
ପରିବାରବର୍ଗ


ବବୁଲ୍
ପରିବାରବର୍ଗ


ଲିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତରେ ନାହିଁ ଖଡ଼ା**
**ଦାଣ୍ଡ କୁରେ ଆଖଡ଼ା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିକି ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇ ହେଉଥିବା ଜଣାଯାଇଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହଟହଟିଆ ନାଗର**
**ସଙ୍କେତ ଦେଇ କା ପୂରେ ରହିଲା**
**ରାତିଯାକ ଉଜାଗର ।**

କଥାଦେଲେ କଥା ରଖିବାକୁ ପଡ଼ିଥାଏ, ପ୍ରତିଶ୍ରୁତି ପୂରଣ କରିବାକୁ ପଡ଼ିଥାଏ। ଯିଏ କଥାଦେଇ କଥା ରଖି ନ ପାରେ ତା'ଠାରୁ ମନ ଛାଡ଼ି ଯାଇଥାଏ। ଏପରିସ୍ଥଳେ ଗୋପନରେ ମିଳିତ ହେବା ନେଇ ପ୍ରତିଶ୍ରୁତି ଦେଇ ପୂରଣ କରିପାରୁ ନ ଥିବା ପ୍ରେମୀ ପ୍ରତି ମନରେ କ୍ଷୋଭ ଜାତ ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନସୂୟା ସାହୁ


ଗଗନ ବିହାରୀ ତ୍ରିପାଠୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଣ୍ଡାମାନ ଫେରିଗଲେ ନାବିକ ଅମ୍ରିତ

ପୁରୀ ଅଫିସ, ୩୦ା୧୦:ସମୁଦ୍ରମଧ୍ୟରେ ସାଥୀଙ୍କୁ ହରାଇବା ପରେ ୫୭ଦିନ ଧରି ଜୀବନ ସହ ସଂଘର୍ଷ କରି ଜିତିଥିବା ଆଣ୍ଡାମାନର ନାବିକ ଅମ୍ରିତ କୁଜୁର(୩୬) ନିଜ ଘରକୁ ଫେରିଯାଇଛନ୍ତି। ବୁଧବାର ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର ତାଙ୍କୁ ବିଦାୟ ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରରୁ ଉଭୟେ ବିମାନରେ କୋଲକାତା ଯାଇଛନ୍ତି। ଗୁରୁବାର ସକାଳେ କୋଲକାତାରେ ଅମ୍ରିତଙ୍କୁ ପୋର୍ଟବ୍ଲେୟାର ବିମାନରେ ବସାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁରୀ ଫେରିଆସିବେ। ଜିଲା ପ୍ରଶାସନ ପକ୍ଷରୁ ଅମ୍ରିତଙ୍କ ଫ୍ଲାଇଟ୍ ଟିକେଟ ସମେତ ସମସ୍ତ ବ୍ୟବସ୍ଥା କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଜମ୍ମୁ-କଶ୍ମୀର, ଲଦାଖ ...

ନେଇ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାର ୭୨ ବର୍ଷ ପରେ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। ଗଡ଼ଜାତ ରାଜ୍ୟ ମିଶ୍ରଣରେ ମୁଖ୍ୟ ଭୂମିକା ନେଇଥିବା ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିନ ଅକ୍ଟୋବର ୩୧କୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଥିବାବେଳେ ଜମ୍ମୁ-କଶ୍ମୀର ଦୁଇଭାଗ ହୋଇଛି। ଆଇନ ଅନୁଯାୟୀ ଦିଲ୍ଲୀ ଓ ପୁଡୁଚେରୀ ଭଳି ଜମ୍ମୁ-କଶ୍ମୀରରେ ବିଧାନସଭା ରହିବାକୁ ଥିଲାବେଳେ ଲଦାଖରେ ଏହା ରହିବ ନାହିଁ। ଗୁରୁବାରଠାରୁ ଜମ୍ମୁ-କଶ୍ମୀରର ପୋଲିସ ଓ ଆଇନ ଶୃଙ୍ଖଳା ଦାୟିତ୍ୱ କେନ୍ଦ୍ରର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିବାକୁ ଥିଲାବେଳେ ଜମି ନିର୍ବାଚିତ ସରକାରଙ୍କ ଅଧୀନରେ ରହିବ। ସେହିପରି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରହିବା ସହ ଉପରାଜ୍ୟପାଳ ଏହାର ମୁଖ୍ୟ ପ୍ରଶାସକ ଭାବେ କାର୍ଯ୍ୟ କରିବେ। କଡ଼ା ସୁରକ୍ଷା ମଧ୍ୟରେ ଗୁରୁବାର ଦୁଇ ଉପରାଜ୍ୟପାଳ ଶପଥ ଗ୍ରହଣ କରିବାକୁ ଯାଉଥିଲାବେଳେ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଯୋଗଦେବେନାହିଁ। ଗୁଜରାଟରେ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳନରେ ଯୋଗଦେବାକୁ ଥିଲାବେଳେ ଶାହ ଦିଲ୍ଲୀରେ 'ଏକତା ପାଇଁ ଦୌଡ଼' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେହିପରି ଅନ୍ୟ କୌଣସି ରାଜନୈତିକ ନେତା ମଧ୍ୟ ଶପଥଗ୍ରହଣ ଉତ୍ସବରେ ଯୋଗଦେବେନାହିଁ।

### ମହାରାଷ୍ଟ୍ରରେ ଟଣାଓଟରା ...

ମେଣ୍ଟରେ ରହିବା ଜରୁରୀ। କିନ୍ତୁ ସମ୍ମାନକୁ ନେଇ ସାଲିସ କରାଯିବ ନାହିଁ। ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନରେ ଶିବସେନାକୁ ୫୬, ଏନ୍ସିପିକୁ ୫୪ ଓ କଂଗ୍ରେସକୁ ୪୪ ଆସନ ମିଳିଛି। ଏଭଳି ସମୟରେ ଶିବସେନାକୁ ସନ୍ତୁଷ୍ଟ କରିବା ପାଇଁ ଭାଜପା ତିନୋଟି ପ୍ରମୁଖ ପ୍ରସ୍ତାବ ଦେବା ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି। ପ୍ରଥମରେ ଭାଜପା ରାଜ୍ୟ ଓ କେନ୍ଦ୍ରରେ ଶିବସେନାର ଭାଗ ବୃଦ୍ଧି କରିବ। ଅର୍ଥାତ୍ ଶିବସେନାକୁ ରାଜ୍ୟରେ ୪୦% ସଂଖ୍ୟକ ମନ୍ତ୍ରୀ ପଦ ସହ କେନ୍ଦ୍ର କ୍ୟାବିନେଟରେ ୨ ଜଣଙ୍କୁ ସ୍ଥାନ ମିଳିବ। ସେହିପରି ସହଯୋଗୀ ଶିବସେନାକୁ ଉପମୁଖ୍ୟମନ୍ତ୍ରୀ ପଦ ଦେବା ପାଇଁ ମଧ୍ୟ ରାଜିଥିବା ଭାଜପା ନେତାମାନେ କହୁଛନ୍ତି।

### ୧୨ ଘଣ୍ଟିଆ...

ଉପସ୍ଥିତିରେ ଭାଲୁଗାଡ଼ିଆ ଗ୍ରାମରେ ରାତିସାରା ଉଚ୍ଛେଦ କାମ ଜାରି ରହିଥିଲା। ମୋଟ୍ ୪୧ଟି ଘର ଭଙ୍ଗାଯାଇଥିବା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ତେବେ ଜୋର ଜବରଦସ୍ତ ଖଣି ବନ୍ଦ କରାଯିବା ଦ୍ୱାରା ଅଢ଼େଇ ଲକ୍ଷ ଟନ କୋଇଲା ଉତ୍ପାଦନ ଓ ସମ ପରିମାଣର କୋଇଲା ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ଏମ୍ସିଏଲ୍ର ଜନସମ୍ପର୍କ ଅଧିକାରୀ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।


ବନ୍ଦ ପାଳନ ଯୋଗୁ ତାଳଚେର ସହରରେ ଦୋକାନବଜାର ବନ୍ଦ ରହିଛି।

## ଜିଲାସ୍ତରରେ ହେବ କର୍କଟ ନିରୂପଣ କେନ୍ଦ୍ର

- ସର୍ବଭାରତୀୟ ସ୍ତରରୁ ଓଡ଼ିଶାରେ ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା ଅଧିକ
- ଭାରତରେ ମୃତ୍ୟୁ ହାର ଦ୍ୱିତୀୟ ସର୍ବାଧିକ

ଭୁବନେଶ୍ୱର, ୩୦ା୧୦(ବ୍ୟୁରୋ)

ଓଡ଼ିଶା ସରକାର ଆଗାମୀ ଦିନରେ ଜିଲାସ୍ତରରେ କର୍କଟ ରୋଗ ନିରୂପଣ କେନ୍ଦ୍ର ଓ ଚିକିତ୍ସା ବ୍ୟବସ୍ଥା ପାଇଁ ଯୋଜନା କରିଛନ୍ତି। ଏହାସହ ଝାରସୁଗୁଡ଼ାଠାରେ ପିପିପି ମୋଡ୍ରେ ଏକ କର୍କଟ ନିଦାନ କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ରହିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। କନଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ବୁଧବାର ସ୍ଥାନୀୟ ହୋଟେଲରେ ନୋଭାର୍ଟିସ୍ ଏବଂ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ସହଯୋଗରେ ସ୍ତନକର୍କଟ ଉପରେ ଆୟୋଜିତ ଓଡ଼ିଶା ରିଜିଓନାଲ ରାଉଣ୍ଡ ଟେବୁଲ ବୈଠକକୁ ଉଦ୍ଘାଟନ କରି ମନ୍ତ୍ରୀ ଏହା କହିଥିଲେ। ବୈଠକରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ଯୋଗଦେଇଥିବା ବିଶେଷଜ୍ଞମାନେ ଭାରତରେ ଦିନକୁ ଦିନ ସ୍ତନକର୍କଟ ବ୍ୟାପକ ରୂପ ଧାରଣ କରୁଥିବା କହିଥିଲେ। ଦେଶରେ ୫୪% ସ୍ତନକର୍କଟ ରୋଗୀ ଆଡଭାନ୍ସଡ ଡିଜିଜ୍ରେ ପୀଡ଼ିତ ଥିବାବେଳେ ୩୦% ଆଗ୍ରେସିଭ୍ ବ୍ରେଷ୍ଟ କ୍ୟାନସର୍ ଟ୍ରିପିଲ୍ ନେଗେଟିଭ୍ ବ୍ରେଷ୍ଟ କ୍ୟାନସର(ଏନ୍ବିଟି) ପରିସରରେ ଆସୁଛନ୍ତି। ଚିହ୍ନଟରେ ବିଳମ୍ବ ଯୋଗୁ ଦେଶରେ ସ୍ତନକର୍କଟରେ ସର୍ବାଧିକ ରୋଗୀଙ୍କ ମୃତ୍ୟୁ ଘଟୁଛି। ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାରେ ସ୍ତନକର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଖୁବ୍ ଅଧିକ ଥିବା ଜଣାପଡ଼ିଛି। ହାରାହାରି ଭାବେ ୨୮ ମହିଳାଙ୍କ ମଧ୍ୟରୁ ଜଣଙ୍କଠାରେ ସ୍ତନକର୍କଟ ହେବାର ସମ୍ଭାବନା ରହିଛି। ସହରାଞ୍ଚଳରେ ଏହି ହାର ୨୨ଜଣରେ ଜଣେ ଥିବାବେଳେ ଗ୍ରାମାଞ୍ଚଳରେ ୬୦ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ଏହି ରୋଗର ସମ୍ଭାବନା ରହିଥିବା କୁହାଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡା. ଆର୍. ଆର୍. ଶତପଥୀ, ସିଆଇଆଇ ଓଡ଼ିଶା ଷ୍ଟେଟ୍ କାଉନ୍ସିଲ୍ ଉପାଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ନୋଭାର୍ଟିସ ପଲିସି ଆଣ୍ଡ କମ୍ୟୁନିକେଶନ୍ ମୁଖ୍ୟ ପ୍ରଭାତ କୁମାର ସିହ୍ନା, ଆଇକ୍ୟୁଭିଆଇଏର ଏନ୍ଗେଜମେଣ୍ଟ ମ୍ୟାନେଜର ଡ. ସତ୍ୟ ଅଗ୍ରୱାଲ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପରାମର୍ଶଦାତା ଡ. ଦିନେଶ ପେଣ୍ଢାକର, ଆମ୍ରି ହସ୍ପିଟାଲ ଭୁବନେଶ୍ୱର ୟୁନିଟ୍ ହେଡ୍ ଡ. ଅନୁଜ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଲକ୍ଷ୍ୟ ପୂରଣ ସକାଶେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କାମ ହାସଲରେ ବାଧା କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ଜମିଜମା, ସ୍ତ୍ରୀ / ସ୍ୱାମୀଙ୍କ ସ୍ୱାସ୍ଥ୍ୟ, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ କିଛି ବିଫଳତାକୁ ନେଇ ଚିନ୍ତିତ ରହିବେ। କୌଣସି ବିବାଦୀୟ ବିଷୟକୁ ନେଇ ପାଖପଡ଼ୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ସକାଳୁ ସକାଳୁ ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଛୋଟ କଥାଟିକୁ କେନ୍ଦ୍ରକରି ମତାନ୍ତର ଘଟିପାରେ। ପରିସ୍ଥିତିବିଶତଃ କାମ ଚାପାରେ ନିଜକୁ ଆଡଜଷ୍ଟ କରିବେ।

**ମିଥୁନ** ଉପସ୍ଥିତ ବୁଦ୍ଧି ଓ ପ୍ରୟୋଗାତ୍ମକ କୌଶଳ ମାଧ୍ୟମରେ ପ୍ରତ୍ୟେକ କାମରେ ସଫଳତା ଅବଶ୍ୟ ପାଇବେ। କଳେ ବଳେ କୌଶଳେ ଅର୍ଥ ପାଇବା ସକାଶେ ଚେଷ୍ଟା କରି ଆଶାକୁ ଚରିତାର୍ଥ କରିପାରନ୍ତି । ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ପ୍ରଶଂସିତ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ।

**କର୍କଟ** ଦୀର୍ଘଦିନ ହେଲା ଆଦୌ ଭଲ ପଡୁନଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ମାମଲାମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରି ପ୍ରଶଂସିତ ହେବେ।

**ସିଂହ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ । ପରିସ୍ଥିତିବିଶତଃ ଦୁଇ ପଇସା ଜାଗାରେ ଛ'ପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସଭାସମିତିରେ ସମ୍ମାନିତ ହେବେ।

**କନ୍ୟା** ପାଖରେ ଥିବା ଲୋକଟି ଆପଣଙ୍କ ସକାଶେ ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି । ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ କିନ୍ତୁ ଆଶାନୁରୂପ ହେବନାହିଁ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିପାରନ୍ତି।

**ତୁଳା** ନିଜର ଭୁଲ୍ ବୁଝାମଣାରୁ ଆକସ୍ମିକ ଭାବରେ ପାରିବାରିକ କଳହର ସମ୍ଭାବନା ରହିଛି। ଆଜି କୌଣସି ଯୁବବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାମଲାମକଦ୍ଦମାରେ ସଫଳତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ଆଲୋଚନା ମଧ୍ୟ ଫଳପ୍ରଦ ହେବ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। ବହୁତ ଦିନର ଆଶା ପୂରଣ ହେବା ସହ କୌଣସି ନୂତନ କାମରେ ବନ୍ଧୁମାନେ ସହଯୋଗର ହାତ ବଢ଼ାଇବେ। ପରିସ୍ଥିତିରେ ପଡି ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ ମୁଖ୍ୟ କାରଣ ହେବ।

**ଧନୁ** ଦିନର ଅଧିକାଂଶ ସମୟ ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ବେଶି ସମୟ ଅନ୍ୟମନସ୍କ ରହିବେ। କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିପାରନ୍ତି।

**ମକର** ଆପଣ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ । ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି।

**କୁମ୍ଭ** ସତର୍କତା ଅଭାବରୁ ହଠାତ୍ କଳହ, ପ୍ରତିହିଂସା, ବାଦବିବାଦ, ଧନହାନି ଓ ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜିର କର୍ମକ୍ଷେତ୍ର ଏବଂ ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଆନୁଷ୍ଠାନିକ କାମ, ପ୍ରଶାସନିକ ସ୍ତରରେ କିମ୍ବା ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯିବେ। ବୃଥା ତର୍କ ଓ ବିବାଦରେ ପଶିବା ସହ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମ୍ପର୍କ ବ୍ୟାହତ ହେବାର ସୂଚନା ରହିଛି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗଚତୁର୍ଥୀ ଗୁରୁବାର, ଅକ୍ଟୋବର ୩୧ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୧ମି. ମଧ୍ୟେ, ଘ୧।୨୩ମି. ଗତେ ଘ୨।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ମଧ୍ୟେ, ଘ୧୧।୫୧ମି. ଗତେ ଘ୧।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୫୫ମି. ଗତେ ଘ୨।୧୯ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302



**SALE**

ଭୁବନେଶ୍ୱର ଗୁଡ଼ିଆପୋଖରୀଛକ ନିକଟରେ ଘରବାଡ଼ି, ଇଲେକ୍ଟ୍ରି, ପାଚେରି, ୩୦ଫୁଟ ରୋଡ୍ଥାଇ ପ୍ଲଟ ବିକ୍ରିହେବ। ଦୀପାବଳି ପୂର୍ବରୁ ବୁକିଙ୍ଗ୍କଲେ 5ଗ୍ରାମ Gold ମାଗଣା- 7653060821, 8917527308. ସର୍ତ୍ତାବଳୀ ଲାଗୁ। D-67092

1 acre ଜମି ବିକ୍ରି ହେବ ଭୁବନେଶ୍ୱର ପାଇକରାପୁର ମୌଜାରେ BDA T.P. Project ଅନ୍ତର୍ଭୁକ୍ତ। ଯୋଗାଯୋଗ: 8280292804. D-14986

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

Bhubaneswar Kesura SBI Colonyକୁ ଲାଗି ଘରବାଡ଼ି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ । ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୬

ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102. D-68408

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292. D-68410

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Ground floor 1600 sqft. for Bank/ Office/ Godown (light goods) at NH-16, Rasulgarh, Bhubaneswar, near Vishal. 9437904071, 9777156770. D-14985

3BHK flat Tankapani Road, Bhubaneswar near Jagannath Ashram, Rent-12,000/- M: 9437210980, 7978783966. D-14888



Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies/gents smart experts therapist- 8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68146

Experience full body massage with us (expert). Call: 7377048581, 06742597822. D-68147

Monalisa Massage Club: All types body massage with hiprofile smart lady rooms service available- 9708545108. D-14965

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149

Refresh your mind and soul with best therapy at Orchid Salon/Spa. 9937287222. D-66991

**LOST**

I, Varun Kumar have lost my original degree certificate and Gradesheet of 2010-14, Registration No. 1001297162. If found please contact: 8586086385. D-14991



ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

**AFFIDAVIT**

Affidavit before Executive Magistrate, Jajpur Road 15.10.19 my surname has changed from Bhagyashree Biswal, W/o- Pradipta Kumar Dutta to Bhagyashree Dutta, W/o- Pradipta Kumar Dutta, Vill/Po: Anlajhari, Ps- Bhuban, Dist- Dhenkanal for defence document. My husband's No. JC 422524P, Sub. Pradipta Kumar Dutta. D-14989

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଜିଜ୍ଞା ପ୍ରତ୍ୟୁଷା (ଲିକି)
କୂଳସାହି, ପ୍ରତାପରୁଦ୍ରପୁର
ମହାପ୍ରଭୁ ମହିମା ଅଲେଖ ତୋର ଚଲାପଥ କୁସୁମିତ କରନ୍ତୁ ତୋତେ ଦୀର୍ଘାୟୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ
ଜେଜ, ବାବା, ମାମା, ବଡବାବା, ବଡମାମା, ଦିଦି, ମାମୁ, ଆଈ, ମାଉସୀ, ମଉସା, ବବୁ, ସୂର୍ଯ୍ୟ, ଉର୍ମି, ଗୁରୁଜୀ, ଗୁରୁମା ବୃନ୍ଦ।
ଧ-୧୯୪୩୦

**ଜନ୍ମଦିନ ଶୁଭେଚ୍ଛା**



ଆଲୋକ (ବବୁଲ୍)
ରୋଡ୍- ୩, ୟୁନିଟ୍-୯, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି, ତୋତେ ନୀରୋଗ ରଖନ୍ତୁ, ଭଲ ବୁଦ୍ଧି ଦିଅନ୍ତୁ, ସର୍ବଦା ତୋର ଚଲାପଥରେ ସହାୟ ହୁଅନ୍ତୁ ଓ ପଣତ ତଳେ ଘଷ ଘୋଡେଇ ରଖିଥାଆନ୍ତୁ।
ଶୁଭେଚ୍ଛା ସହ:
ବାପା, ମାଆ (ଅର୍ଚ୍ଚନା), ରୀତା ଦିଦି, କୁନି ଦିଦି, ଗୁଡୁଲ୍ (ଭାଣେଜୀ), ଆଶୁ (ଭଣଜା), ସାନୁ (ଭାଣେଜୀ)
ଧ-୧୪୯୮୨


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଏଏସ୍ ଅଫିସରସ୍ତରରେ ଅଦଳବଦଳ

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଫିସରସ୍ତରରେ ବୁଧବାର ଅଦଳବଦଳ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୃଷିବିଭାଗ ଅତିରିକ୍ତ ନିର୍ଦ୍ଦେଶକ(ଆଡମିନ୍) ଶିବନାରାୟଣ ନନ୍ଦଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି)ର ଜେନେରାଲ ମ୍ୟାନେଜର (ଜିଏମ୍) ଭାବେ ନିଯୁକ୍ତି ମିଳିଛି। ସନତ କୁମାର ମହାନ୍ତିଙ୍କୁ ଏସ୍‌ଟିଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ ଅତିରିକ୍ତ ସଚିବ ସହ ଟିଡିସିସିଓଏଲ୍‌ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଭାବେ ଦାୟିତ୍ୱ ମିଳିଛି।

ସୁଦର୍ଶନ ସେଠୀଙ୍କୁ ପୂର୍ବପରି ଓଏଏମ୍‌ବିର ଜିଏମ୍‌ର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କରୁଣାକର ରାଇକାଙ୍କୁ ଜଳସମ୍ପଦ ବିଭାଗ ଅଧୀନର ଛେଳିଗଡ ଜଳସେଚନ ପ୍ରକଳ୍ପ ପାଇଁ ଏଲ୍‌ଏଓଭାବେ ଦାୟିତ୍ୱ ମିଳିଛି। ସନ୍ତୋଷ କୁମାର ଦାଶ ସମବାୟ ବିଭାଗ ଯୁଗ୍ମ ସଚିବ, ସୁବ୍ରତ କୁମାର ପଣ୍ଡା ଜଳସମ୍ପଦ ଯୁଗ୍ମ ସଚିବ, ବିଶିକେଶନ ଦେହୁରୀ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ସଚିବ, ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଯୁଗ୍ମ ସଚିବ ସହ ଉତ୍କଳିକା ଏବଂ ସେରିଫେଡ୍‌ର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଚିତ୍ତରଞ୍ଜନ ସାହୁ ଓଏମ୍‌ଇସିଏଲ୍‌ର ଜିଏମ୍, ଅରୁଣ କୁମାର ବିଶ୍ୱାଳ ଏନ୍‌ଏଚ୍‌ଏମ୍ ଯୁଗ୍ମ ନିର୍ଦ୍ଦେଶକ, ଦୋଳମଣି ପଟେଲ ଫୁଲବାଣୀ ସବ୍‌କଲେକ୍ଟର, ସୁଚାରୁ କୁମାର ବଳ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଏଲ୍‌ଏଓ, ରୋମାଞ୍ଚଳ ଖମାରୀ ଏବଂ ଆଶୁତୋଷ ସାମଲ ଡେପୁଟି କମିଶନର ବ୍ରହ୍ମପୁର ମହାନଗର ନିଗମଭାବେ ନିଯୁକ୍ତି ହୋଇଛନ୍ତି। ଶାନ୍ତନୁ କୁମାର ମହାନ୍ତି ଖୋର୍ଦ୍ଧା ସବ୍‌କଲେକ୍ଟର, ପ୍ରତାପ ପ୍ରୀତିମୟ ଚମ୍ପୁଆ ସବ୍‌କଲେକ୍ଟର, ପ୍ରମୋଦ କୁମାର ସାମଲ ଖୋର୍ଦ୍ଧା ଡିଆରଡିଏ ପିଡି , ଖୋର୍ଦ୍ଧା ଭାବେ ନିଯୁକ୍ତି ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ବେହୁରିଆ ଏବଂ ଅଶ୍ୱିନୀ କୁମାର ମେହେର କ୍ରୀଡା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଏବଂ ସୁଜାତା ଶୁଭଦର୍ଶିନୀ ନାୟକଙ୍କୁ କଟକ ଜିଲା ଆଠଗଡର ଅତିରିକ୍ତ ସବ୍‌କଲେକ୍ଟରଭାବେ ଦାୟିତ୍ୱ ମିଳିଛି।

### ପ୍ରଶାସକଙ୍କ କଥା

# କାମ କରୁଥିବା ବ୍ୟକ୍ତିର ପଦ ପାଇଁ କୌଣସି ଆକାଂକ୍ଷା ନ ଥାଏ

**୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସୂଦନ ପାଢ଼ୀ ରାଜ୍ୟ ପ୍ରଶାସନର ଏକ ଜଣାଶୁଣା ନାଁ। ଦୀର୍ଘ ୨୮ବର୍ଷ ଧରି ସେ ବିଭିନ୍ନ ସରକାରୀ ସଂସ୍ଥା ଓ ବିଭାଗରେ କାର୍ଯ୍ୟକରି ଆସିଛନ୍ତି। ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ସେ ସର୍ବଦା ଉଦ୍ୟମ କରିଛନ୍ତି। ଜନସାଧାରଣଙ୍କର ସମସ୍ୟାକୁ ସମାଧାନ କରିବା ସହ ପ୍ରଶାସନିକ କ୍ଷେତ୍ରରେ ନୂତନ ଚିନ୍ତାଧାରା ଓ ଜ୍ଞାନକୌଶଳର ଉପଯୋଗକୁ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ବାଲିଗୁଡ଼ା ଉପଜିଲାପାଳରୁ ପ୍ରଶାସନିକ ସେବା ଆରମ୍ଭ କରିଥିବା ପାଢ଼ୀ ବିଭିନ୍ନ ଜିଲାର ଜିଲାପାଳ, ରାଜ୍ୟ ଯୋଗାଣ ନିଗମ ଅଧ୍ୟକ୍ଷ, ସମ୍ବଲପୁର ଆର୍‌ଡିସି, ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ, ଓପେପା ଏସପିଡି, ଏମ୍‌ଡି କୋଣାର୍କ ଟିଭି, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଏମ୍‌ଡି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ସେହିପରି ସେ ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ଏବଂ କନ୍ଧମାଳ ଜିଲାର ସ୍ୱତନ୍ତ୍ର ପ୍ରଶାସକ ଭାବେ ନିଜର ଦାୟିତ୍ୱକୁ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଛନ୍ତି। ଏବେ ସେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଏହି ବରିଷ୍ଠ ପ୍ରଶାସକଙ୍କ କାର୍ଯ୍ୟକରିବା ଶୈଳୀ, ଅନୁଭୂତି ଏବଂ ତାଙ୍କର କିଛି ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଧରିତ୍ରୀ ପକ୍ଷରୁ ପ୍ରୟାସ କରାଯାଇଛି। ସାକ୍ଷାତ କରିଛନ୍ତି ଆମ ପ୍ରତିନିଧି ଅନିଲ ଦାସ.....**



ମଧୁସୂଦନ ପାଢ଼ୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ

**ପ୍ରଶ୍ନ: ଦୀର୍ଘ ବର୍ଷ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିବା ବେଳେ ଆପଣଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ କ'ଣ ଥିଲା?**

୨୦୦୮ରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ପରେ କନ୍ଧମାଳରେ ଦଙ୍ଗା ହୋଇଥିଲା। ଦଙ୍ଗା ପରେ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଶରଣାର୍ଥୀ କ୍ୟାମ୍ପରେ ରହୁଥିଲେ। ଏହି ଦଙ୍ଗା ପାଇଁ କେବଳ ଓଡ଼ିଶା ନୁହେଁ, କେନ୍ଦ୍ର ସରକାରଙ୍କ ଉପରେ ଚାପ ପଡୁଥିଲା। ଏହାକୁ ସଫଳତାର ସହ ମୁକାବିଲା କରିବା ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ସମସ୍ୟା ଥିଲା। ସେହି ସମୟରେ ମୋତେ କନ୍ଧମାଳ ଜିଲାର ସ୍ୱତନ୍ତ୍ର ପ୍ରଶାସକ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଜିଲାରେ ଶାନ୍ତି ଫେରାଇ ଆଣିବା ସହ ଦଙ୍ଗା ପୀଡିତଙ୍କୁ ଗାଁକୁ ଫେରାଇବା ମୋ ପାଇଁ ଏକ ଆହ୍ୱାନ ଥିଲା। ଏହି କାର୍ଯ୍ୟକୁ ମୁଁ ସଫଳତାର ସହ ତୁଲାଇ ପାରିଥିଲି।

ସେହିପରି ଢେଙ୍କାନାଳ ଜିଲାର କାମାକ୍ଷାନଗର ବ୍ଲକ୍‌ର ରାମିଆଳ ଏବଂ ପରଜଙ୍ଗ ବ୍ଲକ୍‌ର ଦଦରାଘାଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୬୩୦ ପରିବାର ଜମି ପଟ୍ଟା ନ ପାଇ ଆଶା ଆଶଙ୍କା ଭିତରେ ରହୁଥିଲେ । ସେମାନେ ଘରଦ୍ୱାର, ଜମି ବାଡି ହରାଇ ଦୀର୍ଘ ୩୦ ବର୍ଷ ହେବ ଦୟନୀୟ ଜୀବନଯାପନ କରୁଥିଲେ। ସେମାନଙ୍କର କୌଣସି ପରିଚୟ ନ ଥିଲା। ୨ଟି ଜାଗା (କାମାକ୍ଷା ନଗର ଓ ପରଜଙ୍ଗ)ରେ କ୍ୟାମ୍ପ କୋର୍ଟ କରି ସେହି ବିସ୍ଥାପିତଙ୍କୁ ଜମିପଟ୍ଟା ଦେବାକୁ ଅର୍ଡର କରିଥିଲି । ସମସ୍ତେ ପଟ୍ଟା ପାଇ ପାରିଥିଲେ। ଏହା ମୋତେ ଆତ୍ମସନ୍ତୋଷ ଦେଇ ପାରିଥିଲା।

**ପ୍ରଶ୍ନ: ଆପଣଙ୍କ ଚାକିରି ଜୀବନର ସବୁଠାରୁ ସୁଖଦ ଅନୁଭୂତି କ'ଣ । ଜନସାଧାରଣଙ୍କ ହିତ ପାଇଁ କେଉଁ ସବୁ ପଦକ୍ଷେପ ନେଇଛନ୍ତି ?**

ଜନସାଧାରଣଙ୍କ ହିତ ପାଇଁ ବିଭିନ୍ନ ବିଭାଗରେ ଥିବାବେଳେ ଅନେକ ପଦକ୍ଷେପ ନିଆଯାଇଛି। କନ୍ଧମାଳ ଜିଲାପାଳ ଥିବାବେଳେ ଆଦିବାସୀ କୃଷକମାନଙ୍କର ହଳଦୀ ଓ ଅଦାକୁ ଅନ୍ତର୍ଜାତୀୟ କ୍ଷେତ୍ରରେ 'କସମ' ଅନୁଷ୍ଠାନ ସୃଷ୍ଟି କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଯାଇ ପାରିଛି। ବଲାଙ୍ଗୀର ଜିଲାପାଳ ଥିବାବେଳେ କୋଶଳ କଳା ମଣ୍ଡଳ ପାଇଁ ଏକ ସ୍ଥାୟୀ ରୋଜଗାର ପନ୍ଥା, ଖୋର୍ଦ୍ଧାଠାରେ ୧୫୦ ଏକରରେ ଔଷଧୀୟ ବଗିଚା, ଇ-ଶିଶୁ ପ୍ରକଳ୍ପ, ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ, ଧାନ ସଂଗ୍ରହ ପାଇଁ ପି-ପାସ୍, ରାଶନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ବ୍ୟବସ୍ଥିତ କରିବା ପାଇଁ ଆଇ-ପ୍ରକଳ୍ପ, କଣ୍ଟ୍ରାକ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ ଭଳି ଅନେକ କାର୍ଯ୍ୟ କରାଯାଇଛି। ଏଥିପାଇଁ ଜାତୀୟ ସ୍ତରରେ ରାଜ୍ୟ ସରକାରଙ୍କୁ ଅନେକ ପ୍ରଶଂସା ଓ ପୁରସ୍କାର ମିଳିଛି। ପରିବହନ କମିଶନର ଥିବାବେଳେ ଓଡ଼ିଶା ପରମିଟ୍ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇଛି।

**ପ୍ରଶ୍ନ: ରାଜ୍ୟ ସରକାରଙ୍କ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ଆପଣ ଜଣାଶୁଣା। ବିଭିନ୍ନ ବିଭାଗରେ ଥିବାବେଳେ ଅନେକ ସଂସ୍କାର ମୂଳକ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏ ସବୁ ସତ୍ତ୍ୱେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଦାୟିତ୍ୱକୁ କେମିତି ଦେଖୁଛନ୍ତି ?**

କାମ କରୁଥିବା ବ୍ୟକ୍ତିର ପଦପାଇଁ କୌଣସି ଆକାଂକ୍ଷା ନ ଥାଏ। ବଡ଼ ପଦବୀ ଓ ବିଭାଗରେ ରହିଲେ ଯେ ଭଲ କାମ କରି ହେବ ତାହା ଆଦୌ ଠିକ୍ ନୁହେଁ। ଯେଉଁ ବିଭାଗରେ ରହିଲେ କାମ ଏତେ ଅଛି ଯେ ସେଥିରେ ନୂଆ ଓ ଭଲ କାମ କରିହେବ। ନିଜର କାର୍ଯ୍ୟଦକ୍ଷତାକୁ ସୁଚାରୁରୂପେ ପ୍ରତିପାଦନ କରିବା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ବିଭାଗର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଭାବେ ମୁଁ ସର୍ବଦା କାର୍ଯ୍ୟ କରିଥାଏ। ଭଲ କିମ୍ବା ଖରାପ କର୍ମଚାରୀ ବୋଲି କିଛି ନ ଥାଏ। ଟିମ୍ ଲିଡର ସବୁବେଳେ ନିଜ ଟିମ୍ ସଦସ୍ୟଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ମୋତେ ଯେଉଁ ବିଭାଗ/ନିର୍ଦ୍ଦେଶାଳୟ/ଜିଲାର କାର୍ଯ୍ୟ କରିବା ସୁଯୋଗ ମିଳିଛି ସବୁଠାରେ କିଛିନା କିଛି ଲୋକାଭିମୁଖୀ ସଂସ୍କାରମୂଳକ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି। ଏଥିରେ ସମସ୍ତଙ୍କ ସହଯୋଗ ଯୋଗୁ ସଫଳତା ମିଳିଛି।

**ପ୍ରଶ୍ନ: ସରକାରୀ କାମ ଛଡା ଆପଣଙ୍କୁ ଅବସର ସମୟରେ କ'ଣ କରିବାକୁ ଭଲ ଲାଗେ?**

ଅବସର ସମୟରେ ମୁଁ ବହି ପଢ଼ିବାକୁ ଭଲ ପାଏ। ଏହା ଛଡ଼ା କ୍ରୀଡ଼ା ପ୍ରତି ମୋର ବିଶେଷ ଆଗ୍ରହ ରହିଛି। ନିଜକୁ ଫିଟ୍ ରଖିବାକୁ ଦୈନିକ ଲନ ଟେନିସ ଖେଳିଥାଏ। ଟେନିସ୍ ଖେଳାଳି ଭାବେ ସର୍ବଦା ଏହି ଖେଳ ପ୍ରତି ରୁଚି ରଖି ଆସିଛି । ବର୍ତ୍ତମାନ ଓଡ଼ିଶା ଟେନିସ ଆସୋସିଏଶନର ଅବୈତନିକ ସମ୍ପାଦକ ଭାବେ କାର୍ଯ୍ୟ କରୁଛି। ଫୁଟବଲ ଖେଳ ପ୍ରତି ମଧ୍ୟ ମୋର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ବିଶ୍ୱର ଯେଉଁଠି ଫୁଟବଲ ଖେଳ ହୁଏ ମୁଁ ତାକୁ ଅନୁସରଣ କରେ। କାର୍ଯ୍ୟବ୍ୟସ୍ତତା ମଧ୍ୟରେ କ୍ରୀଡ଼ା ମଧ୍ୟ ମୋ ଜୀବନର ଏକ ଅଂଶବିଶେଷ ପାଲଟିଛି।

**ପ୍ରଶ୍ନ: ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନେବା ପରେ କି କି ପଦକ୍ଷେପ ନେଇଛନ୍ତି, ଯାହାକି ସାଧାରଣ ଲୋକଙ୍କ ପାଇଁ ଉପାଦେୟ ହୋଇପାରିବ ?**

ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ୨୦୧୮ ଜୁଲାଇ ୨୫ ତାରିଖରେ କାର୍ଯ୍ୟରେ ଯୋଗ ଦେବା ପରେ ପ୍ରଶାସନିକ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛି। ରାଜଭବନକୁ ଓସ୍ୱାସ ସହ ଯୋଡ଼ା ଯାଇ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଛି। ରାଜଭବନ ପରିସରରେ ଲୋକମାନେ 'ମାଗଜର' ଜରିଆରେ ମାଗଣାରେ ଅନ୍‌ଲାଇନ୍ ମାଧ୍ୟମରେ ଦେଶ ବିଦେଶର ବିଭିନ୍ନ ପତ୍ରପତ୍ରିକା ବିନା ମୂଲ୍ୟରେ ପଢ଼ି ପାରିବେ। ରାଜଭବନ ହସ୍ପିଟାଲକୁ ଡାଟାବେସ୍ କରିବାକୁ ପଦକ୍ଷେପ ନିଆଯାଇଛି। ରାଜଭବନ ହସ୍ପିଟାଲ ପାଇଁ ରାଜଭବନ ହସ୍ପିଟାଲ ପରିଚାଳନା ବ୍ୟବସ୍ଥା(ସିଆଇଏମଏସ) ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ଡାକ୍ତରଖାନାର ସମସ୍ତ ରେକର୍ଡ ରଖାଯାଇ ପାରିବ। ଏହା ଛଡ଼ା କୁଳପତିମାନଙ୍କ ପାଇଁ ଏକ ସୂଚନା ପରିଚାଳନା ବ୍ୟବସ୍ଥା (ସିଆଇଏମ୍‌ଏସ୍) ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଏହି ବ୍ୟବସ୍ଥା ଜରିଆରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସମସ୍ତ କାର୍ଯ୍ୟକ୍ରମ ଶୀଘ୍ର କରାଯାଇ ପାରିବ। ରାଜ୍ୟପାଳଙ୍କ ପ୍ରୋଗ୍ରାମ ପାଇଁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଅନଲାଇନ ମାଧ୍ୟମରେ ତାଙ୍କ ଅନୁରୋଧ ଦେଇ ପାରୁଛନ୍ତି। ଆବେଦନକାରୀଙ୍କୁ କାର୍ଯ୍ୟକ୍ରମର ଯଥେଷ୍ଟ ପୂର୍ବରୁ ସୂଚନା ଏସଏମଏସ ମାଧ୍ୟମରେ ଦିଆଯାଇ ପାରୁଛି।

## ସମସ୍ତଙ୍କ ସହଯୋଗରେ ବିକଳ୍ପ ଶିକ୍ଷା ବ୍ୟବସ୍ଥା ପରବର୍ତ୍ତୀ ସୋପାନକୁ ଯାଇପାରିବ: ସୋନମ୍ ୱାଙ୍ଗ୍‌ଚୁକ୍

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)



ଶିକ୍ଷା ତଥା ଜୀବନଧାରା ପରିବର୍ତ୍ତନ ନିମନ୍ତେ ନବସୃଜନ, ଔଦ୍ୟୋଗିକତା ଏବଂ ସହଯୋଗିତା ହିଁ ଚାବିକାଠି। ନ୍ୟୁୟର୍କ କିମ୍ବା ନୂଆଦିଲ୍ଲୀକୁ ଅପେକ୍ଷା ନ କରି ଜନସମୂହ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ। ଜ୍ଞାତରୁ ଅଜ୍ଞାତକୁ ଯାତ୍ରା କରିବା ନିମନ୍ତେ ଯଥାର୍ଥ କୌଶଳ ଅବଲମ୍ବନ କରିବା ଯୋଗୁ ଶିକ୍ଷା କ୍ଷେତ୍ରରେ ନୂତନତ୍ୱ ଆସିବା ସମ୍ଭବ ହୋଇପାରିଛି। ଏହି ନୂତନତ୍ୱ ବିଭିନ୍ନ ଲୋକଗୋଷ୍ଠୀ ଓ ନାଗରିକ ସମାଜ ସଙ୍ଗଠନଗୁଡ଼ିକର ସହଯୋଗିତା ବଳରେ ବିକଳ୍ପ ଶିକ୍ଷାର ପରବର୍ତ୍ତୀ ସୋପାନକୁ ଯାଇପାରିବ ବୋଲି ମାଗାସେସେ ପୁରସ୍କାର ବିଜେତା ସୋନମ୍ ୱାଙ୍ଗ୍‌ଚୁକ୍ କହିଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ଏକବିଂଶତମ ଓଡ଼ିଶା ଜ୍ଞାନପୁଞ୍ଜି ବକ୍ତୃତାମାଳା କାର୍ଯ୍ୟକ୍ରମରେ ୱାଙ୍ଗ୍‌ଚୁକ୍ ଯୋଗଦେଇ ଓଡ଼ିଶାକୁ ପ୍ରଶଂସା କରି କହିଛନ୍ତି ଯେ, ଏଠାରେ ରାଜ୍ୟ ସରକାର ନବସୃଜନ ଓ ପରିବର୍ତ୍ତନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଉପରସ୍ତରରେ ସମସ୍ୟା ଅବଗତି ନିମନ୍ତେ ସରକାରଙ୍କ ପକ୍ଷରୁ ଚମତ୍କାର ବ୍ୟବସ୍ଥା ସୃଷ୍ଟି କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ୱାଙ୍ଗ୍‌ଚୁକ୍ ଲଦାଖ୍‌ରେ ଉପଯୁକ୍ତ ଭାବରେ ଉପରୋକ୍ତ କୌଶଳ ପ୍ରୟୋଗ କରି ସଫଳ ହୋଇଛନ୍ତି ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିବ ବୋଲି ଆଶାପ୍ରକଟ କରିଛନ୍ତି। ବର୍ତ୍ତମାନର ଶିକ୍ଷାରେ ବିଦ୍ୟାର୍ଥୀମାନେ ଅଧ୍ୟୟନ, ଲିଖନ ଓ ଅଙ୍କ କଷିବାରେ ମନ ଦେଇଥିବାବେଳେ ପରବର୍ତ୍ତୀ ସମୟରେ ଉନ୍ନତ ମସ୍ତିଷ୍କ, ଦୟାଶୀଳ ହୃଦୟ ଓ କୁଶଳୀ ହାତ ଉପରେ ଶିକ୍ଷା ବ୍ୟବସ୍ଥା ପର୍ଯ୍ୟବସିତ ହେବ। ସେ ଏହାକୁ 'ପରବର୍ତ୍ତୀ ଶୈକ୍ଷିକ ବିପ୍ଳବ' ଭାବରେ ଅଭିହିତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଯୋଗଦେଇ ୱାଂଗ୍‌ଚୁକ୍‌ଙ୍କ ପରିଚୟ ପ୍ରଦାନ ପ୍ରସଙ୍ଗରେ କହିଥିଲେ ଯେ, ବିକଳ୍ପ ଶିକ୍ଷା କ୍ଷେତ୍ରରେ ହିମାଳୟ ଅଞ୍ଚଳର

### ଏକବିଂଶ ଜ୍ଞାନପୁଞ୍ଜି ବକ୍ତୃତାମାଳା

ଲଦାଖ୍‌ରେ ଜନ୍ମିତ ୱାଙ୍ଗ୍‌ଚୁକ୍ ଜଣେ ପ୍ରେରଣାଦାୟୀ ପ୍ରସିଦ୍ଧ ବ୍ୟକ୍ତିତ୍ୱ। ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ଅକୃତକାର୍ଯ୍ୟ ହେଉଥିବା ଶିକ୍ଷାର୍ଥୀମାନଙ୍କୁ ନେଇ ସେ ବିକଳ୍ପ ଶିକ୍ଷଣର ଅନବଦ୍ୟ ନୂତନତ୍ୱକୁ ସଫଳତାର ସହ ପ୍ରଦର୍ଶନ କରିପାରିଛନ୍ତି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମଧ୍ୟ ୱାଙ୍ଗ୍‌ଚୁକ୍‌ଙ୍କ ଅସାଧାରଣ ଅବଦାନର ପ୍ରଶଂସାପୂର୍ବକ ତାଙ୍କୁ ଓଡ଼ିଶା ଜ୍ଞାନପୁଞ୍ଜି ସ୍ମାରକ ପ୍ରଦାନ କରିଥିଲେ। ପରେ ପରେ 'ମୁକ୍ତ ଆଲୋଚନା'ରେ ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା ଡ. ବିଜୟ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପ୍ରମୁଖ ଶାସନ ସଚିବବୃନ୍ଦ, ଶିକ୍ଷାବିତ୍ ଏବଂ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଲୋକସେବା ଭବନର ଅନ୍ୟ ଦୁଇଟି ସମ୍ମିଳନୀ କକ୍ଷ ଓ ବିଭିନ୍ନ ଜିଲା ସଦର ମହକୁମା ଦପ୍ତରକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ପ୍ରସାରିତ ହୋଇଥିଲା। ଜିଲାଗୁଡ଼ିକର ଜିଲାପାଳ, ବରିଷ୍ଠ ଅଧିକାରୀ, ଛାତ୍ରୀଛାତ୍ର, ଶିକ୍ଷକ ଓ ଗବେଷକମାନେ ମଧ୍ୟ ଏହି ଭିଡିଓ କନ୍‌ଫରେନ୍ସିଂରେ ଅଂଶଗ୍ରହଣ କରିଥିଲେ।

## ଷ୍ଟିଚ୍ ଖୋଲୁଖୋଲୁ ପେଟ ମେଲା ହୋଇଗଲା

କଟକ ଅଫିସ, ୩୦।୧୦- ଷ୍ଟିଚ୍ ଖୋଲୁଖୋଲୁ ପେଟ ମେଲା ହୋଇଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ରୋଗୀ ଜଣକ ଛଟପଟ ହେଉଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ। ଉକ୍ତ ଘଟଣାକୁ ନେଇ ପାରାଲିଗାଲ ଭଲ୍ୟୁଣ୍ଟିୟର ବିଭୂତି ରାୟ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରୋଗୀ ହେଉଛନ୍ତି ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଜଣେ ମହିଳା। ପ୍ରସବ ନିମନ୍ତେ ଗତ ୨୪ ତାରିଖରେ ସେ ଏସ୍‌ସିବି ମେଡିକାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କର ପ୍ରସବ କରାଯାଇଥିଲା। ବୁଧବାର ମହିଳାଙ୍କର ଷ୍ଟିଚ୍ ଖୋଲାଯାଇଥିଲା। ମାତ୍ର ଷ୍ଟିଚ୍ ଖୋଲିବା ପରେ ପେଟର କଟାଯାଇଥିବା ଅଂଶ ସମ୍ପୂର୍ଣ୍ଣ ଭାବେ ମେଲା ହୋଇଯାଇଥିଲା। ଏହାକୁ ଦେଖି ମହିଳା ଓ ତାଙ୍କ ସ୍ୱାମୀ ଡରି ଯାଇଥିଲେ। ମାତ୍ର ଡାକ୍ତର ନ ଆସିବା ଦ୍ୱାରା ସେମାନେ ନିରୁପାୟ ହୋଇ ସାମାଜିକ କର୍ମୀମାନଙ୍କୁ ଫୋନ୍ କରିଥିଲେ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କୁହନ୍ତି, ମହିଳା ଜଣଙ୍କ ମଧୁମେହ ରୋଗରେ ଆକ୍ରାନ୍ତ ଅଛନ୍ତି। ତାଙ୍କ ପ୍ରତିକାର ପାଇଁ ବ୍ୟବସ୍ଥା କରାଯାଉଛି।

### ■ ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣା

## 'କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ'

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କଲେ ଶ୍ରୀକାନ୍ତ**

ଭୁବନେଶ୍ୱର,୩୦।୧୦(ବ୍ୟୁରୋ)

ଯାଜପୁର ଜିଲାରେ କାର୍ଯ୍ୟରତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବୁଧବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ସମଗ୍ର ଘଟଣା ଯାଞ୍ଚ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଶ୍ରୀକାନ୍ତ ଅନୁରୋଧ କରିଛନ୍ତି। ସ୍ମିତାରାଣୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ପରିବାର ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। ଗୋଟିଏ ଶିଳ୍ପ ସଂସ୍ଥା ଓ ଏହାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ଚାପ ପଡୁଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ୫-ଟିର ପ୍ରଥମ 'ଟି'ଟ୍ରାନ୍ସପରେନ୍ସି(ସ୍ୱଚ୍ଛ ଶାସନ) ଉପରେ ପ୍ରଶ୍ନ ଉଠାଉଛି। ଯାଜପୁର ଏସ୍‌ପିଙ୍କ ବୟାନ ସ୍ମିତାରାଣୀଙ୍କ ପରିବାରକୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲି ଦେଇଥିବା ଶ୍ରୀକାନ୍ତ କହିଛନ୍ତି। ସେହିପରି ୮୦ ଦଶକରେ ହୋଇଥିବା ଛବିରାଣୀ ହତ୍ୟାକାଣ୍ଡ ଘଟଣାର ସ୍ମୃତି ଚାରଣ କରିଛନ୍ତି। ସେ ସମୟରେ କଂଗ୍ରେସ ସରକାର ଚାଲିଥିବା ରାସ୍ତାରେ ବର୍ତ୍ତମାନର ବିଜେଡି ସରକାର ଚାଲୁଛନ୍ତି। ବିଜୁ ବାବୁଙ୍କ ନାଁରେ ଗଠନ ହୋଇଥିବା ଦଳ ତାଙ୍କ ଆଦର୍ଶରେ ଚାଲୁନାହିଁ। ସର୍ବୋପରି ରାଜ୍ୟର ଗୃହ ବିଭାଗରେ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନୀରବତା ସନ୍ଦେହ ସୃଷ୍ଟି କରୁଥିବା ଶ୍ରୀକାନ୍ତ କହିଛନ୍ତି।

## ବୁରୋଭାଡ଼ିରେ ସେକ୍ସ ର୍‍ୟାକେଟ୍ ଠାବ

### ଯୁବତୀ, ୩ ଯୁବକଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୩୦।୧୦

ବଲାଙ୍ଗୀର ଜିଲା ପୁଇଁତଲା ଥାନା ସାତମାଇଲ ନିକଟ ବୁରୋଭାଡି ଗାଁରେ ମଙ୍ଗଳବାର ରାତିରେ ଏକ ସେକ୍ସ ର୍‍ୟାକେଟ୍ ଠାବ କରାଯାଇଛି। ଏକ ଅର୍ଦ୍ଧନିର୍ମିତ ଘରେ ଏହି ସେକ୍ସ ର୍‍ୟାକେଟ୍ ଚାଲିଥିବା ଗାଁର କେତେଜଣ ଲୋକ ଜାଣିବା ପରେ ଚଢ଼ାଉ କରିଥିଲେ। ସେଠାରୁ ଜଣେ ଅପରିଚିତା ଯୁବତୀ ଓ ଅନ୍ୟ ୩ ଯୁବକଙ୍କୁ ସେମାନେ ଧରିଥିଲେ। ପରେ ସେମାନଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଦେଇ ପୁଇଁତଲା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ବୁଧବାର ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ପୁଇଁତଲା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବୁରୋଭାଡି ଗାଁରୁ ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ତୁଲୁଣ୍ଡା ଗ୍ରାମର ମୁରାରୀ ମିଶ୍ର, ତରଭାର ଓସିଉର ରେହମାନ୍ ଓ ବୌଦ୍ଧ ଜିଲା ମନମୁଣ୍ଡାର ଗଦାପଦ୍ମ ଷାଣ୍ଡି। ୩ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଉଦ୍ଧାର ଯୁବତୀଙ୍କୁ କୋର୍ଟରେ ହାଜର କରାଯାଇଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ବୁରୋଭାଡି ଗାଁରେ ଦୀର୍ଘଦିନରୁ ସେକ୍ସ କାରବାର ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିରେ ଅନେକ ଲୋକଙ୍କ ସମ୍ପୃକ୍ତ ଅଛନ୍ତି ଓ ସେମାନଙ୍କ ନାମ ପ୍ରଘଟ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ଅଞ୍ଚଳରୁ ଯୁବତୀମାନଙ୍କୁ ଆଣି ଏହି ଅଞ୍ଚଳରେ ସେକ୍ସ ର୍‍ୟାକେଟ୍ ଚଳାଇବାରେ ଏକ ବଡ ଗ୍ରୁପ୍ ସକ୍ରିୟ ଥିବା ଗ୍ରାମବାସୀ ପୋଲିସକୁ ସୂଚନା ଦେଇଛନ୍ତି। ଏଭଳି ଅସାମାଜିକ କାର୍ଯ୍ୟ ଯୋଗୁ ଏହି ଅଞ୍ଚଳରେ ଅଶାନ୍ତ ସହ ଅପରାଧ ବୃଦ୍ଧି ପାଉଛି ବୋଲି ଗ୍ରାମବାସୀ ପୋଲିସକୁ କହି ଏ ଦିଗରେ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।



### ଜିଲା ଚିଠି
### ଢେଙ୍କାନାଳ

## କଥାରେ ସୀମିତ ସ୍ୱଚ୍ଛତା

ସ୍ୱଚ୍ଛ ସୁନ୍ଦର ସହର ହେବ ଢେଙ୍କାନାଳ। ଥରେ ମାତ୍ର ବ୍ୟବହାର ଉପଯୋଗୀ ପ୍ଲାଷ୍ଟିକ୍, ପଲିଥିନ ସାମଗ୍ରୀ ଉପରେ ଜାରି କରାଯିବ କଟକଣା। ଏହାକୁ କାର୍ଯ୍ୟକାରୀ କରିବାକୁ ୫ମାସ ହେଲା ଗୁରୁତ୍ୱ ଦେଇଆସୁଛି ଜିଲା ପ୍ରଶାସନ। ସଭାସମିତି, ବୈଠକରେ ଅଧିକାରୀମାନେ ପ୍ଲାଷ୍ଟିକ୍ ବାରଣ କଥା କହି ବୁଲୁଛନ୍ତି। ଏପରି କି ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ପଲିଥିନ ମୁକ୍ତ କରିବାକୁ ପ୍ରଶାସନିକ ବୈଠକରେ ଆଲୋଚନା ମଧ୍ୟ କରାଯାଇଥିଲା। ହେଲେ ଭସାଣି ଉତ୍ସବ ଶେଷ ହେବା ପରେ ଏହାର ବାସ୍ତବତା ପଦାକୁ ଆସିଛି। ଏଥିରୁ କାମ କେବଳ କଥାରେ ସୀମିତ ବୋଲି ସ୍ପଷ୍ଟ ହୋଇଛି। ଅକ୍ଟୋବର ୧୩ରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀପୂଜା ୨୩ ତାରିଖରେ ଶେଷ ହୋଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାର ଦୁଇପାର୍ଶ୍ୱରେ ପସରା ମେଲାଇଥିଲେ ଶତାଧିକ ବ୍ୟବସାୟୀ। ବିକ୍ରିବଟା ପରେ ଏବେ ଉକ୍ତ ସ୍ଥାନ ଆବର୍ଜନାକୁଣ୍ଡରେ ପରିଣତ ହୋଇଛି। ସେହିପରି ମହିଷାପାଟ ପଡ଼ିଆରେ ଆୟୋଜିତ ସରସ ମେଳାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ଲକ୍ଷ୍ମୀପୂଜା କି ମେଳା ପଡ଼ିଆ ନୁହେଁ, ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କପିଳାସ, ଯୋରନ୍ଦା ସମେତ ବିଭିନ୍ନ ଦେବଦେବୀଙ୍କ ପୀଠରେ ମଧ୍ୟ ପ୍ଲାଷ୍ଟିକ, ପଲିଥିନକୁ ବାରଣ କରାଯାଇଛି। ହେଲେ ଏହା କେବଳ ଧର୍ମକୁ ଆଖିଠାର ସଦୃଶ। ନିୟମ କଡ଼ାକଡ଼ି କରାଯାଉ ନ ଥିବାରୁ ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ବିଧିବଦ୍ଧ ଭାବେ ପଲିଥିନ ବ୍ୟାନ୍ କରାଯାଇଛି। ଏଥିପୂର୍ବରୁ ୨ମାସ ତଳେ ସହରରେ ପଲିଥିନ ନିଷେଧ ଲାଗି ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରିଥିଲା ଜିଲା ପ୍ରଶାସନ। ଲୋକଙ୍କୁ ସଚେତନ କରାଇବାକୁ ଏହାର ଦଣ୍ଡବିଧାନ ସମ୍ପର୍କରେ ଅବଗତ ମଧ୍ୟ କରାଯାଇଥିଲା। ହେଲେ ବ୍ୟବସାୟୀମାନେ ଖୁଲମଖୁଲା ଜରି ମୁଣାରେ ବ୍ୟବସାୟ ଚଳାଇଛନ୍ତି। ଫଳରେ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ କେବଳ କଥାରେ ସୀମିତ ବୋଲି ସାଧାରଣରେ ଆଲୋଚନା ହେଉଛି। ଲକ୍ଷ୍ମୀପୂଜା ସମୟରେ ହୋଇଥିବା ଲଗାଣ ବର୍ଷାରେ ସହରବାସୀଙ୍କୁ କନ୍ଦାଇଥିଲା ପଲିଥିନ। ଡ୍ରେନ୍‌ରେ ପଲିଥିନ ବର୍ଜ୍ୟ ପଶି ଜାମ୍ ହୋଇଯିବାରୁ ନର୍ଦ୍ଦମାଜଳ ନିଷ୍କାସିତ ହୋଇ ନ ପାରି ବ୍ୟସ୍ତବହୁଳ ରାସ୍ତାକୁ ପୂତିଗନ୍ଧମୟ କରିଦେଇଥିଲା। ନିୟମ କଡ଼ାକଡ଼ି ନ ହେଲେ ଆଗାମୀ ଦିନରେ ମଧ୍ୟ ଏପରି ସମସ୍ୟାର ପୁନରାବୃତ୍ତି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏବେଠୁ ଜିଲା ପ୍ରଶାସନ ଏବଂ ପୌରସଂସ୍ଥା ସମସ୍ୟାକୁ ହୃଦୟଙ୍ଗମ ନ କଲେ ଆଇନ ନାଳିଫିତା ତଳେ ରହିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

- ରତନ ନାୟାର


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରବିନାରାୟଣ ନାୟକ**
ଆବିର୍ଭାବ: ୦୨।୦୪।୧୯୪୫
ତିରୋଧାନ: ୨୦।୧୦।୨୦୧୯
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ଶାନ୍ତ, ସରଳ ସ୍ୱଭାବ ଆମକୁ ସଦା ଅନୁପ୍ରାଣିତ କରୁ। ତୁମ ଅମର ଆତ୍ମା ପରମାତ୍ମାଙ୍କ ଚରଣାଶ୍ରିତ ହୋଇ ଚିରଶାନ୍ତି ଲାଭକରୁ, ଏତିକି ପ୍ରାର୍ଥନା ।
**ଶୋକସନ୍ତପ୍ତ**
ସ୍ତ୍ରୀ: ବୀଣାପାଣି, ପୁତ୍ର-ପୁତ୍ରବଧୂ: ବିବେକାନନ୍ଦ-ବିନୋଦିନୀ, ଶିବାନନ୍ଦ-ଅନୀତା, ଭବାନୀ-ବନ୍ଦିତା, ଝିଅ-ଜ୍ୱାଇଁ: ମାମି-ଅନିରୁଦ୍ଧ, ଲୀନା-ସୁବ୍ରତ, ନାତି: ଗୁଡୁ, ନାତୁଣୀ: ଗୁନ୍‌ଗୁନ୍, ସିଡୁଲ୍, ମିତୁଲ୍, ଖୁସି, ରାଶି
ଧ-୧୪୯୮୩

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅଶୋକ କୁମାର ଦାସ**
ପିତା: ସ୍ୱର୍ଗତ ନିମାଇଁ ଚରଣ ଦାସ
(୧୯୬୦-୨୦୧୯)
କୁର୍ତ୍ତାଙ୍ଗ, ଜଗତ୍‌ସିଂହପୁର
ଆଜି ଏକାଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୪୯୪୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରେଣୁକାବାଳା ଦାସ**
ସ୍ୱାମୀ- ଶ୍ରୀ ସନ୍ତୋଷ କୁମାର ଦାସ
କରଞ୍ଜାବିନ୍ଧା, ଗୋପାଳପୁର, ବାହାନଗା, ବାଲେଶ୍ୱର
ଆବିର୍ଭାବ: ୨୯।୧୨।୧୯୫୦
ତିରୋଧାନ: ୧୧।୧୧।୨୦୧୮
(କାର୍ତ୍ତିକ ମାସ ଶୁକ୍ଳପକ୍ଷ)
ଚତୁର୍ଦ୍ଦଶୀ ଅକ୍ଟୋବର ମାସ ୩୧ ତାରିଖ ଦିନ ପ୍ରଥମ ଶ୍ରାଦ୍ଧବାର୍ଷିକ ଆଜି ପବିତ୍ର ଶୁକ୍ଳପକ୍ଷରେ ପାଳିତ ହେଉଥିବା ଶ୍ରାଦ୍ଧବାର୍ଷିକୀରେ ତୁମ ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଅଜସ୍ର ଶ୍ରଦ୍ଧାଞ୍ଜଳି ଶୋକସନ୍ତପ୍ତ ପରିବାର ତରଫରୁ ଅର୍ପଣ କରୁଛୁ। ତୁମର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମପାଇଁ ଚିରସ୍ମରଣୀୟ ହୋଇ ରହୁ। ଏହି ପବିତ୍ର ତିଥିରେ ପ୍ରଭୁଙ୍କ ଠାରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ସ୍ୱାମୀ, ପୁଅ- ଅରୂପ ସ୍ୱରୋପ, ସୁଶାନ୍ତ, ପୁତ୍ରବଧୂ- ମାମି, ସୁନିତା, ନାତି-ଭିକି, ଦେବୀ, ବାବୁ, ସାନୁ, ବିତି ସମେତ ଝିଅ ଅଳକା, ଅପର୍ଣ୍ଣା, ଜ୍ୱାଇଁ-କାବୁଲି, ବାବୁଲା ଓ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ପ୍ରମୁଖ ।
ଧ-୧୪୯୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଧନଞ୍ଜୟ ରାଉତ**
ଆବିର୍ଭାବ: ୦୧।୦୫।୧୯୫୭
ତିରୋଧାନ: ୨୧।୧୦।୨୦୧୯
ଆଜି ଏକାଦଶାହ ଦିବସରେ ତୁମ ଆତ୍ମାର ସଦ୍‌ଗତି କାମନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ଆତ୍ମା ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିଲିନ ହେଉ।
**ଶୋକସନ୍ତପ୍ତ ପରିବାରବର୍ଗ:**
ପୁତ୍ର: ସିଦ୍ଧାର୍ଥ ରାଉତ, ଝିଅ: ଶ୍ରଦ୍ଧାଞ୍ଜଳି ରାଉତ, ସୁଲଗ୍ନା ରାଉତ, ଜ୍ୱାଇଁ: ଶ୍ରବଣ ରାଉତରାୟ, ରମାକାନ୍ତ ମହାପାତ୍ର, ନାତି: ସୂର୍ଯ୍ୟାନଶ, ସାନଭୀ
ଧ-୧୪୯୮୮



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ଦଳୀୟ ଚିହ୍ନରେ ପ୍ରାଣୀ

ବହୁ ବର୍ଷତଳେ ଯେତେବେଳେ ଟି.ଏନ୍. ଶେଷାନ୍ ନିର୍ବାଚନ କମିଶନର ଥିଲେ ସେତେବେଳେ ଡ. ଜୟଲଳିତାଙ୍କ ପାର୍ଟିର ନିର୍ବାଚନ ସଙ୍କେତ ଥିଲା ଗଞ୍ଜା(କୁକୁଡ଼ା) । ନିର୍ବାଚନ ସମୟରେ ହଜାର ହଜାର କୁକୁଡ଼ା ଦ୍ରୁତବେଗରେ ଯାଉଥିବା ଗାଡିଗୁଡିକ ଉପରେ ବନ୍ଧା ଯାଉଥିଲା। ଏହାଦ୍ୱାରା ସେମାନଙ୍କ ଗୋଡ଼ ଭାଙ୍ଗିଯାଉଥିଲା। ଏମିତି କି ପ୍ରତିଦିନ ସନ୍ଧ୍ୟାବେଳକୁ ମୃତ କୁକୁଡ଼ାସବୁ ତାମିଲନାଡୁର ସବୁଆଡେ ବିଚ୍ଛାଡି ହୋଇପଡୁଥିଲା। ଜୀବଗୁଡିକୁ ନିର୍ବାଚନରେ ସଙ୍କେତ କରାଯିବା ଉପରେ ଗଭୀର ଭାବେ ବିଚାର କରିବାକୁ ମୁଁ ନିର୍ବାଚନ କମିଶନଙ୍କୁ ଅବଗତ କରିଥିଲି । ଏହାପରେ ଯାହାକୁ ବନ୍ଦକରିବା ଉଚିତ ବୋଲି ସେ ମନେକରିଥିଲେ ତାହାକୁ ବ୍ୟାନ୍ କରିଦେଇଥିଲେ । ଦୁର୍ଭାଗ୍ୟବଶତଃ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ହାତୀ ଚିହ୍ନ ରହିଗଲା ଓ ଏହି ନିରୀହ ଜୀବକୁ ବିଏସ୍‌ପି ନିର୍ମମ ଭାବେ ବ୍ୟବହାର କଲା। ୨୦୧୯ରେ ସୁଲତାନ୍‌ପୁରରେ ମୋ ନିର୍ବାଚନ ସମୟରେ ମୋ ପ୍ରତିଦ୍ୱନ୍ଦ୍ୱୀ ଗୋଟିଏ ହାତୀକୁ ଭଡ଼ାରେ ଆଣି ଗାଁ ଗାଁ ବୁଲାଇଥିଲେ। ପାଣି ଉପରେ ପଡିଥିବା ଏକ ବିଦ୍ୟୁତ ତାର ଉପରେ ସେହି ହାତୀର ଗୋଡ଼ ପଡିଯିବାରୁ ହାତୀ ସମେତ ତା' ମାହୁନ୍ତର ବି ମୃତ୍ୟୁ ହୋଇଥିଲା। ଆସାମ ଗଣପରିଷଦର ନିର୍ବାଚନ ସଙ୍କେତ ମଧ୍ୟ ଥିଲା ହାତୀ।

ସେହିଭଳି ମହାରାଷ୍ଟ୍ରବାଦୀ ଗୋମନ୍ତକ ପାର୍ଟି (ଏମଜିପି) ଓ ଦି ହିଲ୍ ଷ୍ଟେଟ୍ ପିପୁଲ୍‌ସ ଡେମୋକ୍ରାଟିକ ପାର୍ଟି(ଏଚ୍‌ଏସ୍‌ପିଡିପି)ର ନିର୍ବାଚନ ଚିହ୍ନ ସିଂହ । ଏମ୍‌ଜିପି ପାଇଁ ଏହା ଦୃଢ଼ ସଙ୍କଳ୍ପର ପ୍ରତୀକ। ଏଚ୍‌ଏସ୍‌ପିଡିପି ମତରେ ଏହାକୁ ସମ୍ଭାବିତ ରାଜନୈତିକ ସ୍ୱାର୍ଥ ମନୋଭାବରୁ ଆସାମବାସୀଙ୍କର ଅଧିକାର ଏବଂ ସୁବିଧାସୁଯୋଗକୁ ସୁରକ୍ଷା ଦେବା ପାଇଁ ପାର୍ଟିର ଲକ୍ଷ୍ୟ ବୋଲି ବିଚାର କରାଯାଏ । ପଶ୍ଚିମବଙ୍ଗରେ ଦି ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ବାଘ ଚିହ୍ନ ସବୁ ଜଟିଳ ପରିସ୍ଥିତି ପାଇଁ ପ୍ରସ୍ତୁତ ନେତାଜୀଙ୍କ ଭଳି ରାଷ୍ଟ୍ରନିର୍ମାତାଙ୍କ ଶକ୍ତି ଓ ସଙ୍କଳ୍ପର ପ୍ରତୀକକୁ ସୂଚାଇଥାଏ। ଶିବସେନା ପତାକାରେ ରହିଛି ବାଘ ଚିତ୍ର, କିନ୍ତୁ ଏହାର ଚିହ୍ନ ଧନୁତୀର । ଏମିତି ବିଶ୍ୱରେ୪୮ଟି ରାଜନୈତିକ ଦଳର ସଙ୍କେତରେ ପ୍ରାଣୀମାନେ ସ୍ଥାନ ପାଇଛନ୍ତି।

ଆମେରିକା ଡେମୋକ୍ରାଟିକ୍ ପାର୍ଟିର ଚିହ୍ନ ଗଧ। ୧୮୨୮ରେ ଦି ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଆଣ୍ଡ୍ର୍ୟୁ ଜାକ୍‌ସନଙ୍କୁ ଗର୍ଦ୍ଦଭ ବୋଲି ସମ୍ବୋଧନ କରାଯିବାରୁ ସେ ଏତେ ଚିଡିଯାଇଥିଲେ ଯେ, ସେ ପାର୍ଟିକୁ ଗଧ ଚିହ୍ନ ଗ୍ରହଣ କରିବା ପାଇଁ କହିଥିଲେ। ଇଚ୍ଛାଶକ୍ତି ଓ ନମ୍ରତାର ପ୍ରତୀକ ଭାବେ ଏହାକୁ ବ୍ୟବହାର କରାଯାଏ। ରିପବ୍ଲିକାନ୍‌ଙ୍କର ମଧ୍ୟ ହାତୀ ଚିହ୍ନ । ଥରେ କାର୍ଟୁନିଷ୍ଟ ଥୋମାସ ନାଷ୍ଟ ଅନ୍ୟ ଜୀବମାନଙ୍କୁ ଡ଼ରାଇବା ପାଇଁ ମେଣ୍ଢା ଚମଡା ଉପରେ ଏକ ଗଧର ଛବି ଆଙ୍କିଦେଲେ। ଏହାଦ୍ୱାରା ନିର୍ଭୀକ ହାତୀ ବ୍ୟତୀତ ସବୁ ଜୀବ ଡରିଗଲେ। ଏହା ରିପବ୍ଲିକାନ୍‌ର ଭୋଟ୍ ମୋହର ହୋଇଗଲା। ପରେ ରିପବ୍ଲିକାନ୍ ପାର୍ଟି ଏହାକୁ ଗ୍ରହଣ କରିନେଲା। ଆମେରିକାର ପ୍ରୋହିବିଶନ ପାର୍ଟିର ଚିହ୍ନ ଓଟ। ଓଟ ବହୁ ସମୟ ଧରି କିଛି ପିଏନାହିଁ ଏବଂ ଯେତେବେଳେ ପିଏ, କେବଳ ପାଣି ପିଏ। ପ୍ରଥମେ ଓଟ ଚିହ୍ନରେ ଏହାର ଗୋଟିଏ କୁଜ ଥିଲା ଓ ପରେ ଦୁଇଟି ହେଲା। କ୍ୟାମେଲ ସିଗାରେଟ୍‌ର ଲୋଗୋ ସହ କଛି ଦ୍ୱନ୍ଦ୍ୱ ନଆସିବା ପାଇଁ ଏହା କରାଗଲା। ଦି କନ୍‌ଷ୍ଟିଚ୍ୟୁଶନ୍ ପାର୍ଟିର ଚିହ୍ନ ଚୂଳ ନ ଥିବା ଇଗଲ। ଆମେରିକାର ଏହି ଅଫିସିଆଲ୍ ବାର୍ଡକୁ ବିଲୁପ୍ତ ମୁହଁରୁ ଫେରାଇ ଅଣାଯାଇଛି ଚିହ୍ନ ମାଧ୍ୟମରେ । ଦି ମଡର୍ନ ହ୍ୱିଗ୍ ପାର୍ଟିର ଚିହ୍ନ ପେଚା ଯାହାକୁ ଜ୍ଞାନର ପ୍ରତୀକ ଭାବେ ଗଣାଯାଏ। ଏବଂ ଆମେରିକାର ସଲିଡାରିଟି ପାର୍ଟିର ସଙ୍କେତ ପେଲିକାନ୍( ଏକ ଖ୍ରୀଷ୍ଟଆନ୍ ବାର୍ଡ) ନିଜର ମଙ୍ଗଳ କାମନା କରିବା ପୂର୍ବରୁ ସମସ୍ତଙ୍କର ଭଲ ଚାହିଁବା, କ୍ଷମତା ଉପରେ ପ୍ରେମର ମୂଲ୍ୟକୁ ଏହା ସୂଚାଇଥାଏ।

ଦି ୟୁନାଇଟେଡ୍ ରୁଷିଆ ପାର୍ଟିର ଚିହ୍ନ ଭାଲୁ ଯାହା ୨୦୦୦ରୁ ଏଯାବତ ରୁଷିଆ ରାଜନୀତିରେ ପ୍ରଭାବ ବିସ୍ତାର କରି ରହିଛି। ରୁଷିଆର ଏହି ଭାଲୁ( ୟୁରେସିଆନ୍ ଧୂସର ଭାଲୁ) ଷୋଡ଼ଶ ଶତାବ୍ଦୀରୁ ବହୁଳ ଭାବେ ନାଟକ, କାର୍ଟୁନ, ପ୍ରବନ୍ଧରେ ବ୍ୟବହାର କରାଯାଉଛି। ଏହାର ସମ୍ପର୍କ ରୁଷିଆର ରାଜ ପରିବାର ,ସୋଭିଏଟ୍ ସଂଘ ଏବଂ ଏବକାର ରଷିଆନ୍ ଫେଡେରେଶନ ସହ ରହିଛି। ଦକ୍ଷିଣ ଆଫ୍ରିକାର ଦି କ୍ୟାପିଟାଲିଷ୍ଟ ପାର୍ଟିର ଚିହ୍ନ ବାଇଗଣୀ ରଙ୍ଗର ଗାଇମୁଣ୍ଡ ରଖାଯାଇଛି। ଉପ-ସାହାରା ଆଫ୍ରିକାରେ ପଶୁଙ୍କୁ ସମ୍ପଦର ପ୍ରତୀକ ଏବଂ ବାଇଗଣୀ ରଙ୍ଗକୁ ସମୃଦ୍ଧିର ରଙ୍ଗ ବୋଲି ଗ୍ରହଣ କରାଯାଏ। ଦକ୍ଷିଣ ଆଫ୍ରିକାର ଇଙ୍କଥା ଫ୍ରିଡମ୍ ପାର୍ଟିର ଚିହ୍ନ ତିନୋଟି ହାତୀ ଯାହା ଐଶ୍ୱର୍ଯ୍ୟର ପ୍ରତୀକ। ବୋତସ୍ୱାନା କଂଗ୍ରେସ ପାର୍ଟିର ଚିହ୍ନ ମଧ୍ୟ ଗାଈ। କିନ୍ତୁ ଏହାର ରଙ୍ଗ କଳା। ଏହା ପଶୁ ଓ ଖଣିକୁ ସୂଚାଏ ଯାହାକୁ ସମୃଦ୍ଧିର ଦୁଇ ସ୍ତମ୍ଭ ବୋଲି କୁହାଯାଏ। ଘାନାର କନ୍‌ଭେନ୍‌ଶନ ପ୍ୟୁପୁଲ୍ସ ପାର୍ଟିର ଚିହ୍ନ ଲାଲ ଗଞ୍ଜା ରଖାଯାଇଛି। ଏହା ନବଦିନର ସୂର୍ଯ୍ୟୋଦୟକୁ ବୁଝାଏ। ଜିମ୍ବାୱେର ମାତ୍ ପାର୍ଟିର ଚିହ୍ନ ସାଙ୍କୋଫା (ଏକ ପୌରାଣିକ ପକ୍ଷୀ) । ଦୌଡୁଥିବା ଏକ ଘୋଡା ନାଇଜେରିଆର ସୋସିଆଲ ଡେମୋକ୍ରାଟିକ ପାର୍ଟିର ଲୋଗୋ ଯାହାକୁ ପ୍ରଗତିର ପ୍ରତୀକ ଭାବେ ଗ୍ରହଣ କରାଯାଇଛି।

କେନିଆରେ ଅନେକ ରାଜନୈତିକ ପାର୍ଟିର ଚିହ୍ନ ପଶୁ ରଖାଯାଇଛି। ଅଗାନୋ ପାର୍ଟିର ଚିହ୍ନ ମେଣ୍ଢା । ଏହା ନମ୍ରତା,ପବିତ୍ରତା,ନିର୍ଦ୍ଦେଶତା ଏବଂ ବୁଝାମଣାର ପ୍ରତୀକ। ବଳିମେଣ୍ଢା ଭଳି ପାର୍ଟି ସଦସ୍ୟମାନେ ସବୁବେଳେ କେନିଆର ଲୋକମାନଙ୍କ ପାଇଁ ଜୀବନ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। କେନିଆର ଶ୍ରୀକିସୋ ପାର୍ଟିର ଚିହ୍ନ ସାର୍କ। ଏହା ଶାନ୍ତିର ପ୍ରତୀକ ,ପୁଣି ରାଗିଗଲେ ଭାରି ଭୟଙ୍କର। ଏହାର ଆକାରରୁ ମହାନତା ଓ ଶକ୍ତିର ସଙ୍କେତ ପ୍ରତୀୟମାନ ହୋଇଥାଏ। ଦି ପାର୍ଟି ଅଫ୍ ଡେଭେଲପ୍‌ମେଣ୍ଟ ଆଣ୍ଡ୍ ରିଫର୍ମସ୍‌ର ଚିହ୍ନ ଷଣ୍ଢ। ଅବାଧରେ କ୍ଷମତା ଲାଭ କରିବାର ଏହା ସୂଚନା ଦିଏ। ଦି ଥାର୍ଡ ୱେ ଆଲାଏନ୍ସ ଅଫ୍ କେନିଆର ସଂଙ୍କେତ ଓଟ। ଶୁଷ୍କ ପରିବେଶରେ ବଞ୍ଚିବାର କ୍ଷମତା ତା' ପ୍ରତିବଦ୍ଧତାକୁ ସୂଚାଇଥାଏ। ଦି ନ୍ୟାଶ୍‌ନାଲ ଲିବରାଲ୍ ପାର୍ଟି ଅଫ୍ କେନିଆର ଚିହ୍ନ ଜିରାଫ୍। କୋମଳ ଆତ୍ମା, କିନ୍ତୁ ଶକ୍ତ ନାତ। ଏହାର ଲମ୍ବା ବେକ ଭବିଷ୍ୟତକୁ ଦେଖିବା। କେନିଆ ଆଫ୍ରିକାନ୍ ନ୍ୟାଶନାଲ୍ ୟୁନିୟନ୍‌ର ଚିହ୍ନ ଗଞ୍ଜା , ଯାହା ନୂତନ ଦିନର ସକାଳ, ସ୍ୱାଧୀନତା ,କୃଷି ଓ ରାଷ୍ଟ୍ରୀୟ ଭଣ୍ଡାରର ପ୍ରତୀକ ଭାବେ ବିବେଚିତ ହୋଇଥାଏ।

ଏବେ ଆମ ପଡୋଶୀ ରାଷ୍ଟ୍ର ନେପାଳକୁ ଆସିବା। ନେପାଳର ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ପତାକାରେ ପବିତ୍ର ଗାଈ ଚିହ୍ନ ରହିଛି। ଶ୍ରୀଲଙ୍କାର ନ୍ୟୁ ଡେମୋକ୍ରାଟିକ ପାର୍ଟି ଚିହ୍ନ ହଂସ ଆଶାର ପ୍ରତୀକ ଭାବେ ଶୋଭାପାଉଛି, ଯଦିଓ ହଂସ ଶ୍ରୀଲଙ୍କାର ମୂଳ ନିବାସୀ ନୁହେଁ ,ତଥାପି ଏହା ଆଶା ବଦଳରେ ନିଷ୍ଠାର ପ୍ରତୀକ ଭାବେ ଜଣାଶୁଣା। ମ୍ୟାନମାରର ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି(ଏନ୍‌ଏଲ୍‌ଡି)ର ଚିହ୍ନ ମୟୂର । ନୀଳ ମୟୂର ବର୍ମାର ଜାତୀୟ ପକ୍ଷୀ। ଅଷ୍ଟାଦଶ ଶତାବ୍ଦୀରେ ସେଠାକାର ରାଜ ପରିବାର ଦ୍ୱାରା ଏହାକୁ ଗ୍ରହଣ କରାଯାଇଥିଲା ଏବଂ ତା'ପରେ ଉପନିବେଶବାଦୀ ଆନ୍ଦୋଳନରେ ଏହାକୁ ସଙ୍କେତ ଭାବେ ଗ୍ରହଣ କରାଯାଇଥିଲା ଓ ଏନ୍‌ଏଲ୍‌ଡି ଏହାକୁ ଏବେ ବି ଧରି ରଖିଛି। ୟୁନିଅନ୍ ସଲିଡାରିଟି ଡେଭେଲପ୍‌ମେଣ୍ଟ ପାର୍ଟି ଅଫ୍ ବର୍ମାର ଚିହ୍ନ ସଂହ। ଏହା ଏକତାର ପ୍ରତୀକ। ଦି ଅଲ୍ ପାକିସ୍ତାନ ମୁସଲିମ୍ ଲିଗ୍‌ର ଚିହ୍ନ ବାଜପକ୍ଷୀ, ଯାହା ସାମରିକ ଶକ୍ତିକୁ ସୂଚାଇଥାଏ। ପାକିସ୍ତାନରେ ନୱାଜ ସରିଫଙ୍କ ପାର୍ଟି ପାକିସ୍ତାନ ମୁସଲିମ ଲିଗ୍(ପିଏମଏଲ)ବାଘ ସଂଙ୍କେତକୁ ଧାରଣ କରିଛି। ଇଣ୍ଡୋନେସିଆନ୍ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଷ୍ଟ୍ରଗଲ୍‌ର ସଙ୍କେତ ବଙ୍କା ଶିଙ୍ଗଥିବା ଏକ ନାଲି ଆଖିଆ ଷଣ୍ଢ ରଖାଯାଇଛି। ଦି ଗ୍ରେଟ୍ ଇଣ୍ଡୋନେସିଆନ ମୁଭ୍‌ମେଣ୍ଟର ସଙ୍କେତ ଇଗଲ। ଏହା ଶକ୍ତି,କ୍ଷମତା,ତେଜ ଓ ସାମ୍ପ୍ରଦାୟିକ ସହିଷ୍ଣୁତାର ପ୍ରତୀକ।

ଇଂଲଣ୍ଡର ଲିବର୍ଟେରିଆନ ପାର୍ଟିର ପସନ୍ଦର ଚିହ୍ନ ଷଣ୍ଢ ଓ ଲାଲ ପ୍ଲୁପାଇନ। ଏହା ବିନମ୍ର ଓ ରକ୍ଷାତ୍ମକତାର ପ୍ରତିନିଧିତ୍ୱ କରେ। ଇଂଲଣ୍ଡର ଇଣ୍ଡିପେଣ୍ଡେନ୍ସ ପାର୍ଟିର ଚିହ୍ନ ବାଇଗଣୀ ସଂହର ମୁଣ୍ଡ ରଖାଯାଇଛି। ଅଲାଏନ୍ସ ବେଲଜିୟମର ଚିହ୍ନ ବେଲଜିୟମର ସିଂହ । ଏହା ଜାତୀୟ ପ୍ରତୀକ ଓ ଏକତା ଏବଂ ଶକ୍ତିକୁ ସୂଚାଇଥାଏ। ସେହିପରି ଦି ନ୍ୟାଶ୍‌ନାଲ ପାର୍ଟି ଅଫ୍ ସ୍ଲୋଭାକିଆର ଚିହ୍ନ ଇଗଲ ଲୋକମାନଙ୍କର ଅଧିକାର ପାଇଁ ଅଟଳ ସଂଗ୍ରାମର ପ୍ରତୀକ ଭାବେ ଉଭା ହୋଇଛି।

ଦି ଡେମୋକ୍ରାଟିକ ପାର୍ଟି ଅଫ୍ ତୁର୍କୀ ଏକ ଲାଲ ପୃଷ୍ଠଭୂମି ଥିବା ଧଳାଘୋଡାକୁ ତା'ର ଚିହ୍ନ ଭାବେ ବଛିଛି। ମଜାର କଥା ହେଉଛି ଗ୍ରାମାଞ୍ଚଳରେ ଡେମୋକ୍ରାଟ ପାର୍ଟିର ଅପଭ୍ରଂଶ ଶବ୍ଦ ଡେମିର୍ କିରାଟ( ଆଇରନ୍ ହ୍ୱାଇଟ ହର୍ସ)ରୁ ଆସିଛି। ତୁର୍କୀର ଲାଲ ରଙ୍ଗର ମ୍ୟାପ୍ ଉପରେ ଧଳା ଘୋଡ଼ା ଚିହ୍ନ ରଖାଯାଇଛି। ୧୯୯୦ରେ ଘୋଡ଼ା ତୁର୍କୀର ଜାତୀୟ ପଶୁ ଭାବେ ଗ୍ରହଣ କରାଯାଇଥିଲା। ଦି ଡେମୋକ୍ରାଟିକ୍ ଲେଫ୍ଟ ପାର୍ଟି ଅଫ୍ ତୁର୍କୀର ଚିହ୍ନ ଧଳାପାରା। ଏହା ଶାନ୍ତି ଓ ସାମାଜିକ ସଙ୍ଗତିର ପ୍ରତୀକ।

Email: gandhim@nic.in

# ଲୌହମାନବଙ୍କ ସ୍ମରଣେ



**ଡା. ସୁରେନ୍ଦ୍ରନାଥ ପତି**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ଲୌହମାନବ କୁହାଯାଏ। ସେ ଥିଲେ ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ। ଉପପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ପଦରେ ଥାଇ ସେ ଭାରତରେ ଶାନ୍ତି, ମୈତ୍ରୀ, ସଦ୍‌ଭାବ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ଗୁଜରାଟର ନର୍ମଦା ନଦୀରେ ତାଙ୍କ ନାମରେ ସର୍ଦ୍ଦାର ସରୋବର ଡ୍ୟାମ୍, ତାଙ୍କ ପ୍ରତିମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ 'ଷ୍ଟାଚ୍ୟୁ ଅଫ୍ ୟୁନିଟି', ବିଶ୍ୱବିଦ୍ୟାଳୟ, ରାଷ୍ଟ୍ରୀୟ ପୋଲିସ୍ ଏକାଡେମୀ, ହାଇଦ୍ରାବାଦ ପରି କେତେକ ଅନୁଷ୍ଠାନ ଏହି ମହାମାନବଙ୍କ ପ୍ରତି ଜାତିର କୃତଜ୍ଞତାର କେତେକ ପ୍ରତୀକ ମାତ୍ର। ଖେଡା ଜିଲାର ନଡିଆଡ୍‌ଠାରେ ୧୮୭୫ ମସିହା, ଅକ୍ଟୋବର ୩୧ରେ ଜନ୍ମିତ ବଲ୍ଲଭଭାଇ ଗାନ୍ଧୀଙ୍କ ପରି ଲଣ୍ଡନରୁ ବାରିଷ୍ଟରୀ ପାସ୍ କରିଥିଲେ। ନିଜ ରାଜ୍ୟର ବିଭିନ୍ନ ଗ୍ରାମରେ ସଭା କରି ଲୋକମାନଙ୍କୁ ଦୁର୍ଭିକ୍ଷ କାଳରେ ଖଜଣା ନ ଦେବାକୁ ଆହ୍ୱାନ ଦେଇ ସଫଳ ହୋଇଥିଲେ। ଏଥିପାଇଁ ସେ 'ସର୍ଦ୍ଦାର' ଉପାଧି ପାଇଥିଲେ। ୧୯୧୭ରେ କଂଗ୍ରେସରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ନାସିକ୍ ଜେଲରୁ ପ୍ୟାରୋଲରେ ଖଲାସ ହୋଇ ଭାଇଙ୍କ ମୃତ୍ୟୁ ବେଳେ ଉପସ୍ଥିତ ରହିବାକୁ ସେ ପ୍ରତ୍ୟାଖ୍ୟାନ କଲେ। ଦିନେ କୋର୍ଟରେ ଯୁକ୍ତି ଉପସ୍ଥାପନା କରୁଥିବା ବେଳେ ପତ୍ନୀଙ୍କର କ୍ୟାନସରରେ ମୃତ୍ୟୁ ହୋଇଥିବାର ପତ୍ର ପାଇ ପାଠକରି ରଖିଦେଇଥିଲେ। ମହକିଲଙ୍କୁ ମାମଲାରେ ବିଜୟୀ କରିଥିଲେ ସର୍ଦ୍ଦାର। କର୍ତ୍ତବ୍ୟ ପାଳନ କଲାବେଳେ ତାଙ୍କ ହୃଦୟରେ ବ୍ୟକ୍ତିଗତ ଦୁଃଖ, ଶୋକ ପ୍ରବେଶ କରି ନ ଥାଏ।

ଯେତେବେଳେ ପ୍ରସ୍ତାବ ଆସିଲା, ଧର୍ମ ଭିତ୍ତିରେ ଭାରତ ଭାଗ ହୋଇ ପାକିସ୍ତାନ ସୃଷ୍ଟିହେବ, ମହମ୍ମଦ ଅଲ୍ଲି ଜିନ୍ନା ତୁରନ୍ତ ରାଜି ହୋଇଗଲେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ସମେତ ଜାତୀୟ କଂଗ୍ରେସର ମୁଖ୍ୟ ନେତାମାନେ ଏହାର ବିରୋଧ କଲେ। ବଲ୍ଲଭଭାଇ ନେହେରୁ, ପ୍ରସାଦ, ମୌଲାନା, ରାଜଗୋପାଳଚାରୀଙ୍କୁ ରାଜି କରାଇ କଂଗ୍ରେସ ନେତୃତ୍ୱରେ (୧୯୪୬) ମନ୍ତ୍ରିମଣ୍ଡଳ ଗଠନ କଲେ। ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଏବଂ ବଲ୍ଲଭଭାଇ ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ପାଇଲେ। ଜିନ୍ନା ଈର୍ଷାପରାୟଣ ହୋଇ ସାମ୍ପ୍ରଦାୟିକ ବିଦ୍ରୋହ, ହଣାକଟା କରାଇପାରନ୍ତି ବୋଲି ସେ ଭାବୁଥିଲେ, ଯାହାକି ପରେ ସତ୍ୟ ପ୍ରମାଣିତ ହୋଇଥିଲା। ବହୁ ସ୍ଥାନରେ ଗଣହତ୍ୟା ହୋଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ନିଜେ ଗସ୍ତ କରି ସେସବୁକୁ ଲାଘବ କରାଇଲେ। ଦେଶ ବିଭାଜନକୁ ମୂଳରୁ ବିରୋଧ କରୁଥିବା ଗାନ୍ଧିଜୀ ସର୍ବଶେଷରେ ଜନତା ସପକ୍ଷରେ ଉଦ୍‌ବୋଧନ ଦେଇ ସର୍ଦ୍ଦାର ପଟେଲଙ୍କୁ ଏତେ ସମର୍ଥନ ଓ ପ୍ରଶଂସା କଲେ, ଯାହାକୁ ଭାରତବାସୀ ତାଙ୍କର ଉପସ୍ଥିତ ବୁଦ୍ଧି ବୋଲି ଗ୍ରହଣ କରି କମ୍ କ୍ଷତିରେ ସବୁ ସମସ୍ୟାର ସମାଧାନ ହେଲା ବୋଲି ମାନିଲେ।

ସର୍ଦ୍ଦାର ସମୁଦାୟ ୫୬୨ଟି ଦେଶୀୟ ରାଜ୍ୟକୁ ଭାରତରେ ମିଶାଇଥିଲେ। ଓଡ଼ିଶାକୁ ଆସି କଟକଠାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ୨୬ଟି ଗଡ଼ଜାତ ରାଜ୍ୟର ସମ୍ମତି ହାସଲ କଲେ। ପ୍ରିଭି ପର୍ସ ପ୍ରସଙ୍ଗ

## ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ

ଏହିଠାରୁ ଆରମ୍ଭ ହେଲା। ଶେଷକୁ ତିନୋଟି ବୃହତ୍ ରାଜ୍ୟର ସମସ୍ୟା ସମାଧାନ କରିଥିଲେ। କଶ୍ମୀର ଉପରେ ପାକିସ୍ତାନୀ ରେଞ୍ଜରଙ୍କର ଆଦିବାସୀ ବେଶରେ ଶ୍ରୀନଗର ପର୍ଯ୍ୟନ୍ତ ଅଭିଯାନକୁ ଭାରତୀୟ ସୈନ୍ୟ ପଠାଇ ଅଟକାଇବାରେ ପ୍ରମୁଖ ଭୂମିକା ନେଇଥିଲେ ସର୍ଦ୍ଦାର ପଟେଲ । ରାଜା ହରି ସିଂ ତୁରନ୍ତ ଅକ୍ଟୋବର ୨୬, ୧୯୪୭ରେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟବ୍ୟାଟେନ୍ ଏହାକୁ ମଞ୍ଜୁର କଲେ। ପରେ ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ଘାଟିମାନଙ୍କୁ ପ୍ରେରଣ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ନେହେରୁ ଭାରତ-ପାକିସ୍ତାନ ଯୁଦ୍ଧ ପ୍ରସଙ୍ଗରେ ଜାତିସଂଘର ହସ୍ତକ୍ଷେପ ଲୋଡିବାରୁ ବଲ୍ଲଭଭାଇ ଏହାର ନିନ୍ଦା କରିଥିଲେ। ସେହିଦିନରୁ ପିଓକେ ପାକିସ୍ତାନର ଅଧିକୃତ ହୋଇ ରହିଛି। ଜୁନାଗଡର ନବାବଙ୍କୁ ତୁରନ୍ତ ଦେଶ ଛାଡିବା ପାଇଁ ନିର୍ଦ୍ଦେଶ ଦେଇ ସୈନ୍ୟବାହିନୀ ପ୍ରେରଣ କଲେ। ସେମାନେ କରାଚୀକୁ ରାତ୍ରିରେ ପଳାୟନ କରିଥିଲେ। ସର୍ବଶେଷରେ ନେହେରୁଙ୍କ ବିଦେଶ ଗସ୍ତ କାଳରେ ହାଇଦ୍ରାବାଦକୁ ସେପ୍ଟେମ୍ବର ୧୭, ୧୯୪୮ରେ ଚୁକ୍ତି ବଳରେ ଭାରତରେ ମିଶାଇଥିଲେ।

ବ୍ରିଟିଶ୍ ରାଜତ୍ୱରେ ଆଇ.ସି.ଏସ୍. ଚାକିରି ଏକ କ୍ଷମତାଶାଳୀ ପଦବୀ ଥିଲା। ସ୍ୱାଧୀନତା ପରେ ସର୍ଦ୍ଦାର ପଟେଲ ଏହାକୁ ଆଇ.ଏ.ଏସ.ରେ ପରିଣତ କରି ଦେଶକୁ ସୁଶାସନ ଦେବା ପାଇଁ ଅଫିସରମାନଙ୍କୁ ନିରପେକ୍ଷ ଜନସେବକ ହେବା ପାଇଁ ଆହ୍ୱାନ ଦେଇଥିଲେ। ସରକାର ଆସିବେ ଯିବେ ଆଇ.ଏ.ଏସ୍. ସେବା 'ଷ୍ଟିଲ ଫ୍ରେମ୍' ହୋଇ ରହିବ ବୋଲି ସେ କହିଥିଲେ। ତେଣୁ ତାଙ୍କୁ 'ଫାଦର ଅଫ୍ ମଡର୍ନ ଅଲ ଇଣ୍ଡିଆ ସର୍ଭିସେସ୍' ଉପାଧି ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ଶାସନ ପ୍ରଣାଳୀ ବିଷୟରେ ବହୁ ସମୟରେ ମତପାର୍ଥକ୍ୟ ଦେଖାଯାଉଥିଲା। କିନ୍ତୁ ଜାତିର ପିତାଙ୍କର ବାଣୀ "A free India needed both Patel and Nehru" ସେମାନଙ୍କୁ ଚୁପ୍ କରି ଦେଉଥିଲା।

କ୍ଷମତା ପାଇଁ ସର୍ଦ୍ଦାରଙ୍କ ଆଦୌ ନିଶା ନ ଥିଲା। ପ୍ରଥମଥର ହାର୍ଟ ଆଟାକ୍‌ରେ ସେ ବଞ୍ଚି ଯାଇଥିଲେ। ଦ୍ୱିତୀୟବାର ସେ ଆକ୍ରାନ୍ତ ହୋଇ ୧୯୫୦ ମସିହା, ଡିସେମ୍ବର ୧୫ ତାରିଖରେ ବମ୍ବେଠାରେ ପରଲୋକ ଗମନ କଲେ। ପାଖରେ ଥିଲେ କନ୍ୟା, ମଣିବେନ୍ ପଟେଲ ଓ ପୁତ୍ର ଦୟାଭାଇ ପଟେଲ। ଲୌହମାନବ ଦେଶବାସୀଙ୍କର ଚିରସ୍ମରଣୀୟ ଓ ନମସ୍ୟ।

ବଡଶଙ୍ଖ, ପୁରୀ, ମୋ-୯୪୩୭୪୯୪୭୭୬



# ଶିଳ୍ପପତିଙ୍କ ଆତ୍ମବିଶ୍ୱାସ ଓ ଅଭିବୃଦ୍ଧି

**ଡ. ଭରତ ଝୁନ୍‌ଝୁନ୍‌ୱାଲା**

ସରକାର 'ସନ୍ତୁଳିତ ବଜେଟ' ନୀତିକୁ ଅନୁସରଣ କରୁଛନ୍ତି। ଏପରି ନୀତି ୧୯୩୦ ଦଶକରେ ଆମେରିକା ଦ୍ୱାରା ଗ୍ରହଣ କରାଯାଇଥିଲା। ବିଂଶ ଦଶକରେ ଆମେରିକା ଅର୍ଥନୀତି ପୂରା ଭଲ ରହିଥିଲା। ଶେୟାର ବଜାର ପୂରା ଦୌଡୁଥିଲା। କିନ୍ତୁ ଏହା ଥିଲା ଏକ ପାଣିଫୋଟକା ସଦୃଶ, ୧୯୨୯ରେ ତାହା ମିଳେଇଗଲା। ଅର୍ଥାତ୍ ଆମେରିକାର ଅର୍ଥନୀତି ଭୁଶୁଡ଼ିପଡିଲା ଯାହାକୁ କୁହାଗଲା 'ଗ୍ରେଟ୍ ଡିପ୍ରେଶନ'। ଏହାପରେ ଆମେରିକା ସରକାର 'ସନ୍ତୁଳିତ ବଜେଟ' ନୀତି ଆପଣାଇଥିଲେ। ତଥାପି ଅର୍ଥନୀତି ତଳକୁ ଖସି ଚାଲିଲା। ପ୍ରମୁଖ ଅର୍ଥନୀତିଜ୍ଞମାନେ ସେତେବେଳେ ମଧ୍ୟ ସନ୍ତୁଳିତ ଅର୍ଥନୀତି ଜାରି ରଖିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ସେମାନେ କହିଥିଲେ, ସରକାର ବ୍ୟୟ ହ୍ରାସ କରିବା ଦ୍ୱାରା ବଜାରରେ ସରକାରଙ୍କ ଡିମାଣ୍ଡ କମିଯିବ ଏବଂ ମୂଲ୍ୟ ହ୍ରାସ ହେବା ଦ୍ୱାରା ଶୀଘ୍ର ନୂଆ ଘରୋଇ ଡିମାଣ୍ଡ ସୃଷ୍ଟି ହେବ। ଏହାପରେ ସେମାନଙ୍କ ପରାମର୍ଶ ଗ୍ରହଣ କରି ସରକାର ସେହି ନୀତିରେ ଚାଲିଲେ। କିନ୍ତୁ ଅର୍ଥନୀତି ସୁଧୁରିବା ପରିବର୍ତ୍ତେ ଆହୁରି ମାନ୍ଦାବସ୍ଥା ସୃଷ୍ଟିହେଲା। ଏହି ପରିସ୍ଥିତିରେ ମନରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି ଓ ସେମାନେ ଖର୍ଚ୍ଚ କରିବାକୁ ଇଚ୍ଛା କରୁନାହାନ୍ତି ବୋଲି ଜନ୍ ମେନାର୍ଡ କେନ୍ସ କହିଥିଲେ। ସାଧାରଣ ପରିସ୍ଥିତିରେ ଜଣଙ୍କର ବ୍ୟୟ ହେଲେ ଅନ୍ୟ ଜଣଙ୍କର ଆୟ ହୋଇଥାଏ। ଜଣେ ଗୃହକର୍ତ୍ତା ଆଳୁ କିଣିଲେ ତାହା ଜଣେ କୃଷକଙ୍କ ଆୟ ହୋଇପାରିବ। ସେହିପରି ଜଣେ ଛାତ୍ର ବହି କିଣିଲେ ତାହା ଜଣେ ପ୍ରକାଶକଙ୍କ ଆୟ ହୋଇଥାଏ। ଆୟ-ବ୍ୟୟର ଏହି ଚକ୍ର ପୂରା ବନ୍ଦ ହୋଇଯାଇଥିଲା, କାରଣ ଯାହାଙ୍କ ପାଖରେ ଟଙ୍କା ରହିଲା ସେମାନେ ଆଦୌ ବ୍ୟୟ କଲେ ନାହିଁ। ଯଥା ଯେଉଁ କୃଷକ ଆଳୁ ବିକି ଯାହା ଆୟ କଲେ ତାହା ସୁରକ୍ଷିତ ରଖିଦେଲେ। କାରଣ ସେ ଭାବିଲେ ଯେ, ଆଗାମୀ ଦିନରେ ଅର୍ଥନୀତି ଆହୁରି ମାନ୍ଦା ହୋଇପାରେ। ନୂଆ ବହି ପ୍ରକାଶ କଲେ କାଳେ ବିକ୍ରି ହେବନି ଏହି ଭୟରେ ପ୍ରକାଶକମାନେ ବହି ପ୍ରକାଶ କଲେ ନାହିଁ। କେନ୍ସ ଏହି ପରିସ୍ଥିତିରେ ବିତ୍ତୀୟ ନିଅଣ୍ଟ ବୃଦ୍ଧି କରିବା ଲାଗି ଋଣ କରି ବ୍ୟୟ ବୃଦ୍ଧି କରିବାକୁ ସରକାରଙ୍କୁ ପରାମର୍ଶ ଦେଲେ। ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ରୁଜ୍‌ଭେଲ୍ଟ କେନ୍ସଙ୍କ ପରାମର୍ଶ ଗ୍ରହଣ କରିଥିଲେ। ଏହାପରେ ସେ ଆନ୍ତଃରାଜ୍ୟ ରାଜପଥରେ ବିପୁଳ ପୁଞ୍ଜି ବିନିଯୋଗ କରିବାକୁ ପଦକ୍ଷେପ ନେଇଥିଲେ। ଦେଶର ଅବସ୍ଥା ପୂରା ବଦଳିଗଲା। ଆମେରିକା ଅର୍ଥନୀତିର ମାନ୍ଦାବସ୍ଥା ପୂରା ସୁଧୁରିଗଲା।

ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଏହି ନୀତି ଉପରେ ପୂରା ବିଶ୍ୱାସ ଆସିଯାଇଛି। ଟ୍ରମ୍ପଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଂରକ୍ଷଣବାଦ ଏବଂ କରହ୍ରାସ ବ୍ୟବସ୍ଥା ଏକ ଭଲ ଅବସ୍ଥା ଆଣିପାରିବ ବୋଲି ଆମେରିକୀୟମାନେ ଉତ୍ସାହିତ ରହିଛନ୍ତି। ଏହି ବ୍ୟବସ୍ଥାରେ ଅଭିବୃଦ୍ଧି ହେବା ସହ ବେକାରି ମଧ୍ୟ ହ୍ରାସ ପାଇଛି। ବାସ୍ତବରେ ଅଭିବୃଦ୍ଧି ହେଉଥିବାରୁ ଟ୍ରମ୍ପ ବ୍ୟୟ ବୃଦ୍ଧି କରୁନାହାନ୍ତି। କାରଣ ଏହି ବ୍ୟବସ୍ଥା ଉପରେ ତାଙ୍କର ଆତ୍ମବିଶ୍ୱାସ ବଢିଯାଇଛି। ୧୯୨୦ ଦଶକରେ ପ୍ରଥମେ ଆମେରିକା ଅର୍ଥନୀତି ଭୁଶୁଡ଼ି ପଡ଼ିଥିଲା ଓ ଆମେ ଏବେ ସେହି ଦିଗରେ ଗତି କରୁଛେ ବୋଲି ମୁଁ ଭାବୁଛି। ଆମ ଷ୍ଟକ୍ ମାର୍କେଟ ଶୀଘ୍ର ବଢୁଥିବାବେଳେ ଜିଡିପି ବୃଦ୍ଧି ହାର ଅଟକି ରହିଛି। ବେକାରି ବି ବଢିଯାଇଛି। କହିବାକୁ ଗଲେ ଆମେ ଏବେ ଆମେରିକାର ସେହି ଅର୍ଥନୀତିର ପାଣିଫୋଟକା ଅବସ୍ଥାରେ ରହିଛେ। ସ୍ପଷ୍ଟ ଜଣାପଡୁଛି, ଷ୍ଟକ୍ ମାର୍କେଟ ଫୋଟକାଟି ପ୍ରଥମେ ମିଳେଇଯିବ। ଦ୍ୱିତୀୟରେ ଆମେରିକା ଅର୍ଥନୀତିକୁ ସୁଧାରିବା ଲାଗି ଋଣ କରି ବ୍ୟୟ ବୃଦ୍ଧି କରିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଠିକ୍ ଏହାର ବିପରୀତ କରୁଛନ୍ତି। ସରକାରଙ୍କ ପୁଞ୍ଜି ନିବେଶ କ୍ରମାଗତ ଭାବେ ହ୍ରାସ ପାଉଛି। ସେ ବୁଲେଟ୍ ଟ୍ରେନ୍ ଓ ରାଜପଥରେ ଯେଉଁ ପୁଞ୍ଜି ବିନିଯୋଗ କରୁଛନ୍ତି ତାହା ଏକ ସକାରାତ୍ମକ ମାହୋଲ ସୃଷ୍ଟି କରିପାରୁନାହିଁ। ଅଭିବୃଦ୍ଧି ସୁଧାରିବା ଲାଗି ବିଶିଷ୍ଟ ଶିଳ୍ପପତିମାନେ ନିରୁତ୍ସାହିତ ହେବା ଲକ୍ଷ୍ୟ କରାଯାଉଛି। ତୃତୀୟରେ ଆମେରିକା ଇତିହାସରେ ଟ୍ରମ୍ପଙ୍କ ନେତୃତ୍ୱରେ ଅର୍ଥନୀତିରେ ଅଭିବୃଦ୍ଧି ହେବା ଘଟଣାକୁ ଲକ୍ଷ୍ୟ କରିବା। ଏପରି ବ୍ୟୟରେ ସେତେ ଅଧିକ ବୃଦ୍ଧି ନ କରି ଆମଦାନୀ ଶୁଳ୍କ ହ୍ରାସ କରି ତାଙ୍କ ଦେଶକୁ ଉତ୍ପାଦନକାରୀ ସଂସ୍ଥାକୁ ପୁଣି ଫେରିବା ଲାଗି ଉତ୍ସାହିତ କରାଯାଇଛି। ଆମେରିକାର ଅର୍ଥନୀତିକୁ ସୁଧାରିବା ନିମନ୍ତେ ରାଷ୍ଟ୍ରପତି ରୁଜ୍‌ଭେଲ୍ଟ ବ୍ୟୟ ବୃଦ୍ଧି କରିଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ବୃଦ୍ଧି ନ କରି ସୁଧାରିବାରେ ଲାଗିଛନ୍ତି। ଯଦିଓ ସରକାରୀ ବ୍ୟୟକୁ ନେଇ ଏହି ଦୁଇ ରାଷ୍ଟ୍ରପତି ବିପରୀତ ନୀତି ଗ୍ରହଣ କରିଥିଲେ ତଥାପି ଶିଳ୍ପପତିଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଆମେରିକା ସଫଳ ହୋଇ ଅଭିବୃଦ୍ଧି କରିପାରିଛି। ଏହା ଭାରତ ପାଇଁ ଏକ ବାସ୍ତବ ଶିକ୍ଷା ବୋଲି ମୁଁ ଭାବୁଛି। ଆମ ଦେଶରେ ବାସ୍ତବରେ ଏବେ ଯେଉଁ ଅର୍ଥନୀତିର ମାନ୍ଦାବସ୍ଥା ଆସିଛି ତାହା ମୁଖ୍ୟତଃ ଶିଳ୍ପପତିମାନଙ୍କ ଆତ୍ମବିଶ୍ୱାସ ଅଭାବରୁ ହୋଇଛି ବୋଲି କୁହାଯାଇପାରେ। ଲୋକମାନଙ୍କର ଖର୍ଚ୍ଚକରିବା ଓ ସରକାରୀ ବ୍ୟୟରେ ହ୍ରାସ ଯୋଗୁ ବି ଏହି ପରିସ୍ଥିତି ଉପୁଜିଛି। ଦେଶର ଶିଳ୍ପପତିମାନଙ୍କ ମନରେ ଅର୍ଥନୀତିକୁ ନେଇ ଏକ ଛାନିଆ ପଶିଯାଇଛି। 'ଟ୍ୟାକ୍ସ ଟେରୋରିଜିମ୍' ଯୋଗୁ ଆମ ମୂଳଧନ ଚାଲିଯାଉଛି ବୋଲି ଅନେକ ଶିଳ୍ପପତି ମତ ଦେଉଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଆୟକର ହ୍ରାସ କରିବା ସହ ବ୍ୟୟ ବୃଦ୍ଧି କରି ଶିଳ୍ପପତି ଓ ଖାଉଟିମାନଙ୍କର ଆତ୍ମବିଶ୍ୱାସ ବଢାଇପାରିଛନ୍ତି। ନରେନ୍ଦ୍ର ମୋଦି ମଧ୍ୟ ଆୟକର ହ୍ରାସ କରିଛନ୍ତି, ବ୍ୟୟ ବି ବୃଦ୍ଧି କରିଛନ୍ତି, କିନ୍ତୁ ଶିଳ୍ପପତି କି ଖାଉଟି କାହା ମଧ୍ୟରେ ଆତ୍ମବିଶ୍ୱାସ ଆଣିପାରିନାହାନ୍ତି। ଏଣୁ ଯେଉଁମାନେ ଭାରତରେ ବ୍ୟବସାୟ କରୁଛନ୍ତି ସେହି ଶିଳ୍ପପତିମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏବେ ମୋଦିଙ୍କ ସାମ୍ନାରେ ଏକ ଚ୍ୟାଲେଞ୍ଜ। ଏହା କରିପାରିଲେ ତାହା ଦେଶ ପାଇଁ ମଙ୍ଗଳକର ହୋଇପାରିବ ଓ ତାହାଦ୍ୱାରା ଆମେ ଅଭିବୃଦ୍ଧି ପଥରେ ଆଗେଇପାରିବା।

Email: bharatjj@gmail.com

## ଏଇ ଭାରତରେ

ସମାଜରେ ଧର୍ମ ଓ ସାମ୍ପ୍ରଦାୟିକ ଭାବନାରୁ ଊର୍ଦ୍ଧ୍ୱକୁ ଉଠି ଭାଇଚାରା ଓ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେଉଛନ୍ତି ସିମରା ଗାଁର ମୁସଲମାନ୍‌ମାନେ। ବୃତ୍ତି ପାଇଁ ଧର୍ମ ଓ ସମ୍ପ୍ରଦାୟ ବାଧକ ହୋଇପାରେନାହିଁ ବୋଲି ବାର୍ତ୍ତା ଦେଇଛନ୍ତି ଏମାନେ। ବିହାରର ସୀତାମଢି ଜିଲା ଅନ୍ତର୍ଗତ ଟୁମରାସ୍ଥିତ ଏହି ଗାଁରେ ମୁସଲମାନ କାରିଗରମାନେ ଗଢୁଥିବା ମାଟି ଜିନିଷକୁ ହିନ୍ଦୁମାନେ ପୂଜାପାର୍ବଣରେ ଉପଯୋଗ କରୁଛନ୍ତି। ଛଟ୍ ପର୍ବରେ ଏମାନଙ୍କ ହାତଗଢ଼ା ମାଟିପାତ୍ରକୁ ହିନ୍ଦୁମାନେ ବ୍ୟବହାର କରନ୍ତି। ଏମାନଙ୍କ ଦ୍ୱାରା ଗଢ଼ାଯାଉଥିବା ମାଟି ଦୀପ ମଧ୍ୟ ଦୀପାବଳିରେ ବ୍ୟବହାର କରାଯାଏ। ଏହାବାଦ ଲୋକମାନେ କୌଣସି ପୂଜା କିମ୍ବା ବ୍ରତ ପୂର୍ବରୁ ଏମାନଙ୍କୁ ମାଟି ଜିନିଷ ତିଆରି କରିବା ପାଇଁ ବରାଦ ଦେଇଥାନ୍ତି। ସିମରା ଗାଁରେ ପାଖାପାଖି ଏକ ଡଜନ ମୁସଲମାନ ପରିବାର ବାସକରୁଛନ୍ତି। ପୁରୁଷ ପୁରୁଷ ଧରି ଏମାନେ ଏହି କାମ କରିଆସୁଛନ୍ତି। ମାଟିର ଜିନିଷ ତିଆରି କରିବା ପାଇଁ ଏମାନେ ମାଟି କିଣୁଛନ୍ତି। ସେମାନେ ଯେଉଁ ଦରରେ ମାଟି କିଣୁଛନ୍ତି ସେହି ଅନୁପାତରେ ଲାଭ ପାଉନାହାନ୍ତି, ହେଲେ ମୁସଲମାନ କାରିଗରମାନେ ହିନ୍ଦୁପର୍ବ ପାଇଁ ଏହି କାମ ଚାଲୁ ରଖିଛନ୍ତି।

## ଚିରନ୍ତନୀ

ମାଳତୀର ଆଖି ଓଦା
ଅଶ୍ରୁର ଶିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
ଅତୀତ ମୋ ଯଉବନ
ଆଣିଅଛି ନିମନ୍ତ୍ରଣ
କେତକୀ ସୁବାସେ ଦଶ ଦିଶିରେ
ଆଜି ପ୍ରିୟ ଏ ଭାଦର ନିଶିରେ !
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 4 | | 6 | | 8 | 2 | A | 1 | | | E |
| | | | | | | | | | | 4 | | 5 | | |
| | | | 2 | 7 | | | | B | | | | | 0 | 6 |
| 5 | | B | | C | | 0 | 1 | 9 | | | | 8 | | 7 |
| E | | 3 | | | 5 | | 2 | | B | | | C | | |
| | E | | | | 8 | | | | | | | D | | |
| 1 | | 4 | | | | | 8 | | | | | 2 | | |
| | C | D | B | | | | E | 1 | 7 | 6 | | 4 | | 5 |
| | | | | | | | | 3 | C | | | | | |
| | B | 8 | 0 | | 1 | | D | | E | | | | C | |
| | | C | A | | | 7 | B | | D | 8 | | | | |
| | | 1 | 4 | | | D | | | 6 | E | B | | | |
| | 9 | | 6 | | 2 | | 4 | | 5 | | | | | 3 |
| | D | A | | 8 | 9 | | 0 | | | 7 | 3 | | | C |
| | 2 | | | | | | | | 4 | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 9 | B | 5 | 6 | 1 | 3 | A | 7 | 0 | 8 | E | D | 4 |
| A | 7 | 0 | 9 | C | E | 5 | 6 | 8 | 1 | 4 | D | B | 3 | 2 |
| 4 | B | 6 | 1 | 8 | 2 | 0 | E | D | A | 5 | 3 | 9 | C | 7 |
| E | D | 1 | 7 | A | 3 | C | 9 | 4 | B | 6 | 2 | 5 | 0 | 8 |
| 3 | 5 | 8 | 0 | D | 4 | 2 | 7 | B | C | 9 | E | 1 | A | 6 |
| 0 | 2 | 4 | D | 3 | 7 | E | C | 6 | 8 | 1 | 9 | A | B | 5 |
| D | A | 5 | C | 0 | 8 | B | 4 | 9 | 3 | E | 6 | 2 | 7 | 1 |
| C | 6 | E | A | 4 | 1 | 3 | 2 | 7 | 5 | B | 0 | D | 8 | 9 |
| 9 | 1 | B | E | 6 | 5 | 8 | A | 0 | D | 2 | 7 | C | 4 | 3 |
| 8 | 3 | 7 | 2 | 9 | B | D | 1 | 5 | 4 | A | C | 6 | E | 0 |
| 5 | E | D | 6 | 2 | C | 4 | B | 3 | 0 | 8 | 1 | 7 | 9 | A |
| 1 | 0 | 2 | 3 | B | D | A | 5 | E | 9 | 7 | 4 | 8 | 6 | C |
| 7 | 9 | C | 4 | 1 | A | 6 | 8 | 2 | E | 3 | B | 0 | 5 | D |
| 6 | 4 | A | 8 | E | 9 | 7 | 0 | C | 2 | D | 5 | 3 | 1 | B |
| B | 8 | 3 | 5 | 7 | 0 | 9 | D | 1 | 6 | C | A | 4 | 2 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁନ୍ନତ ଅଞ୍ଚଳ ପାଇଁ ନିୟମ କୋହଳ ହେଉ

ମହାଶୟ,

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ଓ ବାଣିଜ୍ୟ ଆଦି କ୍ଷେତ୍ରରେ ଆଞ୍ଚଳିକ ଭିତ୍ତିରେ ସମତା ଆନୟନ ସରକାରଙ୍କର ମୌଳିକ କର୍ତ୍ତବ୍ୟ। ବର୍ତ୍ତମାନ ଦେଖାଯାଉଛି ଅନଗ୍ରସର ଅଞ୍ଚଳର ଜନସାଧାରଣ +୨ ଓ +୩ କଲେଜ ସ୍ଥାପନ ପାଇଁ ନିବେଦନ କଲେ ସରକାର ସମସ୍ତଙ୍କ ଉପରେ ସେଲ୍ଫ ଫାଇନାନ୍ସିଂ ଷ୍ଟାଟସ ଲଦି ଦେଉଛନ୍ତି। ବ୍ୟବସାୟିକ ମନୋଭାବ ନ ଥାଇ ବରଗଡ ଜିଲାସ୍ଥିତ ଭେଡେନ ଥାନା ଅନ୍ତର୍ଗତ ଶିଆଳଖଣ୍ଡହଥାରେ ସ୍ୱାଧୀନତାର ସତୁରିବର୍ଷ ପରେ ଆଦିବାସୀ, ହରିଜନ, ଦଳିତ ତଥା ଅନୁନ୍ନତ ସମ୍ପ୍ରଦାୟ ପାଇଁ ଜନସାଧାରଣଙ୍କ ଦ୍ୱାରା ଦୁଇଟି ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି। କିନ୍ତୁ ତାଙ୍କ ଉପରେ ସେହି ସେଲ୍ଫ ଫାଇନାନ୍ସିଂ ଷ୍ଟାଟସ ଲଦି ଦିଆଯାଇଛି। ସରକାର ଏହା ପୁନର୍ବିଚାର କରିବା ଉଚିତ।

ଲମ୍ବୋଦର ହୋତା, ଶିଆଳଖଣ୍ଡହଥା, ବରଗଡ଼

### ନିର୍ମାଣ ଶ୍ରମିକଙ୍କ କଥା କେନ୍ଦ୍ର ବୁଝୁ

କୋଠାବାଡି ଓ ନିର୍ମାଣ ଶ୍ରମିକଙ୍କ ପୁଅଝିଅଙ୍କ ଛାତ୍ରବୃତ୍ତି ଗତବର୍ଷରୁ ମିଳିନାହିଁ। ଚଳିତ ଶିକ୍ଷାବର୍ଷ ସରିବାକୁ ବସିଲାଣି। କେନ୍ଦ୍ରମନ୍ତ୍ରୀ କହୁଛନ୍ତି ନିର୍ମାଣ ଶ୍ରମିକଙ୍କ ସମସ୍ତ ଅର୍ଥ ଓଡ଼ିଶା ସରକାରଙ୍କ ପାଖରେ ଗଚ୍ଛିତ ଅଛି କିନ୍ତୁ ଓଡ଼ିଶା ସରକାର ଏହାକୁ ଯଥାସମୟରେ ବାଣ୍ଟି ପାରୁନାହାନ୍ତି। ଫଳରେ ଆଜକୁ ବର୍ଷ ବର୍ଷ ଧରି ଶ୍ରମିକମାନେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ସେମାନଙ୍କୁ ଶ୍ରମ ଉପକରଣ, ସାଇକେଲ ଆଦି ବଣ୍ଟନ କରାଯାଇ ନାହିଁ। ଏହା ଓଡ଼ିଶା ସରକାରଙ୍କ ଶ୍ରମିକ ମାରଣ ନୀତି ଏବଂ ଶ୍ରମିକଙ୍କ ପୁଅଝିଅମାନଙ୍କୁ ଶିକ୍ଷାରୁ ବଞ୍ଚିତ କରିବାର ବାଟ। ଏଣୁ ପଞ୍ଜୀକୃତ ହୋଇଥିବା ସମସ୍ତ କୋଠାବାଡି ଓ ନିର୍ମାଣ ଶ୍ରମିକଙ୍କ ସମସ୍ତ ଅର୍ଥ ସହାୟତା ସିଧାସଳଖ ଓଡ଼ିଶା ସରକାରଙ୍କ ମାଧ୍ୟମରେ ନ ଆସି କେନ୍ଦ୍ରରୁ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଆସିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ।

ସଂଗ୍ରାମ ସେନାପତି, ଭିଆଇପି ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଅକ୍ଟୋବର ୧୯୯୪**

- ବଲିଭିଆର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ଲୁଇସ୍ ଗାର୍ସିଆ ମେଜାଙ୍କୁ ଦେଶରୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି।
- ରୁଷିଆର ସାଇବେରିଆ ଅଞ୍ଚଳରେ ୨ଟି ବିମାନ ଦୁର୍ଘଟଣାରେ ୨୬ ଜଣଙ୍କର ପ୍ରାଣହାନି।
- ବିଶ୍ୱଭୂଷଣ ହରିଚନ୍ଦନ ଜନତା ଦଳର ପ୍ରାଥମିକ ସଭ୍ୟ ପଦରୁ ଏବଂ ବିଧାୟକ ପଦରୁ ଇସ୍ତଫା ଦେଇ ସମାଜବାଦୀ ଜନତା ପାର୍ଟିରେ ଯୋଗ ଦେଇଥିବା ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସଚେତନତା ଶିବିର

**ଢେଙ୍କାନାଳ ଅଫିସ, ୩୦।୧୦:** ସ୍ଥାନୀୟ ସୁଲକ୍ଷଣା ଦେବୀ ହାଇସ୍କୁଲ ଏବଂ ଲକ୍ଷ୍ମୀଧର ମ୍ୟୁନିସିପାଲ୍ ହାଇସ୍କୁଲରେ ମଙ୍ଗଳବାର ଦୁର୍ନୀତି ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଦର ବିଇଓ ନିତ୍ୟାନନ୍ଦ ବାରିକ ଅଧ୍ୟକ୍ଷତା କରି କହିଲେ, ରାଷ୍ଟ୍ରର ପ୍ରଗତି ପଥରେ ଦୁର୍ନୀତି ଅନ୍ତରାୟ ସାଜିଛି। ଛାତ୍ରୀଛାତ୍ରମାନେ ଏବେଠାରୁ ସଚେତନ ହେଲେ ପ୍ରଗତିଶୀଳ ରାଷ୍ଟ୍ର ଗଠନ ହୋଇପାରିବ। ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଅନ୍ୟାୟ କରିବା ଏବଂ ଏହାକୁ ସହିବା ସମାନ ଅପରାଧ ବୋଲି ବିବେଚନା କରାଯାଏ। ତେଣୁ ଛାତ୍ରୀଛାତ୍ରମାନେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭିଜିଲାନ୍ସ ଡିଏସ୍‌ପି ବେଣୁଧର ନାୟକ କହିଲେ, ଛାତ୍ରୀଛାତ୍ରୀଙ୍କ ସମ୍ପୃକ୍ତି ବିନା କୌଣସି ଆନ୍ଦୋଳନ ସଫଳ ହୋଇନାହିଁ। ଦୁର୍ନୀତି ନିବାରଣ ଆନ୍ଦୋଳନକୁ ବ୍ୟାପକ କରିବାକୁ ହେଲେ ଏଥିରେ ଶିକ୍ଷିତ ପିଲା ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଭିଜିଲାନ୍ସ ଇନ୍ସପେକ୍ଟର ସୁଶାନ୍ତ କୁମାର ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିହାରରୁ ନିଖୋଜ ବୃଦ୍ଧ ଢେଙ୍କାନାଳରୁ ଉଦ୍ଧାର



**ଢେଙ୍କାନାଳ ଅଫିସ, ୩୦।୧୦:** ବିହାରରୁ ୭ମାସ ତଳେ ନିଖୋଜ ହୋଇଯାଇଥିବା ଜଣେ ବୃଦ୍ଧଙ୍କୁ ଦୀପାବଳି ଦିନ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେ ହେଲେ ତୁଫାନି ଓରଫ୍ ସୋହା (୬୮)। ଉଦ୍ଧାର ପରେ ତାଙ୍କୁ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଜରାନିବାସରେ ରଖାଯାଇଛି। ତାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ଜଣାପଡ଼ିଛି। ସୋହାଙ୍କ ଘର ବିହାର ସହାର୍ସା ଜିଲା କୋଶି ଥାନା ସୋନବର୍ଷା ଅଞ୍ଚଳରେ। ସେ ମୈଥିଲି, ହିନ୍ଦୀ, ଉର୍ଦ୍ଦୁ, ଇଂଲିଶ ଭାଷା ଜାଣିଛନ୍ତି। ଉଦ୍ଧାର ପରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଜରାଶ୍ରମକୁ ଅଣାଯିବା ପରେ ଗୁଗୁଲ ସହାୟତାରେ ତାଙ୍କ ଘର ଠିକଣା ଜଣାପଡ଼ିଥିଲା। ଏ ନେଇ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ସୂଚନା ଦିଆଯାଇଛି। ତାଙ୍କୁ ନେବା ପାଇଁ ଘର ଲୋକେ ଢେଙ୍କାନାଳ ଆସୁଥିବା ମିଶନର ସମ୍ପାଦକ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।

---

### ୭ରେ ତପୋବନ ମହିମା ମେଳା

# ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ୧ ତାରିଖ ସୁଦ୍ଧା ଶେଷ ହେବ ରାସ୍ତା କାମ
- ପୌରସଂସ୍ଥା ଯୋଗାଇବ ଭ୍ରାମ୍ୟମାଣ ପାଇଖାନା

**ଢେଙ୍କାନାଳ ଅଫିସ, ୩୦।୧୦**

ମହିମାଧର୍ମର ଆଦିପୀଠ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ତପୋବନ ମହିମା ବିହାରରେ ଆସନ୍ତା ୭ ତାରିଖରେ ତପୋବନ ମେଳା ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ବୁଧବାର ମଧ୍ୟାହ୍ନରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ସମସ୍ତଙ୍କ ସହଯୋଗ ମିଳିଲେ ମେଳା ସରସ ସୁନ୍ଦର ହୋଇପାରିବ। ପୀଠକୁ ଯିବାକୁ ଥିବା ରାସ୍ତା ନିର୍ମାଣ ୧ ତାରିଖ ସୁଦ୍ଧା ଶେଷ ହେବ ବୋଲି ଡିଏଫ୍‌ଓ ବିମଳ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଥିଲେ।

କୌପିନଧାରୀ ମହିମା ସମାଜ ସଭାପତି ବାବା ରଘୁନାଥ ଦାସ ଆଲୋଚନାରେ ଭାଗନେଇ କହିଲେ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ତପୋବନ ପୀଠର ଗୁରୁତ୍ୱ ରହିଛି। ପୀଠର ଉନ୍ନତୀକରଣ ପାଇଁ ପ୍ରଶାସନ ଆଗଭର ହେବା ଜରୁରୀ। ନିର୍ମାଣାଧୀନ ରାସ୍ତାକୁ ଅଧିକ ଚଉଡ଼ା କରିବା, ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା, ଯାନବାହନ ପାର୍କିଂ ବ୍ୟବସ୍ଥା ସହ ପ୍ରସାଦସେବନ ପାଇଁ ଉଦ୍ଦିଷ୍ଟ ସ୍ଥାନକୁ ସମତୁଲ କରିବାକୁ ସେ ନିବେଦନ କରିଛନ୍ତି। ମେଳାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ନଜରରେ ରଖି ଆବଶ୍ୟକ ପୋଲିସ ମୁତୟନ କରାଯିବ। ଏଥିସହ ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ଡଷ୍ଟବିନ୍, ଭ୍ରାମ୍ୟମାଣ ପାଇଖାନା, ବ୍ଲକ ପକ୍ଷରୁ ଜେନେରେଟର, ତହସିଲ ପକ୍ଷରୁ ଅସ୍ଥାୟୀ ଆଶ୍ରୟସ୍ଥଳ ପାଇଁ ତାରପୋଲିନ, ଅଗ୍ନିଶମ ବିଭାଗ ପକ୍ଷରୁ ଅସ୍ଥାୟୀ ଅଗ୍ନି ନିର୍ବାପକ କେନ୍ଦ୍ର ବ୍ୟବସ୍ଥା କରାଯିବ। ଯାତ୍ରୀଙ୍କୁ ସହାୟତା କରିବାକୁ ସ୍ୱେଚ୍ଛାସେବୀ ମୁତୟନ ହେବେ। ମେଳା ଅବସରରେ ଆୟୋଜିତ ହେବାକୁ ଥିବା ଧର୍ମସଭାରେ ତପୋବନ ବାର୍ଷିକ ପତ୍ରିକାକୁ ଜିଲାପାଳ ଉନ୍ମୋଚନ କରିବେ।

ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ, ଗୋଇନ୍ଦା ଡିଏସ୍‌ପି ଯୋଗେଶ୍ୱର ଓରାମ, ବିଡିଓ ସୁକାନ୍ତ ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ ନାୟକ, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ, ତପୋବନମେଳା ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଏବଂ ସାଧୁସନ୍ନ୍ୟାସୀ ଉପସ୍ଥିତ ଥିଲେ।

---

### ଯୁବ ରେଡ୍‌କ୍ରସ୍ ଶିବିର ଦ୍ୱିତୀୟ ଦିବସ

# ଜୀବନରକ୍ଷା କୌଶଳ ଶିଖିଲେ ପ୍ରଶିକ୍ଷାର୍ଥୀ



ସ୍ୱେଚ୍ଛାସେବୀଙ୍କୁ ଯୋଗଶିକ୍ଷା ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ କଲେଜରେ ଚାଲିଥିବା ଯୁବ ରେଡ୍‌କ୍ରସ୍ ଶିବିରର ବୁଧବାର ଦ୍ୱିତୀୟ ଦିବସରେ ପ୍ରଶିକ୍ଷାର୍ଥୀଙ୍କୁ ଜୀବନରକ୍ଷା ସମ୍ପର୍କିତ କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଥମ ଅଧିବେଶନରେ ଡା. ବିକାଶ ପ୍ରସାଦ ଆକସ୍ମିକ ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା, ଗୁରୁତରଙ୍କୁ ଉଦ୍ଧାର ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଟ୍ରାଫିକ୍ ଏଏସ୍‌ଆଇ ବିଚିତ୍ରାନନ୍ଦ କର ସଡ଼କ ସୁରକ୍ଷା, ବିଭିନ୍ନ ଟ୍ରାଫିକ୍ ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳେ ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ପ୍ରଳୟ ଦାସଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଶ୍ମି ଦାସ ଯୋଗଶିକ୍ଷା ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ କଲେଜ ପରିସରରେ ସଫେଇ କରିଥିଲେ। ଅପରାହ୍ନରେ ବିଭିନ୍ନ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ପୂର୍ଣ୍ଣଚନ୍ଦ୍ର ବରାଳ, ଭୂପେଶ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

---

# 'ଶିଶୁଙ୍କ ଭବିଷ୍ୟତ ଅଭିଭାବକଙ୍କ ହାତରେ'

**ଢେଙ୍କାନାଳ ଅଫିସ, ୩୦।୧୦**

ମାତ୍ରାଧିକ ମୋବାଇଲ ଫୋନ୍ ବ୍ୟବହାର ଶିଶୁଙ୍କୁ ବିପଥଗାମୀ କରାଉଛି। ୧୦ମ ଶ୍ରେଣୀ ଯାଏ ଛାତ୍ରୀଛାତ୍ରଙ୍କୁ ମୋବାଇଲ୍‌ଠାରୁ ଦୂରରେ ରଖିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ସେମାନେ ଯନ୍ତ୍ର ଦୁନିଆରୁ ବାହାରି ଅନେକ କଥା ଜାଣିବାକୁ ଇଚ୍ଛା କରିବେ। କୁନିକୁନି ଶିଶୁଙ୍କ ଭବିଷ୍ୟତ ଅଭିଭାବକଙ୍କ ହାତରେ। ସେମାନେ ଚାହିଁଲେ ପିଲାଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇପାରିବେ। ସୁରଭି ଭଳି କାର୍ଯ୍ୟକ୍ରମ ଶିଶୁଙ୍କ ଭିତରେ ଥିବା ପ୍ରତିଭାର ବିକାଶ କରୁଛି। ଏଥିରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ସାମିଲ ହେବା ଉଚିତ ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ବୁଧବାର ଅନୁଷ୍ଠିତ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଧାୟକ ଏପରି ପରାମର୍ଶ ଦେଇଛନ୍ତି। ଡିଇଓ ସୁଧାନନ୍ଦ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ହିଁ ଶିକ୍ଷା। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତ ହେଉଛି।



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ବିଇଓ ନିତ୍ୟାନନ୍ଦ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁସନ୍ଧ୍ୟା ମହାନ୍ତି ମଞ୍ଚାସୀନ ଥିଲେ। ଦେଶର ଭାଗ୍ୟ ଶ୍ରେଣୀର ଚାରିକାନ୍ଥ ମଧ୍ୟରେ ନିର୍ଦ୍ଧାରିତ ହୋଇଥାଏ। ପିଲାଙ୍କ ରୁଚିକୁ ବୁଝି ଶିକ୍ଷକମାନେ ସେସବୁର ବିକାଶ ଦିଗରେ କାର୍ଯ୍ୟକଲେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇବ। ସଫଳତା ହାସଲ ଜୀବନର ଆକସ୍ମିକ ଘଟଣା ନୁହେଁ। କଠୋର ପରିଶ୍ରମ ଏବଂ ସାଧନା ବ୍ୟକ୍ତିକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଉପଲକ୍ଷେ ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ବକ୍ତୃତା, ସଙ୍ଗୀତ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି ଦିବ୍ୟାଙ୍ଗ ବିଭାଗରେ ମଧ୍ୟ କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଏବିଇଓ ଅଦ୍ୱୈତ ସାମଲ, ମଧୁସୂଦନ ଷେଣ୍ଢ, ଭଗବାନ ବେହେରା, ଶିକ୍ଷକ ବିକ୍ରମ ସେଠୀ, ବିକାଶ ଜେନା, ବିଷ୍ଣୁ ପ୍ରସାଦ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

---

# ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜିଲା ସଦର ମହକୁମାରେ ବୁଧବାର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଜିଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ପୂର୍ବ ତଟ ରେଳପଥ

**ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳୀ ଷ୍ଟେସନ ମଧ୍ୟରେ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନ ପ୍ରଦତ୍ତ ପ୍ରହରୀ ଥିବା ଲେଭେଲ କ୍ରସିଙ୍ଗ୍ ଫାଟକ ବଦଳରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ସମ୍ପାଦନ ହେବାପରେ ଜନସାଧାରଣଙ୍କ ନିମନ୍ତେ ବନ୍ଦ କରିବା ପାଇଁ ପ୍ରସ୍ତାବ ରଖାଯାଇଛି। **ତେଣୁ ନିମ୍ନ ପ୍ରଦତ୍ତ ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତୁରନ୍ତ ବନ୍ଦ କରି ଦିଆଯିବ।**

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ୍ ସଂ. | ରେଳବାଇ କି.ମି. | ଗଣନା ବର୍ଷ | ଟ୍ରେନ୍ ଭେଇକିଲ୍ ୟୁନିଟ୍ |
|---|---|---|---|---|---|
| D-spl | ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ | CT-58 | 465/19-21 | ନଭେମ୍ବର-2015 | 6930 |

ଆଦେଶ ସଂ. **789/Gen.**, ତା.**07.06.2013**ରିଖ ଦ୍ୱାରା କଲେକ୍ଟର, ଢେଙ୍କାନାଳ, ଏହି ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି। ପତ୍ର ସଂ. **W-4/351/A/Pt.VII/5625**, ତା.**02.07.2018**ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଇଂଜିନିୟର/ ପୂର୍ବ ତଟ ରେଳପଥ/ ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି।

PR-463/K/19-20 — ମଣ୍ଡଳ ଯନ୍ତ୍ରୀ(ସେଣ୍ଟ୍ରାଲ), ଖୋର୍ଦ୍ଧା ରୋଡ଼



## ପୂର୍ବ ତଟ ରେଳପଥ

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-16, ତା.24.10.2019ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ରେଢ଼ାଖୋଲ, ବାମୁର, ସରଗିପାଲି, ଜରପଡ଼ା, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ କ୍ୟାବିନ୍ "A" ଷ୍ଟେସନଗୁଡ଼ିକ ଠାରେ ମେଧା (MEDHA) ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 91,42,500/-, EMD (ଟଙ୍କାରେ) : 1,82,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-17, ତା.24.10.2019ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ରେଙ୍ଗାଲି, ବଡ଼ମାଳ ଏବଂ ଥେରୁବାଲି ଷ୍ଟେସନଗୁଡ଼ିକ ଠାରେ ସିମେନ୍ସ (SIEMENS) ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 61,40,763/-, EMD (ଟଙ୍କାରେ) : 1,22,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2019 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

PR-464/K/19-20 — ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ସମ୍ବଲପୁର


---

### ଅଧ୍ୟକ୍ଷ, ୩ କର୍ମଚାରୀଙ୍କ କାର୍ଯ୍ୟକାଳ ବଢ଼ିଲାନି

# ଉଚ୍ଚଶିକ୍ଷା ବିଭାଗକୁ ସ୍ପଷ୍ଟୀକରଣ ମାଗିଲା ପ୍ରଶାସନ

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପରୁଦ୍ର ମହାପାତ୍ରଙ୍କ ସମେତ ୩ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇନାହିଁ। ସେମାନଙ୍କ କାର୍ଯ୍ୟକାଳ ଅବଧି ବଢ଼ାଇବାକୁ ଆବେଦନ କରାଯାଇଥିଲା। ଏ ନେଇ କଲେଜ ଗଭର୍ଣ୍ଣିଂ ବଡିର ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଉଚ୍ଚଶିକ୍ଷା ବିଭାଗକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ସ୍ପଷ୍ଟୀକରଣ ମାଗିଛନ୍ତି। ଏହି ସମୟ ମଧ୍ୟରେ ଅଧ୍ୟକ୍ଷ ପଦବୀରେ ଜଣେ ବରିଷ୍ଠ ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯିବ। ଏ ନେଇ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ୩ କର୍ମଚାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।



୨୦୧୪ ମେ ୭ରେ ଅନୁଷ୍ଠିତ ଗଭର୍ଣ୍ଣିଂ ବଡି ବୈଠକରେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୬୫ ବର୍ଷ ଏବଂ କର୍ମଚାରୀଙ୍କ କାର୍ଯ୍ୟକାଳ ବୟସସୀମା ୬୦ବର୍ଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ଆଉ ଗଭର୍ଣ୍ଣିଂ ବଡି ବୈଠକ ବସିନାହିଁ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ମଧ୍ୟ ଆସିନାହିଁ। ଫଳରେ ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଅଧ୍ୟକ୍ଷଙ୍କ ସମେତ ୩ କର୍ମଚାରୀଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏଥିପୂର୍ବରୁ ସେମାନେ କାର୍ଯ୍ୟକାଳ ବୟସ ସୀମା ବଢ଼ାଇବା ପାଇଁ ଲିଖିତ ଭାବେ ଆବେଦନ କରିଥିଲେ। ଏ ସମ୍ପର୍କରେ ପତ୍ର ସଂଖ୍ୟା ୪୪୯୧, ଦଫା ୧୮।୭।୨୦୧୯ରେ ଅତିରିକ୍ତ ଜିଲାପାଳ ତଥା ଗଭର୍ଣ୍ଣିଂ ବଡିର ସ୍ୱତନ୍ତ୍ର ଅଧିକାରୀ ଉଚ୍ଚଶିକ୍ଷା ବିଭାଗକୁ ସ୍ପଷ୍ଟୀକରଣ ମାଗିଛନ୍ତି।

ଏ ନେଇ ଅତିରିକ୍ତ ଜିଲାପାଳ ନିଜ ପ୍ରତିକ୍ରିୟାରେ କୁହନ୍ତି, ଗଭର୍ଣ୍ଣିଂ ବଡିର ନିଷ୍ପତ୍ତି ଅନୁଯାୟୀ ଅଧ୍ୟକ୍ଷ ଏବଂ ଅନ୍ୟ ୩ କର୍ମଚାରୀଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ମହାବିଦ୍ୟାଳୟର ଜଣେ ବରିଷ୍ଠ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯିବ। ଆବେଦନକୁ ଭିତ୍ତି କରି ଉଚ୍ଚଶିକ୍ଷା ବିଭାଗ ନିକଟରୁ ସ୍ପଷ୍ଟୀକରଣ ଲୋଡ଼ାଯାଇଛି।

---

# ବିଜେଡି ପକ୍ଷରୁ ପଦଯାତ୍ରା

**ହିନ୍ଦୋଳ, ୩୦।୧୦(ଡି.ଏନ.ଏ.)**

ହିନ୍ଦୋଳ ଏନ୍‌ଏସି ବିଜେଡି ପକ୍ଷରୁ ମଙ୍ଗଳବାର ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଙ୍ଗଳପୁରଠାରୁ ଏହି ଶୋଭାଯାତ୍ରା ବାହାରି ହିନ୍ଦୋଳ ସଦର ମହକୁମାରେ ପହଞ୍ଚିଥିଲା। ବିଧାୟିକା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବହୁ କର୍ମୀ ସାମିଲ ହୋଇଥିଲେ।



ପଦଯାତ୍ରାରେ ବିଧାୟିକାଙ୍କ ସମେତ ଅନ୍ୟମାନେ।

---


## GOVERNMENT OF ODISHA
## DEPARTMENT OF HIGHER EDUCATION

No. N-59:

The Higher Education Department, Government of Odisha invites online application for award of Senior Merit/P.G. Merit/Technical & Professional Merit (Fresh) for the year 2019-20 to meritorious students of Odisha for pursing general courses (i.e. +3 & PG Courses) and Technical & Professional Courses in Non-SAMS institutions (i.e. CBSE/ICSE affiliated School, Universities/Management/Engineering & Technical institutions) inside and outside Odisha.

**Students studying in colleges under SAMS (Student Academic Management System) need not apply for scholarship online separately as the database is available in the SAMS portal.**

The detail guidelines along with eligibie courses are available at Med habruti web portal of Hiigher Education Department under URl **www.medhabruti.org**. The different categories of merit. number, rate, duration and courses applicable for scholarship are given in a tabular form.

| Sl. No. | Category of Merit | No of Scholarship | Rate of Scholarship per year | Duration of scholarship | Courses applicable |
|---|---|---|---|---|---|
| 01 | Sr. Merit | 3,000 | 5,000/- | 03 Years | Students pursuing +3 Degree Courses (BA/B.Sc./B.Com) and courses such as BBA/BCA/BJMC etc. having duration of 03 years. |
| 02 | P. G..Merit | 1,500 | 10,000/- | 02 Years | Students pursuing P.G. courses in Arts / Commerce / Science / other Post Graduate courses which are of non-professional in nature and admission to such P.G. course is Degree in Arts / Science / Commerce |
| 03 | Technical. & Profesional Merit | 10,000 | 10,000/- | As per course duration | Students pursuing only Undergraduate Professional courses mentioned in Appendix-II of the guidelines are eligible under this head. |

*N.B.: i) The students who have availed Sr. Merit, P.G. Merit and Technical & Professional Merit for the respective category in the previous selection year(s) need not apply again under the same (fresh) category as they are covered under Renewal scholarship in current academic session.*

*(2) Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar number provided by the student is wrong or is not his/her, the application is liable to be rejected.*

*(3) Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the SB Account and IFSC, this Department will not be held responsible for mis-credit/no credit.*

**Scheduled Timeline for Online Application (Both Fresh & Renewal)**

| Sl. No. | Activities | Timeline |
|---|---|---|
| 01 | Opening & Last date of Online Application for students (Fresh) | 01.11.2019, 31.12.2019 |
| 02 | Opening & Last date for validation of studentsrecord by Principal/Head of the Institution (Fresh - Both SAMS & Non-SAMS) | 15.11.2019, 31.12.2019 |
| 03 | Opening & Last date for validation of students record (Renewal) by Principal/Head of the Institution. (Both SAMS & Non-SAMS) | 01.11.2019, 31.12.2019 |

**ELGIBILITY CONDITIONS**

- The student must be permanent resident of the State of Odisha.
- The income of the parents of the student from all sources should not exceed Rs.6.00 lakh per annum.
- The student must have secured minimum 60% marks in the last qualifying examination for applying scholarship under different categories of merit.
- Students shall apply for medhabruti only in the First year of joining (**1st yr. of the course undertaken**).

## SUBMISSION OF ONLINE APPLICATIONS FOR AWARD OF "MEDHABRUTI" FOR THE YEAR 2019-20- FRESH

**DOCUMENTS TO BE UPLOADED**

- Resident certificate to be issued by the competent authority i.e. Tahasildar/Addl. Tahasildar.
- Proof of annual income to be issued by the competent authority i.e. the Revenue Officer not below the rank of Tahasildar or Addl. Tahasildar.
- Mark sheets and Certificate of last qualifying examination as required for different categories of merit.
- Bank account details of the student concerned (First page of bank account containing account number and IFSC).
- College ID card issued by concerned authority. While in the absence of the same, the student may provide Admission receipt/Library card/Letter of Undertaking from concerned college authority (any one).
- Aadhaar card of concerned student.

**IMPORTANT INSTRUCTIONS**

- Students are advised to go through the notice "**Bank accounts related advisory**" and FAQs in the Medhabruti homepage carefully before making application for hassle-free transactions and keep applicant copy for future reference.
- District wise merit list will be prepared for e-Medhabruti scholarship for the year 2019-20 proportionately basing on the strength of population of concerned district. If students are not available as per ratio in backward and tribal dominated districts, the surplus quota will be distributed among other remaining districts proportionately.
- Eligible students of Non-SAMS colleges are advised to apply online by accessing **www.medhabruti.org**. Only online application under the scheme will be accepted and no request for accepting OFFLINE applications will be entertained. While applying online, students should upload the scanned copies of relevant documents.
- After applying online, students are required to submit the printed copy of online application along with relevant documents in the college for validation at the level of Principal.
- Students of SAMS who secured 60% marks or more will be displayed in the concerned colleges Administrator login. The Administrator needs to upload the required documents after collecting the same from eligible students.
- Applicants are advised to be very careful to mention the accurate Bank Account related information in the specified box of the online application. In case of any wrong entry or mismatch of the SB Account & IFSC, this Department will not be held responsible for mis-credit/No credit.
- Incomplete or wrongly filled up application or application without essential documents shall be summarily rejected.
- The applicants Mobile No. and functional e-mail address must be used for submission of the online application. The status of the application will be informed to the applicant's mobile number and e-mail provided in the online application.
- SUBMISSION OF MORE THAN ONE APPLICATION WILL BE SUMMARILY REJECTED. Please ensure that all aspects of the application are correct before the submission. No claims shall be entertained in case of incomplete or non-submitted application.
- Aadhaar authentication in case of SAMS and Non-SAMS (Fresh) and all renewal students' data record are to be verified by the concerned college Principal/Institution at the time of validation.
- **Online validation at the level of Institution Head/Principal of Institution is mandatory for release of scholarship amount.**

**NB: SUBMISSION OF WRONG DATA AND MULTIPLE APPLICATIONS BY THE STUDENT IS LIABLE TO BE PUNISHED UNDER THE LAW.**

In case of any problem faced by the students at the time of filling up of the application through online, they may refer to FAQs available at home page of the website or take the help of **Helpline No.0674-2396550 (With Toll)** or e-mail on **emedhabruti1920@gmail.com**

Sd/-
**Additional Secretary to Government**

11001/11/0016/1920

For more details please contact **Sanjog Heipline(Toll** Free) Number **155335/18003456770**



ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ (ଏଜେଏଲ୍)କୁ ଜମି ଆବଣ୍ଟନରେ ଅନିୟମିତତା ମାମଲାରେ ପଞ୍ଚକୁଲାର ସ୍ୱତନ୍ତ୍ର ଇଡି କୋର୍ଟ ବୁଧବାର ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା ଏବଂ ବରିଷ୍ଠ କଂଗ୍ରେସ ନେତା ମୋତିଲାଲ୍ ଭୋରାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କା ଲେଖାଏଁ ସିଓରିଟି ବଣ୍ଡ୍ ବଦଳରେ ସେମାନଙ୍କୁ ଅନ୍ତରୀଣ ଜାମିନ ଦିଆଯାଇଛି।

## ଉପତ୍ୟକାରେ ସ୍ଥିତି ପରଖିଲେ ୟୁରୋପୀୟ ପାର୍ଲାମେଣ୍ଟ ସଦସ୍ୟ

# ସିରିଆ କି ଆଫଗାନିସ୍ତାନ ନ ହେଉ କଶ୍ମୀର

ଶ୍ରୀନଗର,୩୦।୧୦ (ପି.ଟି./ଆଇଏଏନ୍ଏସ୍)

ଯୁଦ୍ଧ ପ୍ରଭାବିତ ସିରିଆ କିମ୍ବା ଆଫଗାନିସ୍ତାନ ଭଳି ସ୍ଥିତି ଜମ୍ମୁ-କଶ୍ମୀରରେ ସୃଷ୍ଟି ନ ହେଉ। କଶ୍ମୀର ଆଉ ଏକ ସିରିଆ କି ଆଫଗାନିସ୍ତାନ ନ ପାଲଟୁ। ଉପତ୍ୟକାରେ ଅରାଜକତା ଓ ହିଂସା ଲାଗି ନ ରହୁ। ଦୁଇଦିନିଆ କଶ୍ମୀର ଗସ୍ତରେ ଆସିଥିବା ୟୁରୋପୀୟ ପାର୍ଲାମେଣ୍ଟ ସଦସ୍ୟ(ଇଏମ୍ପି)ମାନେ ବୁଧବାର ଏଭଳି ଆଶା କରିଛନ୍ତି। ଏହାସହ କଶ୍ମୀର ସ୍ଥିତି ଖରାପ ହେବା ପାଇଁ ସେମାନେ ଆତଙ୍କବାଦକୁ ଦାୟୀ କରିଛନ୍ତି।

୨୩ ଜଣିଆ ପ୍ରତିନିଧି ଦଳ କଶ୍ମୀର ଗସ୍ତ ଶେଷ କରିବା ପରେ ଶ୍ରୀନଗରସ୍ଥିତ ହୋଟେଲ ଲଳିତ ପ୍ୟାଲେସ୍‌ରେ ଗଣମାଧ୍ୟମ ସହ ଆଲୋଚନା କରିଛି। ଏହି ଅବସରରେ ଆତଙ୍କବାଦ ଦମନ ଓ ଉପତ୍ୟକାକୁ ଶାନ୍ତି ଫେରାଇ ଆଣିବାରେ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛି। ପ୍ରତିନିଧି ଦଳ ସଦସ୍ୟମାନେ କହିଛନ୍ତି, ଭାରତୀୟ ରାଜନୀତିରେ ହସ୍ତକ୍ଷେପ ପାଇଁ ଆମେ ଏଠାକୁ ଆସିନାହୁଁ। ବରଂ କଶ୍ମୀର ସମସ୍ୟାର ସମାଧାନ ପାଇଁ ସହଯୋଗର ଉପାୟ ବାହାର କରିବାକୁ ଆସିଛୁ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆତଙ୍କବାଦ ବିରୋଧରେ ଚଳାଇଥିବା ଲଢ଼େଇକୁ ଆମେ ସମର୍ଥନ କରୁଛୁ। ସେହିପରି ଭାରତ-ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ହ୍ରାସ ଲାଗି ଦୁଇଦେଶ ପରସ୍ପର ବିରୋଧରେ ଲଢ଼େଇ ନ କରି ଆଲୋଚନା କରିବା ଉଚିତ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଫ୍ରାନ୍ସର ହେନରି ମାଲୁସେ କହିଛନ୍ତି, ପ୍ରତିନିଧି ଦଳକୁ ଇସ୍‌ଲାମୋଫୋବିକ୍ (ଇସ୍‌ଲାମ ପ୍ରତି ଘୃଣା ଓ ଭୟ ସୃଷ୍ଟିକାରୀ), ଫାସିବାଦୀ ଏବଂ ଜାତିବାଦୀ ଭାବେ ଅଭିହିତ କରାଯିବା ଆମକୁ ଚକିତ କରିଛି।



ହେନରି ମାଲୁସେ

ପ୍ରତିନିଧି ଦଳକୁ କଶ୍ମୀର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିବା ପାଇଁ ସୁଯୋଗ ଦେଇଥିବାରୁ ସେ ଏହି ଅବସରରେ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ପୋଲାଣ୍ଡର ରିସ୍‌ଜାର୍ଡ କାର୍ନେସ୍କି ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଉଥିବା କଶ୍ମୀର ସମ୍ପର୍କିତ ରିପୋର୍ଟକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ଏଠାରେ କ'ଣ ଦେଖିଲୁ ନିଜ ନିଜ ଦେଶକୁ ଫେରିଯିବା ପରେ ସେମାନଙ୍କୁ ଜଣାଇବୁ ବୋଲି ପ୍ରାୱୋ ଆଇ ସ୍ପ୍ରାୱିଡ୍‌ଲିୱୋସ୍କ ପାର୍ଟି ନେତା ରିସ୍‌ଜାର୍ଡ କହିଛନ୍ତି। ସେହିପରି ବ୍ରିଟେନର ଲିବରାଲ ଡେମୋକ୍ରାଟିକ୍ ପାର୍ଟି ନେତା ନ୍ୟୁଟନ୍ ଡୁନ୍ କଶ୍ମୀର ଗସ୍ତକୁ 'ଆଖି ଖୋଲିଦେବା ଭଳି' ବୋଲି କହିଛନ୍ତି। ଫ୍ରାନ୍ସର ରାସେମ୍ବଲମେଣ୍ଟ ନ୍ୟାଶନାଲ ପାର୍ଟି ନେତା ଥିଏରି ମାରିଆନି କହିଛନ୍ତି, ଆତଙ୍କବାଦୀମାନେ ଏକ ଦେଶକୁ ଧ୍ୱଂସ କରିଦେଇ ପାରନ୍ତି। ମୁଁ ଆଫଗାନିସ୍ତାନ ଓ ସିରିଆ ଗସ୍ତ କରି ଆତଙ୍କବାଦର ଭୟାବହତାକୁ ଦେଖିଛି। ତେଣୁ ଆତଙ୍କବାଦ ବିରୋଧରେ ଅଭିଯାନ ପାଇଁ ଆମେ ଭାରତ ସହ ରହିଛୁ। ଫାସିବାଦୀ କହି ଆମର ଛବିକୁ ମଳିନ କରାଯାଇଛି। ଏପରି କରିବା ପୂର୍ବରୁ ଆମ ବିଷୟରେ ଭଲଭାବେ ଜାଣିବା ଦରକାର ଥିଲା।

ୟୁରୋପୀୟ ସଂଘର ସଦସ୍ୟମାନେ ବ୍ରିଟେନ, ବ୍ରସେଲ୍ସ, ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ସ୍ପେନ, ସ୍ୱିଡେନ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଅଷ୍ଟ୍ରିଆ, ଗ୍ରୀସ୍, ସାଇପ୍ରସ୍, ମାଲ୍‌ଟା ପ୍ରମୁଖ ରାଷ୍ଟ୍ରରୁ ଆସିଛନ୍ତି। ସେମାନେ ଉପତ୍ୟକାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସେନା, ପୋଲିସ, ପ୍ରଶାସନ, ନାଗରିକ ସମାଜ, ବ୍ୟବସାୟୀ, ଆଇନଜୀବୀ, କଳାକାର, ଟୁର୍ ଓ ଟ୍ରାଭେଲ ଅପରେଟର୍ସ ଏବଂ କେତେଜଣ ରାଜନେତାଙ୍କ ସହ ଆଲୋଚନା କରିଛନ୍ତି। ପାକିସ୍ତାନ କିପରି ଭାବେ ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ସେନେଇ ସେମାନଙ୍କୁ ସେନା ପକ୍ଷରୁ ଅବଗତ କରାଯାଇଛି। ପ୍ରକାଶ ଯେ, ଏହି ଟିମ୍‌ରେ ପ୍ରଥମେ ୨୭ ସଦସ୍ୟ ରହିଥିଲେ। କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କଶ୍ମୀର ଆସିବାକୁ ଅନୁମତି ଦିଆଯାଇନାହିଁ।

## ଡିସେମ୍ବର ୧୨ରେ ବ୍ରିଟେନ ନିର୍ବାଚନ



ବୋରିସ୍ ଜନ୍‌ସନ

ଲଣ୍ଡନ,୩୦।୧୦(ପି.ଟି.)

ବ୍ରେକ୍‌ଜିଟକୁ ନେଇ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ଲାଗି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ନିର୍ବାଚନ ପାଇଁ ଆହ୍ୱାନ ଦେଇଥିଲାବେଳେ ଏହାକୁ ଏମ୍‌ପିମାନେ ସମର୍ଥନ ଜଣାଇଛନ୍ତି। ଫଳରେ ଡିସେମ୍ବର ୧୨ରେ ବ୍ରିଟେନରେ ନିର୍ବାଚନ ହେବାକୁ ଯାଉଛି। ବ୍ରେକ୍‌ଜିଟ ସମୟସୀମା ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ୟୁରୋପୀୟ ୟୁନିୟନ (ଇୟୁ) ରାଜି ହେବା ପରେ ମଙ୍ଗଳବାର ବିଳମ୍ବିତ ରାତିରେ ହାଉସ୍ ଅଫ୍ କମନ୍ସ ନିର୍ବାଚନ ତାରିଖକୁ ସମର୍ଥନ ଜଣାଇଥିଲା। ନିର୍ବାଚନ ସପକ୍ଷରେ ୪୩୮ ଏମ୍‌ପି ଭୋଟ ଦେଇଥିଲାବେଳେ ବିପକ୍ଷରେ ୨୦ ଭୋଟ ଯାଇଥିଲା। ଫଳରେ ୪ ବର୍ଷ ମଧ୍ୟରେ ଏହା ତୃତୀୟ ନିର୍ବାଚନ ହେବାକୁ ଯାଉଛି। ସେହିପରି ୧୯୨୩ ପରେ ପ୍ରଥମ ଥର ଲାଗି ଡିସେମ୍ବର ମାସରେ ଭୋଟଗ୍ରହଣ ହେବ। ହାଉସ୍ ଅଫ୍ ଲର୍ଡ୍ସରେ ପ୍ରସ୍ତାବ ଗୃହୀତ ହେବା ପରେ ନିର୍ବାଚନ ପ୍ରଚାର ପାଇଁ ୫ ସପ୍ତାହ ସମୟ ମିଳିବ ବୋଲି କୁହାଯାଉଛି।

## ଇୟୁ ପ୍ରତିନିଧିଙ୍କ କଶ୍ମୀର ଗସ୍ତକୁ ନେଇ ଝଡ଼

ନୂଆଦିଲ୍ଲୀ,୩୦।୧୦ (ପି.ଟି./ଆଇଏଏନ୍ଏସ୍)

ଇୟୁ ପ୍ରତିନିଧି ଦଳର କଶ୍ମୀର ଗସ୍ତକୁ ନେଇ ଝଡ଼ ସୃଷ୍ଟି ହୋଇଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ 'କୂଟନୈତିକ ବିଫଳତା' ଭାବେ ଅଭିହିତ କରି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେହିପରି ଏହି ବିଦେଶୀ ପ୍ରତିନିଧି ଦଳକୁ ସରକାର କଶ୍ମୀର ଆସିବା ପାଇଁ କିପରି ଅନୁମତି ଦେଲେ ବୋଲି ଏନ୍‌ଡିଏର ଦୁଇ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଶିବସେନା ମଧ୍ୟ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ବିଗତ ୩ ଦିନ ଧରି ଭାଜପା ସରକାରର ଅପରିପକ୍ୱ, ମନ୍ଦ ପରାମର୍ଶ ଓ ଭୁଲ୍ ପରିକଳ୍ପନାର ପିଆର୍ କସରତର ଶିକାର ହୋଇଛି ଭାରତ। ଏହି ଗସ୍ତକୁ ଜଣେ 'ଅନ୍ତର୍ଜାତୀୟ ବ୍ୟବସାୟ ବ୍ରୋକର' ଆୟୋଜନ କରିଛନ୍ତି। ପ୍ରତିନିଧି ଦଳରେ ୨୭ ସଦସ୍ୟ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୩ ଜଣଙ୍କୁ କଶ୍ମୀର ଯିବାକୁ ଅନୁମତି ମିଳିଲା ଓ ଅନ୍ୟ ୪ ଜଣଙ୍କୁ ନୂଆଦିଲ୍ଲୀରୁ ଫେରାଇ ଦିଆଗଲା। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ କେନ୍ଦ୍ର ସରକାର ଏହାର ଆନ୍ତର୍ଜାତିକୀକରଣ କାହିଁକି କରୁଛନ୍ତି ବୋଲି ସୁର୍ଜେୱାଲା ପ୍ରଶ୍ନ କରିଛନ୍ତି। ଇୟୁ ପ୍ରତିନିଧି ଦଳର କଶ୍ମୀର ଗସ୍ତ ଆୟୋଜନ କରିଥିବା ମାଦି ଶର୍ମା କିଏ ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କଶ୍ମୀରକୁ ଭାରତୀୟ ଏମ୍‌ପିମାନଙ୍କୁ ଯିବାକୁ ଅନୁମତି ମିଳୁ ନ ଥିବାବେଳେ ଇୟୁ ପ୍ରତିନିଧି ଦଳକୁ କାହିଁକି ଗସ୍ତ କରିବାକୁ ଦିଆଗଲା ବୋଲି ଜେଡିୟୁ ମୁଖପାତ୍ର ପବନ ବର୍ମା ପ୍ରଶ୍ନ କରିଛନ୍ତି। ଶିବସେନା ମୁଖପତ୍ର 'ସାମ୍ନା'ର ସମ୍ପାଦକୀୟରେ ମଧ୍ୟ ଏହାକୁ ନିନ୍ଦା କରାଯାଇଛି। କଶ୍ମୀର ଅନ୍ତର୍ଜାତୀୟ ପ୍ରସଙ୍ଗ ନୁହେଁ ବୋଲି ଭାରତର ଆଭିମୁଖ୍ୟ ଉପରେ ଇୟୁ ଏମ୍‌ପିଙ୍କ ଗସ୍ତ ପ୍ରଶ୍ନଚିହ୍ନ ଲଗାଇଛି। ଏହି ଗସ୍ତ ଭାରତର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଉପରେ ବାହ୍ୟ ଆକ୍ରମଣ ନୁହେଁ କି ବୋଲି ପ୍ରଶ୍ନ କରାଯାଇଛି।



ଡାଲ୍ ହ୍ରଦରେ ପ୍ରତିନିଧି ଦଳର ନୌକାବିହାର।

## ମାଦି ଶର୍ମା କିଏ

ନୂଆଦିଲ୍ଲୀ,୩୦।୧୦

ୟୁରୋପୀୟ ସଂଘ ପ୍ରତିନିଧି ଦଳର କଶ୍ମୀର ଗସ୍ତର ଆୟୋଜିକା ମାଦି ଶର୍ମାଙ୍କୁ ନେଇ ବିବାଦ ଉଠିଛି। ଏହି ପରିପ୍ରେକ୍ଷୀରେ ମାଦି ଶର୍ମା କିଏ ଓ ତାଙ୍କର କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମାଦି ତାଙ୍କ ଟୁଇଟର ଆକାଉଣ୍ଟରେ ନିଜକୁ ଜଣେ 'ସୋସିଆଲ କ୍ୟାପିଟାଲିଷ୍ଟ: ଅନ୍ତର୍ଜାତୀୟ ବିଜିନେସ୍ ବ୍ରୋକର, ଶିକ୍ଷା ଉଦ୍ୟୋକ୍ତା ତଥା ବକ୍ତା' ଭାବେ ଅଭିହିତ କରିଛନ୍ତି।

୨୩ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ନିମନ୍ତ୍ରଣ କରିନାହିଁ କି କଶ୍ମୀରକୁ ଏହା ଏକ ଔପଚାରିକ ଗସ୍ତ ନୁହେଁ। ଓମେନ୍ସ ଇକୋନୋମିକ୍ ଆଣ୍ଡ ସୋସିଆଲ ଥିଙ୍କଟ୍ୟାଙ୍କ୍ (ଡବ୍ଲ୍ୟୁଇଏସ୍‌ଟିଟି) ପକ୍ଷରୁ ସେମାନଙ୍କୁ ମାଦି ନିମନ୍ତ୍ରଣପତ୍ର ପଠାଇଥିଲେ। ଭାରତୀୟ ବଂଶୋଦ୍ଭବ ତଥା ବ୍ରସେଲ୍ସରେ ରହୁଥିବା ମାଦି ହେଉଛନ୍ତି ଏହି ଏନ୍‌ଜିଓର ମୁଖ୍ୟ। ସେ ମାଦି ଗ୍ରୁପ୍ ନାମରେ ଏକ ସଂସ୍ଥା ଚଳାଉଛନ୍ତି, ଯାହାର ଏକ ଅଂଶ ହେଉଛି ଏହି ଥିଙ୍କଟ୍ୟାଙ୍କ୍। ଗ୍ରୁପ୍‌ର ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ମାଦି ୩୦ ଏମ୍‌ପିଙ୍କୁ ନିମନ୍ତ୍ରଣପତ୍ର ପଠାଇଥିଲେ। ଏଥିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ସମ୍ମାନଜନକ ଭିଆଇପି ମିଟିଂ ପରେ ଜମ୍ମୁ-କଶ୍ମୀର ଯିବା ପାଇଁ ବ୍ୟବସ୍ଥା କରିବେ ବୋଲି ଉଲ୍ଲେଖ କରିଥିଲେ। ବ୍ରିଟେନର ଲିବରାଲ ଡେମୋକ୍ରାଟ ପାର୍ଟି ନେତା କ୍ରିସ୍ ଡେଭିସ୍ ଏହି ଗସ୍ତକୁ ଏକ ପିଆର୍ ଷ୍ଟଣ୍ଟ ବୋଲି ସମାଲୋଚନା କରିବା ସହ ଇ-ମେଲ୍‌ରୁ ଉକ୍ତ ନିମନ୍ତ୍ରଣପତ୍ରର ସ୍କ୍ରିନ୍‌ଶଟ୍ ଜାରି କରିଛନ୍ତି। ଯେଉଁ ୪ ପ୍ରତିନିଧିଙ୍କୁ କଶ୍ମୀର ଯିବା ପାଇଁ ଅନୁମତି ଦିଆଯାଇନାହିଁ ସେମାନଙ୍କ ମଧ୍ୟରେ କ୍ରିସ୍ ରହିଛନ୍ତି।



## ହିଜ୍‌ବୁଲ ଆତଙ୍କବାଦୀ ନିହତ

ଶ୍ରୀନଗର,୩୦।୧୦(ଆଇଏଏନ୍ଏସ୍)

ଜମ୍ମୁ-କଶ୍ମୀରରେ ହିଜ୍‌ବୁଲ ମୁଜାହିଦ୍ଦିନ୍‌ର ଜଣେ ଆତଙ୍କବାଦୀ ବୁଧବାର ସୁରକ୍ଷା ବଳର ଗୁଳିମାଡ଼ରେ ନିହତ ହୋଇଛନ୍ତି। ସୋମବାର ସେ ଅନନ୍ତନାଗ ଜିଲାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା କରିଥିଲେ। ନିହତ ଆତଙ୍କବାଦୀଙ୍କ ନାଁ ଅଜାଜ ଅହମ୍ମଦ ମଲିକ ଓ ଘର କୁପ୍‌ୱାରା ଜିଲାର ଦର୍ଦସୁନ୍ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ଅନେକ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି ପୋଲିସ କହିଛି।

## ପେହଲୁ ଖାନ୍‌ଙ୍କ ବିରୋଧରେ ଗୋ-ଚାଲାଣ ମାମଲା ଖାରଜ

ଜୟପୁର,୩୦।୧୦(ପି.ଟି.)

୨୦୧୭ ଏପ୍ରିଲରେ ଗୋସୁରକ୍ଷା କର୍ମୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପେହଲୁ ଖାନ୍‌ଙ୍କ ବିରୋଧରେ ଗୋରୁ ଚୋରାଚାଲାଣ ମାମଲାକୁ ବୁଧବାର ରାଜସ୍ଥାନ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କର ଦୁଇପୁଅ ଓ ଟ୍ରକ୍ ଡ୍ରାଇଭର ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ଅଭିଯୋଗକୁ ମଧ୍ୟ ଅଦାଲତ ରଦ୍ଦ କରିଦେଇଛନ୍ତି। ରାଜସ୍ଥାନ ଗୋସମ୍ପଦ ସୁରକ୍ଷା ଆଇନ ଅନୁଯାୟୀ ଦାଏର ମାମଲା ଓ ୪ ଜଣଙ୍କ ବିରୋଧରେ ଚାର୍ଜଶିଟ୍‌କୁ ଜଷ୍ଟିସ୍ ପଙ୍କଜ ଭଣ୍ଡାରୀଙ୍କ ଜଣିକିଆ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ସେମାନେ ଗୋହତ୍ୟା ପାଇଁ ଗୋରୁ ଚାଲାଣ କରୁଥିବାର କୌଣସି ପ୍ରମାଣ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲା ଖାରଜ ଲାଗି ଟ୍ରକ୍ ଡ୍ରାଇଭର ଖାନ୍ ମହମ୍ମଦ ଓ ପେହଲୁଙ୍କ ଦୁଇପୁଅ ପିଟିଶନ୍ ଦାଏର କରିଥିଲେ। ୨୦୧୭ ଏପ୍ରିଲ ୧ରେ ଅଲୱାର ଜିଲା ଅନ୍ତର୍ଗତ ବେହରୋର୍ ନିକଟରେ ପେହଲୁ, ତାଙ୍କ ଦୁଇପୁଅ ଓ ଅନ୍ୟ କେତେଜଣ ଟ୍ରକ୍‌ରେ ଗୋରୁ ଚାଲାଣ କରୁଥିଲାବେଳେ ଗୋସୁରକ୍ଷା କର୍ମୀମାନେ ସେମାନଙ୍କୁ ଅଟକାଇ ମାଡ଼ ମାରିଥିଲେ। ଏହାର ଦୁଇଦିନ ପରେ ହସ୍ପିଟାଲରେ ପେହଲୁଙ୍କର ମୃତ୍ୟୁ ଘଟିଥିଲା। ଭିଡ଼ ହିଂସାରେ ଜଣକୁ ହତ୍ୟା କରାଯାଇଥିବା ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଏହି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ଆଇଏନ୍ଏକ୍ସ ମିଡିଆ ମାମଲା

# ପୁଣି ଜେଲ ଗଲେ ଚିଦାମ୍ବରମ

ନୂଆଦିଲ୍ଲୀ,୩୦।୧୦(ପି.ଟି.)

ଆଇଏନ୍ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ବୁଧବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ନଭେମ୍ବର ୧୩ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ତେବେ ତାଙ୍କୁ ଗୋଟିଏ ଦିନ ହେପାଜତକୁ ନେଇ ଜେରା କରିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କରିଥିବା ଆବେଦନକୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଖାରଜ କରିଦେଇଥିଲେ। ତିହାର ଜେଲ୍ କର୍ତ୍ତୃପକ୍ଷ ଚିଦାମ୍ବରମଙ୍କୁ ଔଷଧ, ପାଶ୍ଚାତ୍ୟ ଟଏଲେଟ, ସୁରକ୍ଷା ଓ ସ୍ୱତନ୍ତ୍ର ପ୍ରକୋଷ୍ଠ ଯୋଗାଇଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଚିଦାମ୍ବରମଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କୁ ଘରରନ୍ଧା ଖାଦ୍ୟ ପାଇଁ ଅନୁମତି ମିଳିପାରେ ବୋଲି କୁହାଯାଉଛି। ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଅଗଷ୍ଟ ୨୧ରେ ସିବିଆଇ ଚିଦାମ୍ବରମଙ୍କୁ ଗିରଫ କରିଥିଲା। ଏବେ ମନିଲଣ୍ଡରିଂ ମାମଲାରେ ସେ ଇଡି ହାଜତରେ ରହିଛନ୍ତି। ୨୦୦୭ରେ ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିଲାବେଳେ ଆଇଏନ୍ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ ଲାଗି ଏଫଆଇପିବି ଅନୁମତି ପ୍ରଦାନରେ ଅନିୟମିତତା ହୋଇଥିଲା। ଏହାକୁ ନେଇ ୨୦୧୭ ମେ ୧୫ରେ ସିବିଆଇ ଚିଦାମ୍ବରମଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ମାମଲାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ଅନ୍ୟ ଏକ ମାମଲା ରୁଜୁ କରିଥିଲା। ଗତ ୧୬ ତାରିଖରେ ଇଡି ଚିଦାମ୍ବରମଙ୍କୁ ରିମାଣ୍ଡରେ ନେଇ ଜେରା କରୁଥିଲା।



## ଇତିହାସର ଆଇନାରେ — ଅକ୍ଟୋବର ୩୧ର ପ୍ରମୁଖ ଘଟଣା

୨୦୦୦ ଅକ୍ଟୋବର ୩୧ରେ ସିଙ୍ଗାପୁରର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୮୩ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ବିମାନଟି ତାଇପେଇରୁ ଯାତ୍ରା କରୁଥିଲା। ହେଲେ ଯାତ୍ରାରମ୍ଭରେ ରନ୍‌ୱେରେ ନିର୍ମାଣାଧୀନ ବସ୍ତୁ ସହ ବିମାନ ଧକ୍କା ଖାଇଥିଲା। ଦୁର୍ଘଟଣାରେ ୭୧ ଜଣ ଆହତ ମଧ୍ୟ ହୋଇଥିଲେ। ବିମାନରେ ୧୫୯ ଯାତ୍ରୀ ଥିବାବେଳେ ୧୬ ଅକ୍ଷତରେ ବର୍ତ୍ତି ଯାଇଥିଲେ।

୨୦୧୮ ଅକ୍ଟୋବର ୩୧ରେ ଗୁଜରାଟର ନର୍ମଦା ନଦୀତଟରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଭାବେ ଲୌହ ମାନବ ତଥା ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସର୍ବବୃହତ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ୧୮୨ ମିଟର ଉଚ୍ଚତାବିଶିଷ୍ଟ ଏହି ପ୍ରତିମୂର୍ତ୍ତି ଲାଗି ପ୍ରାୟ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଶ୍ରୀରାମ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
ଧୋକେବାଜ ଙ୍କୁ ସାବଧାନ
Mahaveer Nagar, Lewis Road, Bangalore
08587970541
09499469559

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚଢ଼ାଉ: ଶାଳକାଠ ଜବତ

ବଇଣ୍ଡା, ୩୦।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ଆନୁକୂଲ୍ୟ ବେହେରାଙ୍କ ଘର ଓ କୁକୁଡା ଫାର୍ମରେ ଚଢ଼ାଉ କରି ହଣ୍ଡପା ବନ ବିଭାଗ ବୁଧବାର ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଶାଳକାଠ ଜବତ କରିଛି। ଏଥିରେ କାହାରିକୁ ଗିରଫ କରାଯାଇନାହିଁ। ଆନୁକୂଲ୍ୟ ଚୋରା ଶାଳକାଠ ରଖି କାରବାର କରୁଥିବା ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ରଜନୀ ପଣ୍ଡା, ନନ୍ଦ କିଶୋର ତ୍ରିପାଠୀ ପ୍ରମୁଖ ଚଢ଼ାଉ କରିଥିଲେ।

### ଦାୟିତ୍ୱ ନେଲେ ଫାଣ୍ଡି ଅଧିକାରୀ

ବଇଣ୍ଡା, ୩୦।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଫାଣ୍ଡିରେ ବୁଧବାର ନୂତନ ଅଧିକାରୀ ଭାବେ ଏଏସ୍ଆଇ ସନାତନ ମହାରଣା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଫାଣ୍ଡି ଅଧିକାରୀ ରୁଦ୍ର ନାରାୟଣ ବିଶ୍ୱାଳଙ୍କଠାରୁ ଦାୟିତ୍ୱ ନେବା ସହ କିଭଳି ବଇଣ୍ଡାରେ ଆଇନଶୃଙ୍ଖଳା ରକ୍ଷା ହୋଇପାରିବ ସେ ଦିଗରେ ଅଧିକ ଗୁରୁତ୍ୱ ଦେବେ ବୋଲି ମହାରଣା କହିଛନ୍ତି। ଅନ୍ୟପକ୍ଷରେ ବିଶ୍ୱାଳଙ୍କ ହଣ୍ଡପା ଥାନାକୁ ବଦଳି ହୋଇଥିବାବେଳେ ସେଠାରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା, ୩୦।୧୦(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଶିଣା ନିକଟରେ ମଙ୍ଗଳବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ମୋଟ ୮ଟି ମାମଲା ରୁଜୁ କରାଯାଇ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଏଏସ୍ଆଇ ପ୍ରମୋଦ କୁମାର ଆଇଚ ଏହି ଯାଞ୍ଚ କରିଥିଲେ।

### ମହିଳାଙ୍କଠାରୁ ୩୦ ହଜାର ଲୁଟ୍

ବଅଁରପାଳ, ୩୦।୧୦(ଡି.ଏନ.ଏ.)- ନାଲ୍କୋ ଥାନା କୁଲାଡ଼ ଗ୍ରାମର ସଞ୍ଜୁକ୍ତା ଦେଓଙ୍କଠାରୁ ବୁଧବାର ଦୁର୍ବୃତ୍ତମାନେ ୩୦ ହଜାର ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ସଞ୍ଜୁକ୍ତା ନାଲ୍କୋ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ନାଲ୍କୋ ଛକରେ କାର୍‌ରେ ଟଙ୍କା ରଖି ଏଫ୍‌ସିଆଇ ଛକ ନିକଟରେ ଛିଡା ହୋଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ଆସି କାର୍ ଭିତରୁ ଟଙ୍କା ଲୁଟି ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଭାଷା ସାହିତ୍ୟ ବଞ୍ଚାଇ ରଖିବାକୁ ଆହ୍ୱାନ



ଛେଣ୍ଡିପଦା, ୩୦।୧୦(ଡି.ଏନ.ଏ.) - ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ବୁଧବାର ଓଡ଼ିଆ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସୁଷମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପିକା ତଥା ବିଶିଷ୍ଟ କବୟିତ୍ରୀ ଡ. ଇନ୍ଦିରା ଦାଶ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ନୂତନ ଗଳ୍ପ, କବିତା, ପ୍ରବନ୍ଧ ରଚନା ଲିଖନ ଦିଗରେ ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରମାନେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାନ ଲେଖିକା ଲେଖକ ତଥା କବିଙ୍କ ରଚିତ ବିଭିନ୍ନ ପୁସ୍ତକ ଓ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଅଧାପକ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

ବଇଣ୍ଡା,୩୦।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ହେବାକୁ ଥିବା କାର୍ତ୍ତିକେଶ୍ୱର ପୂଜା ପାଇଁ ମଙ୍ଗଳବାର ପୂଜା କମିଟି ଓ ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଇଣ୍ଡା ଛକ ବିକାଶ ପରିଷଦର ସମ୍ପାଦକ ଜିତେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଜଳଧର ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପରିକ୍ଷିତ ସାହୁ, ରମାକାନ୍ତ ବେହେରା, ସଞ୍ଜୟ ସାହୁ, ଅଭିରାମ ସାହୁ, ଲଛମନ ଦାସ, ବିକାଶ ସାହୁ, ପ୍ରଶନ୍ନ ବେହେରା, ପ୍ରଦୀପ ଘିଓ୍ୱାଲା ପ୍ରମୁଖ ଯୋଗ ଦେଇଥିଲେ। କିଭଳି ଶାନ୍ତିଶୃଙ୍ଖଳାର ସହ ପୂଜା ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

■ସୋଲଡ଼ାରେ ପ୍ରଶାସନ ପକ୍ଷରୁ ପଲ୍ଲିସଭା

# ଧଉରାଗୋଠ ପ୍ରକଳ୍ପକୁ ଗ୍ରାମବାସୀଙ୍କ ବିରୋଧ



ପଲ୍ଲିସଭାରେ ଉପସ୍ଥିତ ଗ୍ରାମବାସୀ।

ବଇଣ୍ଡା, ୩୦।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଧଉରାଗୋଠ ଗ୍ରାମରେ ହେବାକୁ ଥିବା ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଏହାକୁ ବିରୋଧ କରିଛନ୍ତି ସୋଲଡ଼ା ଗ୍ରାମବାସୀ। ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବୁଧବାର ଏ ସମ୍ପର୍କିତ ଏକ ପଲ୍ଲିସଭା ଗାଁ ବଇଣ୍ଡା ପଞ୍ଚାୟତ ସୋଲଡା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଧଉରାଗୋଠ ଜଳସେଚନ ପ୍ରକଳ୍ପ ପାଇଁ ଆଲୋଚନାବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ।

ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ, କ୍ଷୁଦ୍ର ଜଳସେଚନ ବିଭଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ସୁରେଶ ଗଡନାୟକ, ସୁଧାକର ପଟ୍ଟନାୟକ, କନିଷ୍ଠଯନ୍ତ୍ରୀ ଉମାକାନ୍ତ ରାଉଳ, ଆର୍‌ଆଇ ପ୍ରତାପ କୁମାର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଜଳସେଚନ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ମତାମତ ସଂଗ୍ରହ କରାଯାଇଥିଲା। ହେଲେ ଗ୍ରାମବାସୀ ଏହାକୁ ବିରୋଧ କରି କହିଲେ, ପ୍ରକଳ୍ପ ନିର୍ମାଣ ହେଲେ ସୋଲଣ୍ଡା ଗ୍ରାମ ସମ୍ପୂର୍ଣ୍ଣ ଭାବେ ବୁଡ଼ିଯିବ। ଏହି ଗ୍ରାମର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ସେମାନେ ଘର, ଚାଷ ଜମି ହରାଇ ବସିବେ। ପ୍ରଶାସନର ସହାୟତା ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ନୁହେଁ। ତେଣୁ ଏଠାରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରା ନ ଯିବା ପାଇଁ ସେମାନେ ଦାବି କରିଥିଲେ। ସଭାରେ ମଧୁସୂଦନ ସାହୁ, ବନବିହାରୀ ପ୍ରଧାନ, ପୀତବାସ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମୋଦ ସାହୁ, ଯୋଗିନ୍ଦ୍ର ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ବିପିନ ବିହାରୀ ସାହୁ, ଶ୍ରୀଧର ମାଝି, ବିଶେଶ୍ୱର ସାହୁ, ମନୋରଞ୍ଜନ ନାୟକ ପ୍ରମୁଖ ଗ୍ରାମବାସୀ ଯୋଗ ଦେଇଥିଲେ। ଗ୍ରାମବାସୀଙ୍କ ମତାମତ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ଉପଜିଲାପାଳ ଡ. ବିଶ୍ୱାଳ ଗ୍ରାମବାସୀଙ୍କୁ କହିଥିବା ସୂଚନା ଦେଇଛନ୍ତି।

## ବନ ସୁରକ୍ଷା ସମିତି ବୈଠକ

ଛେଣ୍ଡିପଦା,୩୦।୧୦ (ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତିର ମାସିକ ସମୀକ୍ଷା ବୈଠକ ସୋମବାର ସ୍ଥାନୀୟ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜ ଅଫିସର ହୃଦାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଏହି ବୈଠକରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଜରପଡା ଏଫ୍ଏମୟୁ ଅଧୀନରେ ପ୍ରାୟ ୨୦ଟି ବନ ସୁରକ୍ଷା ସମିତିକୁ ରାଜ୍ୟ ସରକାରଙ୍କ ଆମ ଜଙ୍ଗଲ ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ସନ୍ତୋଷଜନକ ଥିବା ଉପସ୍ଥିତ ସମିତି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ସେହିପରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ ଅନ୍ୟ ୩୩ଟି ବନ ସୁରକ୍ଷା ସମିତିକୁ ମଧ୍ୟ ପର୍ଯ୍ୟାୟକ୍ରମେ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଫରେଷ୍ଟର ଲୋକନାଥ ପ୍ରଧାନ, ବିକାଶ ନାୟକ, ଅନୁଗୋଳ ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି (ନିଉଜ ସଙ୍ଗଠନ) ଟିମ ଲିଡର ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ଯଶୋବନ୍ତ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତ ସଭାଗୃହ ଉଦ୍‌ଘାଟିତ

ବଇଣ୍ଡା, ୩୦।୧୦(ଡି.ଏନ.ଏ.)



କିଶୋରନଗର ବ୍ଲକ ନାକିଚି ପଞ୍ଚାୟତର ନୂତନ ସଭାଗୃହ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ସଭାଗୃହ ଉଦ୍‌ଘାଟନ କରିବା ସହ ଜନ ପ୍ରତିନିଧିମାନେ ଲୋକଙ୍କ ସମସ୍ୟା ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡିଓ ଅମୃତା ପ୍ରିୟମ୍ବଦା, ନାକିଚି ସରପଞ୍ଚ ପ୍ରଶାନ୍ତ ଦିଆଣି, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ହଣ୍ଡପା ସରପଞ୍ଚ ଅମିୟ ପ୍ରଧାନ, ନାକିଚି ସମିତିସଭ୍ୟା ରଶ୍ମିତା ପ୍ରଧାନ, ଜିପିଓ ସୁଜାତା ତ୍ରିପାଠୀ, ଠେଲକନାଳୀ ସରପଞ୍ଚ ପ୍ରମୋଦିନୀ ନାୟକ, ନାକିଚି ଗ୍ରାମ ସଭାପତି ନାରାୟଣ ମାଝି, ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## କଲେଜ ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ବଇଣ୍ଡା, ୩୦।୧୦(ଡି.ଏନ.ଏ.)



କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ବିହାରୀ ପ୍ରଧାନ ବୁଧବାର ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ଅଧାପକ ଶ୍ରୀନିବାସ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧାପକ ସିଦ୍ଧାର୍ଥ ପଣ୍ଡା, ଅସିତ କୁମାର ଜେନା, କାଳନ୍ଦୀ ଚରଣ ପ୍ରଧାନ, ହାଡିବନ୍ଧୁ ପ୍ରଧାନ, ଲମ୍ବୋଦର ପ୍ରଧାନ, ସନ୍ତୋଷ କୁମାର ସାହୁ, ନିରଞ୍ଜନ ଦାସ, ରବି ନାରାୟଣ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପବିତ୍ରନଗରରେ ଗାନ୍ଧୀ ସଂକଳ୍ପ ଯାତ୍ରା



ଭାଜପା ନେତା ଓ କର୍ମୀମାନେ ଗାନ୍ଧୀ ସଂକଳ୍ପ ଯାତ୍ରାରେ ବାହାରିଛନ୍ତି।

ପବିତ୍ରନଗର, ୩୦।୧୦ (ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ଅଞ୍ଚଳର ବିଭିନ୍ନ ଗ୍ରାମରେ ଭାଜପା ତରଫରୁ ବୁଧବାର ଗାନ୍ଧୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ରନଗର ମଣ୍ଡଳର ବହୁ ଭାଜପା କାର୍ଯ୍ୟକର୍ତ୍ତା ଏକ ଶୋଭାଯାତ୍ରାରେ କର୍ଣ୍ଣପାଳ ପଞ୍ଚାୟତ ଲୁଧୁଣୀ ମନ୍ଦିରରୁ ବାହାରି ଶିପୁର, ଶିଳିଂ, ପରାବିଲ, ପବିତ୍ରନଗର ଛକ, ଗୌଣିଘଷା, ଝୁଲାଖୁଣ୍ଟିଆ, ମହୀଧରପୁର ଆଦି ଗ୍ରାମ ଦେଇ ବୁରୁକୁନାଠାରେ ପହଞ୍ଚିଥିଲେ। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିଲା ପରିଷଦ ସଦସ୍ୟା ବସନ୍ତ ମଞ୍ଜରୀ ପ୍ରଧାନ, ବ୍ଲକ ଚେୟାରମ୍ୟାନ ନମିତା ସାହୁ, ଭାଇସ ଚେୟାରମ୍ୟାନ ତ୍ରିପୁରାରୀ ପ୍ରଧାନ, ସଂକଳ୍ପ ଯାତ୍ରା ପ୍ରମୁଖ ଗୌର ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଂକଳ୍ପ ଯାତ୍ରା ମାଧ୍ୟମରେ ସ୍ୱଚ୍ଛଭାରତ, ପଲିଥିନ ମୁକ୍ତ ପରିବେଶ ଗଠନ, ବୃକ୍ଷ ରୋପଣ, ନିଶା ନିବାରଣ, ଜଳ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବାଟ ବାୟାଣୀଙ୍କ ବାର୍ଷିକ ଉତ୍ସବ

ଛେଣ୍ଡିପଦା,୩୦।୧୦(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ସରପାଳ ଗ୍ରାମସ୍ଥିତ ମା' ବାଟ ବାୟାଣୀଙ୍କ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ କଳସଯାତ୍ରା, ହୋମଯଜ୍ଞ, ଅନ୍ନପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମ ସଭାପତି ପ୍ରଭାକର ସାହୁ, ସମ୍ପାଦକ ଅଭିମନ୍ୟୁ ସାହୁ, ସହ ସମ୍ପାଦକ ବୀରେନ ସାହୁ, କୋଷାଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

### ମନ୍ଦିର ରତ୍ନମୁଦ ଉତ୍ସବ

କଣିହାଁ, ୩୦।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ବିଜିଗୋଳ ପଞ୍ଚାୟତ ଏନ୍‌ଟିପିସି ପାଣି ପମ୍ପ ହାଉସ ନିକଟ ମା' ଭୈରବୀ ପୀଠରେ ବୁଧବାର ମା' ଲାବଣ୍ୟବତୀଙ୍କ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିଯୋଗୁ ପୀଠ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଲୋକ ପୂଜାରେ ସହଯୋଗ କରୁଛନ୍ତି। ଏହି ଅବସରରେ ନାମ ସଂକୀର୍ତ୍ତନ, ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି।

# ୩୦୫ ଜଣଙ୍କୁ ଭତ୍ତା ବଣ୍ଟନ

କଣିହାଁ, ୩୦।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବଣ୍ଟନ କରାଯାଇଛି। ପବିତ୍ରନଗର ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ୩୦୫ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏଥିରେ ଏବିଡିଓ ବିଜୟ କୁମାର ମେହେର ଅଧ୍ୟକ୍ଷତା କରିଥିଲେ। ଏବିଡିଓଙ୍କ ସୂଚନା ମୁତାବକ, ନୂତନ ଭାବେ ୩୦୫ ଜଣଙ୍କୁ ଭତ୍ତା ଦିଆଯିବା ସହ ୩ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ କାର୍ଯ୍ୟ ସାରିଥିବା ୨୬ ହିତାଧିକାରୀଙ୍କୁ ୨୨ ହଜାର ଲେଖାଏ ଏବଂ ୬ ମାସ ମଧ୍ୟରେ ଘର ନିର୍ମାଣ କରିଥିବା ୨୭ ଜଣଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସେମାନଙ୍କ ବ୍ୟାଙ୍କ ଖାତାରେ ଜମାକରାଯିବ ବୋଲି ଘୋଷଣା କରାଯାଇଥିଲା। ସରପଞ୍ଚ, ସମିତିସଭ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାସିନୀ ପ୍ରଧାନ, ଶରତ ବିଶ୍ୱାଳ, ସନ୍ତୋଷ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।


ଜଣେ ଦିବ୍ୟାଙ୍ଗଙ୍କୁ ବିଧାୟକ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ

ପାଲଲହଡ଼ା, ୩୦।୧୦(ଡି.ଏନ.ଏ.)

ପାଲଲହଡ଼ା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ନିର୍ବାଚନ ପ୍ରକୋଷ୍ଠରେ ୫୯ ନଂ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ଓ ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ସହ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ଯଥା ସମୟରେ ଦାଖଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ବିଡିଓ ଏସ୍. ଲଲାଟେନ୍ଦୁ ନୈବେଦ୍ୟ ଗୁଗୁଲ ମାଧ୍ୟମରେ ସିଇଓ-ଓଡିଶା ୱେବପୋର୍ଟାଲକୁ ଯାଇ କିପରି ଫର୍ମ ପୂରଣ କରିବାକୁ ହେବ ତାହା ବୁଝାଇ କହିଥିଲେ। ନଭେମ୍ବର ୧୮ ମଧ୍ୟରେ ଫର୍ମ ଦାଖଲ କରିବା ପାଇଁ ନିର୍ବାଚନ ଅଧିକାରୀ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ କହିଥିଲେ। ଶିବିରରେ ୧୨ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ୧୩୯ ଜଣ ସୁପରଭାଇଜର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାୟକ ଜିଲାପାଳ ବେରସିୟସ ଡୁଙ୍ଗଡୁଙ୍ଗ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୁଖବନ୍ଧୁ ମାଝି, ବରିଷ୍ଠ କିରାଣି ସନ୍ତୋଷ କୁମାର ବେହେରାଙ୍କ ସମେତ ଅଙ୍ଗନୱାଡିକର୍ମୀ ମାନେ ଯୋଗ ଦେଇଥିଲେ।


ଶିବିରରେ ଯୋଗଦେଇଥିବା ସୁପରଭାଇଜରମାନେ।

■ବିଦ୍ୟାଳୟରେ ୧୨ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

# ରକ୍ତହୀନତାର ଶିକାର ୪୫


ସ୍କୁଲରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରୁଛନ୍ତି ଡାକ୍ତରୀ ଟିମ୍।

ବନ୍ତଳା, ୩୦।୧୦(ଡି.ଏନ.ଏ.)

■ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା
■ଅଧିକାଂଶଙ୍କ ଓଜନ କମ୍
■ପୁଣି ୪ ଅସୁସ୍ଥ

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ପଞ୍ଚାୟତ ଟାକରିଶିଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ୧୨ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣା ପରେ ବୁଧବାର ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସ୍କୁଲକୁ ଯାଇ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ବିଦ୍ୟାଳୟର ପ୍ରାୟ ୪୫ ଛାତ୍ରୀଛାତ୍ର ରକ୍ତହୀନତାର ଶିକାର ହୋଇଥିବାବେଳେ ଅଧିକାଂଶଙ୍କ ଓଜନ ସେମାନଙ୍କ ବୟସ ତଥା ଓଜନ ଅନୁସାରେ କମ୍ ଥିବା ଡାକ୍ତରୀ ଟିମ୍ ଜାଣିବାକୁ ପାଇଛି। ସେହିପରି ୫ ଜଣଙ୍କ ଦାନ୍ତଜନିତ ସମସ୍ୟା ଥିବାବେଳେ ୩ ଜଣ ନିଶା ସେବନ କରୁଥିବା ଏବଂ ଆଉ ୩ ଜଣ ସିକିଲ ସେଲ୍ ରୋଗରେ ପୀଡିତ ଥିବା ଜଣାପଡିଛି। ଡାକ୍ତର ବୀରେନ ସାହୁ, ଡାକ୍ତର ରାଜଶ୍ରୀ ପାଢ଼ୀ, ଫାର୍ମାସିଷ୍ଟ ଛବିନ୍ଦ୍ର ସାମଲ, ଏଏନଏମ ବିଦ୍ୟୁତଲତା ସାହୁ ପ୍ରମୁଖ ଏହି ଟିମ୍‌ରେ ଆସି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଔଷଧ ଦେଇଛନ୍ତି। ମୋଟ ୫୯ ଜଣ ପିଲା ଏହି ସମୟରେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ କରିଥିଲେ। ତେବେ ସ୍ୱାସ୍ଥ୍ୟ ଟିମ୍ ସେଠାରୁ ଫେରିବା ପରେ ଆଉ ୪ ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ଜଣାପଡିଛି।

## ୧୧ରୁ ଜାପାନିଜ୍ ଏନସେଫାଲାଇଟିସ ଟିକାକରଣ

ଛେଣ୍ଡିପଦା,୩୦।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ପଞ୍ଚାୟତ ସମିତି ସଭାଗୃହରେ ଜାପାନିଜ ଏନସେଫାଲାଇଟିସ ଟିକାକରଣ ଉପରେ ଏକ ସଚେତନତା ସଭା ବିଡିଓ ସୁନୀଲ କୁମାର କେର୍କେଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଧୀରେନ କୁମାର ପ୍ରଧାନ, ବିପିଏମ ସଞ୍ଜୟ ବେହେରା, ବ୍ଲକ ଶିକ୍ଷା ବିଭାଗର ସମସ୍ତ ସିଆରସିସି, ଅଙ୍ଗନୱାଡି ସୁପରଭାଇଜର, ସେକ୍ଟରସ୍ତରୀୟ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହି ଏହି ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ। ଆସନ୍ତା ୧୧ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ୧ରୁ ୧୫ ବର୍ଷର ପିଲାମାନଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା। ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଟିକାକରଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ଏମାନେ ବି ଷ୍ଟାର...

କ୍ୟାବ୍ ଡ୍ରାଇଭିଂରୁ ରାଜନୀତି, ସାମୂହିକ କାର୍ଯ୍ୟରୁ ମଡେଲିଂ -ସବୁକ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରୁଛନ୍ତି ଏମାନେ। ଟ୍ରାନ୍ସଜେଣ୍ଡର ଆକ୍ଟିଭିଷ୍ଟ ଲକ୍ଷ୍ମୀନାରାୟଣ ତ୍ରିପାଠୀ ହୁଅନ୍ତୁ କି ଭାରତର ପ୍ରଥମ କିନ୍ନର ଆଇନଜୀବୀ ସତ୍ୟଶ୍ରୀ ଶର୍ମିଲା କିମ୍ବା ପ୍ରଥମ କଲେଜ ଅଧକ୍ଷ ମାନବୀ ବନ୍ଦ୍ୟୋପାଧ୍ୟାୟ, ଏମାନେ ଆଜି ଦେଶର ଚର୍ଚ୍ଚିତ ଚେହେରା । ତେବେ ଏହି ଧାରାରେ ଓଡ଼ିଶାର କିନ୍ନରମାନେ ମଧ ପଛରେ ପଡ଼ିନାହାନ୍ତି। ପ୍ରଥମ ବ୍ୟୁରୋକ୍ରାଟ୍‌ରୁ ଆରମ୍ଭକରି 'ଓଲା' ଏବଂ 'ଉବର୍'ର ଦେଶର ପ୍ରଥମ କିନ୍ନର କ୍ୟାବ୍ ଡ୍ରାଇଭର ହେବା ସହ ବିଭିନ୍ନ କ୍ଷେତ୍ରରେ ଏମାନେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ପାଲଟିଛନ୍ତି ଷ୍ଟାର...

## ପ୍ରଥମ ବ୍ୟୁରୋକ୍ରାଟ୍ ଐଶ୍ୱର୍ଯ୍ୟା


ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ କେବଳ ଓଡ଼ିଶା ନୁହେଁ, ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର ସିଭିଲ ସର୍ଭ୍ୟାଣ୍ଟ ବା ପ୍ରଶାସକ ହେବାର ଗୌରବ ଅର୍ଜନ କରିଛନ୍ତି। ଓଡ଼ିଶା ଫିନାନ୍ସିଆଲ ସର୍ଭିସ୍(ଓଏଫ୍‌ଏସ୍) ଓଡ଼ିଶା ଅର୍ଥନୈତିକ ସେବାରେ କୃତକାର୍ଯ୍ୟ ହୋଇ ସେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ବ୍ୟୁରୋକ୍ରାଟ୍ ହୋଇଥିଲେ। ୨୦୧୦ରେ ଓଏଫ୍‌ଏସ୍‌ରେ ଯୋଗଦେଇଥିବା ଐଶ୍ୱର୍ଯ୍ୟା ପ୍ରଥମେ କମର୍ସିଆଲ ଟ୍ୟାକ୍ସ ଅଫିସରଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେ ଜିଏସ୍‌ଟିର ଡେପୁଟି କମିଶନରଭାବେ କାର୍ଯ୍ୟ କରୁଥିବା ବେଳେ କର୍ମକ୍ଷେତ୍ରରେ ବିଶେଷ ସଫଳତା ହାସଲ କରିଛନ୍ତି। ବହୁ ପ୍ରତିବନ୍ଧକ ସତ୍ତ୍ୱେ ଦୃଢ ଇଚ୍ଛାଶକ୍ତି ବଳରେ ସେ ଏହି ସଫଳତା ହାସଲ କରିଛନ୍ତି। କେବଳ ଏତିକି ନୁହେଁ, ୨୦୧୫ରେ ଔପଚାରିକଭାବେ ନିଜର ଲିଙ୍ଗ ପରିବର୍ତ୍ତନ କରି ସେ ଆଉଏକ ଉଦାହରଣ ସୃଷ୍ଟି କରିଥିଲେ।

## ପ୍ରଥମ 'ଓଲା' କ୍ୟାବ୍ ଚାଳକ

୨୦୧୮ରେ ଓଡ଼ିଶାର ମେଘନା ସାହୁ ଦେଶର ପ୍ରଥମ ଏବଂ ଏକ ମାତ୍ର ଟ୍ରାନ୍ସଜେଣ୍ଡର ଓଲା କ୍ୟାବ୍ ଡ୍ରାଇଭର ହୋଇ ଲୋକଲୋଚନକୁ ଆସିଥିଲେ। ଚିରାଚରିତକୁ ପଛରେ ପକାଇ ସେ ନୂତନ ରାସ୍ତାରେ ଅଗ୍ରସର ହୋଇଛନ୍ତି। ପ୍ରଥମେ ୨୦୧୭ରେ ବାସୁଦେବ ନାୟକଙ୍କ ହାତ ଧରିଥିବା ମେଘନା ଓଡ଼ିଶାର ପ୍ରଥମ କିନ୍ନରଭାବେ ବିବାହ ବନ୍ଧନରେ ଆବଦ୍ଧ ହୋଇ ଚର୍ଚ୍ଚାକୁ ଆସିଥିଲେ। ମାର୍କେଟିଂ ଏବଂ ଏଚ୍‌ଆର୍‌ରେ ଏମ୍‌ବିଏ କରିଥିବା ମେଘନା ଉଚ୍ଚଶିକ୍ଷିତ ହୋଇ ମଧ କିନ୍ନର ହୋଇଥିବା ଯୋଗୁ ଚାକିରି ଖଣ୍ଡେ କରିବାରୁ ବଞ୍ଚିତ ହୋଇଥିଲେ। ଦୁର୍ବ୍ୟବହାର ଓ ପାତରଅନ୍ତରର ଶିକାର ହେବା ପରେ ନିଜେ ଏକ ଗାଡି କିଣି ତାହାକୁ ବ୍ୟବସାୟିକଭାବେ ଚଳାଇବାକୁ ସ୍ଥିର କରିଥିଲେ। ହେଲେ କମର୍ସିଆଲ ଡ୍ରାଇଭିଂ ଲାଇସେନ୍ସ ପାଇବା ତାଙ୍କ ପାଇଁ କାଠିକର ପାଠଥିଲା। ବହୁ ସଂଘର୍ଷ ପରେ ଲାଇସେନ୍ସ ମିଳିବାରୁ ଓଲା ସହ ଯୋଗାଯୋଗ କରି ଏହାର ପାର୍ଟନର ଡ୍ରାଇଭର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ, ୨୮ ବର୍ଷୀୟ ମେଘନା ଏକ ଏନ୍‌ଜିଓ ସହ କାମ କରୁଥିବା ବେଳେ ସାମାଜିକ ସୁରକ୍ଷା କର୍ମୀଭାବେ ମଧ କିନ୍ନରମାନଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିଛନ୍ତି। କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଏହାସହ ଏକ ଗଣମାଧମ ସଂସ୍ଥା ସହ ଜଡିତ ରହି ମେଘନା ଖବରଦାତାଭାବେ କାମ କରୁଛନ୍ତି।


ମେଘନା

## ଦେଶର ପ୍ରଥମ 'ଫାଇଭ୍ ଷ୍ଟାର୍' ଉବର୍ ଡ୍ରାଇଭର


ରାଣୀ

ମଲ୍ଟି ନ୍ୟାଶନାଲ ଟ୍ରାନ୍ସପୋର୍ଟ କମ୍ପାନୀ 'ଉବର୍' ପାଇଁ କ୍ୟାବ୍ ଚଳାଉଥିବା ଓଡ଼ିଶାର ରାଣୀ ଦେଶର ପ୍ରଥମ ଫାଇଭ୍ ଷ୍ଟାର୍ କିନ୍ନର ଉବର୍ ଡ୍ରାଇଭର ହେବାର ଗୌରବ ଅର୍ଜନ କରିଛନ୍ତି। ସର୍ବଶ୍ରେଷ୍ଠ ରେଟିଂ ପାଇଥିବା ଡ୍ରାଇଭର ସହ ରାଣୀ ଏବେ ଭାରତର ୧ ନମ୍ବର ଉବର ଡ୍ରାଇଭର। ମଧରାତି ହେଉ କି ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ଟ୍ରାଫିକ୍, ଯାତ୍ରୀଙ୍କୁ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ରାଣୀ ସମସ୍ତଙ୍କ ପ୍ରିୟ ପାଲଟିଥିବା ବେଳେ ଏକୁଟିଆ ମହିଳାଙ୍କୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇ ମହିଳାଙ୍କ ସର୍ବାଧିକ ପ୍ରିୟଭାଜନ ହୋଇଛନ୍ତି। ସେଥିପାଇଁ ୯୫ ପ୍ରତିଶତ ବୁକିଂ କେବଳ ମହିଳାଙ୍କଠାରୁ ପାଇବା ସହ ପ୍ରତି ବୁକିଂରେ ସେ ଫାଇଭ୍ ଷ୍ଟାର୍ ପାଇଥାନ୍ତି। ରାଣୀଙ୍କ ଏହି ସଫଳତା କେବଳ ଓଡ଼ିଶାର ନୁହେଁ, ବରଂ ଦେଶର ବହୁ କିନ୍ନରଙ୍କୁ କ୍ୟାବ୍ ଡ୍ରାଇଭିଂ ପ୍ରତି ଆକର୍ଷିତ କରିଛି। ଲୋକଙ୍କ ଟାହିଟାପରାକୁ ଖାତିର ନକରି ସେ କିଭଳି ଜଣେ ସାଧାରଣ ଅଟୋରିକ୍ସା ଡ୍ରାଇଭରରୁ ଦେଶର ଏକ ନମ୍ବର ଡ୍ରାଇଭର ହେବା କିଛି କମ୍ କଥା ନୁହେଁ।

## ରାଜନୀତି ମଇଦାନରେ କାଜଲ

୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ କିନ୍ନର କାଜଲ। ପୂର୍ବରୁ ସାମାଜିକ କର୍ମୀଭାବେ ଲୋକପ୍ରିୟତା ହାସଲ କରିଥିବା କାଜଲ ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ ଯାଜପୁର ଜିଲା କୋରେଇ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। କିନ୍ନରମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ। ମାତ୍ର ଅଳ୍ପ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ ମଧ ପଛଘୁଞ୍ଚା ଦେଇନାହାନ୍ତି। ସାମାଜିକ କାର୍ଯ୍ୟ ସହ ଏବେ ବି କାଜଲ ଜଡ଼ିତ ରହିଛନ୍ତି। କେବଳ କାଜଲ ନୁହନ୍ତି, ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗୀ ମହାସଂଘର ସଭାପତି ଥିବା ମୀରା ଏବଂ ମେନକାଙ୍କ ଭଳି ପରିଚିତ ଚେହେରା ଗତ ନିର୍ବାଚନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥିପାଇଁ ବିଗତ ବର୍ଷଗୁଡିକ ଅପେକ୍ଷା ଚଳିତ ବର୍ଷ ନିର୍ବାଚନରେ କିନ୍ନରମାନଙ୍କ ସକ୍ରିୟ ଉପସ୍ଥିତି ଦେଖିବାକୁ ମିଳିଥିଲା। ଓଡ଼ିଶାରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ କିନ୍ନର ରହିଥିବା ବେଳେ ଏଲ୍‌ଜିବିଟି କମ୍ୟୁନିଟି ଭୋଟରଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିଲା।


କାଜଲ

ରିପୋର୍ଟ: ସସ୍ମିତା ପାଇକରାୟ

---

## ଖାଦ୍ୟ ରୁଚି

# ପନିର ଲେଟ୍‌ମିକାଏ



ପନିର ଲେଟ୍‌ମିକାଏ ସ୍ନାକ୍ସ ଆଇଟମ୍ ଭେଜିଟେରିଆନଙ୍କର ଅଧିକ ପସନ୍ଦ। କ୍ରିସ୍‌ପି ଲାଗୁଥିବା ଏହି ପକୋଡାଟି ଚିଲି ଓ ଟମାଟୋ ଦୁଇଟି ଯାକ ସସ୍‌ରେ ଖାଇହେବ। ସଫ୍ଟ ଓ ହାର୍ଡ ଡ୍ରିଙ୍କ୍ସ ସହିତ ବି ଏହାକୁ ଖାଇବାକୁ ଲୋକେ ପସନ୍ଦ କରିଥାନ୍ତି। ଭୁବନେଶ୍ୱରସ୍ଥିତ ଏସିଆ-୭ରେ ପ୍ରସ୍ତୁତ ହୋଇଥାଏ ଏହି ସୁସ୍ୱାଦୁ ବ୍ୟଞ୍ଜନ। ଏହାର ପ୍ରସ୍ତୁତି ସମ୍ପର୍କରେ ଶେଫ୍ ଜ୍ଞାନରଞ୍ଜନ ଯାହା କୁହନ୍ତି....

### ଆବଶ୍ୟକ ସାମଗ୍ରୀ

ପନିର, କର୍ନଫ୍ଲେକ୍ସ(ଗୁଣ୍ଡ), ଚାଇନା ସଲ୍ଟ, ବ୍ଲାକ୍ ପିପର(ଗୋଲମରିଚ), ଶୁଖିଲା ଲଙ୍କା ପେଷ୍ଟ, ରସୁଣ(ଚପ୍ ସାଇଜ), ଅଦା(ଚପ୍ ସାଇଜ), ପିଆଜ(ଚପ୍ ସାଇଜ), କ୍ୟାପ୍‌ସିକମ୍, ମଇଦା(୫୦ଗ୍ରାମ), ମେଓନାଇଜଡ୍ ସସ୍, ତେଲ।

ଶେଫ୍: ଜ୍ଞାନରଞ୍ଜନ

ରିପୋର୍ଟ: ଶୋଭେନ୍



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ମଇଦାରେ ପାଣି ପକାଇ ଅଳ୍ପ କାଠୁଆ କରି ଗୋଳାନ୍ତୁ। ପରେ ସେଥିରେ ପନିର, ଲୁଣ, ବ୍ଲାକ୍ ପିପର, ଚାଇନା ସଲ୍ଟ ମିଶାଇ ଗୋଳାନ୍ତୁ। ଅନ୍ୟ ଏକ ପାତ୍ରରେ ତେଲ ଗରମ କରନ୍ତୁ। କର୍ନଫ୍ଲେକ୍ସ ଗୁଣ୍ଡରେ ପନିର ମିଶାଇ ତାକୁ ତେଲରେ ଛାଣନ୍ତୁ। ପରେ ଲଙ୍କା, ରସୁଣ, ଅଦା ତେଲରେ ପକାଇ ଭାଜନ୍ତୁ। ସେଥିରେ ପିଆଜ ଓ କ୍ୟାପ୍‌ସିକମ୍ ପକାଇ ପୁଣି ଭାଜନ୍ତୁ। ଭାଜି ସାରିବା ପରେ ଶୁଖିଲା ଲଙ୍କାର ପେଷ୍ଟ, ଟମାଟୋ ସସ୍, ହୁଇସିଲ୍ ସସ୍ ପକେଇ ଗୋଳାଇଲେ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହା ପରେ ଛଣା ହୋଇଥିବା ପନିରକୁ ଏଥିରେ ମିଶାଇ ହାଲୁକା ଭାବେ ଗୋଳାନ୍ତୁ। ଏବେ ପ୍ରସ୍ତୁତ ପନିର ଲେଟ୍‌ମିକାଏ।

---

## ମୋ ଅନୁଭୂତି

# ଗମ୍ଭୀରଙ୍କ ସହ ବିଶେଷ ମୁହୂର୍ତ୍ତ ଅପାସୋରା

ରାଜ୍ୟ କ୍ରିକେଟ୍‌ରେ କ୍ରିଷ୍ଣା ପଲାଇ ଜଣେ ନବାଗତ ଚେହେରା। ରାଉରକେଲାରେ ତାଙ୍କର ଜନ୍ମ। ସ୍ପିନ୍ ବୋଲର ଭାବେ ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ପିତା ଅଭିମନ୍ୟୁ ପଲାଇ ଓ ମା' ଘୋଷାମଣି ପଲାଇଙ୍କ ପୁଅ କ୍ରିଷ୍ଣାଙ୍କ ଅନୁଭୂତିରୁ କିଛି...

ଆଜି ମୋତେ ଯାହା ବି ମିଳିଛି ସେସବୁ ପଛରେ ମୋ ପରିବାର ଲୋକଙ୍କ ଭଲପାଇବା ହିଁ ଅଛି। ସେମାନଙ୍କ ସହଯୋଗ ବିନା ମୁଁ କିଛି ବି ନୁହେଁ। ମୋ ବାପା ଅଭିମନ୍ୟୁ ଜଣେ ଅଟୋଚାଳକ। ମୁଁ ଏବେ ଓଡ଼ିଶା ସିନିୟର କ୍ରିକେଟ ଦଳର ଖେଳାଳି। ଏହାଠାରୁ ବଡ଼ କଥା ଆଉ କ'ଣ ଥାଇପାରେ ! ଅଟୋ ଚଳାଇ ଗୋଟିଏ ପରିବାରର ବୋଝ ବୋହୁଥିବା ପିତାର ପୁଅ ହୋଇ ଏତିକି ଶିଖିଛି, ଜୀବନରେ କେବେ ହାର ମାନିବନି। ସଂଘର୍ଷର ଫଳ ମିଠା। ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ, ତା'ହେଲେ ଭଗବାନ ତୁମକୁ ଏହାର ଫଳ ନିଶ୍ଚିତ ଦେବେ। ମୋ ବାପାଙ୍କଠାରୁ ଅନେକ କଥା ଶିଖିଛି, ଯାହା ଏବେ ମୋ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟରେ ଲାଗୁଛି। ତାଙ୍କ ପାଇଁ ମୁଁ ଗର୍ବ ଅନୁଭବ କରେ। ପରିବାରର ଆର୍ଥିକ ଅବସ୍ଥା କିପରି ଅଛି, ତାହା ସେ କେବେ ଆମକୁ ଅନୁଭବ କରିବାକୁ ଦେଇ ନାହାନ୍ତି। ୨ ବଡ଼ ଭଉଣୀରେ ମୁଁ ଏକମାତ୍ର ସାନ ଭାଇ। ବଡ଼ ଭଉଣୀ ପିଙ୍କି ଏବେ ଚାକିରି କରି ବାପାଙ୍କ କାନ୍ଧର ଭାରକୁ ସହଜ କରି ଦେଇଛନ୍ତି। ସାନ ଭଉଣୀ ରିଙ୍କିର ପଢ଼ାପଢ଼ି ଜାରି ରହିଛି। ପରିବାର ପାଇଁ ଏବେ ସୁଦ୍ଧା ମୋର କିଛି ବଡ଼ ଅବଦାନ ନାହିଁ। ଏମାନଙ୍କ ପାଇଁ ବହୁତ କିଛି କାମ କରିବି ବୋଲି ମୋର ବିଶ୍ୱାସ ଅଛି।

କ୍ରିଷ୍ଣା ନିଜର ଏକ ଅନୁଭୂତି ସମ୍ପର୍କରେ କୁହନ୍ତି, ବିଜୟ ହଜାରେ ଟ୍ରଫିର ୨୦୧୮ ସଂସ୍କରଣରେ ପ୍ରଥମଥର ନିମନ୍ତେ ରାଜ୍ୟ ସିନିୟର ଦଳରେ ସାମିଲ ହୋଇଥିଲି। ଦିଲ୍ଲୀରେ ଏକ ମ୍ୟାଚ୍ ଖେଳା ଯାଇଥିଲା। ଅଭ୍ୟାସ ସମୟରେ ଅନେକ ଅନ୍ତର୍ଜାତୀୟ ତାରକା ଖେଳାଳିଙ୍କ ସହ ଭେଟ ହୋଇଥିଲା। ରିଷଭ ପନ୍ଥ, ସୁରେଶ ରାଇନାଙ୍କ ସହ ସେଲଫି ନେଇଥିଲି। ହେଲେ ଭାରତୀୟ ଦଳର ପୂର୍ବତନ ଓପନର ଗୌତମ ଗମ୍ଭୀରଙ୍କ ସହ ଏକ ବିଶେଷ ମୁହୂର୍ତ୍ତ ମୋ ପାଇଁ ଅପାସୋରା ହୋଇ ରହିବ। ମୁଁ ବୋଲିଂ କରୁଥିବା ବେଳେ ସେ ଦୂରରେ ଛିଡ଼ା ହୋଇ ଦେଖୁଥିଲେ। କିଛି ମିନିଟ୍ ପରେ ପାଖକୁ ଆସି ମୋ ବୋଲିଂ ଦେଖିଲେ। ପରେ ଭଲ ବୋଲିଂ କରୁଛ ବୋଲି କହିଥିଲେ ଓ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

ରିପୋର୍ଟ: କୁମାରଶ୍ରୀ ସାହୁ


କ୍ରିଷ୍ଣା ପଲାଇ

---

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com


ସାଗର


ପ୍ରିୟବ୍ରତ


ସନ୍ଧ୍ୟା


ମହେଶ୍ୱେତା


ରୋଶନ


ସୌମ୍ୟ


ସୌଦାମିନୀ


ଅସିତ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସଂକ୍ଷେପରେ

### ବିପର୍ଯ୍ୟୟର ମୁକାବିଲା ପାଇଁ ମାନସିକ ପ୍ରସ୍ତୁତି ଜରୁରୀ



**କାମାକ୍ଷାନଗର, ୩୦।୧୦(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଡିଓ ବିକାଶ କୁମାର ମହାନ୍ତି ଅଧ୍ୟକ୍ଷତା କରି କହିଲେ, ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାବାସୀଙ୍କ ଚିର ସହଚର। ୧୯୯୯ ମହାବାତ୍ୟା, ଫାଇଲିନ୍, ଫନୀ, ହୁଡ୍‌ହୁଡ୍ ଭଳି ଅନେକ ବାତ୍ୟା ଆମକୁ ଦୋହଲାଇବାକୁ ଚେଷ୍ଟା କରିଛି। ପ୍ରାୟ ପ୍ରତିବର୍ଷ ବନ୍ୟା ଆସି ବ୍ୟାପକ ଧନଜୀବନ ହାନି ହେଉଛି। ହେଲେ ପ୍ରତିଥର ଆମେ ଏହାକୁ ସଫଳତାର ସହ ସାମ୍ନା କରିଆସିଛେ। ମାନସିକସ୍ତରରେ ପ୍ରସ୍ତୁତ ରହିଲେ ବିପର୍ଯ୍ୟୟର ମୁକାବିଲା କରିବାରେ କୌଣସି ସମସ୍ୟା ହେବନାହିଁ। ଏଥିରେ ସମସ୍ତ ସରକାରୀ ବିଭାଗ ଏବଂ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲି ସେ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ଲଳିତ ସାହୁ ଯୋଗଦେଇ କହିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧୈର୍ଯ୍ୟହରା ହୋଇପଡ଼ିବା ଅନୁଚିତ। ପ୍ରତିସ୍ତରରେ ସହଯୋଗ ମନୋବୃତ୍ତି ନେଇ କାର୍ଯ୍ୟକଲେ ଦୁର୍ଗତଙ୍କ ନିକଟରେ ସହାୟତା ପହଞ୍ଚି ପାରିବ। ଏବିଡିଓ ସୁରେଶ ଚନ୍ଦ୍ର ସାହୁ, ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ବିରଞ୍ଚି ନାରାୟଣ ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱପ୍ନାଶ୍ରୀ ଜେନା, ନବକିଶୋର ମିଶ୍ର, ମାଧବାନନ୍ଦ ପ୍ରଧାନ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■୧୮ ଲକ୍ଷ ଲୁଟ୍ ଘଟଣାର ପର୍ଦ୍ଦାଫାଶ

# ଅଭିଯୋଗକାରୀ ହିଁ ମାଷ୍ଟରମାଇଣ୍ଡ



ଗିରଫ ଅଭିଯୁକ୍ତ (ମଝି)।

■ବେଡ୍ ଗଦି ତଳୁ ଜବତ ହେଲା ଟଙ୍କା

■ଅଭିଯୁକ୍ତଙ୍କ କଥାରେ ନ ଥିଲା ତାଳମେଳ

**କଟକ ଅଫିସ/ ଢେଙ୍କାନାଳ ଅଫିସ, ୩୦।୧୦**

କଟକ ଜିଲା ଖୁଣ୍ଟୁଣୀ ଥାନା ନିକଟରେ ମଙ୍ଗଳବାର ଘଟିଥିବା ୧୮ ଲକ୍ଷ ଟଙ୍କା ଲୁଟ୍ ଘଟଣାର ବୁଧବାର ପର୍ଦ୍ଦାଫାଶ ହୋଇଛି। କୌଣସି ଦୁର୍ବୃତ୍ତ ଏହି ଲୁଟ୍‌ରେ ସାମିଲ ନାହାନ୍ତି। ଟଙ୍କା ନେଇ ଯାଉଥିବା କର୍ମଚାରୀ ଜଣଙ୍କ ନିଜେ ହିଁ ଲୁଟ୍‌ର ମାଷ୍ଟରମାଇଣ୍ଡ ସାଜି ଏକ ନାଟକ ରଚିଥିବା ପୋଲିସ କହିଛି। ପୋଲିସ ସମ୍ପୃକ୍ତ କମ୍ପାନୀର କର୍ମଚାରୀ ତଥା ଢେଙ୍କାନାଳ ଜିଲା କାଇମାଟି ନିକଟ ହରେକୃଷ୍ଣପୁରର ସନ୍ତୋଷ କୁମାର ରାଜଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ସନ୍ତୋଷ ଏକ ପାନମସଲା କମ୍ପାନୀରେ ଢେଙ୍କାନାଳ-ଅନୁଗୋଳ ଜିଲାର ମାର୍କେଟିଂ ମ୍ୟାନେଜର ଭାବେ କାମ କରନ୍ତି। ମଙ୍ଗଳବାର ସେ ବିଭିନ୍ନ ହୋଲସେଲରଙ୍କଠାରୁ ୧୮ଲକ୍ଷ ଟଙ୍କା ଆଦାୟ କରି ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଡିପୋଜିଟ କରିବାକୁ ଯାଉଥିଲେ। ତେବେ ଖୁଣ୍ଟୁଣୀ ଥାନା ଅଧୀନ ଓମ୍‌ଫେଡ୍ ପାର୍ଲର ନିକଟରେ ପୂର୍ବାହ୍ନ ସାଢ଼େ ୧୦ଟାରେ ୪ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ଉକ୍ତ ଟଙ୍କା ଲୁଟି ନେଇଥିବା ସନ୍ତୋଷ ଅନ୍ୟଜଣଙ୍କ ମୋବାଇଲ୍ ମାଧ୍ୟମରେ ନିଜ ଭାଇଙ୍କୁ ଜଣାଇଥିଲେ। ଏ ନେଇ ସନ୍ତୋଷଙ୍କ ଭାଇ ଢେଙ୍କାନାଳ ସଦର ଥାନାରେ ଜଣାଇଲେ। ପରେ ଉକ୍ତ ଥାନା ପୋଲିସ ଖୁଣ୍ଟୁଣୀ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲା। ଲୁଟ୍ ହୋଇଥିବା ସ୍ଥାନରୁ ଥାନା ମାତ୍ର ୧ କିମି ଦୂର ହୋଇଥିବାବେଳେ ସନ୍ତୋଷ ଥାନାକୁ ନ ଯାଇ ଭାଇଙ୍କୁ ଜଣାଇବା ନେଇ ପୋଲିସ ମନରେ ସନ୍ଦେହ ସୃଷ୍ଟି କରିଥିଲା। ସେହିପରି ପୋଲିସ ପଚରାଉଚରା କରିବା ସମୟରେ ସନ୍ତୋଷଙ୍କ ବୟାନରେ ତାଳମେଳ ନ ରହିବାରୁ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ତେବେ ପୋଲିସର ପଚରାଉଚରାବେଳେ ସନ୍ତୋଷ ସବୁ ସତ କଥା ମାନିଯାଇଥିଲେ। ପୋଲିସ ସନ୍ତୋଷଙ୍କୁ ନେଇ ତାଙ୍କ ଘରକୁ ଯାଇଥିବାବେଳେ ତାଙ୍କ ବେଡ୍‌ର ଗଦି ତଳୁ ୧୫ଲକ୍ଷ ୩୦ ହଜାର ଟଙ୍କା ଜବତ କରିଥିଲା। ସେହିପରି ସନ୍ତୋଷ ଅନ୍ୟଜଣଙ୍କୁ ୨ଲକ୍ଷ ୭୦ ହଜାର ଟଙ୍କା ଦେଇଥିଲେ। ପରେ ପୋଲିସ ଉକ୍ତ ବ୍ୟକ୍ତିଙ୍କଠାରୁ ମଧ୍ୟ ଏହି ଟଙ୍କା ଜବତ କରିଛି। ତେବେ ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ପୋଲିସ ତଦନ୍ତ ଜାରି ରଖିଛି।

## ଲୁଟ୍ ନାଟକର ପୃଷ୍ଠଭୂମି

ମାସକ ପରେ ସନ୍ତୋଷଙ୍କ ବାହାଘର ପାଇଁ ଦିନଧାର୍ଯ୍ୟ ହୋଇଛି। ତେବେ ଏତେ ପରିମାଣର ଟଙ୍କା ଦେଖି ତାଙ୍କ ମନରେ ଲୋଭ ଜାଗ୍ରତ ହୋଇଥିଲା। ଡିଲରମାନଙ୍କ ଠାରୁ ଆଦାୟ କରିଥିବା ଟଙ୍କାକୁ ସନ୍ତୋଷ ଘରେ ରଖି ଖୁଣ୍ଟୁଣୀ ନିକଟରେ ପହଞ୍ଚିଥିଲେ। ପରେ ଲୁଟ୍‌ର ନାଟକ ଆରମ୍ଭ କରିଥିଲେ। ରାସ୍ତାରେ ଯାଉଥିବାବେଳେ ଖାଲ ପଡ଼ିବାରୁ ସନ୍ତୋଷ ତାଙ୍କ ଗାଡ଼ିର ବେଗ କମାଇଥିଲେ। ଏହି ସମୟରେ ୪ଜଣ ବ୍ୟକ୍ତି ତାଙ୍କୁ ବନ୍ଧୁକ ଦେଖାଇବା ସହ ଶାର୍ଟ ଟଣାଓଟରା କରି ଉକ୍ତ ଟଙ୍କା ଲୁଟ୍ କରି ନେଇଯାଇଥିବା ସନ୍ତୋଷ ପୋଲିସକୁ ଜଣାଇଥିଲେ। ସେହିପରି ଉକ୍ତ ୪ଜଣ ବ୍ୟକ୍ତି ମୁହଁରେ ରୁମାଲ ବାନ୍ଧିଥିବା ସନ୍ତୋଷ କହିଥିବାବେଳେ ପରବର୍ତ୍ତୀ ସମୟରେ ସେମାନେ ହେଲ୍‌ମେଟ୍ ପିନ୍ଧିଥିବା ସେ ବୟାନ ଦେଇଥିଲେ। ଲୁଟ୍ ସ୍ଥାନରେ କୌଣସି ଖାଲ ନ ରହିବା ଓ ତାଙ୍କ ବୟାନରେ ତାଳମେଳ ନ ରହିବାରୁ ପୋଲିସର ସନ୍ଦେହ ସନ୍ତୋଷଙ୍କ ଉପରେ ଦୃଢ଼ୀଭୂତ ହୋଇଥିଲା। ପୂର୍ବରୁ ମଧ୍ୟ ଏଭଳି ଅନେକ ଘଟଣାରେ ଲୁଟ୍ ନାଟକ ହୋଇଥିବା ନଜିର ରହିଥିବାରୁ ପୋଲିସ ସନ୍ତୋଷଙ୍କୁ ଅଟକ ରଖି ପଚାରାଉଚରା କରିବାରୁ ସେ ସବୁ ସତକଥା କହିଥିଲେ।



■ନନ୍ଦପୁର ୟୁପି ସ୍କୁଲରେ ବ୍ୟାପକ ଅବ୍ୟବସ୍ଥା

# ଆନ୍ଦୋଳନ ଚେତାବନୀ ଦେଲେ ଅଭିଭାବକ

**ହିନ୍ଦୋଳ, ୩୦।୧୦(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ଦୁଦୁରକୋଟ ପଞ୍ଚାୟତ ଅନ୍ତର୍ଗତ ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଅଚଳାବସ୍ଥା ଲାଗିରହିଛି। ଫଳରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ନେଇ ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ ମଧ୍ୟ ସମାଧାନର ବାଟ ଖୋଲୁନାହିଁ। ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମୋଟ ୭୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ଲାଗି ୫ଜଣ ଶିକ୍ଷକ ଅଛନ୍ତି। ଏଠାରେ ପଢୁଥିବା ୯୦% ଛାତ୍ରୀଛାତ୍ର ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର। ସ୍କୁଲରେ କାର୍ଯ୍ୟରତ ଜନୈକା ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଛାୟା ଯୁଦ୍ଧ ଚାଲିଛି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ପରିଚାଳନା କମିଟି ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା ମିଳିନାହିଁ। ୬ମାସ ହେଲା ମାସିକ ବୈଠକ ବସିନାହିଁ। ଶିକ୍ଷୟିତ୍ରୀଜଣକ ବିନା ସୂଚନାରେ ଛୁଟିରେ ରହୁଛନ୍ତି। ଛାତ୍ରୀଛାତ୍ରଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଉନ୍ନୟନମୂଳକ କାର୍ଯ୍ୟର ଅର୍ଥ ତୋସରପାତ କରାଯାଉଛି। ଏଥିରେ ତାଙ୍କୁ ବିଇଓଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ସହଯୋଗ କରୁଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ୨୦୧୯ ସେପ୍ଟେମ୍ବର ୧୩ରେ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ। ପୁନର୍ବାର ସେହିମାସ ୩୦ ତାରିଖରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଏବଂ ଅକ୍ଟୋବର ୧ରେ ଓପେପା କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ହାଲ୍‌କା ଭାବେ ନିଆଯାଉଛି। ପିଲାଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧାକାରଚ୍ଛନ୍ନ ହେବାକୁ ବସିଛି। ଏସବୁର ସମାଧାନ ନ ହେଲେ କମିଟି ସଦସ୍ୟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବିଇଓ ଶାନ୍ତନୁ କୁମାର ମଲ୍ଲିକ କୁହନ୍ତି, ଅଭିଯୋଗ ମିଳିଛି। କମିଟି ସଦସ୍ୟ ଏବଂ ଅଭିଭାବକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ଚାହୁଁଛନ୍ତି। ହେଲେ ଏହା ତାଙ୍କ କ୍ଷମତା ବାହାରେ। ନିକଟରେ ଶିକ୍ଷୟିତ୍ରୀଙ୍କଠାରୁ ପ୍ରଧାନ ଶିକ୍ଷକ ଦାୟିତ୍ୱ କାଢ଼ି ନିଆଯାଇ ଅନ୍ୟ ଜଣେ ଶିକ୍ଷକଙ୍କୁ ଦିଆଯାଇଛି। ଏବେ ସେ ସୁରଭି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଛନ୍ତି। ଅନ୍ୟ ଅଭିଯୋଗ ସମ୍ପର୍କରେ ଖୁବ୍‌ଶୀଘ୍ର ତଦନ୍ତ କରାଯିବ।

**REQUEST FOR PROPOSAL FOR "OPERATION & MANAGEMENT OF INTEGRATED PACK HOUSE (IPH) AT CHARBHATTA, TITILAGARH, BOLANGIR ON LEASE"**

Dt.29.10.2019 CAD-513

Managing Director, The Agricultural Promotion and Investment Corporation of Odisha Limited (APICOL), a wholly owned Corporation of Government of Odisha under the Department of Agriculture & Farmers Empowerment, invites sealed proposals from eligible bidders for "operation & management of Integrated Pack House (IPH) at **Charbhatta, Titilagarh, Bolangir on lease**". The detailed RFP document can be downloaded from the website **https://tendersodisha.gov.in/ apicol.co.in/apicol.nic.in**. The proposal complete in all respect must reach the undersigned by Speed Post/ Registered Post / Courier only latest by **17.12.2019** up to 5:00 PM. The last Date for Submission of Proposal is **17.12.2019** up to 5.00 P.M. **MD APICOL, Bhubaneswar reserves the right to accept or reject any application and to annul the process at any time, without any liability and assigning any reason thereof.**

**Managing Director,**
**The Agricultural Promotion and Investment Corporation of Odisha Limited (APICOL), Baramunda, Bhubaneswar, Odisha, PIN : 751003**
**e-mail: apicol96@yahoo.com**

01046/11/0001/1920

■ହଳଦିଆବାହାଳରେ ହାତୀ ଉପଦ୍ରବ

# ଧାନ ଫସଲ ନଷ୍ଟ, ଅଞ୍ଚଳବାସୀ ଆତଙ୍କିତ



ହଳଦିଆବାହାଳ ନିକଟ ଜାତୀୟ ରାଜପଥ କଡରେ ହାତୀପଲ।

**ଓଡ଼ାପଡ଼ା, ୩୦।୧୦(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ସେକ୍ସନ ହଳଦିଆବାହାଳ ଅଞ୍ଚଳବାସୀଙ୍କ ନିଦ ହଜାଇ ଦେଇଛନ୍ତି ୨୪ ଟିକିଆ ହାତୀପଲ। ପ୍ରାୟ ସପ୍ତାହେ ହାତୀମାନେ ଉପଦ୍ରବ ସୃଷ୍ଟି କରିଚାଲିଛନ୍ତି। ଦିନତମାମ ହାତୀପଲ ପାହାଡରେ ରହୁଛନ୍ତି। ଅପରାହ୍ନ ୪ଟାରୁ ଜମି ମୁହାଁ ହେଉଛନ୍ତି। ବିଶେଷ କରି ହଳଦିଆବାହାଳ, ବୁଢାପଙ୍କ, ନିମିଧା, ବୀଣାକାରକାଟେଣୀ ଅଞ୍ଚଳରେ ସେମାନେ ବ୍ୟାପକ ଧାନଫସଲ ନଷ୍ଟ କରି ଚାଲିଛନ୍ତି। କେବଳ ସେତିକି ନୁହେଁ, ହଳଦିଆବାହାଳ ଗ୍ରାମରେ ଏକ ପୋଖରୀ ହୁଡ଼ାକୁ ନଷ୍ଟ କରି ଦେଇଛନ୍ତି। ଫଳରେ ଯେ କୌଣସି ମୁହୂର୍ତ୍ତରେ ହୁଡ଼ା ଭାଙ୍ଗିଯିବା ଆଶଙ୍କା ଦେଖାଦେଇଛି। ନୟାଭାଗୀରଥିପୁର ପଞ୍ଚାୟତ ପକ୍ଷରୁ ଉକ୍ତ ପୋଖରୀକୁ ନିଲାମ ଦିଆଯାଇଛି। ସେଥିରେ ମାଛଚାଷ କରାଯାଇଛି। ହୁଡା ଭାଙ୍ଗିଗଲେ ପୋଖରୀ ତଳି ଚାଷଜମି ଜଳମଗ୍ନ ହୋଇଯିବ। ହାତୀପଲ ଉକ୍ତ ଅଞ୍ଚଳରେ ନିୟମିତ ବିଚରଣ କରୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ସେମାନଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ଚାଷୀମାନେ ଦାବି କରିଛନ୍ତି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୨୩୫୨୫/ଭୁ.ଉ.କ., ଭୁବନେଶ୍ୱର ତା୦୧।୧୦।୨୦୧୯ରିଖ
PLH-I-17/10

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲିଙ୍ଗରାଜ ବିହାର ସହଭାଗିତା ଗୃହ ପ୍ରକଳ୍ପରେ ଗୃହ ନଂ.– A-17(HIG-I)କୁ ଶ୍ରୀ ଶରତ ଚନ୍ଦ୍ର ମହାଲିକ, ପିତା– ସ୍ୱର୍ଗତ ଡା. କରୁଣାକର ମହାଲିକ, D-308, ଆନନ୍ଦ ଲୋକ ଗୃହ ସମାଜ, ମୟୂର ବିହାର, ଫେଜ୍–୧, ଦିଲ୍ଲୀ – ୧୧୦୦୯୧ଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶରତ ଚନ୍ଦ୍ର ମହାଲିକ ତା ୧୨।୦୫।୨୦୧୭ରିଖରେ ମୃତ୍ୟୁବରଣ କରିଅଛନ୍ତି। ବର୍ତ୍ତମାନ (୧) ଗୀତା ମହାଲିକ (ସ୍ତ୍ରୀ), (୨) ଇପ୍‌ସିତା ସ୍ୱାଇଁ (ଝିଅ), (୩) ରୁଚିତା ମହାଲିକ (ଝିଅ) ଏହି ଗୃହଟିକୁ ଆବଣ୍ଟନଗ୍ରାହୀଙ୍କ ଉତ୍ତରାଧିକାରୀ ସୂତ୍ରରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏହି ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ – ୧

**PARADIP PORT TRUST**
**e-TENDER CALL NOTICE**

Name of the work : "**Maintenance contract of the Fire fighting system, Operation & Maintenance of the substation & illumination system at Oil Jetty for a period of 03 years.**" Estimated cost : **Rs.1,02,15,000/-**. Last date & time of submission of bid: **dt.13/11/2019 up to 16:00 Hrs.** Refer our website for details **https://eprocure.gov.in/eprocure/app.**

**Executive Engineer, (PED - I)**
**PPT/PR/420/2019-20, Dt.30.10.2019**

**Government of Odisha**
**"e" Procurement Notice**
**OFFICE OF THE EXECUTIVE ENGINEER, RAYAGADA (R&B) DIVISION NO - II**
**Phone - (06856) 233066**
**Bid Identification No: RC (RANDB) RGD No-II 04/2019-20 (Online tender)** No.B-252

1. Total No. of the works : 1 No. Building work
2. Approximate estimated Cost : Rs 37.34 lakh
3. Period of completion : 6 (Six) Calendar months
4. Date & Time of availability of bid document in the portal :11.00 Hrs. of Dtd 13.11.2019 to 17.00 Hrs. of Dtd. 23.11.2019 for online bidding.
5. Last date/Time for receipt of bids in the portal : Up to 17.00 Hrs. of Dt. 23.11.2019
6. Name and address of the officer inviting BID : Executive Engineer, Rayagada (R&B) Division No-II
7. Date of opening of Bid at 11.00 Hours on Dt. 25.11.2019
8. Further details can be seen from the e-Procurement portal: **www.tendersodisha.gov.in**
9. Further Addendum/Corrigendum if any will be hosted in the above website only.

**Executive Engineer**
**Rayagada(R&B) Division No-II**
34040/11/0003/1920

**STATE COUNCIL FOR TECHNICAL EDUCATION AND VOCATIONAL TRAINING, UNIT-VIII, NEAR RAJ BHAWAN, ODISHA, BHUBANESWAR-12.**

**No.4572** **Dtd: 30.10.19**

**QUOTATION CALL NOTICE FOR HIRING OF VEHICLE**

No.KK-77 :- Sealed Quotations are invited from interested reputed Travel Agencies/Tour Operators having valid PAN & GST Registration Number for providing vehicles (Hatchback, Sedan, Suv and Mini Bus) for different activities including examinations and confidential activiites of the council throughout the State. The quotations shall confirm to the Terms and Conditions (Annexure-A) on hour/mileage basis. The last date of the receipt of the quotations is 15.11.2019 upto 2 PM and will be opened at 4 PM on the same day in the conference hall of SCTE&VT, Odisha, Bhubaneswar.

For details please visit Council Website : **sctevtodisha.nic.in**

**44002/11/0008/1920** **Sd./-Vice-Chairman**

**OFFICE OF THE EXECUTIVE ENGINEER DEOGARH (R&B) DIVISION, DEOGARH**
**INVITATIONS FOR BIDS (IFB)**
**E-mail ID : eepwddeogarh@gmail.com**

**Lr. No.-1443** **Dtd.21.10.2019**
**No.B-253** **Invitation for Bids**
**Bid Identification No. EE PWD DGR No. 04 of 2019-20**

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single/ double cover system in ONLINE MODE only, for Special Repair of Road works as detailed below. | | |
| 2. | Nature of work | : | Building works |
| 3. | No. of work | : | Building 03 Nos. |
| 4. | Bid Cost. | : | Rs.6000/ and Rs.10,000/- |
| 5. | Class of Contractor | : | "A", "B", "C"&"D" Class |
| 6. | Availability of Bid Documents in the website | : | From dt. 01.11.2019 to 17:00 hours of dt.16.11.2019 |
| 7. | Date of Opening of Technical Bid | : | Dt . 19.11.2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : **https:// tendersodisha.gov.in.** Any addendum / corrigendum / cancellation of tender can also be seen in the said website only. | | |

**Sd./- Executive Engineer**
**Deogarh (R&B) Division**
34061/11/0003/1920

**"e" PROCUREMENT NOTICE**
**JAJPUR MUNICIPALITY, JAJPUR**
**TENDER CALL NOTICE**

**No.2546** **Date: 29.10.2019**

Bid documents consisting of the schedule of quantities and the set of Terms & Conditions of contract and other necessary documents can be seen in the Government Website i.e. **www.tendersorissa.gov.in.**

| | | | |
|---|---|---|---|
| 1. | Name of work | : | Developmental works of Jajpur Municipality. |
| 2. | No. of works | : | 16 (Sixteen) Nos. |
| 3. | Bid Value | : | 97300/- to 16504529/- |
| 4. | Period of Completion | : | 30 Days to 365 days. |
| 5. | Date of availability of Bid documents in the portal | : | Dt.31.10.19 |
| 6. | Last Date for receipt of Bids in the portal | : | Dt.15.11.2019 |
| 7. | Bids received online shall be opened on | : | Dt.18.11.19 at 03.00 P.M |
| 8. | Name & address of the officer inviting Bid | : | **Executive Officer, Jajpur Municipality.** |

**Sd./- Executive Officer**
**Jajpur Municipality**

See Career Appointment on every Wednesday & Saturday

**ଲଙ୍କା ଭାଲିଆ ଲଟ ନିଲାମ ଇସ୍ତାହାର**

**No.MM-82:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନବରଙ୍ଗପୁର ବନଖଣ୍ଡ ଲଙ୍କା ଭାଲିଆ (Cashew nut) ଲଟ ମାନ ଆସନ୍ତା ୨୦୧୯ ମସିହା ଡିସେମ୍ବର ମାସ ତା୧୨।୧୨।୨୦୧୯ ରିଖ ଦିବା ୧୧ (ଏଗାର) ଘଣ୍ଟାଠାରୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ୍ୟ ନିଲାମରେ ବିକ୍ରୟ କରାଯିବ।

ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଶା ଗେଜେଟ କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟକାରୀ ଦିବସରେ ବୁଝିପାରିବେ।

**ସ୍ୱା./-**
**(ଶ୍ରୀଯୁକ୍ତ ରଞ୍ଜିତ କୁମାର ମଲ୍ଲିକ)**
**ଖଣ୍ଡୀୟ ବନାଧିକାରୀ**
**ନବରଙ୍ଗପୁର ବନଖଣ୍ଡ**
08018/11/0002/1920

ବିଜ୍ଞାପନ ନଂ.୩୮୧ **ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଚମ୍ପୁଆ** ତାରିଖ-୨୮।୧୦।୨୦୧୯


ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ ତଥା ଚମ୍ପୁଆ ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚମ୍ପୁଆ କାର୍ଯ୍ୟାଳୟ ସମ୍ମୁଖ Market Complexରେ ୧୭ଗୋଟି (୧୫ଗୋଟି ୧୦' x ୧୦'ଏବଂ ୦୨ଗୋଟି ୨୦' x ୧୦') ଓ ଝୁମ୍ପୁରା ବଜାର ପ୍ରାଙ୍ଗଣରେ ୦୬(ଛଅ) ଗୋଟି ନୂତନ ଘର (ବିପଣନ ଗୃହ) ଗୁଡିକୁ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଭଡା ସୂତ୍ରରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଏଣୁ ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନେ ଉକ୍ତ ବଜାରର ବଜାର ପ୍ରାଙ୍ଗଣରେ କୃଷିଜାତ ଦ୍ରବ୍ୟ ଓ କୃଷିଭିତ୍ତିକ ଦ୍ରବ୍ୟର (ସାର, ଲୁଣ, ଶୁଖୁଆ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ନିୟନ୍ତ୍ରତ ବଜାର କମିଟି କାର୍ଯ୍ୟାଳୟ, ଚମ୍ପୁଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ ଲଫାପାରେ ରେଜେଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ଆସନ୍ତା ତା–୩୦।୧୦।୨୦୧୯ ଏବଂ ଦରଖାସ୍ତ ଗ୍ରହଣ ଶେଷ ତାରିଖ–୧୩।୧୧।୨୦୧୯ ଅପରାହ୍ନ ୦୫.୦୦ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡିକ ତାରିଖ–୧୪।୧୧।୨୦୧୯ ପୂର୍ବାହ୍ନ ୧୧.୩୦ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆ, କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାର ପ୍ରାଧିକୃତ ବ୍ୟକ୍ତିଙ୍କ ସମ୍ମୁଖରେ ଯାଞ୍ଚ କରାଯାଇ (Lottery) ଲଟେରୀ ମାଧ୍ୟମରେ ଦରଖାସ୍ତକାରୀଙ୍କୁ ଆବଣ୍ଟନ କରାଯିବ।

୧.

| କ୍ରମିକ ସଂଖ୍ୟା. | ସ୍ଥାନ | ଆକାର | ଅମାନତ ରାଶି | ମାସିକ ଭଡା |
|---|---|---|---|---|
| ୦୧ | ଝୁମ୍ପୁରା ବଜାର ପ୍ରାଙ୍ଗଣ | ୯' x ୯' | ଟ.୮୦,୦୦୦/– | ଟ.୬୦୦/– |
| ୦୨ | ଚମ୍ପୁଆ ବଜାର ପ୍ରାଙ୍ଗଣ (ଅଫିସ କାର୍ଯ୍ୟାଳୟ ସମ୍ମୁଖ Market Complexର ଉପର ମହଲଠାରେ) | ୨୦' x ୧୦' | ଟ.୨,୦୦,୦୦୦୦/– | ଟ.୧,୦୦୦/– |
| ୦୩ | ଚମ୍ପୁଆ ବଜାର ପ୍ରାଙ୍ଗଣ (ଅଫିସ କାର୍ଯ୍ୟାଳୟ ସମ୍ମୁଖ Market Complexର ଉପର ମହଲଠାରେ) | ୧୦' x ୧୦' | ଟ.୧,୦୦,୦୦୦୦/– | ଟ.୫୦୦/– |

୨. ଉକ୍ତ ଦୋକାନ ଘରଗୁଡିକୁ କେବଳ ଚମ୍ପୁଆ ଉପଖଣ୍ଡର ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନଙ୍କୁ ଅଗ୍ରାଧିକାରୀ ଭିତ୍ତିରେ ଦିଆଯିବ। ୩. ଚମ୍ପୁଆ ବଜାର ପ୍ରାଙ୍ଗଣରେ ଦୋକାନ ଘର ଗୁଡିକ ମଧ୍ୟରୁ ଏକଗୋଟି ଦୋକାନ ଘର, ଝୁମ୍ପୁରା ବଜାର ପ୍ରାଙ୍ଗଣର ଦୋକାନ ଘର ମଧ୍ୟରୁ ଏକ ଗୋଟି ଦୋକାନ ଘର ଶାରୀରିକ ଅକ୍ଷମ (ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ)ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ୪. ଦରଖାସ୍ତ ଫର୍ମ ଟ.୧୦୦/–(ଏକ ଶତ ଟଙ୍କା) ମାତ୍ର ନଗଦ ଦେୟ/ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି କାର୍ଯ୍ୟାଳୟ ଦିବସରେ ନିୟନ୍ତ୍ରିତ ବଜାର କମିଟି, କାର୍ଯ୍ୟାଳୟଠାରୁ ପାଇପାରିବେ। ୫. ଦରଖାସ୍ତ ଫର୍ମ ସହିତ ଆବେଦନକାରୀଙ୍କ ପ୍ରଥମ ମାସର ଭଡା ଓ ଅମାନତ ଟଙ୍କା (ଅଲଗା ଅଲଗା) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ (Secretary, Regulated Market Committee, Champua) ସପକ୍ଷରେ ଦାଖଲ କରିବେ ଏବଂ ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାର ଯୋଗ୍ୟ ନୁହେଁ ଏବଂ ଏହା ସୁଧ ବିହୀନ ଅଟେ। ୬. କେବଳ ଗୋଟିଏ ପରିବାରରୁ ଜଣେ ଚାଷୀ/କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏକଗୋଟି ଦୋକାନ ଗୃହପାଇଁ ଆବେଦନ କରିପାରିବେ। ୭. ଯେଉଁ ଚାଷୀ କୃଷି ଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନଙ୍କୁ ଉକ୍ତ ଦୋକାନ ଘର ଗୁଡିକୁ ଆବଣ୍ଟନ କରାଯିବ ସେମାନେ, ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆର ନୀତି ଏବଂ ନିୟମ ମାନିବାକୁ ବାଧ୍ୟ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା ସାତ ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ସହିତ କରିବେ। ୮. ଆବେଦନକାରୀଙ୍କୁ ନିଶ୍ଚିତ ଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି ଏବଂ ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। **ଦରଖାସ୍ତ ସହିତ ଆବଶ୍ୟକୀୟ କାଗଜପତ୍ର**–୧. ଆବେଦନକାରୀଙ୍କ ପରିଚୟପତ୍ର (ଭୋଟର କାର୍ଡ)ର ଅବିକଳ ନକଲ। ୨. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ଅବିକଳ ନକଲ। ୩. ଆବେଦନକାରୀଙ୍କ ୨(ଦୁଇ) ଗୋଟି Passport Size Photo । ୪. ନିୟନ୍ତ୍ରିତ ବଜାର କମିଟିଠାରୁ ହାସଲ କରିଥିବା License କିମ୍ବା License Fees ରସିଦ ର Xerox ବାଧ୍ୟତା ମୂଳକ ଅଟେ। ୫. ଶାରୀରିକ ଅକ୍ଷମ ପ୍ରମାଣପତ୍ରର (ଯଦି ଆବଶ୍ୟକ) ଅବିକଳ ନକଲ। ୬. ଆବେଦନକାରି ନିଜେ କିମ୍ବା ନିଜର ସମ୍ପର୍କୀୟଙ୍କ ନାମରେ ନିୟନ୍ତ୍ରିତ ବଜାର କମିଟି ଚମ୍ପୁଆ ଅନ୍ତର୍ଗତ କୌଣସି ପଞ୍ଚାୟତ, ପଞ୍ଚାୟତ ସମିତି, ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ମ୍ୟୁନିସିପାଲିଟି ଠାରୁ କୌଣସି ଦୋକାନ ଗୃହ ଭଡା ସୂତ୍ରରେ ପାଇନଥିବାର ସତ୍ୟପାଠ ଯାହା Executive Magistrateଙ୍କ ଠାରୁ ପ୍ରାପ୍ତ ହୋଇଥିବ, ତାହା ଦାଖଲ କରିବା ବାଧ୍ୟତା ମୂଳକ ଅଟେ। ୭. ଅମାନତ ଟଙ୍କାର ବ୍ୟାଙ୍କଡ୍ରାଫ୍ଟ। ୮. ପ୍ରଥମ ମାସ ଭଡାର ବ୍ୟାଙ୍କଡ୍ରାଫ୍ଟ। ୯. ଦରଖାସ୍ତ ଫର୍ମ ଖର୍ଦ୍ଦର ମୂଳ ରସିଦ (Original Money Receipt)। ଆବେଦନକାରୀଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ଆବଶ୍ୟକୀୟସ୍ଥଳେ ଖାରଜ କରି ପାରିବେ। **ସ୍ୱା./- ଉପଜିଲ୍ଲାପାଳ, ଚମ୍ପୁଆ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ**

# ରଣବୀରଙ୍କ ନିଶ



ରଣବୀର ସିଂଙ୍କ ନିଶକୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ତାଙ୍କର ଗେଟ୍‌ଅପ ଏବଂ ନିଶ ଫଟୋକୁ ସୋସିଆଲ ମିଡିଆରେ ସେ ଶେୟାର କରିବା ପରେ ତାହା ଭାଇରାଲ ହେବାରେ ଲାଗିଛି । କଥା କ'ଣ କି, ରଣବୀର ଏବେ କପିଲ ଦେବଙ୍କ ବାୟୋପିକ୍ '୮୩'ରେ କପିଲ ଭୂମିକାରେ ଅଭିନୟ କରୁଛନ୍ତି । ଏ ବିଷୟରେ ରଣବୀର କହନ୍ତି, 'କପିଲ ଦେବଙ୍କ ପରି ମହାନ୍ କ୍ରିକେଟ ଖେଳାଳିଙ୍କ ବାୟୋପିକ୍‌ରେ ଅଭିନୟ କରିବା ଭାଗ୍ୟରେ ଥିଲେ ମିଳେ । ସିନେମା କଥା ଛାଡ଼ନ୍ତୁ, ତାଙ୍କ ସହ ବିତାଇଥିବା ସମୟକୁ ମୁଁ ସାରାଜୀବନ କେବେ ବି ଭୁଲିପାରିବି ନାହିଁ । ସତ କଥା କହିବାକୁ ଗଲେ, କପିଲଙ୍କ ନିଶ ମୋତେ ଭାରି ଭଲ ଲାଗେ । ଯେତେବେଳେ ମୁଁ ମେକ୍‌ଅପ ନେଇସାରି ମିରର ସାମ୍‌ନାରେ ଠିଆହେଲି ନିଜକୁ ବିଶ୍ୱାସ କରିପାରି ନ ଥିଲି । ଏହି ଭୂମିକା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି । ଆଶା ରଖିଛି, ଦର୍ଶକେ ମୋ ପରିଶ୍ରମର ମୂଲ୍ୟ ବୁଝିବେ ।' ଏହି ଫିଲ୍ମରେ କପିଲଙ୍କ ପତ୍ନୀ ରୋମି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପିକା । ତେବେ '୮୩'ରେ ରଣବୀର-ଦୀପିକା ଯୋଡ଼ି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା ।

# ନବାଗତା ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି । ସେ ହେଲେ ଅମ୍ରିତା । ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ । ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି । ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍' । ମୁନ୍‌ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ । ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ । ବାଳକୃଷ୍ଣ, ଅମର, ଗୁଲ୍ଟୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡ୍ଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ ।



ଉପାସନା - ଶ୍ରେୟାନ

ନୂ ଆ ସି ନେ ମା

# ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି

ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି-ଥରେ ମନେପକାନ୍ତୁ ନା ଅତୀତର ଏହି ଲୋକପ୍ରିୟ ଗୀତକୁ । ପ୍ରଶାନ୍ତ ନନ୍ଦ ଏବଂ ମହାଶ୍ୱେତା ରାୟଙ୍କ ଉପରେ ଦୃଶ୍ୟାୟିତ ହୋଇଥିଲା ଏହି ଗୀତ । ଆଉ ସିନେମାଟି ଥିଲା 'ମା ଓ ମମତା' । ଓଡ଼ିଆ ସିନେମାରେ ଗୀତର ଧାଡ଼ିକୁ ନେଇ ଚଳଚ୍ଚିତ୍ର ନିର୍ମାଣ ଧାରା ବେଶ୍ ପୁରୁଣା । ନିକଟରେ ଏହି ତାଲିକାରେ ନିଜ ନାମକୁ ସାମିଲ କରିଛି ନୂଆ ଓଡ଼ିଆ ସିନେମା 'ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି । ଖାସ୍ କଥା ହେଲା, ଏହି ଫିଲ୍ମରୁ ବଡ଼ ପରଦାରେ ନାୟିକା ଭାବରେ ଡେବ୍ୟୁ କରୁଛନ୍ତି ଉପାସନା । କେବଳ ସେତିକି ନୁହେଁ, ଭଦ୍ର ମୋଶନ ଷ୍ଟୁଡିଓ ବ୍ୟାନରରେ ଆନିଶ ଭଦ୍ରଙ୍କ ସହ ପ୍ରଯୋଜନା କରିଛନ୍ତି ନାୟିକା ଉପାସନା । ଅପରପକ୍ଷରେ 'ଇସ୍କ ତୁ ହି ତୁ, ତୁ ମୋ ଲଭ୍ ଷ୍ଟୋରି, ହିରୋ ନଂ ୱାନ୍, ଓନ୍‌ଲି ପ୍ୟାର୍, ପ୍ରେମ କୁମାର ଏବଂ ତୁ ମୋ ଲଭ୍ ଷ୍ଟୋରି-୨'ର ସୋଲୋ କୋରିଓଗ୍ରାଫି କରି ଚର୍ଚ୍ଚିତ ହୋଇଥିବା ଅନ୍ୟତମ ଆଗଧାଡିର କୋରିଓଗ୍ରାଫର ଗିରିଶ୍ ମହାନ୍ତି ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି । କାହାଣୀ ଅନୁସାରେ ସାଗର ଜଣେ କଣ୍ଠଶିଳ୍ପୀ । ଏକ ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଶେଷକରି ଫେରୁଥିବା ବେଳେ ଜଣେ ଅଜଣା ଯୁବତୀ ସହ ଭେଟହୁଏ । ତା'ପରେ ସେହି ଫେରିବା ବାଟରେ ଘଟେ ଅନେକ ଘଟଣା । ତେବେ ପ୍ରେମର ଡୋରିରେ ବାନ୍ଧି ହୋଇଥିବା ସାଗର ଏବଂ ଏହି ଯୁବତୀ ଏଥିରେ ସଫଳ ହୁଅନ୍ତି କି ନାହିଁ ତାହା ସିନେମାରେ ଦେଖିବାକୁ ମିଳିବ । ବଡ଼ ପରଦାରେ ବ୍ରେକ୍ ପାଇବା ପୂର୍ବରୁ ଉପାସନା କେତୋଟି ଧାରାବାହିକ 'ଦେବୀ, ଚାନ୍ଦ ନା ତମେ ତାରା, ମାନିନୀ'ରେ ଅଭିନୟ କରିଥିଲେ । ନୂଆ ସିନେମା 'ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁ କି'ର ବିଭିନ୍ନ ଭୂମିକାରେ ଉପାସନାଙ୍କ ବ୍ୟତୀତ ଶ୍ରେୟାନ, କୌଶିକ ମହାପାତ୍ର, ଜ୍ୟୋତି ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଜ୍ଞା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ହାଡୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ ।



ଅମଜାଦ୍ ଖାଁ

# ଗବର ସିଂ ଚୟନ ଅନ୍ତରାଳେ

'କିତ୍‌ନେ ଆଦ୍‌ମୀ ଥେ' ଡାଏଲଗ୍ କଥା ମନେପଡିଲେ ଆଖି ସାମ୍‌ନାକୁ ଚାଲିଆସେ ସେହି ଡକାୟତ ଗବର ସିଂଙ୍କ ମୁହଁ । ସୁପର ଡୁପର ହିଟ୍ ହିନ୍ଦୀ ସିନେମା 'ସୋଲେ'ରେ ଏହି ଚରିତ୍ର କେତେ ଲୋକପ୍ରିୟ ହୋଇଥିଲା, ତାହା କହିବା ବାହୁଲ୍ୟ । ହେଲେ ଏହି ଭୂମିକାରେ କିଏ ଅଭିନୟ କରିବ ସେନେଇ କିଛିଦିନ ବେଶ୍ ଡ୍ରାମା ଲାଗିରହିଥିଲା । ସଂଳାପକାର ଜାଭେଦ୍ ଅଖ୍‌ତର ଯେତେବେଳେ ଏଥିପାଇଁ ଅଡିଶନ ଦେଇଥିବା ଅମଜାଦ୍ ଖାଁଙ୍କ ଭଏସ୍ ଶୁଣିଲେ ସେତେବେଳେ କହିଲେ, 'ନା, ଇଏ ରୋଲ୍ ପାଇଁ ଫିଟ୍ ନୁହେଁ ।' ଏହାପରେ ଡ୍ୟାନିଙ୍କୁ ଯୋଗାଯୋଗ କରାଗଲା । ହେଲେ ସେ ମନା କରିଦେବା ପରେ ସତେଯେମିତି ଭାଗ୍ୟଦେବୀ ଅମଜାଦ୍‌ଙ୍କ ମୁଣ୍ଡରେ ସୁନା କଳସ ଢାଳି ଦେଇଥିଲେ । ପୁଣି ଥରେ ଅମଜାଦ୍‌ଙ୍କୁ ଏହି ରୋଲ୍‌ଟି ଅଫର କରାଗଲା । ଆଉ ଫିଲ୍ମ ରିଲିଜ୍ ପରେ ଗବର ଚରିତ୍ର ସିନେପ୍ରେମୀଙ୍କ ମନରେ ଜେରକ୍ସ ପରି ରହିଯାଇଥିଲା । ଏହି ରୋଲ୍‌ରେ ଅଭିନୟ କରି ଅମଜାଦ୍ ରାତାରାତି ଷ୍ଟାର୍ ବନିଯାଇଥିଲେ । ତାଙ୍କ ବ୍ୟତୀତ ଉକ୍ତ ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର, ଜୟା ଭାଦୁଡ଼ି, ହେମାମାଳିନୀ, ସଞ୍ଜୀବ କୁମାର ଅଭିନୟ କରିଥିଲେ ।

# ସମୟ ହୋଇନି

କ୍ୟାଟ୍ରିନାଙ୍କୁ ସବୁ କଥା ପଚାରନ୍ତୁ ହେଲେ ମ୍ୟାରେଜ୍ କଥା ଉଠିଲେ ତାଙ୍କର ମୁହଁ ଆମ୍ବିଳା ହୋଇଯାଉଛି । ଏବେ କୁଆଡ଼େ ଘରସଂସାର କରିବାକୁ ତାଙ୍କୁ ସମୟ ହୋଇନାହିଁ । ଯଦି କେହି ଏ ବିଷୟରେ ଅଧିକ ଆଲୋଚନା କଲା ତେବେ ବିଳମ୍ବ ନ କରି ସେ ଏପରି ପ୍ରସଙ୍ଗକୁ ବଦଳାଇ ଅନ୍ୟ କଥା ଆଲୋଚନା କରୁଛନ୍ତି । 'ମୁଁ କେବେ ବିବାହ କରିବି, କାହାକୁ ବିବାହ କରିବି-ଏ ନେଇ ଅନେକ ଦିନ ହେବ ଆଲୋଚନା ହେଉଛି । ଏ ସମ୍ପର୍କରେ ପୂର୍ବରୁ ମୁଁ ଯାହା କହିଥିଲି ତାହାକୁ କେବଳ ଦୋହରାଉଛି । ବର୍ତ୍ତମାନ ମୋର ମ୍ୟାରେଜ୍ କରିବାକୁ ସମୟ ହୋଇନାହିଁ । ମୋ ମତରେ ଏଭଳି ବିଷୟରେ ବର୍ତ୍ତମାନ ଆଲୋଚନା ନ କଲେ ଭଲ । ଯେତେବେଳେ ସେ ସମୟ ଆସିବ ସେତେବେଳେ ମୋ ପଟରୁ ମୁଁ ଜଣାଇ ଦେବି ବୋଲି କହିଛନ୍ତି କ୍ୟାଟ୍ରିନା ।' ଶୁଣିବାକୁ ମିଳୁଛି ଯେ, ଅଭିନେତା ଭିକି କୌଶଲଙ୍କ ସହ ତାଙ୍କର ଏବେ ଆଫେୟାର୍ସ ଚାଲିଛି । କେବଳ ସେତିକି ନୁହେଁ, ଖୁବ୍‌ଶୀଘ୍ର ଦୁହେଁ ଗୋଟିଏ ସିନେମାରେ ଏକତ୍ର ଅଭିନୟ କରିବାକୁ ଯାଉଛନ୍ତି । ତେବେ କ୍ୟାଟ୍ରିନା କେବେ ହାତକୁ ଦି'ହାତ ହେବେ ଏବଂ କାହା ସହ ଘରସଂସାର କରିବେ ତାହା ଆଗାମୀ ସମୟ ହିଁ କହିବ ।



କ୍ୟାଟ୍ରିନା



# କ୍ରିତିଙ୍କୁ କ'ଣ ଭଲ ଲାଗେ

ବାହାରେ ଝିପିଝିପି ବର୍ଷା । ଘର ଭିତରେ ବସି ଝରକା ଫାଙ୍କରେ ତାହାକୁ ଉପଭୋଗ କରିବାର ମଜା ନିଆରା । ବର୍ଷା ହେଲା ମାତ୍ରେ ସେ ଝରକା ପାଖରେ ବସି ଏହାକୁ ମନଭରି ଉପଭୋଗ କରନ୍ତି । କେବଳ ଅଭିନୟ ନୁହେଁ, ବକ୍ସିଂ ପ୍ରାକ୍ଟିସ୍ କରିବାକୁ ସେ ପସନ୍ଦ କରନ୍ତି । ଶୁଟିଂରୁ ଫୁର୍‌ସତ ମିଳିଲେ ସେ ବାଇକ୍ ହେଉ କି କାର୍ ଧରି ଲଙ୍ଗ୍ ଡ୍ରାଇଭ୍‌ରେ ବାହାରି ଯାଆନ୍ତି । ହଁ, ଏହି ଅଭିନେତ୍ରୀ ଜଣକ ହେଲେ କ୍ରିତି ସାନନ୍ । 'ହେରୋପନ୍ତି'ରୁ ଆରମ୍ଭ ହୋଇଥିଲା ତାଙ୍କର ବଲିଉଡ୍ କ୍ୟାରିୟର । ବର୍ଷ କେଇଟା ଭିତରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରି ନିଜକୁ ନାୟିକା ଦୌଡ଼ରେ ସାମିଲ କରିଛନ୍ତି । 'ବର୍ଲି କି ବର୍ଫି', 'ଦିଲ୍‌ୱାଲେ'ରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ । ଦିଲ୍ଲୀରେ ଜନ୍ମିତା କ୍ରିତିଙ୍କର ଶିକ୍ଷାଗତ ଯୋଗ୍ୟତା ହେଲା ବି.ଟେକ୍ । ଆକ୍ଟିଂ କରିବା ପୂର୍ବରୁ ସେ ମଡେଲିଂ ସହ ଜଡ଼ିତ ଥିଲେ । ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କ୍ୟାମେରା ସାମ୍‌ନା କରିସାରିଥିଲେ । ଲୋକପ୍ରିୟ ଷ୍ଟାର୍ ମହେଶ ବାବୁଙ୍କ ଅପୋଜିଟ୍‌ରେ ତେଲୁଗୁ ଥ୍ରୀଲର 'ନେନୋକ କାଡନି'ରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଥିଲେ । ମିଠା ଖାଇବାକୁ କ୍ରିତି ଭାରି ଭଲ ପାଆନ୍ତି । ଆଉ ଏକ ମଜାଦାର କଥା । ସଲ୍‌ମାନଙ୍କର ସେ ହେଉଛନ୍ତି ଜଣେ ବଡ଼ ପ୍ରଶଂସକ । ସଲମାନଙ୍କ ଅଭିନୀତ ପ୍ରତିଟି ଫିଲ୍ମକୁ ସେ ଦେଖିସାରିଛନ୍ତି । କ୍ରିତି ହେଉଛନ୍ତି ଜଣେ କଥକ ନୃତ୍ୟଶିଳ୍ପୀ । ତା'ସହ ସ୍ୱାଦିଷ୍ଟ ଖାଦ୍ୟ ରୋଷେଇ କରିବା ତାଙ୍କର ଏକ ଅଭ୍ୟାସ । ଗପ, କବିତା ପଢ଼ିବାକୁ ସେ ଭଲ ପାଆନ୍ତି । ତାଙ୍କର ଫେଭରାଇଟ ଟୁରିଷ୍ଟ ପ୍ଲେସ୍ ହେଲା ଗୋଆ । କାଜୋଲ ଏବଂ ରେଖାଙ୍କୁ ସେ ନିଜର ରୋଲ୍ ମଡେଲ ଭାବେ ଗ୍ରହଣ କରିଛନ୍ତି । ସୌଭାଗ୍ୟବଶତଃ 'ଦିଲ୍‌ୱାଲେ'ରେ ସେ କାଜୋଲଙ୍କ ସହ ଅଭିନୟ କରିଥିଲେ, ଯାହାର ସ୍ମୃତିକୁ ସେ ଶେୟାର କରିବାକୁ ଭୁଲି ନ ଥାନ୍ତି ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.90 (6) | 40,051.87 (220.03) | 11,844.10 (57.25) | 38,842.00 (₹87) | 47,220.00 (₹450) |

ଭିତ୍ତିଭୂମି କ୍ଷେତ୍ର ଦେଶର ବିକାଶରେ ଯୋଗଦାନ ରଖୁଥିବାରୁ ଏକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ଧ୍ୟାନରେ ରଖାଯାଇଛି।
– ଭି.କେ.ସିଂ, ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ



ସରକାର ଷ୍ଟାର୍ଟଅପ୍‌ଗୁଡ଼ିକର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି।
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



## ସଂକ୍ଷେପରେ

### ୪୦ ହଜାର ସ୍ତର ଟପିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ, ୩୦-୧୦: ବୁଧବାର ଦେଶର ପୁଞ୍ଜି ବଜାରରେ କାରବାର ଉନ୍ନତ ସ୍ଥିତିରେ ରହିଥିବା ଜଣାପଡିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନସେକ୍ସ ଚଳିତ ବର୍ଷ ଜୁଲାଇ ପରଠାରୁ ପ୍ରଥମଥର ଲାଗି ୪୦,୧୮୮.୧୨ ହଜାର ସ୍ତର ଛୁଇଁଛି। ବୁଧବାର ବିଏସ୍‌ଇ ସେନସେକ୍ସ ପ୍ରାରମ୍ଭିକ କାରବାରରେ ୨୫୦ ପଏଣ୍ଟରୁ ଊର୍ଦ୍ଧ୍ୱ ଟପିଥିଲା। ବିଦେଶୀ ପୁଞ୍ଜି ଆଗମନ ଏବଂ ପୁଞ୍ଜି ନିବେଶକଙ୍କ ଲାଗି ଟିକସ ନିୟମ କୋହଳ ନେଇ ରହିଥିବା ଆଶାର ବଜାର କାରବାର ଉପରେ ପ୍ରତିଫଳିତ ହୋଇଥିବା ଦେଖାଯାଇଥିଲା। ଏହି ସମୟରେ ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ୨୨୦.୦୩ ପଏଣ୍ଟ ବା ୦.୫୫% ବୃଦ୍ଧି ଘଟି ୪୦,୦୫୧.୮୭ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୫୭.୨୫ ପଏଣ୍ଟ ବା ୦.୪୯% ଉଚ୍ଚରେ ରହିବା ସହ ୧୧,୮୨୨.୭୦ପଏଣ୍ଟ ରହିଛି। ମଙ୍ଗଳବାର ୩୦ ଶେୟାର ବିଶିଷ୍ଟ ସେନସେକ୍ସ ୫୮୧.୬୪% ବୃଦ୍ଧି ଘଟି ୩୯,୮୩୧.୮୪ ପଏଣ୍ଟରେ ବନ୍ଦ ରହିଥିଲା। ସେହିଭଳି ନିଫ୍ଟି କାରବାର ୧୫୯.୭୦% ଉଚ୍ଚରେ ରହି ୧୧,୮୪୪.୧୦ ଏପଣ୍ଟ ଛୁଇଁଥିଲା। ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ନେଟ୍ କ୍ରୟକାରୀ ଭାବେ ୮୭୬.୮୪ କୋଟି ଟଙ୍କା କ୍ରୟ କରିଛନ୍ତି। ସେହିଭଳି ଘରୋଇ ଆନୁଷ୍ଠାନିକ ନିବେଶକମାନେ ୧୪୪.୭୫ କୋଟି ଟଙ୍କା ଶେୟାର କିଣି ଥିବା ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟରୁ ସାମ୍ନାକୁ ଆସିଛି। ମୁଦ୍ରାର ମୂଲ୍ୟ ୬ ପଇସା କମ୍ ରହିବା ସହ ୭୦.୯୦ ସ୍ତରରେ ରହିଥିଲା। ବ୍ରେଣ୍ଟ ଫ୍ୟୁଚର ୦.୮୮% କମି ବ୍ୟାରେଲ ପିଛା ୬୧.୦୫ ଡଲାର ରହିଥିବା ଜଣା ପଡ଼ିଛି।

# ସୁନା ପାଇଁ ଆସିବ ଆମ୍‌ନେଷ୍ଟି ସ୍କିମ୍

ନୂଆଦିଲ୍ଲୀ, ୩୦-୧୦



- ବିମୁଦ୍ରୀକରଣ ଭଳି ବଡ ପଦକ୍ଷେପ
- ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ସୁନା ରଖିଥିଲେ ଘୋଷଣା କରିହେବ
- ଟିକସ ପ୍ରଦାନ ବ୍ୟବସ୍ଥା ଆସିବ
- ସୁନା ଗଚ୍ଛିତ ପରିମାଣ ସରକାର ଧାର୍ଯ୍ୟ କରିବେ
- ସ୍କିମ ପରେ ସୀମାଠାରୁ ଅଧିକ ସୁନାରେ ଗଣିବେ ଅଧିକ ଟିକସ

କଳାଟଙ୍କା ଉପରେ ରୋକ୍ ଲଗାଇବା ଲାଗି କେନ୍ଦ୍ର ସରକାର ବିମୁଦ୍ରୀକରଣ ପରେ ଦ୍ୱିତୀୟ ବଡ ପଦକ୍ଷେପ ନେବାକୁ ଯାଉଛନ୍ତି। ବେହିସାବି ବା ଚୋରା ଭାବେ ରଖାଯାଇଥିବା ସୁନା ପାଇଁ ସରକାର ଆମ୍‌ନେଷ୍ଟି ସ୍କିମ ଶୀଘ୍ର ଘୋଷଣା କରିବେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ଅଧିକ ପରିମାଣର ସୁନା ଗଚ୍ଛିତ କରି ରଖିଥିଲେ ଏହି ସ୍କିମରେ ଲୋକମାନେ ତାହା ଘୋଷଣା କରିପାରିବେ। ଏହା ଉପରେ ଲୋକଙ୍କୁ ଟିକସ ଦେବାକୁ ପଡିବ। ସୁନା ରଖିବା ପରିମାଣକୁ ସରକାର ଏଥିରେ ଧାର୍ଯ୍ୟ କରିବେ। ସ୍କିମ ଚାଲିବା ପର୍ଯ୍ୟନ୍ତ ଲୋକଙ୍କୁ ଏହାର ଲାଭ ନେବାକୁ ପଡିବ। ସ୍କିମ ଅବଧି ଶେଷ ହେବା ପରେ ଯଦି କୌଣସି ବ୍ୟକ୍ତି ଧାର୍ଯ୍ୟ ସୀମାଠାରୁ ଅଧିକ ପରିମାଣର ସୁନା ନିଜ ପାଖରେ ଗଚ୍ଛିତ କରି ରଖନ୍ତି ତେବେ ବୃହତ୍ ପରିମାଣର ଟିକସ ଦେବାକୁ ପଡିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି।

ଆୟକର ଆମନେଷ୍ଟି ସ୍କିମ ଭଳି ଗୋଲ୍ଡ ଆମନେଷ୍ଟି ସ୍କିମ ସୀମିତ ସମୟ ଲାଗି ରହିବ। ୨୦୧୪-୧୬ ମଧ୍ୟରେ ଲାଗୁ ହୋଇଥିବା ଆମନେଷ୍ଟି ସ୍କିମ ଭଳି ଏହି ପଦକ୍ଷେପ ଲାଗୁ କରାଯିବା ନେଇ ଯୋଜନା ଧାର୍ଯ୍ୟ ହୋଇଥିବା ଅଧିକାରୀ କହିଛନ୍ତି। ସରକାରଙ୍କ ଅନୁମୋଦିତ ଭାଲ୍ୟୁୟର ସୁନାର ମୂଲ୍ୟ ସଂକ୍ରାନ୍ତ ପ୍ରମାଣପତ୍ର ଦେବେ। ବିବାହିତ ମହିଳାଙ୍କ ଧାର୍ଯ୍ୟ ପରିମାଣଠାରୁ କମ୍ ମୂଲ୍ୟର ସୁନାଗହଣାକୁ ଉକ୍ତ ସ୍କିମ୍‌ରୁ ବାଦ୍ ଦିଆଯିବ। ଏହି ପ୍ରସ୍ତାବକୁ ଅର୍ଥନୈତିକ ବ୍ୟାପାର ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ପ୍ରସ୍ତୁତ କରୁଛନ୍ତି। ସେହିଭଳି ଚଳିତ ବର୍ଷ ଏକ ଗୋଲ୍ଡ ବୋର୍ଡ ସ୍ଥାପନ କରିବାକୁ ଏଥିରେ ପ୍ରସ୍ତାବ ରଖାଯାଇଛି। ଏଥିରେ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କ୍ଷେତ୍ରରୁ ଅଧିକାରୀମାନେ ରହିବେ। ଏହି ସ୍କିମକୁ ଅଧିକ ଆକର୍ଷଣୀୟ କରିବା ଏବଂ ଗଚ୍ଛିତ ସୁନାକୁ ଆର୍ଥିକ ସମ୍ପତ୍ତି ଭାବେ ରୂପାନ୍ତରିତ କରିବା ଉପରେ ଏହା କାର୍ଯ୍ୟ କରିବ।

ଦେଶର ମନ୍ଦିର ଏବଂ ବିଭିନ୍ନ ଟ୍ରଷ୍ଟଗୁଡିକରେ ଟନ୍ ଟନ୍ ସୁନା ଜମା ରହିଛି। ଲୋକମାନେ ଏହାକୁ ଦେବଦେବୀଙ୍କୁ ଦାନ କରିଥାନ୍ତି। ସେହିଭଳି ବ୍ୟାଙ୍କ ଲକରରେ ମଧ୍ୟ ସୁନା ପଡି ରହୁଛି। ବୃହତ୍ ପରିମାଣର ସୁନା ଏଭଳି ପଡି ରହିଥିବାରୁ ଏହାର ବ୍ୟବହାର ଦ୍ୱାରା ଲାଭ ପ୍ରଦାନ ଲାଗି ନୂଆ ପଦକ୍ଷେପ ନେବାକୁ ବିଚାର କରାଯାଉଛି। ସୋଭରେନ ଗୋଲ୍ଡ ବଣ୍ଡକୁ ନୂଆ ରୂପ ଦେବାକୁ ଯୋଜନା ରଖାଯାଇଛି। ଏହାକୁ ଲୋକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ କରି ଗଠନ କରାଯିବ ବୋଲି ଅନ୍ୟ ଜଣେ ଅଧିକାରୀ କହିଛନ୍ତି। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ କ୍ୟାବିନେଟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବାର ଥିଲା ମାତ୍ର ମହାରାଷ୍ଟ୍ର ଏବଂ ହରିୟାଣା ଭଳି ରାଜ୍ୟଗୁଡିକରେ ନିର୍ବାଚନ ଲାଗି ନିଷ୍ପତ୍ତି ଆସିବାକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ସରକାରଙ୍କ ସୋଭରେନ ଗୋଲ୍ଡ ବଣ୍ଡ ସ୍କିମ ବ୍ୟକ୍ତିବିଶେଷ ଏବଂ ହିନ୍ଦୁ ଅଣବିଭାଜିତ ପରିବାରଗୁଡିକ ଲାଗି ଲାଗୁ କରାଯିବ। ଡିମାଟ ଫର୍ମରେ ଲୋକମାନେ ପ୍ରାୟ ୪ କିଲୋ ସୁନା କିଣିପାରିବେ। ଟ୍ରଷ୍ଟଗୁଡିକ ଲାଗି ଏହା ୨୦ କିଲୋ ରହିଛି। ଏହି ସ୍କିମ ୨.୫%ରେ ଏକ ବାର୍ଷିକ କୁପନ ସହ ପ୍ରଦାନ କରାଯିବ। ସ୍କିମ ପରିପକ୍ୱ ହେଲେ ଏହାକୁ ସୁନାର ବଜାର ମୂଲ୍ୟ ଅନୁସାରେ ଲୋକମାନେ ବଦଳାଇ ପାରିବେ। ଡିସେମ୍ବର ୨ରୁ ୬ ମଧ୍ୟରେ ଏହାର ସପ୍ତମ ସିରିଜ ଆରମ୍ଭ ହେଉଛି। ଏହାବାଦ ଷଷ୍ଠ ସିରିଜ ଅକ୍ଟୋବର ୨୫ରୁ ଆରମ୍ଭ ହୋଇଛି।



## ସିଏସ୍‌ଆର୍ ଉତ୍କର୍ଷତା ଲାଗି ନାଲ୍‌କୋ ସମ୍ମାନିତ

ନୂଆଦିଲ୍ଲୀ,୩୦-୧୦

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ରାଷ୍ଟ୍ରାୟତ୍ତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ସମ୍ମାନିତ ହୋଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ ଜାତୀୟ ସିଏସ୍‌ଆର୍ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ କମ୍ପାନୀର ମାନବ ସମ୍ବଳ ନିର୍ଦ୍ଦେଶକ ବସନ୍ତ କୁମାର ଠାକୁର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁରଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉପସ୍ଥିତ ଥିଲେ। ଏହି ସଫଳତା ଲାଗି ନାଲ୍‌କୋ ସମୁଦାୟକୁ କମ୍ପାନୀର ସିଏମ୍‌ଡି ତପନ କୁମାର ଚାନ୍ଦ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ୨୦୧୫ରେ ଆରମ୍ଭ ହୋଇଥିବା ନାଲ୍‌କୋର ଅଲିଅଳ ଝିଅ କାର୍ଯ୍ୟକ୍ରମ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି। ବାଳିକାଙ୍କ ଶିକ୍ଷା ଏବଂ ମହିଳା ଶସକ୍ତୀକରଣ କ୍ଷେତ୍ରରେ ଏହା ଏକ ଅନନ୍ୟ ପ୍ରୟାସ। ଏହି ପୁରସ୍କାର ଲାଭ କମ୍ପାନୀ ଲାଗି ଗୌରବର ବିଷୟ ବୋଲି ଚାନ୍ଦ ମତ ରଖିଛନ୍ତି।

## ୨୦୩୯ ସୁଦ୍ଧା ଭାରତ ତୃତୀୟ ବୃହତ୍ ଅର୍ଥନୀତି

ନୂଆଦିଲ୍ଲୀ,୩୦-୧୦

୨୦୩୯ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବ। ବ୍ଲୁମବର୍ଗ ପକ୍ଷରୁ ବୁଧବାର ପ୍ରକାଶିତ ନିୟୁ ଇକୋନୋମି ଡ୍ରାଇଭର୍ସ ଆଣ୍ଡ ଡିସରପ୍ଟର୍ସ ଇଣ୍ଡେକ୍ସ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଜନସଂଖ୍ୟାର ବିଭିନ୍ନ ପ୍ରସଙ୍ଗ ଦୃଷ୍ଟିକୋଣରୁ ଭାରତରେ ଅନୁକୂଳ ସ୍ଥିତି ଥିବା ସତ୍ତ୍ୱେ ଦ୍ରୁତ ଅଭିବୃଦ୍ଧି ହାସଲ ଲାଗି ବିଭିନ୍ନ ସମସ୍ୟା ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଚାଇନାର ଦ୍ରୁତ ଅଭିବୃଦ୍ଧି ହାସଲ ବେଳେ ଯେଉଁ ସବୁ ସୁଯୋଗ ଉପରେ କାର୍ଯ୍ୟ କରିଥିଲା ଭାରତ ମଧ୍ୟ ସେହି ଦିଗଗୁଡିକ ପ୍ରତି ଧ୍ୟାନ ରଖିଛି। ୨୦୩୯ ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥା ହେବାର କ୍ଷମତା ଭାରତ ରଖିଛି ବୋଲି ଉକ୍ତ ରିପୋର୍ଟରେ ବ୍ୟାଖ୍ୟା କରାଯାଇଛି। ବର୍ତ୍ତମାନ ସମୟରେ ଭାରତ ଅଟୋମେଶନ, ଡିଜିଟାଇଜେଶନ, ପାଣିପାଗ ପରିବର୍ତ୍ତନ, ସଂରକ୍ଷଣବାଦ ଭଳି ଚ୍ୟାଲେଞ୍ଜ ସାମ୍ନା କରୁଛି। ରିପୋର୍ଟ ମୁତାବକ ଭାରତ ସରକାର ଗ୍ରହଣ କରୁଥିବା ସଂସ୍କାର ପଦକ୍ଷେପ ଦ୍ରୁତ ଅଭିବୃଦ୍ଧି ଦିଗରେ ସହାୟକ ହେବାର ସମ୍ଭାବନା ରହିଛି। ମାତ୍ର ଅଭିବୃଦ୍ଧି ରାସ୍ତାରେ ଅନେକ ଚ୍ୟାଲେଞ୍ଜ ମଧ୍ୟ ରହିଛି। ଚାଇନା ତୁଳନାରେ ଏହି ଚ୍ୟାଲେଞ୍ଜ ଅଧିକ। ଏହି କ୍ଷେତ୍ରରେ ଭାରତର ସ୍ଥାନ ୮୦ତମ ରହିଛି।

# ପ୍ରତ୍ୟକ୍ଷ ଟିକସ ହ୍ରାସ ସମ୍ଭାବନା କ୍ଷୀଣ

ନୂଆଦିଲ୍ଲୀ,୩୦-୧୦

ସରକାର ଚଳିତ ବର୍ଷ ପ୍ରତ୍ୟକ୍ଷ ଟିକସ ବା ଆୟକର ହ୍ରାସ ନ କରିପାରନ୍ତି। ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଟିକସ ହ୍ରାସ ଯୋଗୁ ବିତ୍ତୀୟ ଧାରା ପ୍ରଭାବିତ ହୋଇଛି। ନିକଟରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ କର୍ପୋରେଟ ଟିକସକୁ ପ୍ରାୟ ୧୦ ପରସେଣ୍ଟେଜ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ କରିଛନ୍ତି। ଭଳି ସ୍ଥିତିରେ ବ୍ୟକ୍ତିଗତ ଆୟକର ହ୍ରାସ ଦ୍ୱାରା ଚାହିଦା ବୃଦ୍ଧି କରାଇବା ନେଇ ବିଭିନ୍ନ ଚାପ ସରକାରଙ୍କ ଉପରେ ରହିଛି। ସୂଚନା ମୁତାବକ, ବର୍ତ୍ତମାନ ସ୍ଥିତିରେ ବ୍ୟକ୍ତିଗତ ଆୟକର ହ୍ରାସ କରିବା କଷ୍ଟକର ବ୍ୟାପାର। ଅର୍ଥନୀତିରେ ମାନ୍ଦାବସ୍ଥା ଏବଂ ପରୋକ୍ଷ ଟିକସ ହ୍ରାସ ଦ୍ୱାରା ଟିକସ ସଂଗ୍ରହ କମିଥିବାରୁ ସରକାର ପୁଣି ଥରେ ରାଜକୋଷ ଉପରେ ଚାପ ପକାଇବାକୁ ଚାହୁଁ ନ ଥିବା ଜଣାପଡିଛି। ସରକାର ଗତ ବର୍ଷ ପ୍ରତ୍ୟକ୍ଷ ଟିକସ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଚଳିତ ବର୍ଷ ଉକ୍ତ ବର୍ଗରେ ୧୩.୮୦ ଲକ୍ଷ କୋଟି ଟଙ୍କାର ଉଚ୍ଚ ରାଜସ୍ୱ ସଂଗ୍ରହ ନେଇ ଲକ୍ଷ୍ୟ ରଖାଯାଇଛି।

ଏପଟେ ଆୟୁଷ୍ମାନ ଭାରତ, ମହାତ୍ମାଗାନ୍ଧୀ ନ୍ୟାଶନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ଆକ୍ଟ (ଏମ୍‌ଏନ୍‌ଆର୍‌ଇଜିଏ), ପିଏମ୍ କିଷାନ, ପିଏମ୍ ଆବାସ ଭଳି ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଖର୍ଚ୍ଚ ଲାଗି ଅଧିକ ରାଜସ୍ୱ ଆବଶ୍ୟକ ପଡୁଛି। କର୍ପୋରେଟ ଟିକସ କମିବା ଯୋଗୁ ରାଜକୋଷ ଉପରେ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କାର ଚାପ ପଡିଛି। ଏଭଳି ସ୍ଥିତିରେ ସାମାଜିକ ସୁରକ୍ଷା ଯୋଜନାଗୁଡିକରେ ଖର୍ଚ୍ଚ ଲାଗି ସରକାରଙ୍କୁ ନିଶ୍ଚିତ ପୁଞ୍ଜି ଆବଶ୍ୟକତା ରହିଛି। ଫଳରେ ସରକାର ଚାପରେ ରହିଛନ୍ତି। ଗତ ୨୮ ବର୍ଷ ମଧ୍ୟରେ ସରକାର କର୍ପୋରେଟ ଟିକସ କ୍ଷେତ୍ରରେ ବଡ ହ୍ରାସ ଘୋଷଣା କରିଛନ୍ତି। ଦେଶର ଅଭିବୃଦ୍ଧି ୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବାରୁ ସ୍ଥିତାବସ୍ଥା ଫେରାଇ ଆଣିବାକୁ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଟିକସଦାତାଙ୍କୁ ସରକାର ବିଭିନ୍ନ ଛାଡ ଦେଉଥିବା ବେଳେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସକୁ ବାଦ୍ ଦିଆଯାଇଛି। ସାମାଜିକ ସୁରକ୍ଷା ଯୋଜନାରେ ଅଧିକ ବ୍ୟୟ ଏବଂ ନିମ୍ନ ଆୟକାରୀଙ୍କ ଉପରେ ଟିକସ ବୋଝ କମାଇବା ଦିଗରେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଆର୍ଥିକ ଯୋଜନା ବହୁ ବିଷୟର ଚିନ୍ତାକଳ୍ପ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋ ବୟସ ୨୯ ବର୍ଷ ଏବଂ ବିବାହିତ ଏକ ଘରୋଇ କମ୍ପାନୀରେ କାମ କରୁଛି। ୩୦ ଲକ୍ଷ ଟଙ୍କାର କେବଳ ଏକ ଟର୍ମ ପ୍ଲାନ କିଣିଛି। ଏ ପର୍ଯ୍ୟନ୍ତ କିଛି ବି ସ୍କିମରେ ନିବେଶ କରିନାହିଁ। ଭବିଷ୍ୟତ ପାଇଁ କିପରି ସଞ୍ଚୟ କରିବି? ଅବସରକାଳୀନ ପାଣ୍ଠି ଗଠନ ପାଇଁ କେଉଁ ସ୍କିମ କରିବି?**

– ସଂଗ୍ରାମ ମିଶ୍ର, ଅନୁଗୋଳ

▶ ଆପଣ ଏବେ ବିବାହ କରିଛନ୍ତି ଓ ଏକ ନୂଆ ଜୀବନର ଆରମ୍ଭ କରୁଛନ୍ତି। ଆସନ୍ତା ଭବିଷ୍ୟତ ଜୀବନରେ ଆପଣଙ୍କର ଅନେକ କିଛି ଆର୍ଥିକ ଲକ୍ଷ୍ୟସବୁ ରହିବ। ଅନ୍ୟ ଲୋକମାନଙ୍କ ପରି ସୁନ୍ଦର ଘରଟିଏ କରିବା, ନୂତନ ସଦସ୍ୟର ଆଗମନ ପାଇଁ ଯୋଜନା କିମ୍ବା ଅବସରକାଳୀନ ପାଣ୍ଠି ଗଠନ ଭଳି ପ୍ରାୟତଃ ଆପଣଙ୍କର ଆର୍ଥିକ ଲକ୍ଷ୍ୟସବୁ ରହିବ। ଆର୍ଥିକ ଲକ୍ଷ୍ୟ ଓ ଆର୍ଥିକ ସ୍ୱାଧୀନତା ହାସଲ ପାଇଁ ଆପଣ କାମ କରୁଛନ୍ତି। ପରିବାର ଖୁସି ଓ ଜୀବନଶୈଳୀ ଖର୍ଚ୍ଚ ପାଇଁ କାମ କରୁଛନ୍ତି। କିନ୍ତୁ ଏହି ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଅନେକ ଆହ୍ୱାନ ବା ବାଧା ସମ୍ମୁଖୀନ ହେବାକୁ ପଡିବ।

**ଆପଣ ନିଜର ଆର୍ଥିକ ଲକ୍ଷ୍ୟସବୁକୁ ପ୍ରାଧାନ୍ୟ ଦେବା ସହିତ ଏହାକୁ ହାସଲ କରିବା ପାଇଁ କାମ କରିବାକୁ ପଡିବ। ନିମ୍ନଲିଖିତ ଦିଗକୁ ଧ୍ୟାନ ଦେବାକୁ ପଡିବ।**

- ⇨ ଅନାବଶ୍ୟକ ଖର୍ଚ୍ଚସବୁକୁ ନିୟନ୍ତ୍ରଣ କରିବାକୁ ପଡିବ
- ⇨ ନିଜର ସୂକ୍ଷ୍ମ ଓ ସମଷ୍ଟିଗତ ଆର୍ଥିକ ଲକ୍ଷ୍ୟସବୁକୁ ପ୍ରାଧାନ୍ୟ ଅନୁଯାୟୀ ସ୍ଥିର କରନ୍ତୁ
- ⇨ ଶୃଙ୍ଖଳିତ ଭାବରେ ନିବେଶ କରି ଚାଲନ୍ତୁ। ସମୟାନୁସାରେ ଅଧିକ ନିବେଶ କରନ୍ତୁ
- ⇨ ଜୀବନର ସମସ୍ତ ବାଧାବିଘ୍ନ ପାଇଁ ଜରୁରିକାଳୀନ ପାଣ୍ଠି ଗଠନ କରନ୍ତୁ।

ଆପଣଙ୍କ ଆର୍ଥିକ ଲକ୍ଷ୍ୟସବୁକୁ ଦୃଷ୍ଟି ଦେଇ ଏକ ଆସେଟ୍ ଆଲୋକେସନ ଅନୁଯାୟୀ ନିବେଶ ପୋର୍ଟଫୋଲିଓ ଅନୁସାରେ ନିବେଶ କରନ୍ତୁ। ଆପଣ ଇକ୍ୱିଟି ଫଣ୍ଡସବୁ-୭୫%, ବଣ୍ଡ ଫଣ୍ଡସବୁ-୧୦% ଓ ଲିକ୍ୱିଡ ଫଣ୍ଡସବୁ-୧୫% ହିସାବରେ ନିବେଶ ଆରମ୍ଭ କରିପାରନ୍ତି।

ଦେଖନ୍ତୁ ଆର୍ଥିକ ଯୋଜନା ହେଉଛି ଏକ ବହୁ ବିଷୟ ଚିନ୍ତାକଳ୍ପ। ଆମର ପରାମର୍ଶ ଆପଣ ଜଣେ ଆର୍ଥିକ ଯୋଜନାକାରୀଙ୍କୁ ସାକ୍ଷାତ କରି ଆଲୋଚନା ଅନୁଯାୟୀ ନିବେଶ କରିବା ଉଚିତ ହେବ।

**ମୋର କିଛି ଟଙ୍କା ସ୍ଥାୟୀଜମା ଅଛି। ଆଉ ବଳକା କିଛି ଟଙ୍କା କମ୍ପାନୀ ସ୍ଥାୟୀଜମା ସ୍କିମ୍‌ରେ ନିବେଶ କରିବା ପାଇଁ ଭାବୁଛି। ଏହା କ'ଣ ଉଚିତ ହେବ?**

–ସୋନାଲି ରାଉତ, ବାଲେଶ୍ୱର

▶ କମ୍ପାନୀ ସ୍ଥାୟୀଜମା ସ୍କିମ୍ ସବୁ କମ୍ପାନୀ ପ୍ରଦାନ କରିଥାନ୍ତି। କମ୍ପାନୀ ସ୍ଥାୟୀଜମା ସ୍କିମରେ ବ୍ୟାଙ୍କ ସ୍ଥାୟୀଜମା ସ୍କିମ ଠାରୁ ଅଧିକ ମିଳିଥାଏ। ପାଖାପାଖି ୮%, ୧୦% ବାର୍ଷିକ ସୁଧ ହାର ମିଳିଥାଏ। କିନ୍ତୁ ଆପଣ ବ୍ୟାଙ୍କ ସୁଧହାର ଠାରୁ ଅଧିକ ୧%,୨% ବାର୍ଷିକ ସୁଧ ପାଇବା ପାଇଁ କମ୍ପାନୀ ସ୍ଥାୟୀଜମାର ରିସ୍କ ନେଉଛନ୍ତି। ଯେତେ ଅଧିକ ସୁଧହାର ମିଳିବାର ସମ୍ଭାବନା ଅଛି ତେବେ ସେତେ ଅଧିକ ରିସ୍କ ସ୍କିମରେ ରହିବ। ଆମର ପରାମର୍ଶ କମ୍ପାନୀ ସ୍ଥାୟୀଜମା ସ୍କିମରେ ନିବେଶ ସମୟରେ କମ୍ପାନୀ ଆର୍ଥିକ ସ୍ୱାଧୀନତା, ବିଗତ ବର୍ଷର ଆର୍ଥିକ ଅବସ୍ଥା ଓ କମ୍ପାନୀର ରେଟିଂକୁ ଦୃଷ୍ଟି ନିବେଶ କରନ୍ତୁ। କେବଳ ଅଧିକ ସୁଧହାର ଆଶାରେ ନିବେଶ କରି ନିଜର ମୂଳଧନ କ୍ଷତି କରିପାରନ୍ତି। ସମସ୍ତ ବିଷୟ ଭଲ ଭାବରେ ବୁଝି ଓ ରିସ୍କ ବିଷୟରେ ବୁଝି ନିବେଶ କରନ୍ତୁ।

**ମୋର ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ସବୁ ଭଲ ଲାଭ ପ୍ରଦାନ କରୁନାହିଁ। ମୁଁ ଭାବୁଛି ରେକରିଂ ଡିପୋଜିଟ୍ କରିଥିଲେ ଭଲ ହୋଇଥାନ୍ତା। ମୋର କେହି ଆର୍ଥିକ ପରାମର୍ଶଦାତା ନାହାନ୍ତି। ଏସବୁ ପାଇଁ କ'ଣ କରିବା ଉଚିତ ହେବ? ସବୁ ଏସ୍‌ଆଇପି ମିଶ୍ରଣ କରି ଗୋଟିଏ ଏସ୍‌ଆଇପି କରିବା ଉଚିତ ହେବ କି?**

– ସନାତନ ସାହୁ, କଟକ

▶ ଏପରି ନିବେଶ କରିବା ଦ୍ୱାରା ନିବେଶକାରୀଙ୍କର ଅନେକ କ୍ଷତି ହୋଇଥାଏ। ବିନା କିଛି ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ବିନା ଅନୁଯାୟୀ ନିବେଶ କରିବା ବିପଦଜନକ ହୋଇଥାଏ। ଏକ ଭୁଲ୍ ଫଣ୍ଡରେ ନିବେଶ କରିବା, ଖରାପ ସମୟରେ ନିବେଶ, ଆପଣଙ୍କୁ ଖରାପ ସମୟରେ ପଥପ୍ରଦର୍ଶକ ଓ ସହାୟକ ହେବା କେହି ବି ନାହାନ୍ତି। ଯଦି ବି ଫଣ୍ଡଟି ଗତ ବର୍ଷ ଭଲ ଲାଭ ପ୍ରଦାନ କରିଛି ହୁଏତ ମ୍ୟୁଚୁଆଲ ଫଣ୍ଡ ସ୍କିମଟି ଆପଣଙ୍କ ଆବଶ୍ୟକତା ଓ ଆର୍ଥିକ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ହୋଇ ନ ଥାଇ ପାରେ।

ସବୁଠାରୁ ମୁଖ୍ୟ ଓ ପ୍ରାଧାନ୍ୟ ଯୁକ୍ତ ଦିଗଟି ହେଉଛି ଆପଣଙ୍କର ନିବେଶ ଓ ଆପଣଙ୍କ ବୟସ, ପରିସ୍ଥିତି, ଜୀବନଶୈଳୀ, ଆର୍ଥିକ ଲକ୍ଷ୍ୟସବୁକୁ ଜଣେ ସାର୍ଟିଫାଏଡ଼ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କ ପରିସ୍ଥିତିର ସମୀକ୍ଷା ଓ ସ୍ଥିତି ନିର୍ଣ୍ଣୟ ଠିକ୍ ସ୍କିମ ନେବା ଉଚିତ ହେବ। ଡାକ୍ତରଙ୍କ ପରାମର୍ଶ ଫି ଦେବା ଭଳି ଆର୍ଥିକ ପରାମର୍ଶ ଫି ଦେବାକୁ ପଡିବ। ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ସର୍ବଦା ନିବେଶ କରନ୍ତୁ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦


idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER(P&C), IDCO, IDCO TOWER, BHUBANESWAR.
Tender Call Notice No. HO/P&C/EST-E-1090/04/2013-14(Part-I)18377 Dt.28.10.2019
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work :- Supply, delivery, Installation, testing and commissioning of 6nos 16 Passenger Elevator (2B+G+6 floors) for Office-Cum-Commercial complex at Mahisapat, Dhenkanal.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Tower, Janpath, Bhubaneswar | Bid ID No-P&C/ EST/E-34/ 2019-20 | 12.00 Hours of dt.02.11.2019 | 17.00 Hours of dt.19.11.2019 |

Further details can be seen from the e-Procurement Portal www.tendersodisha.gov.in and Corrigendum or Addendum if any will not be published in news papers and can only be seen in the e-procurement portal as well as in IDCO website. Sd/- Chief General Manager(P&C), IDCO, Bhubaneswar



ROURKELA DEVELOPMENT AUTHORITY
UDITNAGAR, ROURKELA-769012
No.3125 /RDA Dated: 30.10.2019
PROCLAMATION
It is hereby informed to the General public that one Sri Srikanta Choudhury and Niranjan Choudhury both are the dependant / Legal Heir of Late Brundaban Choudhury has been applied for mutation of House No.C2L2/152 under Chhend Housing Project, Stage-II, Chhend, Rourkela-15 in their favour consequent upon death of their father Late Brundaban Choudhury. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority



bda ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୨୩୭୩୪/ଭୁ.ଉ.କ., ଭୁବନେଶ୍ୱର ତା୦୧।୧୦।୨୦୧୯ରିଖ
PDH-35/89
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପଲାସପଲୀ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ.– C-9କୁ ଶ୍ରୀ ପ୍ରଭାତ କୁମାର ମହାନ୍ତି, ପିତା– ସ୍ୱର୍ଗତ ରୁଦ୍ରନାରାୟଣ ମହାନ୍ତି, ଗ୍ରାମ– ପ୍ଲଟ ନଂ– ୨୫୭/୨, ଶାସ୍ତ୍ରୀନଗର, ୟୁନିଟ୍-୪, ଥାନା– ଖାରବେଳନଗର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶାଙ୍କ ଦଲିଲ ନଂ.– ୧୦୮୧୩୦୬୦୨୨, ତାରିଖ ୨୫।୦୩।୨୦୧୩ରେ କ୍ରୟ କରିଥିଲେ। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଭାତ କୁମାର ମହାନ୍ତି ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ସୁରେନ୍ଦ୍ର ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ୍, ୱେବ୍ରିଜ୍ ରୋଡ୍, ବଡ଼ବିଲ, ଜିଲ୍ଲା– କେଉଁଝରର ଡାଇରେକ୍ଟର ଶ୍ରୀ ପ୍ରଦୀପ୍ତ ମହାନ୍ତି, ପିତା– ସ୍ୱର୍ଗତ ଜଗନ୍ନାଥ ମହାନ୍ତି, ଗ୍ରାମ– ୨୬-ସି, ଜୟଦୁର୍ଗା ନଗର, ଥାନା– ଲକ୍ଷ୍ମୀସାଗର, ପୋଷ୍ଟ– ବୁଦ୍ଧେଶ୍ୱରୀ, ଜିଲ୍ଲା– ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।
ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।
ସ୍ୱା./– ଆବଣ୍ଟନ ଅଧିକାରୀ – ୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



OFFICE OF THE NOTIFIED AREA COUNCIL, BHUBAN, NAC EXPRESSION OF INTEREST / No.1683, Dt.30.10.19
Date & time of sale bid document-Dt.31.10.2019 to Dt.14.11.2019, Last date & Time of sale of bid document-Dt.14.11.2019 upto 1.00 P.M., Last date & Time of receipt of bid document-Dt.15.11.2019 upto 1.00 P.M., Date & Time of opening of tenders-Dt.15.11.2019 at 3.00 P.M., E.M.D. to be furnished- 1% of the annual quoted value. Sealed tender in conformity with detailed Tender Call Notice invited from intending registered firms/NGOs/Private company/Contractor satisfying the eligibility criteria given below for execution of the under mentioned works so as to reach the Executive Officer, Bhuban NAC by 1.00 P.M. on Dt.15.11.2019 within 1.00 P.M. will be opened on same day i.e. Dt.15.11.2019 at 3.00 P.M. in presence of the bidder/bidders or their authorized representatives. The intending bidders shall have to deposit the cost (non-refundable) towards tender documents in shape of Cash/ demand draft from any bank drawn in favour of Executive Officer, Bhuban N.A.C. payable at Bhuban. **Sl. No.1, Name of the work**-Providing door-to door collection & transportation of solid waste, cleaning & sanitation services in Ward no.1 to 15 (Except ward No.04), **Cost of bid document-Rs.10,000/-.** Tender should be submitted through Regd. Post/Speed Post only addressed to Executive Officer, Bhuban N.A.C.however Bhuban N.A.C. will be no way responsible for postal delay to the receipt of tender beyond scheduled date and time. The tender must be accompanied with required E.M.D. i.e. @1%of the annual quoted value in shape of NSC/KVP/STDR only from any bank duly pledged in favour of Executive Officer, Bhuban NAC falling which the tender will be rejected out rightly. **Eligibility Criteria-** The tender should be accompanied with Xerox copy of PAN card, GST, Labour license, PF & ESI registration certificate Service tax registration certificate, affidavit in original, IT return, the bidder must have minimum 5 years experience on municipal solid waste management/sanitation work, and the bidder should be agreed to adhere all terms and conditions of the bid document. The authority reserves the right to reject any or all the tenders without assigning any reason thereof. **Sd./- Executive Officer, Bhuban N.A.C.**



ବୈଦ୍ୟୁତିକ ନିରାପତ୍ତା
CAD-510
୧. ବିଦ୍ୟୁତ୍ ସଂଯୋଗ ପୂର୍ବରୁ ଘରର ଆର୍ଥୀଂ ଓ ୱେୟାରିଂ କୌଣସି ଅଭିଜ୍ଞ ଲାଇସେନ୍ସ୍ ପ୍ରାପ୍ତ କଣ୍ଟ୍ରାକ୍ଟର ଦ୍ୱାରା କରାଇ ନିଅନ୍ତୁ। ଘର ଆର୍ଥୀଂ ଠିକ୍ ଥିଲେ ବିଦ୍ୟୁତ୍ ସରବରାହ ସମୟରେ ସର୍ଟସର୍କିଟ ଜନିତ ତ୍ରୁଟି ଘଟିଲେ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରେ।
୨. ନିଜ ଘରୁ ଅନ୍ୟକୁ ବେଆଇନ୍ ଭାବେ ବିଦ୍ୟୁତ୍ ବଣ୍ଟନ କରନ୍ତୁ ନାହିଁ ଏବଂ ଅନତି ଦୂରରେ ଥିବା ନିଜର କୌଣସି ଘରକୁ ମଧ୍ୟ ବିଦ୍ୟୁତ୍ ସମ୍ପ୍ରସାରଣ କରନ୍ତୁ ନାହିଁ।
୩. ଘରର ସର୍ଭିସ୍ ତାରରେ ତ୍ରୁଟି ଦେଖାଦେଲେ ନିଜେ କୌଣସି ମରାମତି କାର୍ଯ୍ୟ ନ କରି ସମ୍ପୃକ୍ତ ସେସୁ ଅଧିକାରୀ ବା କର୍ମଚାରୀଙ୍କୁ ଜଣାନ୍ତୁ। ସମୟେ ସମୟେ ଆକସ୍ମିକ ତ୍ରୁଟି ଯୋଗୁ ସର୍ଭିସ୍ ଜି.ଆଇ ତାରରେ ବିଦ୍ୟୁତ୍ ସଂଚାରଣ ହୋଇଥାଏ। ଏଣୁ ତାହାକୁ ସ୍ପର୍ଶ କରିବା ଅନୁଚିତ୍।
୪. ଘର ମଧ୍ୟରେ ବିଦ୍ୟୁତ୍ ୱେୟାରିଂ କିମ୍ବା ବିଦ୍ୟୁତ୍ ସରଞ୍ଜାମରେ ତ୍ରୁଟି ଦେଖାଦେଲେ ଅଭିଜ୍ଞ କୁଶଳୀ ଇଲେକ୍ଟ୍ରିସିୟାନ୍ ଦ୍ୱାରା ମରାମତି କାର୍ଯ୍ୟ କରାଇନିଅନ୍ତୁ, ନିଜେ ଚେଷ୍ଟା କରନ୍ତୁ ନାହିଁ।
୫. ଘରର ୱେୟାରିଂରେ ଏମ୍.ସି.ବି. ବ୍ୟବହାର କରନ୍ତୁ।
୬. ଘରେ ଇନ୍‌ଭଟର ବ୍ୟବସ୍ଥା ଥିଲେ ଇନ୍‌ଭଟର ସଂଯୁକ୍ତ ବିଦ୍ୟୁତ୍ ବଲ୍‌ବ ଓ ଅନ୍ୟ ବିଦ୍ୟୁତ୍ ସରଞ୍ଜାମ ପାଇଁ ଭିନ୍ନ ନିଉଟ୍ରାଲ ୱେୟାରିଂ ବ୍ୟବସ୍ଥା ରଖନ୍ତୁ।
୭. ଯଦି ଘରେ ଡିଜେଲ୍ ଜେନେରେଟର୍ ବ୍ୟବସ୍ଥା ଥାଏ ତେବେ ସେଥିପାଇଁ ଚେଞ୍ଜଓଭର ସୁଇଚ୍ ରଖିବା ବ୍ୟବସ୍ଥା କରନ୍ତୁ, ନଚେତ୍ ଦୁର୍ଘଟଣା ଘଟିପାରେ।
୮. ବିଦ୍ୟୁତ୍ ତାର ଘର ପାଖରେ ଥିଲେ କୌଣସି ବିଦ୍ୟୁତ୍ ସୁପରିବାହି ଲମ୍ବା ପଦାର୍ଥ ଯଥା ଲୁହାଛଡ, କଞ୍ଚା ବାଉଁଶ ଅଥବା କଞ୍ଚା କାଠ ଆଦି ତାର ପାଖରେ ନେବା ଆଣିବା କରନ୍ତୁ ନାହିଁ, ତାହା ହୁଏତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବିଦ୍ୟୁତ୍ ଦୁର୍ଘଟଣା ଘଟାଇ ପାରେ।
୯. ହୁକ ପକାଇ ବେଆଇନ୍ ବିଦ୍ୟୁତ୍ ବ୍ୟବହାର କରିନ୍ତୁ ନାହିଁ।
୧୦. ବିଦ୍ୟୁତ୍ ତାର ଓହଳି ପଡ଼ିଥିଲେ କିମ୍ବା ଛିଡ଼ିଯାଇ ତଳେ ପଡ଼ିଥିଲେ, ସେ ସ୍ଥାନକୁ ଯାଆନ୍ତୁ ନାହିଁ କିମ୍ବା ଜୀବଜନ୍ତୁମାନଙ୍କୁ ସେଠାକୁ ଛାଡ଼ନ୍ତୁ ନାହିଁ। ତୁରନ୍ତ ବିଭାଗୀୟ ଅଧିକାରୀ ବା କର୍ମଚାରୀଙ୍କୁ ଖବର ଦିଅନ୍ତୁ।
୧୧. ପୂଜା, ପାର୍ବଣ, ବିବାହ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ସମୟରେ ଆଇନ ସମ୍ମତ ଏବଂ ବିପଦ ମୁକ୍ତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
୧୨. ବିଜୁଳୀ ଓ ଘଡ଼ଘଡ଼ି ମାରିବା ସମୟରେ ବିଦ୍ୟୁତ୍ ଲାଇନ୍ ତଳେ ଛିଡ଼ା ହୁଅନ୍ତୁ ନାହିଁ।
୧୩. ବିଦ୍ୟୁତ୍ ସର୍ଭିସ ତାର ଓ ତତ୍ ସଂଲଗ୍ନ ଜି.ଆଇ ତାରରେ ଲୁଗା ଶୁଖାନ୍ତୁ ନାହିଁ କିମ୍ବା ଏହା ସଂସ୍ପର୍ଶରେ ଆସନ୍ତୁ ନାହିଁ।
୧୪. ବିଦ୍ୟୁତ୍ ଖୁଣ୍ଟି କିମ୍ବା ଷ୍ଟେ- ୱେୟାରରେ ଗାଈଗୋରୁ ବାନ୍ଧନ୍ତୁ ନାହିଁ।
୧୫. ସର୍ବଦା ସଠିକ୍ ସାଇଜ୍‌ର ଫ୍ୟୁଜ୍ ତାର ବ୍ୟବହାର କରନ୍ତୁ।
୧୬. ଯଦି କୌଣସି ବ୍ୟକ୍ତି ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥାଏ, ତେବେ ତାକୁ ସ୍ପର୍ଶ ନ କରି ଶୁଖିଲା ବାଉଁଶ/ବାଡ଼ି ଦ୍ୱାରା ଯଥାଶୀଘ୍ର ତାର ଠାରୁ ଅଲଗା କରନ୍ତୁ ଓ ତୁରନ୍ତ ମେଡ଼ିକାଲ ନିଅନ୍ତୁ।
04010/11/0001/1920 ଧ୍ୟାନ ରଖନ୍ତୁ ଆପଣଙ୍କ ଜୀବନ ଅତି ମୂଲ୍ୟବାନ
ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା
ଇଡ଼କୋ ଟାୱାର, ୨ୟ ମହଲା, ଜନପଥ, ଭୁବନେଶ୍ୱର-୭୫୧୦୨୨, ଓଡିଶା, ଫୋନ୍: ୦୬୭୪-୨୫୪୧୫୭୫, ଫ୍ୟାକ୍ସ: ୨୫୪୩୧୨୫
ୱେବ୍‌ସାଇଟ୍: www.cesuodisha.com / www.cescoorissa.com



❝ ଉଚ୍ଚ ମାନ୍ୟତାପ୍ରାପ୍ତ ଭିଏତ୍‌ନାମ ବିପକ୍ଷରେ ଖେଳାଯିବାକୁ ଥିବା ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆମେ ଉନ୍ନତ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛୁ ।

–ମେମୋଲ ରକି, ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



❝ କୋଚ୍ ଇଗର ଷ୍ଟିମାକ୍ ଯାହା କରିବାକୁ ଲକ୍ଷ୍ୟ ରଖିଛନ୍ତି, ଆମେ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା ଜାରି ରଖିଛୁ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ

## ସଂକ୍ଷେପରେ

### ମ୍ୟାକ୍‌ଡୋନାଲ୍ଡ ଅଷ୍ଟ୍ରେଲିଆର ସହାୟକ କୋଚ୍



ସିଡ୍‌ନୀ, ୩୦।୧୦ (ଏଏଫ୍‌ପି)- ପୂର୍ବତନ କ୍ରିକେଟର୍ ଆଣ୍ଡ୍ର୍ୟୁ ମ୍ୟାକ୍‌ଡୋନାଲ୍ଡଙ୍କୁ ବୁଧବାର ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳର ସହାୟକ କୋଚ୍ ନିଯୁକ୍ତ କରାଯାଇଛି। ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗରଙ୍କୁ ସେ ସହାୟତା କରିବେ। ଗତ ଫେବୃଆରୀରେ ଡେଭିଡ୍ ସକର୍ ଏହି ପଦ ଛାଡ଼ିବା ପରେ ସେବେଠାରୁ ଏହା ଖାଲି ରହିଥିଲା। ଏହାପରେ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଓ ଷ୍ଟିଭ୍ ଓ୍ୱ ମେଣ୍ଟର ଭାବେ ଲାଙ୍ଗରଙ୍କୁ ସହାୟତା କରି ଆସୁଥିଲେ। 'ମ୍ୟାକ୍‌ଡୋନାଲ୍ଡ ବର୍ତ୍ତମାନ ଆମ କୋଚିଂ ଟିମ୍‌ରେ ଯୋଗ ଦେଇଛନ୍ତି। ଏହି ଅଲ୍‌ରାଉଣ୍ଡରଙ୍କ ଜ୍ଞାନ ଓ ମ୍ୟାନେଜମେଣ୍ଟ ସ୍କିଲ୍ ଟିମ୍ ପାଇଁ ଲାଭଦାୟକ ହେବ ଏଥିରେ କୌଣସି ସନ୍ଦେହ ନାହିଁ' ବୋଲି ଲାଙ୍ଗର କହିଛନ୍ତି। ଉଲ୍ଲେଖଯୋଗ୍ୟ, ମ୍ୟାକ୍‌ଡୋନାଲ୍ଡଙ୍କ ପ୍ରଶିକ୍ଷଣରେ ଭିକ୍ଟୋରିଆ ଓ ମେଲବୋର୍ନ ରେନ୍‌ଗାର୍ଡ୍ସ ଦଳ ଗତ ସିଜନରେ ଅଷ୍ଟ୍ରେଲିଆ ଘରୋଇ କ୍ରିକେଟ୍‌ର ୩ଟି ଯାକ ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ବର୍ତ୍ତମାନ ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିବା ଆରୋନ ଫିଞ୍ଚ୍, ମାର୍କସ ହାରିସ, ଜେମ୍ସ ପାଟିନଶନ ପ୍ରମୁଖଙ୍କ ସହ ମ୍ୟାକ୍‌ଡୋନାଲ୍ଡ ପୂର୍ବରୁ କାମ କରିସାରିଛନ୍ତି। ୧୫ ବର୍ଷର କ୍ରିକେଟ୍ କ୍ୟାରିୟରରେ ମ୍ୟାକ୍‌ଡୋନାଲ୍ଡ ଅଷ୍ଟ୍ରେଲିଆ ପକ୍ଷରୁ ୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।

### ସନ୍ଦୀପ ମେମୋରିଆଲ ରାଜ୍ୟ ଓପନ ଚେସ୍

ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱର ଚେସ୍ ଆସୋସିଏଶନ (ବିସିଏ) ଆନୁକୂଲ୍ୟରେ ସନ୍ଦୀପ ମହାନ୍ତି ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଆସନ୍ତା ୯ ଓ ୧୦ ତାରିଖରେ ୟୁନିଟ-୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୨୫,୦୦୦ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହା ଶୀର୍ଷ ୨୫ ଖେଳାଳିଙ୍କୁ ପ୍ରଦାନ କରାଯିବ। ଚାମ୍ପିୟନ ଖେଳାଳିଙ୍କୁ ପୁରସ୍କାର ଆକାରରେ ଟ୍ରଫି ସହିତ ୪୫୦୦ ଏବଂ ରନର୍ସଅପ୍‌ଙ୍କୁ ୩୭୦୦ଟଙ୍କା ଦିଆଯିବ। ଆର୍ଥିକ ପୁରସ୍କାର ବ୍ୟତୀତ ୨୬ ଖେଳାଳିଙ୍କୁ ଆକର୍ଷଣୀୟ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଗତବର୍ଷ ଏହି ପ୍ରତିଯୋଗିତାରେ ମାନସ ରଞ୍ଜନ ପରିଡ଼ା ଚାମ୍ପିୟନ ଓ ଭୀମସେନ ପ୍ରଧାନ ରନର୍ସଅପ୍ ହୋଇଥିଲେ। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ପାଇଁ ୩୩୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ଅଂଶଗ୍ରହଣ ପାଇଁ ଆଗ୍ରହୀ ଖେଳାଳିମାନେ ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପ୍ରଥମ ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)

ଦିଲ୍ଲୀ ଡାଇନାମସରୁ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଥିବା ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ) ଦଳ ଚଳିତ ସିଜନରେ ଏହାର ତୃତୀୟ ମ୍ୟାଚ ଗୁରୁବାର ମୁମ୍ବାଇଠାରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବାକୁ ଯାଉଛି। ମୁମ୍ବାଇ ଫୁଟବଲ ଏରେନାରେ ହେବାକୁ ଯାଉଥିବା ଏହି ମ୍ୟାଚ ଓଡ଼ିଶା ଏଫ୍‌ସି ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ଦଳ ସିଜନରେ ଏହାର ପ୍ରଥମ ୨ଟି ମ୍ୟାଚରେ ଭଲ ଖେଳିଥିଲେ ହେଁ ଏପର୍ଯ୍ୟନ୍ତ ବିଜୟସ୍ୱାଦ ପାଇନାହିଁ। ପ୍ରଥମ ମ୍ୟାଚରେ ଜାମସେଦପୁର ଏଫ୍‌ସି ନିକଟରୁ ୧-୨ ଏବଂ ପରେ ନର୍ଥଇଷ୍ଟ ୟୁନାଇଟେଡ ନିକଟରୁ ଦଳ ସମାନ ଗୋଲ ବ୍ୟବଧାନରେ ପରାଜିତ ହୋଇଛି। ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବା ଦଳପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ମୁମ୍ବାଇ ବିପକ୍ଷ ମ୍ୟାଚରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ବିଜୟପଥକୁ ଫେରିବା ଲକ୍ଷ୍ୟରେ ରହିଛି।

କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଚେନ୍ନାଇନ ଏଫ୍‌ସି ବିପକ୍ଷରେ କ୍ରମାଗତ ଦୁଇଟି ବାହାର ମ୍ୟାଚ ଖେଳି ସିଜନ ଆରମ୍ଭ କରିଛି ମୁମ୍ବାଇ ସିଟି। କୋଚିଠାରେ ସେମାନେ ପୂରା ୩ ପଏଣ୍ଟ ପାଇଥିବା ବେଳେ ଚେନ୍ନାଇଠାରେ ଗୋଟିଏ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲେ। ବାହାର ପଡିଆରେ କିଛିଟା ସଫଳତା ପାଇବା ପରେ ମୁମ୍ବାଇ ଦଳ ଓଡ଼ିଶା ବିପକ୍ଷରେ ଘରୋଇ ପରିବେଶରେ ମ୍ୟାଚ ଜିତିବାକୁ ଲକ୍ଷ୍ୟ ରଖିଛି। ସମ୍ପୂର୍ଣ୍ଣ ବିପରୀତ ରଣନୀତି ଅନୁସରଣ କରୁଥିବା ଦୁଇ ମ୍ୟାନେଜରଙ୍କ ପାଇଁ ଆଗାମୀ ମ୍ୟାଚ କଡ଼ା ପରୀକ୍ଷା ସଦୃଶ ହେବ। ଜର୍ଜ କୋଷ୍ଟାଙ୍କ ମୁମ୍ବାଇ ସିଟି ଏଫ୍‌ସି ପ୍ରଥମେ ରକ୍ଷଣାତ୍ମକ ଖେଳ ଖେଳି ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ଆରମ୍ଭ କରିବା ନୀତି ଆପଣେଇ ଆସିଛି। ଅନ୍ୟ ପକ୍ଷରେ ଜୋସେପ ଗମ୍ବାଉଙ୍କ ଓଡ଼ିଶା ଏଫ୍‌ସି ସବୁବେଳେ ବଲ ନିଜ ପାଖରେ ରଖି ଖେଳିବାକୁ ପସନ୍ଦ କରିଆସିଛି। ତେବେ ଓଡ଼ିଶା ଏଫ୍‌ସିର ରକ୍ଷଣ ଭାଗ ପ୍ରଥମ ଦୁଇଟି ମ୍ୟାଚରେ ଦୁର୍ବଳ ଜଣାପଡିଥିଲା। ଏହି ଦୁଇ ମ୍ୟାଚରେ ସେମାନେ ୪ଟି ଗୋଲ ବରଣ କରିଥିଲେ। ବିଶେଷ କରି ପ୍ରଥମ ମ୍ୟାଚର ଅଧିକାଂଶ ସମୟ ସେମାନେ ୧୦ ଜଣିଆ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବା ସତ୍ତ୍ୱେ ପରାସ୍ତ ହୋଇଥିଲେ।

"ଆମେ ପ୍ରଥମ ଦୁଇ ମ୍ୟାଚରେ ସଫଳତା ପାଇନାହୁଁ। ପ୍ରଥମଟିରେ ଆମେ ପାସ ଦେବାରେ କିଛିଟା ଭୁଲ କରିଥିଲୁ। କିନ୍ତୁ ମୁଁ ଭାବୁଛି ଦ୍ୱିତୀୟ ମ୍ୟାଚରେ ଆମେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲୁ। ଅବଶ୍ୟ ଛୋଟ ଛୋଟ ଭୁଲ ପାଇଁ ଆମେ ଗୋଲ ବରଣ କରିଥିଲୁ। କିନ୍ତୁ ଆମେ ଖେଳକୁ ନିଜ ନିୟନ୍ତ୍ରଣରେ ରଖି ଅନେକ ସୁଯୋଗ ସୃଷ୍ଟି କରିଥିଲୁ। ଆମ ଦଳ ଭଲ ଖେଳୁଥିବାରୁ ଶୂନ୍ୟ ପଏଣ୍ଟରେ ବେଶୀ ଦିନ ରହିବନାହିଁ। ମୁମ୍ବାଇ ବିପକ୍ଷରେ ଦଳ ସଫଳତା ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ" ବୋଲି ଓଡ଼ିଶା ଏଫ୍‌ସି କୋଚ୍ ଗମ୍ବାଉ ପ୍ରକାଶ କରିଛନ୍ତି। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ଖେଳିଥିବା ଉଭୟ ମ୍ୟାଚର ଶେଷ ଦଶ ମିନିଟରେ ଗୋଲ ବରଣ କରି ପରାସ୍ତ ହୋଇଛି। ତେଣୁ ଏ ଦିଗ ପ୍ରତି ଗମ୍ବାଉ ଓ ତାଙ୍କ ଦଳକୁ ଦୃଷ୍ଟି ଦେବାକୁ ପଡିବ। ତେବେ କାର୍ଲସ ଡେଲଗାଡୋଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟ ସହଜ ହେବନାହିଁ। ସୂଚନା ଯୋଗ୍ୟ ଯେ ନର୍ଥଇଷ୍ଟ ୟୁନାଇଟେଡ଼ ଏଫ୍‌ସି ବିପକ୍ଷ ମ୍ୟାଚରେ ଡେଲଗାଡୋ ନାଲି ରେଡ୍ କାର୍ଡ ପାଇ ପଡିଆରୁ ବାହାର ହୋଇଥିଲେ।

ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ବିଜୟସ୍ୱାଦ ଚାଖି ନ ଥିଲେ ହେଁ ଏହାକୁ ହାଲ୍‌କା ଭାବେ ନେଉ ନାହାନ୍ତି କୋଷ୍ଟା। "ପୂର୍ବରୁ ଦିଲ୍ଲୀ ଡାଇନାମସ ନାମରେ ପରିଚିତ ଓଡ଼ିଶା ଏଫ୍‌ସି ଗତ ସିଜନରେ ଭଲ ଖେଳିଥିଲା ଏବଂ ଅନେକ ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା। ତେଣୁ ଆମେ ତାଙ୍କୁ ସମ୍ମାନ ଦେଇ ଖେଳିବୁ" ବୋଲି କୋଷ୍ଟା କହିଛନ୍ତି। ନିଜ ଦଳ ସମ୍ପର୍କରେ ସେ କହିଛନ୍ତି ଯେ, ଆମର ପ୍ରଥମ ଦୁଇଟି ମ୍ୟାଚ ନେଇ ମୁଁ ଶତ ପ୍ରତିଶତ ଖୁସି ନୁହେଁ। ଆମକୁ ଆହୁରି ଅଧିକ ପରିଶ୍ରମ କରି ଭଲ ଖେଳିବାକୁ ପଡିବ। ରକ୍ଷଣ ଭାଗ ଖେଳାଳି ମାଟୋ ଗ୍ରୀଚ ଆଗାମୀ ମ୍ୟାଚ ଖେଳିବା ନେଇ ଆଶଙ୍କା ଥିବାରୁ ମୁମ୍ବାଇ ସିଟି ଏଫ୍‌ସି ପ୍ରଶିକ୍ଷକ କୋଷ୍ଟାଙ୍କୁ ପୁଣି ଥରେ ସବୁ ଭାରତୀୟଙ୍କୁ ନେଇ ଗଠିତ ରକ୍ଷଣ ଭାଗ ସହିତ ପଡିଆକୁ ଓହ୍ଲାଇବାକୁ ପଡିବ। ଆଶ୍ୱସ୍ତିର ବିଷୟ ଯେ ଚେନ୍ନାଇନ ଏଫ୍‌ସି ବିପକ୍ଷରେ ଏହି ରକ୍ଷଣ ଭାଗ କୌଣସି ଗୋଲ ହେବାର ସୁଯୋଗ ଦେଇ ନ ଥିଲା। ପୂର୍ବ ମ୍ୟାଚରେ ଆହତ ହୋଇଥିବା ଷ୍ଟ୍ରାଇକର ମୋଡ୍ଡୁ ସୁଗୋ ମଧ୍ୟ ମ୍ୟାଚ ଖେଳିବା ପାଇଁ ଅନିଶ୍ଚିତ ଅଛନ୍ତି। ତେବେ ପାଓଲୋ ମାକାଡୋ ଖେଳିବା ପାଇଁ ଫିଟ ହୋଇଯିବେ ବୋଲି ମୁମ୍ବାଇ ଦଳ ଆଶା କରୁଛି।







ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସିର ଜେରୀ ମାୱିମିଙ୍ଗଥାଙ୍ଗା ଓ ନାରାୟଣ ଦାସ।



ଚେନ୍ନାଇନ୍ ଏଫ୍‌ସି ଓ ଏଟିକେ ମଧ୍ୟରେ ବୁଧବାର ଅନୁଷ୍ଠିତ ଆଇଏସ୍ଏଲ୍ ମ୍ୟାଚ୍।

## ପଞ୍ଜାବ ଫୁଟ୍‌ବଲ କ୍ଲବ ହେଲା ମିନର୍ଭା ପଞ୍ଜାବ

ମୋହାଲି, ୩୦।୧୦ (ପି.ଟି.)

ଆଇ-ଲିଗ୍‌ର ପୂର୍ବତନ ଚାମ୍ପିୟନ ମିନର୍ଭା ପଞ୍ଜାବ ଏଫ୍‌ସି ଦଳର ନାମ ପରିବର୍ତ୍ତନ ହୋଇଛି। ଏବେ ଏହା 'ପଞ୍ଜାବ ଫୁଟ୍‌ବଲ କ୍ଲବ' ଭାବେ ପରିଚିତ ହେବ ବୋଲି କ୍ଲବ ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। ଫଳରେ ରାଉଣ୍ଡ ଗ୍ଲାସ ସ୍ପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ହୋଇଥିବା ଚୁକ୍ତି ଅନୁଯାୟୀ ମିନର୍ଭା ପଞ୍ଜାବ ଏଫ୍‌ସି'ର ସମସ୍ତ ଟିମ୍ ବର୍ତ୍ତମାନ ପଞ୍ଜାବ ଫୁଟ୍‌ବଲ କ୍ଲବ ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ରାଉଣ୍ଡ ଗ୍ଲାସ ସ୍ପୋର୍ଟ୍ସ ଏହାର ଯୁବ ଓ ତୃଣମୂଳସ୍ତରରେ ଫୁଟ୍‌ବଲ ଟ୍ୟାଲେଣ୍ଟ ପ୍ରୋଗ୍ରାମକୁ ବଢ଼ାଇ ମିନର୍ଭା ପଞ୍ଜାବ ଏଫ୍‌ସିର ୧୧ ଓ ୧୮ ବର୍ଷରୁ କମ୍ ଟିମ୍‌କୁ ଏଥିରେ ସାମିଲ କରିଛି।

## ଜାମଶେଦପୁରର ୨ୟ ବିଜୟ

ଜାମଶେଦପୁର,୩୦।୧୦

ସ୍ଥାନୀୟ ଜେଆର୍‌ଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଚଳିତ ୬ଷ୍ଠ ହିରୋ ଇଣ୍ଡିଆନ ସୁପର ଲିଗ (ଆଇଏସ୍ଏଲ)ର ଦଶମ ମ୍ୟାଚରେ ନବାଗତ ହାଇଦ୍ରାବାଦ ଏଫ୍‌ସିକୁ ୩-୧ ଗୋଲ୍‌ରେ ହରାଇ ଜାମଶେଦପୁର ଏଫ୍‌ସି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଓଡ଼ିଶା ଏଫ୍‌ସିକୁ ୨-୧ରେ ପରାସ୍ତ କରିଥିବା ଜାମଶେଦପୁର ଦଳ ଏହି ବିଜୟ ସହିତ ପୂରା ୬ ପଏଣ୍ଟ ସଂଗ୍ରହ କରି ଟେବୁଲ ଶୀର୍ଷକୁ ଉନ୍ନୀତ ହୋଇଛି । ଜାମଶେଦପୁର ପକ୍ଷରୁ ଫାରୁକ ଚୌଧୁରୀ, ଆନିକେତ ଯାଦବ ଓ ସର୍ଜିଓ କାଷ୍ଟେଲ ଗୋଲ ଦେଇଥିବା ବେଳେ ହାଇଦ୍ରାବାଦ ତରଫରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ ମାର୍ସେଲିନୋ ପେରେରା। ପୂର୍ବ ମ୍ୟାଚରେ ଏଟିକେଠାରୁ ୫-୦ରେ ହାରିଥିବା ହାଇଦ୍ରାବାଦ ଦଳର ଏହା କ୍ରମାଗତ ଦ୍ୱିତୀୟ ପରାଜୟ । ମ୍ୟାଚରେ ଘରୋଇ ଜାମଶେଦପୁର ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପନ୍ଥା ଆପଣାଇ ଗୋଲ ଦେବାର ଏକାଧିକ ସୁଯୋଗ କରିଥିଲା। କିନ୍ତୁ ଦୁର୍ବଳ ଫିନିଶିଂ ଏବଂ ହାଇଦ୍ରାବାଦ ଗୋଲରକ୍ଷକ ତଥା ଅଧିନାୟକ କମଲଜିତ ସିଂଙ୍କ ଲଢ଼ୁଆ ପ୍ରଦର୍ଶନ ଯୋଗୁ କୌଣସି ଗୋଲ୍ ହୋଇ ନ ଥିଲା । ମଙ୍ଗଳବାର ଖେଳରେ ମାରୁତି ସୁଜୁକି ଲିମିଟ୍‌ଲେସ୍ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସର୍ଜିଓ କାଷ୍ଟେଲଙ୍କୁ ଏବଂ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଫାରୁକ ଚୌଧୁରୀଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଆନିକେତ ଯାଦବ ଆଇଏସ୍ଏଲ୍ ଇମର୍ଜିଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ

# ଦିବ୍ୟଜିତ ରେଭେନ୍‌ଶା ଅଧିନାୟକ

କଟକ ଅଫିସ,୩୦।୧୦

ବାରାଣସୀର ଏମ.ଜି. କାଶୀ ବିଦ୍ୟାପୀଠରେ ଆସନ୍ତା ୨ରୁ ୬ ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥି ନିମନ୍ତେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୁରୁଷ ବାସ୍କେଟବଲ ଦଳ ବାରାଣସୀ ଅଭିମୁଖେ ଯାତ୍ରା କରିଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆସାମର ତେଜପୁର ବିଶ୍ୱବିଦ୍ୟାଳୟକୁ ଭେଟିବ ରେଭେନ୍‌ଶା। ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାସ, କ୍ରୀଡ଼ା ଅଧିକାରୀ ଅଞ୍ଜନ କୁମାର ଖୁଣ୍ଟିଆ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ରେଭେନ୍‌ଶା ଦଳ: ଦିବ୍ୟଜିତ ମହାପାତ୍ର (ଅଧିନାୟକ), ଶ୍ରୀତମ କୁମାର ବେହେରା, ସୁଜିତ ସୋରେନ, କିରଣ କୁମାର ବେହେରା, ରୋହିତ ସ, ଆକାଶ ବର୍ମନ, ପବିତ୍ର ପ୍ରଧାନ, ରୋହିତ ବିଲୁଙ୍ଗ, ସୋମେଶ ଦାସ, ସାମୁଏଲ ପାତ୍ର ଟପ୍ପୋ, ମନୀଷ କୁମାର ଏକ୍କା, ଅଙ୍କିତ ତିୱାରୀ । ଡ. ରତିକାନ୍ତ ବିଶ୍ୱାଳ-ମ୍ୟାନେଜର, ମହାପ୍ରସାଦ ବେହୁରା-କୋଚ୍ ।



ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବାସ୍କେଟବଲ ପାଇଁ ମନୋନୀତ ରେଭେନ୍‌ଶା ଦଳ।

## ଜାତୀୟ କିକ୍‌ବକ୍ସିଂରେ ଓଡ଼ିଶାରୁ ୮୦ ଭାଗନେବେ

ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗ ସିଲିଗୁଡ଼ିର ରାଧାବରି ୬୫ ବାଟାଲିଅନ ବିଏସ୍ଏଫ୍ କ୍ୟାମ୍ପ ପରିସରରେ ଜାତୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ ନଭେମ୍ବର ୧ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟିନି ଟଟ୍ସ, ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର କାଟେଗୋରିରେ ହେବାକୁ ଯାଉଥିବା ପ୍ରତିଯୋଗିତାର ଏହି ରୌପ୍ୟ ଜୟନ୍ତୀ ସଂସ୍କରଣରେ ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ(ଏଓକେଏ)ରୁ ମୋଟ ୮୦ଜଣ ଭାଗନେବେ। ଏହା ମଧ୍ୟରେ ୧୧ ଅଫିସିଆଲ ସାମିଲ। ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ୍ସ (ଆଇଏକେଓ) ପ୍ରତିଷ୍ଠାତା ସଭାପତି ସୁଧାଂଶୁ ଶେଖର ହରିଚନ୍ଦନ ଓଡ଼ିଶା ପ୍ରତିନିଧି ଦଳର ନେତୃତ୍ୱ ନେବେ। ପ୍ରତିଯୋଗିତାରେ ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ଯାଉଥିବା ଓଡ଼ିଶା ଅଫିସିଆଲମାନେ ହେଲେ ପ୍ରଦ୍ୟୁମ୍ନ ବେହେରା, ପୃଥ୍ୱୀରାଜ ହରିଚନ୍ଦନ, ବିଭୂତି ଭୂଷଣ ବେହେରା, ପଙ୍କଜ ମହନ୍ତ, ସୁଧାଂଶୁ ପଣ୍ଡା, ଶୁଭେନ୍ଦୁ ସାମନ୍ତରାୟ, ନବୀନ ସିଂ, ସୁଜନ କୁମାର ରଥ, ସିଦ୍ଧାର୍ଥ ସାହୁ, ଅନୁରାଧା ଦୋରା ଓ ଉମାକାନ୍ତ ବେହେରା। ଓଡ଼ିଶାର ୧୦ରୁ ଊର୍ଦ୍ଧ୍ୱ ଜିଲାରୁ ପ୍ରତିଯୋଗୀମାନେ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଆଇଏକେଓ ଅନୁମୋଦନକ୍ରମେ ପଶ୍ଚିମବଙ୍ଗ କିକ୍‌ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିକେଏ) ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ଏହି ମେଗା ପ୍ରତିଯୋଗିତାରେ ୨୨ଟି ଦଳର ପାଖାପାଖି ୬୦୦ ପ୍ରତିଯୋଗୀ ଏବଂ ୧୦୦ ଅଫିସିଆଲ ଭାଗନେବେ। ଏଓକେଏର ସଭାପତି ଶିବାନନ୍ଦ ରାୟ ଓଡ଼ିଶା ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆନ୍ତଃ ଜିଲା, ରାଜ୍ୟ ଟିଟି ଚାମ୍ପିୟନଶିପ ୬ରୁ

କଟକ ଅଫିସ, ୩୦।୧୦

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୫ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ପ୍ରତିଯୋଗିତା ୪ଦିନ ଧରି ଚାଲିବ। ପ୍ରତିଯୋଗିତାର ରୌପ୍ୟ ଜୟନ୍ତୀ ସଂସ୍କରଣରେ ମୋଟ ୧୫ଟି ଇଭେଣ୍ଟ ଖେଳାଯିବ। ସିନିୟର ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡ଼ା ଉଭୟ ପୁରୁଷ ଓ ମହିଳା ସିଙ୍ଗିଲ୍ସ, ୟୁଥ ବାଳକ ସିଙ୍ଗିଲ୍ସ, ଜୁନିୟର ବାଳକ ଓ ବାଳିକା ସିଙ୍ଗିଲ୍ସ, ସବ୍‌ଜୁନିୟର ବାଳକ ଓ ବାଳିକା ସିଙ୍ଗିଲ୍ସ ଏବଂ କ୍ୟାଡେଟ୍ ବାଳକ ଓ ବାଳିକା ସିଙ୍ଗିଲ୍ସ ଇଭେଣ୍ଟ ଖେଳାଯିବ । କେବଳ ଜୁନିୟର ବାଳକ ବିଭାଗରେ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭେଟେରାନ ଖେଳାଳିମାନଙ୍କ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ, ୫୦ରୁ ଊର୍ଦ୍ଧ୍ୱ ଓ ୬୦ରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସିଙ୍ଗିଲ୍ସ ଓ ଡବଲ୍ସ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ସାରା ରାଜ୍ୟରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି। ରାଜ୍ୟର ଯେ କୌଣସି ଜିଲା ଓ ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇପାରିବେ। ଏଥିପାଇଁ ସେମାନେ ଜିଲା ଆସୋସିଏଶନ କିମ୍ବା ବ୍ୟକ୍ତିଗତ ଭାବେ ନଭେମ୍ବର ୩ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି।

## ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ୍‌ରେ ଭାଗନେବ ଓଡ଼ିଶା





କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ସବ୍‌ଜୁନିୟର ହ୍ୟାଣ୍ଡବଲ୍ ଦଳ।

ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)

ନଭେମ୍ବର ୧ରୁ ୫ ପର୍ଯ୍ୟନ୍ତ ଇନ୍ଦୋରରେ ୩୬ତମ ଜାତୀୟ ସବ୍‌ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ୧୬ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। କୋଚ୍ ସନ୍ତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ବୁଧବାର ଇନ୍ଦୋର ଯାତ୍ରା କରିଛି। ଓଡ଼ିଶା ଦଳ: ଶୁଭମ୍ ରାୟ, ଲକ୍ଷ୍ମୀକାନ୍ତ, ଦିବ୍ୟଜ୍ୟୋତି ବରାଳ, ଗମୟା ହୋ, ସୁମନ କିଷାନ, ଦୁର୍ଗାପ୍ରସାଦ ବେହେରା, ବି. ଚନ୍ଦନ, ରାମପ୍ରସାଦ ଜେନା, ଆଦିତ୍ୟ କୁମାର, ଚନ୍ଦ୍ରଶେଖର ରାଉତ, ଭବାନୀଶଙ୍କର ବେହେରା, ଦେବାଶିଷ ରାୟସିଂ, ଅବିନାଶ ବେହେରା, ଶିବମ୍ ପାଣି, ଏମ. ଦୀନେଶ ପୃଷ୍ଟି, ସୌଭାଗ୍ୟ ପ୍ରଧାନ। କୋଚ୍: ସନ୍ତୋଷ ବେହେରା, ମ୍ୟାନେଜର: ରାଜ ଠାକୁର।

## ସଂକ୍ଷେପରେ

### ଲିସା କେଟଲୀ ଇଂଲଣ୍ଡ ମହିଳା କୋଚ୍

ଲଣ୍ଡନ, ୩୦।୧୦(ଏଏଫ୍‌ପି)- ପୂର୍ବତନ ଅଷ୍ଟ୍ରେଲୀୟ ମହିଳା କ୍ରିକେଟର ଲିସା କେଟଲୀଇଂଲଣ୍ଡ ମହିଳା ଦଳର ଫୁଲ ଟାଇମ୍ କୋଚ୍ ହିସାବରେ ନିଯୁକ୍ତ ପାଇଛନ୍ତି। ସେ ପ୍ରଥମ ମହିଳା ଭାବେ ଇଂଲଣ୍ଡ ଦଳର ଏହି ହାଇପ୍ରୋଫାଇଲ ପଦରେ ରହି ଦାୟିତ୍ୱ ସମ୍ଭାଳିବେ। ଏ ନେଇ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସୂଚନା ଦେଇଛି। ୪୮ ବର୍ଷୀୟ ଲିସା ୯ଟି ଟେଷ୍ଟ ୮୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ମାର୍କ ରବିନସନଙ୍କ ଉତ୍ତରାଧିକାରୀ ରୂପେ ସେ ଆସନ୍ତା ଜାନୁୟାରୀ ମାସରୁ କାର୍ଯ୍ୟ ଆରମ୍ଭ କରିବେ। ପୂର୍ବରୁ କେଟଲୀ ୨୦୧୧ରୁ ୨୦୧୫ ମଧ୍ୟରେ ଇଂଲଣ୍ଡ ମହିଳା ଏକାଡେମୀର କୋଚ୍ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। କୋଚ୍ ନିଯୁକ୍ତି ହେବା ପରେ କେଟ୍‌ଲୀ ଖୁସି ଜାହିର କରିଛନ୍ତି। ଏହା ମୋ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି। ୨୦୦୫ରେ ସେ ଅଷ୍ଟ୍ରେଲିଆ ଦଳ ସହ ବିଶ୍ୱକପ୍ ହାସଲ କରିଥିଲେ। ଇଂଲଣ୍ଡ ଦଳରେ ବିଶ୍ୱସ୍ତରୀୟ ଖେଳାଳିମାନେ ରହିଛନ୍ତି। ଏହି ଖେଳାଳିମାନଙ୍କ ସହ ପୂର୍ବରୁ କାର୍ଯ୍ୟ କରିଛି। ଇଂଲଣ୍ଡ ଦ, ସହ କାର୍ଯ୍ୟ କରିବାକୁ ବେଶ୍ ଉତ୍ସାହିତ ରହିଛି। ଇଂଲଣ୍ଡ ଏଥର ଦିନିକିଆ ବିଶ୍ୱକପ୍ ଟାଇଟଲ ହାସଲ କରିଛି ଓ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ର ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲା। ପୂର୍ବତନ ଅଷ୍ଟ୍ରେଲିଆ ପୁରୁଷ କୋଚ୍ ଡାରେନ ଲେହମ୍ୟାନ କେଟଲୀଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। କୋଚ୍ ପଦ ପାଇଁ କେଟଲୀ ଉପଯୁକ୍ତ ବୋଲି ଇସିବି ମ୍ୟାନେଜିଂ ଡାଇରେକ୍ଟର କ୍ଲେୟାର କର୍ନର କହିଛନ୍ତି।

### ନାମ୍ବିଆକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

ଦୁବାଇ, ୩୦।୧୦(ଏଏଫ୍‌ପି)- ଅଷ୍ଟ୍ରେଲିଆରେ ଆଗାମୀ ବର୍ଷ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ନାମ୍ବିଆ ଭାଗନେବ। ଦୁବାଇଠାରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟର ସେମିଫାଇନାଲରେ ଦୁଇ ଦଳ ଜାଗା ପକ୍କା କରି ବିଶ୍ୱକପ୍ ଖେଳିବା ନିଶ୍ଚିତ କରିଛନ୍ତି। ଅଲ୍‌ରାଉଣ୍ଡର ଜେ.ଜେ. ସ୍ମିଥ୍‌ଙ୍କ ୫୯ ରନ୍‌ର ଇନିଂସ୍ ବଳରେ ନାମ୍ବିଆ ୫୪ ରନ୍‌ର ବ୍ୟବଧାନରେ ଓମାନକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ନାମ୍ବିଆ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ୨୦୧୬ ଟି୨୦ ବିଶ୍ୱକପ୍‌ରେ ଖେଳିଥିବା ଓମାନ ୧୯.୧ ଓଭରରେ ୧୦୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ୨୦୦୩ ଆଇସିସି ୫୦ ଓଭରିଆ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ସମସ୍ତ ୬ ମ୍ୟାଚ୍ ହାରିଥିବା ନାମ୍ବିଆ ସେମିଫାଇନାଲରେ ପାପୁଆ ନ୍ୟୁଗିନିକୁ ଭେଟିବ। ଅନ୍ୟପକ୍ଷରେ ଓମାନ ଏବେ ମଧ୍ୟ ଯୋଗ୍ୟତା ଅର୍ଜନ କରିପାରେ। କିନ୍ତୁ ଦଳକୁ ପ୍ଲେ ଅଫ୍‌ରେ ହଂକଂକୁ ହରାଇବାକୁ ପଡ଼ିବ। ଆଉ ଏକ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୮ ଉଇକେଟରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)କୁ ପରାସ୍ତ କରି ଅଷ୍ଟ୍ରେଲିଆ ଟିକେଟ୍ ପାଇଛି।



"ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଆମେ ଅନେକ ଟି୨୦ ମ୍ୟାଚ୍ ଖେଳିବୁ। ଇଂଲଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛୁ।
–ଗ୍ୟାରୀ ଷ୍ଟେଡ୍, ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର କୋଚ୍



"ଆଇସିସି ଦ୍ୱାରା ୨ ବର୍ଷ ଲାଗି କ୍ରିକେଟ୍‌ରୁ ବାସନ୍ଦ ହେବା ସତ୍ତ୍ୱେ ଶକିବ ଅଲ୍ ହାସନ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ୨୦୨୩ ବିଶ୍ୱକପ୍‌ରେ ବାଂଲାଦେଶ ଦଳର ନେତୃତ୍ୱ ନେବେ ବୋଲି ମୋର ବିଶ୍ୱାସ ରହିଛି।
–ମାଶ୍ରାଫି ମୋର୍ତଜା, ବାଂଲାଦେଶ ଏକଦିବସୀୟ ଅଧିନାୟକ

## ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ
# ଭାରତୀୟ ଦଳରେ ବୀରେନ୍ଦ୍ର ସାମିଲ

ଭୁବନେଶ୍ୱର, ୩୦।୧୦(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକିପ୍ରେମୀଙ୍କ ପାଇଁ ଖୁସି ଖବର। ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ରୁଷିଆ ବିପକ୍ଷ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ ପାଇଁ ଭାରତୀୟ ଦଳରେ ଅଭିଜ୍ଞ ଡିଫେଣ୍ଡର ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କୁ ସାମିଲ କରାଯାଇଛି। ପୂର୍ବରୁ ଘୋଷିତ ୧୮ ଜଣିଆ ଦଳରୁ ବୀରେନ୍ଦ୍ରଙ୍କୁ ବାଦ୍ ଦିଆଯାଇଥିଲା। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଅମିତ ରୋହିଦାସ ଭାରତୀ ଦଳରେ ସ୍ଥାନ ପାଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କ୍ୟାମ୍ପରେ ବରୁଣ କୁମାର ଆହତ ହେବାରୁ ତାଙ୍କ ସ୍ଥାନରେ ବୀରେନ୍ଦ୍ରଙ୍କୁ ସାମିଲ କରାଯାଇଥିବା ହକି ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି।

କାର୍ଯ୍ୟସୂଚୀ ଅନୁସାରେ ଭାରତ ଓ ରୁଷିଆ ମଧ୍ୟରେ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ୨ ମ୍ୟାଚରେ ଗୋଲ ବ୍ୟବଧାନରେ ଗୋଟିଏ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏଥିପାଇଁ ଭାରତୀୟ ଦଳ ମନୋନୟନ ହୋଇ ୨ ସପ୍ତାହଧରି କଳିଙ୍ଗରେ କ୍ୟାମ୍ପ ଚାଲିଛି। କ୍ୟାମ୍ପରେ ଟ୍ରେନିଂ ଅବସରରେ ବରୁଣ ଡାହାଣ କାନ୍ଧରେ ଆଘାତ ପାଇଛନ୍ତି। ଫଳରେ ସେ ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। "ଗତ ସୋମବାର ବରୁଣ ଟ୍ରେନିଂ ସମୟରେ କାନ୍ଧରେ ଆଘାତ ପାଇଥିଲେ। ସେହି ଦିନଠାରୁ ତାଙ୍କ ଆହତ ସ୍ଥାନରେ ଚିକିତ୍ସା କରାଯାଉଛି। ମାତ୍ର ଆହତ ସ୍ଥାନରେ ସେଭଳି ବିଶେଷ ଉନ୍ନତି ପରିଲକ୍ଷିତ ହୋଇନାହିଁ, ଫଳରେ ସେ ମ୍ୟାଚ ଖେଳିପାରିବା ଭଳି ସ୍ଥିତିକୁ ଆସିପାରି ନାହାନ୍ତି। ବରୁଣଙ୍କୁ ଆଉ କିଛି ସପ୍ତାହ ବିଶ୍ରାମ ଆବଶ୍ୟକ ବୋଲି ମେଡିକାଲ୍ ଟିମ୍ ପରାମର୍ଶ ଦେଇଛନ୍ତି। ତେଣୁ ଆମେ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ରଙ୍କୁ ଦଳରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛୁ। ସେ ଜଣେ ଦକ୍ଷ ଡିଫେଣ୍ଡର ଏବଂ ୧୭୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହା ବ୍ୟତୀତ ଭୁବନେଶ୍ୱରରେ ପରିବେଶ ସହିତ ସେ ଭଲଭାବେ ପରିଚିତ" ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ରୁଷିଆ ବିପକ୍ଷରେ ଆଗାମୀ ୧ ଓ ୨ ତାରିଖରେ ୨ଟି ଯାକ ମ୍ୟାଚ ରାତି ୮ଟାରେ ଖେଳିବ।

କଳିଙ୍ଗ ଷ୍ଟାଡିୟମ ଇତିହାସରେ ପ୍ରଥମଥରପାଇଁ ଅନ୍ତର୍ଜାତୀୟ ମହିଳା ହକି ମ୍ୟାଚ ଅନୁଷ୍ଠିତ ହେବାକୁ ଯାଉଛି। ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଏଠାରେ ଆମେରିକା ସହିତ ଭାରତ ମୁକାବିଲା କରିବ। ନଭେମ୍ବର ୧ ଓ ୨ ତାରିଖରେ ମ୍ୟାଚ ୨ଟି ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଏହି ମ୍ୟାଚରୁ ମଧ୍ୟ ଗୋଲ ବ୍ୟବଧାନ ଭିତ୍ତିରେ ଗୋଟିଏ ଦଳ ଟୋକିଓ ଅଲିମ୍ପିକ୍ସ ଟିକେଟ ପାଇବ। ମ୍ୟାଚଦ୍ୱୟର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୁରୁଷ ବିଭାଗରେ ଭାରତ–ରୁଷିଆ ଏବଂ ମହିଳାରେ ଭାରତ–ଆମେରିକା ଦଳର ଖେଳାଳିମାନେ ଏଠାରେ ନିଜ ଅଭ୍ୟାସକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ମ୍ୟାଚଗୁଡ଼ିକ ଷ୍ଟାରସ୍ପୋର୍ଟ୍ସ–୧ରେ ପ୍ରସାରିତ ହେବ।



ବୀରେନ୍ଦ୍ର ଲାକ୍ରା

## ୭୨ ଏସ୍‌ଜି ପିଙ୍କ୍ ବଲ୍ ପାଇଁ ବିସିସିଆଇର ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୦।୧୦(ପ.ଟି.)

ଆସନ୍ତା ୨୨ ତାରିଖରୁ କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ପ୍ରଥମଥର ପାଇଁ ଭାରତ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ମ୍ୟାଚ୍ ଲାଗି ୭୨ଟି ପିଙ୍କ୍ ବଲ୍ ଲୋଡିଛି। ଏଥିପାଇଁ ବିସିସିଆଇ ବଲ୍ ଉତ୍ପାଦକ କମ୍ପାନୀ ଏସ୍‌ଜିକୁ ଏହି ବଲ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛି।

ପୂର୍ବରୁ ନବନିର୍ବାଚିତ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହି ଦିବାରାତ୍ର ଟେଷ୍ଟରେ ଏସ୍‌ଜି ପିଙ୍କ୍ ବଲ୍ ବ୍ୟବହାର କରାଯିବ ବୋଲି ସ୍ପଷ୍ଟ କରିଥିଲେ। ଫ୍ଲଡ ଲାଇଟ୍ ତଳେ ଟେଷ୍ଟ ମ୍ୟାଚ୍ ପାଇଁ ଏକ ଉପଯୋଗୀ ପିଙ୍କ୍ ବଲ୍ ପ୍ରସ୍ତୁତ କରିବା ଏସ୍‌ଜି ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। ଏପର୍ଯ୍ୟନ୍ତ ଏସ୍‌ଜିର ପିଙ୍କ୍ ବଲ୍ କୌଣସି କମ୍ପିଟିଟିଭ୍ ମ୍ୟାଚ୍‌ରେ ଖେଳାଯାଇ ନାହିଁ ଓ ଏହାର ମାନର ପରୀକ୍ଷା ମଧ୍ୟ ହୋଇନାହିଁ। ପୂର୍ବରୁ ଦୁଲିପ୍ ଟ୍ରଫି କୁକାବୁରା ପିଙ୍କ୍ ବଲ୍‌ରେ ୩ଟି ସେସନ ପାଇଁ ଖେଳାଯାଇଥିଲା। ତେବେ ଏଥିରେ ଏସ୍‌ଜି ବଲ୍ ବ୍ୟବହୃତ ହୋଇ ନ ଥିଲା। ବିସିସିଆଇ ୬ ଡଜନ ପିଙ୍କ୍ ବଲ୍ ଦେବା ପାଇଁ ନିର୍ଦ୍ଦେଶ ଦେଇଛି। ଆସନ୍ତା ସପ୍ତାହର ମଧ୍ୟଭାଗରେ ଆମେ ଏହି ବଲ୍ ପ୍ରଦାନ କରିବୁ ବୋଲି ଏସ୍‌ଜି କମ୍ପାନୀ ସେଲ୍ସ ଆଣ୍ଡ ମାର୍କେଟିଂ ଡାଇରେକ୍ଟର ପାରସ ଆନନ୍ଦ କହିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ନାଲି ଏସ୍‌ଜି ବଲ୍‌ର ଆମେ ଯଥେଷ୍ଟ ଉନ୍ନତି ଆଣିବାରେ ସକ୍ଷମ ହୋଇଥିଲୁ। ଏବେ ପିଙ୍କ୍ ବଲ୍ ପାଇଁ ଆମେ ରିସର୍ଚ୍ଚ କରିଛୁ ବୋଲି ପାରସ କହିଛନ୍ତି।

ଉଲ୍ଲେଖଥାଉ କି, ଗତ ଘରୋଇ ସେସନରେ ବିରାଟ କୋହଲିଙ୍କ ସମେତ କେତେକ ଭାରତୀୟ ଖେଳାଳି ଏସ୍‌ଜି ନାଲି ବଲ୍‌କୁ ନିମ୍ନମାନର ବୋଲି କହି ସମାଲୋଚନା କରିଥିଲେ। ଏହି ବଲ୍ ଇଂଲଣ୍ଡରେ ଖେଳାଯାଉଥିବା ଡ୍ୟୁକ ଓ ଅଷ୍ଟ୍ରେଲିଆରେ ଖେଳାଯାଉଥିବା କୁକାବୁରା ବଲ୍ ତୁଳନାରେ ଶୀଘ୍ର ଖରାପ ହେଉଯାଉଥିବାର ଅଭିଯୋଗ ହେଉଥିଲା। ତେବେ ବଲ୍ ଅତିକମ୍‌ରେ ୬୦ ଓଭର ଟିକ୍ଷି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ଏବେ ପିଙ୍କ୍ ବଲ୍ ଟେଷ୍ଟ ଆୟୋଜନ ହେଉଛି। ତେଣୁ ଆମେ ୨୦୧୬–୧୭ ସେସନରୁ ଉନ୍ନତ ମାନର ପିଙ୍କ୍ ବଲ୍ ପ୍ରସ୍ତୁତ ନେଇ କାର୍ଯ୍ୟ ଆରମ୍ଭ କରିଛୁ ବୋଲି ପାରସ କହିଛନ୍ତି।

### ଦିବାରାତ୍ର ଟେଷ୍ଟ



## ବିଶ୍ୱ କ୍ରିକେଟ କମିଟିରୁ ଶକିବଙ୍କ ଇସ୍ତଫା

ଲଣ୍ଡନ,୩୦।୧୦(ପି.ଟି.)

ଦୁର୍ନୀତିରେ ଲିପ୍ତ ହେବା ଲାଗି ୩ଥର ବୁକି ଯୋଗାଯୋଗ କରିଥିଲେ ମଧ୍ୟ ରିପୋର୍ଟ ନ କରିବାରୁ ବାଂଲାଦେଶ ଦଳର ଅଧିନାୟକ ଓ ଟପ୍ ଅଲ୍‌ରାଉଣ୍ଡର ଶକିବ ଅଲ ହସନଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। କ୍ରିକେଟର ନୂଆ ନିୟମ ଲାଗୁ କରୁଥିବା ବିଶ୍ୱ କ୍ରିକେଟ କମିଟି ଏମ୍‌ସିସିରୁ ଶକିବ ଇସ୍ତଫା ଦେଇଛନ୍ତି। ୩୨ ବର୍ଷୀୟ ଅଲ୍‌ରାଉଣ୍ଡର ବାସନ୍ଦାଦେଶ ଯୋଗୁ ଆସନ୍ତା ମାସରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟି୨୦, ଟେଷ୍ଟ ସିରିଜ୍, ଆଇପିଏଲ ଓ ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବେ। ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଶକିବଙ୍କ ଇସ୍ତଫା ସମ୍ପର୍କରେ ସ୍ପଷ୍ଟ କରିଛି। ଆଇସିସି ଦଣ୍ଡବିଧାନକୁ ଶକିବ ଗ୍ରହଣ କରିନେଇଛନ୍ତି। ସେ ୨୦୧୭ ଅକ୍ଟୋବରରେ ଏମ୍‌ସିସିରେ ଯୋଗଦେବା ସହ ସିଡ୍‌ନୀ ଓ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ। ଏମ୍‌ସିସି ବିଶ୍ୱ କ୍ରିକେଟ କମିଟିରେ ବର୍ତ୍ତମାନ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ଅମ୍ପାୟର ମଧ୍ୟ ରହିଛନ୍ତି। ବର୍ଷକୁ ଦୁଇଥର ଏହାର ବୈଠକ ଆୟୋଜନ ହୁଏ। ଏଥିରେ କ୍ରୀଡ଼ାର ପ୍ରଚଳିତ ନିୟମ ସମ୍ବନ୍ଧରେ ଆଲୋଚନା ହୁଏ। ଏହାର ଆଗାମୀ ବୈଠକ ଶ୍ରୀଲଙ୍କାରେ ୨୦୨୦ ମାର୍ଚ୍ଚରେ ହେବ। କମିଟିରୁ ଶକିବଙ୍କୁ ହରାଇଥିବାରୁ ଆମେ ଦୁଃଖିତ। ଗତ ଦୁଇବର୍ଷ ହେଲା କ୍ରୀଡ଼ା ପ୍ରତି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। କ୍ରିକେଟର ଖେଳୁଆଡ଼ ମନୋଭାବ ସଂରକ୍ଷକ ହୋଇଥିବାରୁ ଆମେ ତାଙ୍କ ଇସ୍ତଫାକୁ ଗ୍ରହଣ କରୁଛୁ ଓ ଏହା ଉଚିତ ନିଷ୍ପତ୍ତି ଥିବା ବିଶ୍ୱାସ କରୁଛୁ ବୋଲି ଏମ୍‌ସିସି ସଭାପତି ମାଇକ ଗଟିଂ କହିଛନ୍ତି। ବିଶ୍ୱର ନମ୍ବର ୱାନ୍ ଦିନିକିଆ ଅଲ୍‌ରାଉଣ୍ଡରଙ୍କୁ ଦଳୀୟ ଷ୍ଟ୍ରାଟେଜି ଓ ଗଠନ ନେଇ ୩ଥର ତଥ୍ୟ ମଗାଯାଇଥିଲା। ଭାରତୀୟ ବୁକି ଦୀପକ ଅଗ୍ରୱାଲ ଗତବର୍ଷ ଆଇପିଏଲ୍ ବେଳେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍ ପୂର୍ବରୁ ଯୋଗାଯୋଗ କରିଥିଲେ। ସେତେବେଳେ ଶକିବ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଥିଲେ। ଏହାପରେ ଜିମ୍ବାୱେ ଏବଂ ଶ୍ରୀଲଙ୍କାକୁ ନେଇ ୨୦୧୮ ଜାନୁୟାରୀରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ବେଳେ ସନ୍ଦିଗ୍ଧ ବୁକି ଅଗ୍ରୱାଲ ଅଲ୍‌ରାଉଣ୍ଡରଙ୍କୁ ଯୋଗାଯୋଗ କରିଥିଲେ। ଉକ୍ତ ସନ୍ଦିଗ୍ଧ ବୁକି ଶକିବଙ୍କୁ ଭେଟିବାକୁ ଇଚ୍ଛା ପ୍ରକଟ କରିଥିଲେ। ହେଲେ ଖେଳାଳି ଜଣକ ରାଜି ହୋଇ ନ ଥିଲେ।



## ଭାରତ ପହଞ୍ଚିଲା ବାଂଲାଦେଶ ଟିମ୍



ସ୍ୱଦେଶ ଛାଡ଼ିବା ପୂର୍ବରୁ ବିମାନ ବନ୍ଦରରେ ବାଂଲାଦେଶ ଖେଳାଳି।

ନୂଆଦିଲ୍ଲୀ, ୩୦।୧୦(ପି.ଟି.)

ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କ ଅନୁପସ୍ଥିତି ଦଳ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ବରଂ ଏହା ଆମକୁ ପ୍ରେରଣା ଦେବ ବୋଲି ବାଂଲାଦେଶ ଟି୨୦ ଅଧିନାୟକ ମହମୁଦୁଲ୍ଲା କହିଛନ୍ତି। ଏହା ଦ୍ୱାରା ଖେଳାଳି ଅଧିକ ମୋଟିଭେଟ୍ ହେବେ। ୩ଟି ଟି୨୦ ଓ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଏକ ୧୫ ଜଣିଆ ବାଂଲାଦେଶ ଦଳ ଏଠାରେ ଆସି ପହଞ୍ଚିଛନ୍ତି। ଦେଶ ପାଇଁ ଆମେ ହୃଦୟର ସହ ଖେଳିବୁ। ଦେଶ ପାଇଁ ଖେଳିବା ସବୁଠାରୁ ଗର୍ବ ଓ ଗୌରବର ବିଷୟ। ତେବେ ଭାରତ ଗସ୍ତ ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ୍ ବୋଲି ମହମୁଦୁଲ୍ଲା ସ୍ୱୀକାର କରିଛନ୍ତି। ଆମ ପାଇଁ ଅସମ୍ଭବ କିଛି ନୁହଁ। ଏଥିପାଇଁ ଆମକୁ ଏକାଠି ଦଳଗତ ପ୍ରଦର୍ଶନ କରିବାକୁ ହେବ ମହମୁଦୁଲ୍ଲା କହିଛନ୍ତି।

## ୩ ପଦାଧିକାରୀଙ୍କୁ ସସ୍‌ପେଣ୍ଡ କଲା କ୍ରିକେଟ ଦକ୍ଷିଣ ଆଫ୍ରିକା

ଜୋହାନ୍ସବର୍ଗ,୩୦।୧୦(ଏଏଫ୍‌ପି)– କ୍ରିକେଟ ସାଉଥ ଆଫ୍ରିକା (ସିଏସ୍‌ଏ) ବୁଧବାର ତା'ର ୩ଜଣ ପଦାଧିକାରୀଙ୍କୁ ସସ୍‌ପେଣ୍ଡ କରିଛି। ତେବେ ଏହି ୩ ପଦାଧିକାରୀଙ୍କ ନାମ ସ୍ପଷ୍ଟ କରାଯାଇ ନାହିଁ। ଏମାନଙ୍କ ମଧ୍ୟରେ ଅନ୍ତରୀଣ କ୍ରିକେଟ ନିର୍ଦ୍ଦେଶକ କୋରି ଭାନ ଜିଲ ସାମିଲ ରହିଛନ୍ତି ବୋଲି ଦକ୍ଷିଣ ଆଫ୍ରିକ ଗଣମାଧ୍ୟମ ସୂଚନା ଦେଇଛି। ଜିଲ୍ ଏଥର ଫୁଲ ଟାଇମ୍ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କୁହାଯାଉଥିଲା। ଆଗାମୀ ଇଂଲଣ୍ଡ ବିପକ୍ଷ ଘରୋଇ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ସିଏସ୍‌ଏ ଏହି କଡ଼ା ନିଷ୍ପତ୍ତି ନେଇଛି। ଗତ ବର୍ଷ ଅନୁଷ୍ଠିତ ହୋଇଥିବା ଏମ୍‌ଜାନସି ସୁପର ଲିଗ୍ ଟି୨୦ ଟୁର୍ନାମେଣ୍ଟ ପରେ ଖେଳାଳିମାନଙ୍କୁ ସେମାନଙ୍କ ପାଉଣା ଦିଆ ନ ଯିବା ନେଇ ଘଟଣାକୁ ଦୃଷ୍ଟିରେ ରଖି ସିଏସ୍‌ଏ ଏହି ନିଷ୍ପତ୍ତି ନେଇଛି ବୋଲି କୁହାଯାଇଛି। ଚିଫ୍ ଅପରେଟିଂ ଅଫିସର ନାସେଇ ଆପିଆ ଓ ସ୍ପନ୍ସରଶିପ୍ ମୁଖ୍ୟ କ୍ଲାଇଭ ଏକଷ୍ଟିନ ସସ୍‌ପେଣ୍ଡ ହୋଇଥିବା କଥା କୁହାଯାଇଛି।

## ବିପ୍ଳବଙ୍କ ପ୍ରତ୍ୟାବର୍ତ୍ତନ, ଗୋବିନ୍ଦ ଅଧିନାୟକ

କଟକ ଅଫିସ,୩୦।୧୦

ଆସନ୍ତା ନଭେମ୍ବର ୮ରୁ ଆରମ୍ଭ ହେବ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟ। ଓଡ଼ିଶା ଗ୍ରୁପ–ଇରେ ସ୍ଥାନ ପାଇଥିବା ବେଳେ ସୁରଟରେ ସମସ୍ତ ମ୍ୟାଚ୍ ଖେଳାଯିବ। ଏଥିପାଇଁ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଦଳ ଘୋଷଣା କରାଯାଇଛି। ଦଳର ଅଧିନାୟକ ଦାୟିତ୍ୱକୁ ଫେରିଛନ୍ତି ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର। ଉଇକେଟ କିପର ବ୍ୟାଟ୍ସମ୍ୟାନ ପ୍ରବୀଣ ଲୋହାଙ୍କୁ ନୂଆ ମୁହଁ ଭାବେ ଦଳରେ ସାମିଲ କରାଯାଇଛି। ଧଳା ବଲରେ ପ୍ରଦର୍ଶନକୁ ଭିତ୍ତିକରି ଦଳ ଗଠନ ହୋଇଛି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଏହି ଭିତ୍ତିରେ ବାଦ ପଡ଼ିଛନ୍ତି ଅନୁରାଗ ଷଡ଼ଙ୍ଗୀ। ଅନୁରାଗଙ୍କ ପ୍ରଦର୍ଶନ ଆଶାନୁରୂପ ଭଲ ନାହିଁ ବୋଲି ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି କହିଛନ୍ତି । ଉଇକେଟ କିପର ତଥା ଧୁଆଁଧାର ବ୍ୟାଟ୍ସମ୍ୟାନ ରାଜେଶ ଧୂପରଙ୍କୁ ପୁର୍ନବାର ଦଳରେ ସାମିଲ କରାଯାଇଛି । ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ଉପଅଧିନାୟକ ଦାୟିତ୍ୱରେ ରଖାଯାଇଛି । ଏହାଛଡ଼ା ଗତ ବିଜୟ ହଜାରେ ଟ୍ରଫିରେ ଦଳରୁ ବାଦ ପଡ଼ିଥିବା ବିପ୍ଳବ ସାମନ୍ତରାୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଅଙ୍କିତ ଯାଦବ, ସନ୍ଦୀପ ପଟ୍ଟନାୟକ, ଅଭିଷେକ ରାଉତ, ଅରବିନ୍ଦ ସିଂ ସ୍ଥାନ ବଜାୟ ରଖିଛନ୍ତି । ସ୍ପିନ ବୋଲିଂ ଦାୟିତ୍ୱ ପପୁ ରାୟ ଓ ଶୁଭମ ନାୟକଙ୍କ ଉପରେ ଥିବା ବେଳେ ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଆଶୁତୋଷ ଦାସ ପେସ୍ ଆକ୍ରମଣ ସମ୍ଭାଳିବେ। ଦଳ ଭଲ ପ୍ରଦର୍ଶନ କରିବାର ଆଶା ରହିଛି ବୋଲି ଚୟନ କମିଟି ଅଧ୍ୟକ୍ଷ ମହାନ୍ତି କହିଛନ୍ତି ।



ବିପ୍ଳବ ସାମନ୍ତରାୟ



ଗୋବିନ୍ଦ ପୋଦ୍ଦାର

**ଓଡ଼ିଶାର ମ୍ୟାଚ୍ ସୂଚୀ**

| ତାରିଖ | ବିପକ୍ଷ |
|---|---|
| ନଭେମ୍ବର ୮ | ଝାଡ଼ଖଣ୍ଡ |
| ନଭେମ୍ବର ୯ | ଦିଲ୍ଲୀ |
| ନଭେମ୍ବର ୧୧ | ସିକିମ୍ |
| ନଭେମ୍ବର ୧୨ | ଜମ୍ମୁ-କଶ୍ମୀର |
| ନଭେମ୍ବର ୧୪ | ସୌରାଷ୍ଟ୍ର |
| ନଭେମ୍ବର ୧୫ | ଗୁଜୁରାଟ |

■ ସୟଦ ମୁସ୍ତାକ ଅଲ୍ଲୀ ଟି୨୦
■ ପ୍ରବୀଣ ଲୋହା ନୂଆମୁହଁ

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି (ଉପଅଧିନାୟକ), ବିପ୍ଳବ ସାମନ୍ତରାୟ, ଅରବିନ୍ଦ ସିଂ, ଅଭିଷେକ ରାଉତ, ସନ୍ଦୀପ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ଅଙ୍କିତ ଯାଦବ, ପପୁ ରାୟ, ପ୍ରବୀଣ ଲୋହା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଶୁଭମ ନାୟକ, ଆଶୁତୋଷ ଦାସ । ରଶ୍ମୀ ରଞ୍ଜନ ପରିଡ଼ା–କୋଚ୍, ଶୁଭକାନ୍ତ ସାହୁ–ଫିଜିଓ, ମନୋଜ କୁମାର ବିଶ୍ୱାଳ–ଟ୍ରେନର, ସଂଗ୍ରାମ କୁମାର ଗୁମାନ ସିଂ–ମ୍ୟାନେଜର ।

## ଟି୨୦ ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ବ୍ରିସବେନ,୩୦।୧୦

ପ୍ରଥମ ଟି୨୦ ଭଳି ଦ୍ୱିତୀୟ ମ୍ୟାଚ୍‌କୁ ମଧ୍ୟ ଅଷ୍ଟ୍ରେଲିଆ ସହଜରେ ଜିତି ନେଇଛି। ଡେଭିଡ ୱାର୍ନର ଓ ଷ୍ଟିଭ ସ୍ମିଥଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବୁଧବାର ଏଠାରେ ଖେଳାଯାଇଥିବା ୨ୟ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୭ ଓଭର ପୂର୍ବରୁ ୯ ଉଇକେଟ ହାତରେ ରଖି ସହଜ ବିଜୟ ହାସଲ କରିନେଇଛି। ଏଥିସହିତ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୨–୦ ବ୍ୟବଧାନରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବ ମ୍ୟାଚ୍‌ରେ ଶତକ କରିଥିବା ୱାର୍ନରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ଶୁକ୍ରବାର ମେଲବୋର୍ନଠାରେ ଖେଳାଯିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୧୯ ଓଭରରେ ୧୧୭ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଉଇକେଟ୍‌କିପର କୁସଲ ପେରେରା (୨୭ ରନ) ଓ ଦନୁଷ୍କା ଗୁଣଥିଲକ (୨୧)ଙ୍କ ବ୍ୟତୀତ ଦଳ ପାଇଁ ଅନ୍ୟ କେହି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ବୋଲିଂରେ ବିଲି ଷ୍ଟାନଲେକ, ପ୍ୟାଟ କୁମିନ୍ସ, ଆଷ୍ଟନ ଅଗର ଓ ଆଡାମ ଜାମ୍ପା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଓଭରରେ ହିଁ ଅଧିନାୟକ ଆରୋନ ଫିଞ୍ଚ (୦)ଙ୍କ ଉଇକେଟ ହରାଇଥିଲା। ପ୍ରତିପକ୍ଷ ଅଧିନାୟକ ଲସିଥ ମାଲିଙ୍ଗାଙ୍କ ବଲରେ ଫିଞ୍ଚ୍ ଉଇକେଟ୍ ପଛରେ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଏହାପରେ ଫର୍ମରେ ଥିବା ୱାର୍ନର ଓ ସ୍ମିଥ ଦ୍ୱିତୀୟ ଉଇକେଟ ପାଇଁ ୧୨.୩ ଓଭରରେ ୧୧୭ ରନ୍ ଯୋଡ଼ି ଅଷ୍ଟ୍ରେଲିଆକୁ ଏକପାଖିଆ ବିଜୟ ଭେଟି ଦେଇଥିଲେ। ୱାର୍ନର ୪୧ ବଲର ସମ୍ମୁଖୀନ ହୋଇଥିବା ୱାର୍ନର ୯ ଚୌକା ସହାୟତାରେ ୬୦ ରନ୍ ଓ ୩୬ ବଲ ଖେଳିଥିବା ସ୍ମିଥ ୫୩ (୬ ଚୌକା) ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ଫିଲ୍ଡରଙ୍କ ତ୍ରୁଟି ଯୋଗୁ ଉଭୟ ବ୍ୟାଟ୍ସମ୍ୟାନ ରନ୍‌ଆଉଟ୍ ହେବାରୁ ବର୍ତ୍ତି ଯାଇଥିଲେ।

**ସଂକ୍ଷିପ୍ତ ସ୍କୋର:**

ଶ୍ରୀଲଙ୍କା– ୧୯ ଓଭରରେ ୧୧୭/ଅଲଆଉଟ୍ (କୁସାଲ ପେରେରା ୨୭, ଦନୁଷ୍କା ଗୁଣଥିଲକ ୨୧, ଆଡାମ ଜାମ୍ପା ୨/୨୦, ବିଲି ଷ୍ଟାନଲେକ ୨/୨୩, ଆଷ୍ଟନ ଅଗର ୨/୨୭)।

ଅଷ୍ଟ୍ରେଲିଆ– ୧୩ ଓଭରରେ ୧୧୮/୧ (ଡେଭିଡ୍ ୱାର୍ନର ୬୦*, ଷ୍ଟିଭ ସ୍ମିଥ ୫୩*, ଲସିଥ ମାଲିଙ୍ଗା ୧/୨୩)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଷ୍ଟିଭ ସ୍ମିଥ୍।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ଅକ୍ଟୋବର ୩୧/୨୦୧୯ Dhenkanal, Thursday , October 31 / 2019

## ସଂକ୍ଷେପରେ

### ପଦ ବଜାୟ୍ ରଖିବେ ଖଲାରୀ ସରପଞ୍ଚ

ଅନୁଗୋଳ ଅଫିସ, ୩୦।୧୦- ଅନୁଗୋଳ ବ୍ଲକ ଖଲାରୀ ସରପଞ୍ଚ କନ୍ଦର୍ପ ମହାରଣାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ବୁଧବାର ଭୋଟ୍ ଗ୍ରହଣ ହୋଇପାରି ନାହିଁ। ପଞ୍ଚାୟତ କାର୍ଯ୍ୟାଳୟରେ ଏ ନେଇ ବୈଠକ ବସିଥିଲେ ବି ମାତ୍ର ୭ଜଣ ୱାର୍ଡ ସଭ୍ୟ ଉପସ୍ଥିତ ଥିବାରୁ କୋରମ୍ ଅଭାବରୁ ଭୋଟ ନିଆଯାଇପାରି ନ ଥିଲା। ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ବଅଁରପାଳ ବିଡିଓ ସ୍ୱରୂପନନ୍ଦ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସୁବ୍ରତ ବେହେରା, ଅନୁଗୋଳ ବ୍ଲକ ପଞ୍ଚାୟତ ଅଧିକାରୀ ମନୋଜ କୁମାର ଲାଲ୍ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ସାହୁ କହିଛନ୍ତି, ଅନୁଗୋଳ ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସେ ନିଷ୍ପତ୍ତି ଗ୍ରହଣ କରିବେ। ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ଖଲାରୀ ସରପଞ୍ଚ ଭାବେ କନ୍ଦର୍ପ ମହାରଣା ପୂର୍ବପରି କାର୍ଯ୍ୟ କରିବେ। ସରପଞ୍ଚ ମହାରଣା କହିଛନ୍ତି, ଧର୍ମର ଜୟ ହୋଇଛି। ମୋ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି।

### ସହର ପରିମଳ କଥା ପଚାରି ବୁଝିଲେ ମନ୍ତ୍ରୀ

ଅନୁଗୋଳ ଅଫିସ, ୩୦।୧୦- ଅନୁଗୋଳ ଏନ୍‌କ୍ଲେଭ ଶିଳାନ୍ୟାସ ପାଇଁ ଆସିଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସର୍କିଟ ହାଉସରେ ଥିବାବେଳେ ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଡାକି ସହରର ପରିମଳ ସମ୍ପର୍କରେ ପଚାରି ବୁଝିଥିଲେ। ନିୟମିତ ଭାବେ ସହର ସଫେଇ କାର୍ଯ୍ୟ ଜାରି ରହିଛି କି ନାହିଁ ସେ ସମ୍ପର୍କରେ ପଚାରିଥିଲେ। ତେବେ ସଫେଇ କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ସଫେଇ କାର୍ଯ୍ୟ ମନ୍ଥର ହୋଇଛି। ନୂତନ ଠିକାସଂସ୍ଥା ସଫେଇ କାର୍ଯ୍ୟ ନେଲେ ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ନିର୍ବାହୀ ଅଧିକାରୀ ମନ୍ତ୍ରୀଙ୍କୁ କହିଥିଲେ। ତେବେ ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ କରି ବ୍ୟବସ୍ଥାରେ ସୁଧାର ଆଣିବାକୁ ମନ୍ତ୍ରୀ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି।

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ତାଳଚେର,୩୦।୧୦(ନି.ପ୍ର.)- ତାଳଚେର ବ୍ଲକ କଲମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କଲମଛୁଇଁ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ୟାଙ୍କ ଶାଖା ପରିଚାଳକ ସବ୍ୟସାଚୀ ଧଳ ଯୋଗଦେଇ ଦେଶରୁ ଦୁର୍ନୀତି ରାକ୍ଷସକୁ ସମୂଳେ ଧ୍ୱଂସ କରିବା ପାଇଁ ସମସ୍ତେ ତୃଣମୂଳସ୍ତରରୁ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗୁରୁମା ଗୁରୁଜୀ ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରିଥିଲେ। ଆଚାର୍ଯ୍ୟା ସୁଶ୍ରୀ ତ୍ରିପାଠୀ, ଆଚାର୍ଯ୍ୟ ମଳୟ କୁମାର ଦାସ, ଅଜୟ କୁମାର ସାହୁ, ଦମୟନ୍ତୀ ନନ୍ଦ, ଚତୁର୍ଭୁଜ ସାହୁ, ଶରତ ଚନ୍ଦ୍ର ଦାସ, ମୋନାଲିସା ମହାନ୍ତି, ସୁକନ୍ୟା ମାଝି ପ୍ରମୁଖ ସହଯୋଗ କରିଥିଲେ।

■ଜିଲା କାର୍ଯ୍ୟାଳୟ ଘେରିଲେ, ଏସ୍‌ପିଙ୍କ ବିରୋଧରେ ଗର୍ଜିଲେ

# ଜିଲାପାଳଙ୍କୁ ନ୍ୟାୟ ମାଗିଲେ ଭାଲୁଗାଡ଼ିଆ କ୍ଷତିଗ୍ରସ୍ତ

ଅନୁଗୋଳ ଅଫିସ, ୩୦।୧୦



କ୍ଷତିଗ୍ରସ୍ତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ଲୋକଙ୍କୁ ବିସ୍ଥାପିତ ନ କରି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜୋରଜବରଦସ୍ତ ସେମାନଙ୍କ ଘର ଭାଙ୍ଗି ଦେଇଛନ୍ତି। ତେଣୁ ପିଲା ଛୁଆ ଧରି ସେମାନେ ଏବେ କେଉଁଠି ରହିବେ ତାହା ପ୍ରଶାସନ ବୁଝୁ ଓ ନ୍ୟାୟ ପ୍ରଦାନ କରୁ ବୋଲି ବୁଧବାର ତାଳଚେର ବ୍ଲକ ଭାଲୁଗାଡ଼ିଆ ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାଲୁଗାଡ଼ିଆ ଗ୍ରାମବାସୀଙ୍କ ସହ ରାକସ ଗୋଛାୟତ ସାହିର ୧୮ ବାସହୀନ ପରିବାର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

■ବାସହୀନଙ୍କୁ ଥଇଥାନ କରାଯାଉ

■ଆର୍‌ପିଡିଏସି ବୈଠକ ନିଷ୍ପତ୍ତି କାର୍ଯ୍ୟକାରୀ ହେଉ

■ଜବରଦସ୍ତି କଲେ ଆଗାମୀ ଦିନରେ ଜମି ଛାଡ଼ିବୁନି

ପୂର୍ବାହ୍ନରେ ତାଳଚେରସ୍ଥିତ ମା' ହିଙ୍ଗୁଳା ମନ୍ଦିର ପରିସରରେ ବିଧାୟକ ପ୍ରଧାନଙ୍କ ନେତୃତ୍ୱରେ ଜମିହରା, ବାସହୀନ କ୍ଷତିଗ୍ରସ୍ତ ଓ ସମର୍ଥକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ବିଧାୟକଙ୍କ ସହ କ୍ଷତିଗ୍ରସ୍ତମାନେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ଆସି ଷ୍ଟାଡିୟମ ନିକଟରେ ପହଞ୍ଚିଥିଲେ। ସେଠାରୁ ବିରାଟ ଶୋଭାଯାତ୍ରାରେ ସେମାନେ ଜିଲା ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିଥିଲେ। ଅନୁଗୋଳ ଏସ୍‌ପି ଓ ଏମ୍‌ସିଏଲ୍ ସିଏମ୍‌ଡିଙ୍କ ବିରୋଧରେ ନାରାବାଜି କରିଥିଲେ। ଜିଲାପାଳଙ୍କ ପ୍ରତିନିଧି ଭାବେ ପ୍ରଥମେ ଉପଜିଲାପାଳ ବାସୁଦେବ ଶତପଥୀ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିକଟରେ ପହଞ୍ଚିଥିଲେ। କିନ୍ତୁ ଆନ୍ଦୋଳନକାରୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ଅଡ଼ିବସିଥିଲେ। ପରେ ଭାଲୁଗାଡ଼ିଆ ଅଞ୍ଚଳର ୪୧ ଜଣ ଓ ରାକସ ଗୋଛାୟତ ସାହିର ୧୮ କ୍ଷତିଗ୍ରସ୍ତ ପରିବାର ସହ ଅନ୍ୟ ଏକ ପ୍ରତିନିଧିମଣ୍ଡଳୀ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଗତ ୧୬ ତାରିଖରେ ରାକସ ଗ୍ରାମର ୧୮ ଦଳିତ ପରିବାର ଓ ୨୯ ତାରିଖରେ ଭାଲୁଗାଡ଼ିଆର ୪୧ ଦଳିତ ପରିବାରର ଘର ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜବରଦସ୍ତ ଭାଙ୍ଗି ଦେଇଛନ୍ତି। ଦେଶ ଓ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ତାଳଚେରବାସୀ ଜମି ହରାଉଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ମୁତାବକ ଥଇଥାନ କରା ନ ଯାଇ ପୋଲିସ ସହାୟତାରେ ଯେଉଁଭଳି ଭାବେ ସେମାନଙ୍କୁ ଅଟକ ରଖାଯାଇ ଘର ଭଙ୍ଗାଯାଉଛି ତାହା ଅଗଣତାନ୍ତ୍ରିକ, ଅମାନୁଷିକ ଓ ଅମାନବୀୟ। ତେଣୁ ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବା, ୨୦୧୮ ମେ ୧୫ ଆର୍‌ପିଡିଏସି ବୈଠକ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଆଗାମୀ ଦିନରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏପରି ଜବରଦସ୍ତ ଘର ଭାଙ୍ଗିଲେ କୋଇଲା ଖଣି ପାଇଁ ଜମି ଛଡ଼ାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

ଏ ସମ୍ପର୍କରେ ବିଧାୟକ ପ୍ରଧାନ କହିଛନ୍ତି ଯେ, ଅଗଣତାନ୍ତ୍ରିକ ପଦ୍ଧତିରେ ୫୯ ପରିବାରକୁ ଉଚ୍ଛେଦ କରାଯାଇଛି। ଉକ୍ତ ଦଳିତ ପରିବାରଗୁଡ଼ିକୁ ନ୍ୟାୟ ପ୍ରଦାନ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଅନୁଗୋଳ ଏସ୍‌ପିଙ୍କ ବ୍ୟବହାର ସମ୍ପର୍କରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ତେବେ ଏମ୍‌ସିଏଲ୍‌ର ଏଭଳି ଆଚରଣ ଓ ଉଚାରଣ ରହିଲେ ତାଳଚେରବାସୀ ଗୋଟିଏ ଇଞ୍ଚ ଜମି ଦେବେ ନାହିଁ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଆବଶ୍ୟକ ପଡ଼ିବାରୁ ଉଚ୍ଛେଦ ହୋଇଛି। ସମ୍ପୃକ୍ତ ପରିବାର କିପରି ଥଇଥାନ ହେବେ ତାହା ଜିଲା ପ୍ରଶାସନ ବୁଝିବ।

## ମୁଣ୍ଡ ଗୁଞ୍ଜିବାକୁ ଛପର ଦିଅ

ଆମକୁ ଅଟକ ରଖି ଘର ବାଡ଼ି ସବୁ ଏମ୍‌ସିଏଲ୍ ଉଜାଡ଼ି ଦେଲା। ପାଦ ରଖିବାକୁ ଏବେ ଚାଖଣ୍ଡେ ଜାଗା ନାହିଁ। ତେଣୁ ମୁଣ୍ଡ ଗୁଞ୍ଜିବାକୁ ଛପର ପ୍ରଶାସନ ଦେଉ ବୋଲି ବୁଧବାର ଜିଲାପାଳଙ୍କୁ ନ୍ୟାୟ ଭିକ୍ଷା କରିବାକୁ ଆସିଥିବା କ୍ଷତିଗ୍ରସ୍ତ ତାଳଚେର ବ୍ଲକ ଭାଲୁଗାଡ଼ିଆ ଓ ରାକସ ଗ୍ରାମର ମହିଳାମାନେ କୋହଭରା କଣ୍ଠରେ କହିଛନ୍ତି। ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ସହ ପୋଲିସ ପ୍ରଶାସନ ଯେପରି ସମସ୍ତଙ୍କୁ ତଳିତଳାନ୍ତ କରିଛି ତାହାର ବିଚାର କରି ତୁରନ୍ତ ନ୍ୟାୟ ସହ ଥଇଥାନର ବ୍ୟବସ୍ଥା କରିବାକୁ ସେମାନେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି।

### ଗାଳି କରି ଘରୁ ବାହାର କରିଦେଲେ



ଗ୍ରାମ ଉଚ୍ଛେଦ ପାଇଁ ଯାଇଥିବା ପୋଲିସ ଆମକୁ ଗାଳି ଗୁଲଜ କରି ଘରୁ ବାହାର କରିଦେଲା। ପରେ ଘୋଷାଡ଼ି ନେଇ ଗାଡ଼ିରେ ବସାଇ ପିଇଓ କାର୍ଯ୍ୟାଳୟରେ ଅଟକ ରଖିଲା। ତାଲା ଭାଙ୍ଗି ଆସବାବପତ୍ର ସହ ବାସନ କୁସନ ଫୋପାଡ଼ି ଘରକୁ ମାଟିରେ ମିଶାଇ ଦେଲା।

–ତରା ନାଏକ, ଭାଲୁଗାଡ଼ିଆ

### ଦୁଇ ଦିନ ହେବ ପିଲାଛୁଆ ଉପାସରେ



କୌଣସି ପୂର୍ବ ସୂଚନା ନ ଦେଇ ପୋଲିସ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ହଠାତ୍ ଆସି ଘର ଭାଙ୍ଗିଦେଲେ। ପିଲାଛୁଆଙ୍କୁ ବି ଆମଠାରୁ କିଛି ସମୟ ପାଇଁ ଅଲଗା କରିଦେଲେ। ଘର କି ଖାଇବା ନ ଥିବାରୁ ପିଲାମାନେ ୨ ଦିନ ହେଲା ଉପାସରେ ଅଛନ୍ତି। କେଉଁଠି ରହିବୁ କିଛି ବୁଦ୍ଧିବାଟ ଦେଖାଯାଉ ନାହିଁ।

–ଅପରାଜିତା ନାଏକ, ଭାଲୁଗାଡ଼ିଆ

### ଭୟରେ ରାତିରେ ଶୋଇପାରୁନୁ



୧୮ ତାରିଖ ଅପରାହ୍ନରେ ପୋଲିସ ରାକସ ଗୋଛାୟତ ସାହିର ୧୮ ଘର ଭାଙ୍ଗି ମାଟିରେ ମିଶାଇ ଦେଲା। ଏହାପରେ ଆମକୁ ନେଇ ସେଣ୍ଟ୍ରାଲ କଲୋନୀର ଭଙ୍ଗା ଘରେ ରଖାଯାଇଛି। ସେଠି ଛାତରୁ ପଲସ୍ତରା ଖସୁଥିବାରୁ ଭୟରେ ରାତିରେ ଶୋଇପାରୁନୁ। ଏଯାଏ ଥଇଥାନ, ନିଯୁକ୍ତି କିଛି ନାହିଁ।

–ଟୁକୁ ଗୋଛାୟତ, ରାକସ ଗୋଛାୟତ ସାହି

### ପିଲାଙ୍କ ପାଠରେ ଡୋରି ବନ୍ଧା ହେଲାଣି



ଖଣି ପାଇଁ ଆମର ସବୁ ଉଜାଡ଼ି ଦିଆଗଲା। ପିଲାଙ୍କ ପାଠପଢ଼ାରେ ଡୋରି ବି ବାନ୍ଧି ଦିଆଗଲା। କାହାକୁ ଗୁହାରି କରିବୁ, କିଏ ଆମ କଥା ଶୁଣି ନ୍ୟାୟ ଦେବ। ଖାଇବାକୁ, ପିନ୍ଧିବାକୁ ପାଉ ନ ଥିବା ବେଳେ କେବେ ମୁଣ୍ଡ ଗୁଞ୍ଜିବାକୁ ଘର ମିଳିବ ତାହାକୁ ଚାହିଁ ରହିଛୁ। ଯଥାଶୀଘ୍ର ଆମ କଥା ପ୍ରଶାସନ ବୁଝୁ।

–ମିନୁ ବେହେରା, ରାକସ ଗୋଛାୟତ ସାହି

## ଦୀପାବଳିର ମହତ୍ତ୍ୱ ଜାଣିଲେ ପିଲା




ଦୀପାବଳି ପାଳନ ଅବସରରେ ବଚପନ ପ୍ଲେ ସ୍କୁଲର ପିଲାମାନେ।

ଅନୁଗୋଳ ଅଫିସ, ୩୦।୧୦

ଅନୁଗୋଳ ସହର ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ପରିସରରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ମିନତୀ ପାଢ଼ୀ ଦୀପାବଳିର ମହତ୍ତ୍ୱ ସମ୍ପର୍କରେ କୁନିକୁନି ପିଲାମାନଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସତର୍କତାର ସହ ଅନୁଷ୍ଠିତ ହୋଇଥିବା ଆତସବାଜି କାର୍ଯ୍ୟକ୍ରମକୁ କୁନି କୁନି ପିଲାମାନେ ମନଭରି ଉପଭୋଗ କରିଥିଲେ। ଏହାପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅଧ୍ୟକ୍ଷା ଯଶପାଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କଳା ଉତ୍ସବ

ଅନୁଗୋଳ ଅଫିସ, ୩୦।୧୦

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ଟି ବ୍ଲକରୁ ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରକଳା ପ୍ରତିଯୋଗିତାରେ ୧୧୦ ଜଣ ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନେ କଳାକ୍ଷେତ୍ରରେ କିପରି ଉତ୍କର୍ଷତା ଲାଭ କରିବେ ସେ ସମ୍ବନ୍ଧରେ ମତ ରଖିଥିଲେ। ବିଚାରକ ଭାବେ ନୃତ୍ୟଗୁରୁ ଅନିତା ସିଂଦେଓ, ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ବିପିନ ବିହାରୀ ଦାସ, ଗୁରୁ ସତ୍ୟବାନ ବେହେରା, ଗୁରୁଶ୍ରୀ ପ୍ରମିଳା ଦାସ, ଅଭିନେତା ରଞ୍ଜନ କୁମାର ବେହେରା, ଚିତ୍ରକଳାରେ ରବୀନ୍ଦ୍ରନାଥ ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶିଳ୍ପୀ ଦେ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଓ.ପି. ଜିନ୍ଦଲ ବିଦ୍ୟାଳୟର ୭ ଛାତ୍ରୀଛାତ୍ର ଓ ମହତାବ ଉଚ୍ଚ ବିଦ୍ୟାଳୟ ପାଲଲହଡ଼ାର ଜଣେ ଛାତ୍ର ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପରିଚାଳନା କରିଥିଲେ।

## ଡିଜିଟାଲ ପଞ୍ଜୀକରଣ ଶୂନ: ତାଗିଦ୍ କଲେ ଜିଲାପାଳ

ଅନୁଗୋଳ ଅଫିସ, ୩୦।୧୦



ମେଡିକାଲ ପରିଦର୍ଶନରେ ଜିଲାପାଳ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲେ ବି ରୋଗୀଙ୍କୁ ଡିଜିଟାଲ ଟିକେଟ୍ ଦିଆଯାଇ ନ ଥିବାରୁ ବୁଧବାର ରାତିରେ ଜିଲାପାଳ ମନୋଜ କୁମାର ମହାନ୍ତି ବିରକ୍ତ ହୋଇଛନ୍ତି। ରାତି ପ୍ରାୟ ୮ଟା ବେଳେ ଜିଲାପାଳ ଅଚାନକ ମେଡିକାଲରେ ପହଞ୍ଚି କାର୍ଯ୍ୟ ଅନୁଧ୍ୟାନ କରିବା ବେଳେ ଏହା ଜାଣିବାକୁ ପାଇଥିଲେ। ତୁରନ୍ତ ରାତିରେ ହିଁ ଡିଜିଟାଲ ଟିକେଟ୍ ଦେବାକୁ ସେ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ।

ପ୍ରକାଶ ଯେ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ବେଳେ ମଙ୍ଗଳବାର ୫–ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍ ରୋଗୀଙ୍କ ଡିଜିଟାଲ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କି ନଭେମ୍ବର ୧ରୁ ସେଣ୍ଟ୍ରାଲ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲାପାଳ ମନୋଜ କୁମାର ମହାନ୍ତି ବୁଧବାର ପୂର୍ବାହ୍ନରେ ମୁଖ୍ୟ ଚିକିତ୍ସାଳୟକୁ ୪ଟି କମ୍ପ୍ୟୁଟର ପ୍ରଦାନ କରିଥିଲେ। ରାତି ପାଖାପାଖି ୮ଟାରେ ଜିଲାପାଳ ମେଡିକାଲରେ ପହଞ୍ଚି ଡିଜିଟାଲ ପଞ୍ଜୀକରଣ ଅନୁଧ୍ୟାନ କରିବା ବେଳେ ରୋଗୀଙ୍କୁ ପୂର୍ବପରି ମାନୁଆଲ ଟିକେଟ୍ ପ୍ରଦାନ କରାଯାଉଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଗୁରୁବାର ପୂର୍ବାହ୍ନ ସାଢ଼େ ୮ଟାରେ ପୁଣି ମେଡିକାଲର ଟିକେଟ୍ ଗୃହକୁ ଆସିବେ ବୋଲି ଜିଲାପାଳ କହିବା ସହ ରାତିରୁ ହିଁ କାର୍ଯ୍ୟକାରୀ କରିବାକୁ ତାଗିଦ କରିଥିଲେ। ଗୋଟିଏ କମ୍ପ୍ୟୁଟର ଲାଗିଥିବାବେଳେ ଇଣ୍ଟରନେଟ ବ୍ୟବସ୍ଥା ନ ଥିବାରୁ ସେଣ୍ଟ୍ରାଲ ପଞ୍ଜୀକରଣ ହୋଇପାରି ନ ଥିବା ମେଡିକାଲ ପକ୍ଷରୁ ଜିଲାପାଳଙ୍କୁ କୁହାଯାଇଥିଲା। ଏହି ଅବସରରେ ସିଡିଏମ୍‌ଓ ଅମରେନ୍ଦ୍ରନାଥ ମହାନ୍ତି, ମେଡିକାଲ ମ୍ୟାନେଜର ଦେବାଶିଷ ମିଶ୍ରଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ।

■ଅନୁଗୋଳ ଏନ୍‌କ୍ଲେଭର ଶିଳାନ୍ୟାସ

# ୨ ପର୍ଯ୍ୟାୟରେ ନିର୍ମାଣ ହେବ ୬୧୩ ଘର

ଅନୁଗୋଳ ଅଫିସ, ୩୦।୧୦



ଦୀର୍ଘ ୧୫ ବର୍ଷର ପ୍ରତୀକ୍ଷା ପରେ ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ପକ୍ଷରୁ ଅନୁଗୋଳ ଏନ୍‌କ୍ଲେଭର ଶିଳାନ୍ୟାସ କରାଯାଇଛି। ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ପଛ ପାର୍ଶ୍ୱରେ ଏହି ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି, ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ।

ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥା ଦ୍ୱାରା ବିସ୍ଥାପିତ ହେଉଥିବା ପରିବାର ଏହି ପ୍ରକଳ୍ପ ଦ୍ୱାରା ବିଶେଷ ଉପକୃତ ହେବେ ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନୁଗୋଳ ବ୍ୟତୀତ ଅନ୍ୟ ଜିଲାରେ ମଧ ଏହିଭଳି ପ୍ରକଳ୍ପ ଖୁବ୍ ଶୀଘ୍ର ଆରମ୍ଭ ହେବ। ଅନୁଗୋଳରେ ପ୍ରଥମ ପର୍ଯ୍ୟାୟରେ ୩୩୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୮୨ ଘର ନିର୍ମାଣ ହେବ। ୨୮୨ଟି ଘର ମଧ୍ୟରୁ ୧୨୬ କେବଳ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ପରିବାର ପାଇଁ ଉଦ୍ଦିଷ୍ଟ ରହିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ବିଧାୟକ ସିଂହ କହିଥିଲେ, ଦୀର୍ଘ ୧୫ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ୨୦୦୪ରେ ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ପକ୍ଷରୁ ଅଟ୍ଟାଳିକା ନିର୍ମାଣ ନିମନ୍ତେ ପରିକଳ୍ପନା କରାଯାଇଥିଲା। ଶେଷରେ ଏହି କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ପଡ଼ିଛି। ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହର ଉପକଣ୍ଠରେ ହେଉଥିବା ଏହି ଆପାର୍ଟମେଣ୍ଟରେ ଅନେକ ପରିବାର ରହିବା ଦ୍ୱାରା ସେଠାରେ ଏକ ଉତ୍ତମ ଭାଇଚାରା ଓ ସଂସ୍କୃତି ଗଢ଼ି ଉଠିବ ବୋଲି କହିଥିଲେ। ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ମୀନକେତନ ଅମାତ୍ତ ଓ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ କମିଶନର ତଥା ସଚିବ ଗଙ୍ଗାଧର ପାତ୍ର ପ୍ରକଳ୍ପର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଯନ୍ତ୍ରୀ ମଦନ ମୋହନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ